
# ସମାରୋହ

ନଭେମ୍ବର ୨୦୧୪ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 2**
**November - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଦୀପାବଳି** ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ.......୭


### କଥା ଓ କାହାଣୀ


**ବନ୍ଦ ଦରଜା** ମୂଳ ହିନ୍ଦୀ – ମହାବୀର ରାଜୀ
ଅନୁବାଦ – ନଗେନ୍ଦ୍ର ନାଥ ପଟ୍ଟନାୟକ..... ୧୧
**ମଧ୍ୟବର୍ଗର କୁକୁର** ମୂଳହିନ୍ଦୀ – ହରିଶଙ୍କର ପରସାଇ
ଅନୁବାଦ: ଡଃ କିଶୋର ମହାନ୍ତି............ ୧୪
**ଦ୍ୱିତୀୟ ନାସ୍ତି** ଗୋବିନ୍ଦ ଚନ୍ଦ୍ର ସାହୁ....................... ୧୬
**ନୀଳାଦ୍ରି ବିଜେ** ଚୌଧୁରୀ ବରଦାପ୍ରସନ୍ନ ଦାସ............... ୧୯
**ସର୍ଜିକାଲ ଷ୍ଟ୍ରାଇକ୍** ଡଃ ସୁକାନ୍ତ ମହାରଣା....................... ୨୨
**କାଙ୍କଡ଼** ସତ୍ୟରଞ୍ଜନ ସାହୁ.......................... ୨୭
**ରକ୍ଷକ** ଅନୁକମ୍ପା ପହି............................. ୨୯


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା....................୩୪


### କବିତା


**ତମାଳବନର ଛାଇ** ପିନାକୀ ମିଶ୍ର............................... ୪୫
**ବର୍ଷା ଗୋ, ତୁମ ପାଇଁ ଦୁଇଟି କବିତା**
ସରୋଜ କାନ୍ତ ଚୌଧୁରୀ.................. ୪୫
**ଲୋକେ କହୁଥିଲେ** ଅଭିରାମ ଦାସ............................ ୪୬
**ମାୟାମୃଗ** ଡ. ସଂଜୀବ କୁମାର ପାଣିଗ୍ରାହୀ............୪୭
**ଶରଣ୍ୟା** ସିପୁନୁ ଜେନା.............................୪୭
**କିମ୍ବଦନ୍ତୀ ଧ୍ୟାନଚାନ୍ଦ** ବିଳାସ ଚନ୍ଦ୍ର ବେହେରା.................... ୪୮
**ସୁନାବେଶ** ଆଶୁତୋଷ ଦାସ.......................... ୪୮
**ଦଇବ ଦଉଡ଼ି** ରତ୍ନାକର ରାଉତ.......................... ୪୯
**ବକାଳିକା ଉଡ଼ିଯିବ ଅଜଣା ଦ୍ୱୀପକୁ...** ଶୁଭେନ୍ଦୁ ଦାଶ.... ୪୯
**ମାଆ** ହରିହର ମହାନ୍ତ.......................... ୫୦
**ଆକୁଳ ପ୍ରାର୍ଥନା** ନନ୍ଦିନୀ ଦାଶ.............................. ୫୦
**ପରିବର୍ତ୍ତନ** ମୋହନ କୁମାର ସ୍ୱାଇଁ..................... ୫୧
**ପ୍ରତିଶ୍ରୁତି – ସମ୍ଭାବନାର ପ୍ରଶ୍ନବାଚୀ** ଅନସୂୟା ପଣ୍ଡା... ୫୨
**ଧର୍ମ ଆଉ ବିଜ୍ଞାନ** ମୂଳ ହିନ୍ଦୀ– ସୁମଙ୍ଗଳା ସୁମନ
ଅନୁବାଦ – ମନୋଜ କୁମାର ବେହେରା... ୫୨

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
**- ଶ୍ରୀ ଦେବ ପଟ୍ଟନାୟକ**
**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
**- ଡା. ଅମରେନ୍ଦ୍ରନାଥ ଦାସ**


## ତନ୍ମାତ୍ର

**ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ସଂପର୍କରେ**...................... ୫୩

## ଖେଳ ଓ ଖେଳାଳୀ

**ଲଜ୍ଜାଜନକ ଶୃଙ୍ଖଳା ପରାଜୟ**.............................. ୫୪

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ**

ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ........ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**
ସହଯୋଗୀ ସଂପାଦକ : ସମାରୋହ
ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩
ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬


| **ସମାରୋହର ଦେୟ** | ବାର୍ଷିକ................ଟ. ୨୫୦.୦୦ | ଦ୍ୱିବାର୍ଷିକ..............ଟ. ୫୦୦.୦୦ |
|---|---|---|
| | ୩ ବର୍ଷ ପାଇଁ..........ଟ. ୭୫୦.୦୦ | ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂ ପା ଦ କୀ ୟ

ପ୍ରକୃଷ୍ଟ କିଛି କାର୍ଯ୍ୟ କରିବା ନିମନ୍ତେ ଉପଯୁକ୍ତ ସମୟ ସୁବିଧା। ସର୍ବୋପରି ମନୋବୃତ୍ତି ସମନ୍ୱୟରେ ଗତି କରିବା ବିଧେୟ- ନହେଲେ ସେଥିରେ ଆନ୍ତରିକତାର ଛାପ ପଡ଼ିବା ଅସମ୍ଭବ ହୋଇଯାଏ। ବର୍ତ୍ତମାନର ପରିସ୍ଥିତିରେ ସମ୍ପାଦକୀୟ ଲେଖିବା ନିମନ୍ତେ ବହୁ ପ୍ରକାର ବାଧାବିଘ୍ନ ଆସି ଚାଲିଛି। ତେଣୁ - ଉପଯୁକ୍ତ ସମୟରେ ଲେଖିବା ସମ୍ଭବ ହେଉନାହିଁ। ଚିରାଚରିତ ପ୍ରଥାରେ ମାସ ପରେ ମାସ ଗଡ଼ିଆସିଲା ପରି ମୋର ମନୋବୃତ୍ତି ଯଦି ସେହିପରି ଚାଲିଥାନ୍ତା ତାହା ହୁଏତ ସମ୍ଭବ ହୁଅନ୍ତା। କିନ୍ତୁ ଦୁଃଖର ସହିତ ଜଣାଇବାକୁ ହେଉଛି ମୋର ଏହି ଅଯୋଗ୍ୟ ପଣିଆକୁ। ଦୟାକରି ବଦାନ୍ୟ ହୃଦୟରେ ମୋତେ ଗ୍ରହଣ କରିବେ କିମ୍ବା କ୍ଷମା କରିବେ। ଏଥିପାଇଁ କାଗଜ ପୂର୍ଣ୍ଣ କରିବା ଅଧିକ ପ୍ରୟୋଜନ ନାହିଁ। ବର୍ତ୍ତମାନ ଏକ ନୂତନ ଉପାୟ ଗ୍ରହଣ କରୁଛି। ସମାଜରେ ପ୍ରତ୍ୟେକ ସୋମବାର "ଶୁଭ ସକାଳ"ରେ ଜ୍ଞାନୀ ଗୁଣୀ ମାନଙ୍କର ବିଚାର ଉପସ୍ଥାପିତ ହୋଇଥାଏ ତାକୁ ଆଶ୍ରୟ କରି ଲେଖିବାକୁ ଚେଷ୍ଟା କରୁଛି। ଆରିଷ୍ଟୋଟଲ କହିଛନ୍ତି, "ଖୁସିର ଜୀବନ ଅତିବାହିତ କରିବା ନିଜ ଉପରେ ନିର୍ଭର କରେ।" ତଳକୁ ବିଚାର- ସକାରାତ୍ମକ ଚିନ୍ତାଧାରା ବ୍ୟକ୍ତିକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କପିଳ ଦେବ କହିଛନ୍ତି, "ସଫଳତାର ମନ୍ତ୍ର:- ଜ୍ଞାନୀ ଗୁଣୀ ବ୍ୟକ୍ତି ଅନ୍ୟ ସହିତ ଅଯଥା ଯୁକ୍ତିତର୍କ କରିବାକୁ ପସନ୍ଦ କରିନଥାନ୍ତି।"

ଲିଓ ଟଲଷ୍ଟୟ କହିଛନ୍ତି, "ପରସ୍ପରକୁ କ୍ଷମା ପ୍ରଦାନ କଲେ ସମସ୍ତେ ଶାନ୍ତିରେ ରହିପାରିବା।" ସଫଳତାର ମନ୍ତ୍ର:- ନିଷ୍ଠୁର ବ୍ୟକ୍ତିକୁ ସମାଜରେ କେହି ପସନ୍ଦ କରିନଥାନ୍ତି।

ଚାରି ନଭେମ୍ବର ଦୁଇହଜାର ଚବିଶରେ ସମାଜର ସମ୍ପାଦକୀୟ ପୃଷ୍ଠାରେ ଦିଆହୋଇଛି ଆନ୍ଦୋଳନ କିଛି ଗୋଟାଏ ଲୁଚାଛପା କଥା ନୁହେଁ। ଏହା ଦ୍ୱାରା ଲୋକମତ ଗଢ଼ାଯାଏ। ଲୋକଙ୍କ ମନର ଭାବ ସାଧାରଣରେ ପ୍ରକାଶ ପାଏ ଏବଂ ସାଧାରଣ ଲୋକଙ୍କ ହୃଦୟରେ ଦମ୍ଭ ଓ ସାହସ ଆସେ। ବର୍ତ୍ତମାନକୁ ଚାହିଁଲେ ପ୍ରକୃତ ଆନ୍ଦୋଳନ, ଯେଉଁଥିରେ ଜଗତର ହିତ ହୁଏ ତାହା କାହାକୁ କରିବାକୁ ଇଚ୍ଛା ହୁଏ ନାହିଁ। ସମସ୍ତେ ନିଜ ନିଜ ଦମ୍ଭ ଉପରେ ପ୍ରତିଷ୍ଠିତ ହୋଇଥାନ୍ତି। ତେଣୁ ସେଥିରେ ଫାଟ ରହିଥାଏ। ପ୍ରକୃତ ଉପକାର ମିଳିନଥାଏ। ଆଜିର ସମାଜରୁ ଆମକୁ ଯାହା ଦେଖିବାକୁ ମିଳୁଛି, ଛାତ୍ର ସଂଗଠନ ଠାରୁ ଆରମ୍ଭ କରି ରାଜନୈତିକ ବ୍ୟକ୍ତିମାନଙ୍କ ସହିତ ଏହି ମନୋବୃତ୍ତି ନଥାଏ, ତେଣୁ ସେଥିରୁ ଉପକୃତ ହେବା ସମ୍ଭବ ହୁଏନାହିଁ। ପ୍ରତି ଉତ୍ସବରେ ମୂର୍ତ୍ତିମାନଙ୍କୁ ବିସର୍ଜନ କରିବାକୁ ଗଲାବେଳେ ନିଜ ନିଜ ଭିତରେ ବାଡ଼ିଆପିଟା ହୋଇଯାଏ। ଯେଉଁ ଛାତ୍ରମାନେ ଦେଶର ଭବିଷ୍ୟତ ବୋଲି ଧରାଯାଏ, ସେମାନଙ୍କ ଠାରୁ ଏହା ଆଶା କରିବା ବୃଥା। ଖବରକାଗଜ ମାନଙ୍କରେ ସ୍ଥାନ ପୂରଣ ପାଇଁ ଯେଉଁ ବିବରଣୀ ସବୁ ଦିଆଯାଏ ତାକୁ ପାଠ କରି କାହାରି ଉନ୍ନତି ହୋଇନଥାଏ। କେବଳ ଗଣ୍ଡଗୋଳ ପରେ କେଉଁ ପୁଲିସ ଆସିଲେ ସେମାନଙ୍କ ନାଁଆ ଗାଁ ପଢ଼ି ପଢ଼ି ବ୍ୟସ୍ତ ଲାଗେ। ବାନ୍ଧବୀଙ୍କ ସହିତ ମିଶ୍ରିତ ପୁରୁଷ ଯଦି ଘୃଣ୍ୟ କାର୍ଯ୍ୟ କରିପାରନ୍ତି ତେବେ ତାକୁ ଆଉ ବନ୍ଧୁ ବା ବାନ୍ଧବୀ କହିହେବ କି? ବର୍ତ୍ତମାନର କ୍ଷୁଧା କୌଣସି ମତେ ମଣିଷକୁ ରକ୍ତାକ୍ତ କରିବା। ମହାପୁରୁଷ ମାନେ ଯେଉଁ ଧାରଣା ଦେଇ ଯାଇଥିଲେ ଆମେ ସେହି ବିଷୟକୁ ଉପଯୁକ୍ତ ଭାବେ ଗ୍ରହଣ କରିନାହୁଁ ବା ମନେରଖି ନାହୁଁ। ତେଣୁ ଶହୀଦ ଭଗତସିଂହଙ୍କୁ ଆତଙ୍କବାଦୀ ଦର୍ଶାଇଲା ପାକିସ୍ଥାନ। ଯେଉଁମାନେ ଅତୀତକୁ ଉପଯୁକ୍ତ ଭାବେ ଗ୍ରହଣ କରିନାହାଁନ୍ତି ସେମାନେ ବର୍ତ୍ତମାନ ଅଯୋଧ୍ୟାର ରାମଲାଲାଙ୍କୁ ପାଶମିନା ସାଲରେ ସମ୍ପୂର୍ଣ୍ଣ ଶୀତ ବସ୍ତ୍ରରେ ସଜାଇବା କଣ ଭକ୍ତିର ପ୍ରତୀକ ନା ଶ୍ରଦ୍ଧାର ପ୍ରତୀକ! ପ୍ରଦୁଷଣ ଉପରେ ଯୁଗ ଯୁଗ ଧରି ଖବର ବାହାରି ଆସିଛି। ରୋକିବାକୁ ଉପାୟ ଖୋଜା ଯାଉଛି। ଆମର ଅହଂକାର ତା'କୁ ସ୍ୱାଗତ କରୁଛି। ବାଣ ଫୁଟାଇ ଆମେ ପ୍ରଦୁଷଣ କରି ଚାଲିଛୁ। "ରାମମନ୍ଦିର ଉପରେ ଆକ୍ରମଣର ଧମକ।" ପଢ଼ିଲି ଅଯୋଧ୍ୟା ରାମମନ୍ଦିର ସମେତ ଭାରତର ଏକାଧିକ ମନ୍ଦିର ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି ଖାଲିସ୍ଥାନୀ ଆତଙ୍କବାଦୀ ଗୁରୁ ପଟ୍ଟବନ୍ତ ସିଂହ ପନ୍ନୁନ। ନଭେମ୍ବର ଷୋହଳ

ଓ ସତରରେ ରାମମନ୍ଦିର ଓ ଅନ୍ୟାନ୍ୟ ମନ୍ଦିର ଉପରେ ଆକ୍ରମଣ କରାଯିବ। କାନାଡ଼ାର ବ୍ରାମ୍ପଟନରେ ଏହାର ଭିଡ଼ିଓ ରେକର୍ଡ଼ିଂ କରାଯାଇଛି। ଭିଡ଼ିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାମମନ୍ଦିର ପ୍ରତିଷ୍ଠା ଦିବସରେ ପୂଜା କରୁଥିବାର ଦୃଶ୍ୟ ରହିଛି। ଗତ ମାସରେ ପନ୍ନୁନ ଦେଇଥିବା ଧମକରେ ନଭେମ୍ବର ଏକ ରୁ ଉଣେଇଶ ପର୍ଯ୍ୟନ୍ତ ଏୟାରଇଣ୍ଡିଆ ବିମାନରେ ଯାତ୍ରା ନ କରିବାକୁ କହିଥିଲା। ବୋଧହୁଏ ସେହି ହାଓଆରେ ଏରୋପ୍ଲେନ୍‌ରେ ବୋମା ଅଛି କହି ବହୁତ ଅସୁବିଧା ହୋଇଛି। ଧର୍ମ ନାଆଁରେ ଆମେ କେତେ ନିମ୍ନସ୍ତରକୁ ଗତି କରୁଛୁ ଏହା ବିଚାର୍ଯ୍ୟ।

ମହିଳା କର୍ମଚାରୀଙ୍କୁ ମାସରେ ଦିନେ ଅତିରିକ୍ତ ଛୁଟି- ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ପ୍ରତି ମାସରେ ଗୋଟିଏ ଦିନ ଅତିରିକ୍ତ ଛୁଟୀ ମିଳିବ। ମାସିକ ଧର୍ମ ପାଇଁ ଏହି ଗୋଟିଏ ଦିନ ଅତିରିକ୍ତ ଛୁଟୀ ପ୍ରଦାନ କରାଯିବ ବୋଲି ଅର୍ଥ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତ ସରକାରୀ ମହିଳା କର୍ମଚାରୀ ୫୫ ବର୍ଷ ପୂରଣ ହେବା ପର୍ଯ୍ୟନ୍ତ ବର୍ଷକୁ ବାର ଦିନର ଛୁଟୀ ନେଇପାରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଏଥିପାଇଁ ଗୋଟିଏ ମାସରେ ଗୋଟିଏ ଦିନ ଛୁଟି ନେଇପାରିବ। ଆଜିକାଲି ସବୁକିଛି ଖୋଲାମେଲାରେ ଚାଲିଛି। ଏ ବିଷୟଟା ବା ବାଦ୍ ପଡ଼ନ୍ତା କାହିଁକି। କାର୍ତ୍ତିକ ମାସର ଶେଷ ବେଳକୁ ଏହା ସବୁ ଲେଖିବାକୁ ପଡୁଛି।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ସୌଦାମିଣୀ ମିଶ୍ର

ପ୍ରବନ୍ଧ

# ଦୀପାବଳି

## ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ

ସଂସ୍କୃତି ହେଉଛି ଏକ ଚେତନା, ସାମଗ୍ରିକ ଜୀବନବୋଧର ଏକ ଚିରନ୍ତନ ପ୍ରତୀକ। ମାନବ ପ୍ରକୃତିକୁ ନିୟନ୍ତ୍ରିତ କରି ତାର ମାନସିକ ଉତ୍କର୍ଷ ସାଧନ କରିବା ଓ ଆତ୍ମାର ଉନ୍ନତି ସାଧନ କରିବାର ପ୍ରଣାଳୀ ହେଉଛି ସଂସ୍କୃତି। ଗୋଟିଏ ଜାତିର ସାହିତ୍ୟ, ଧର୍ମ, ଦର୍ଶନ, ପରମ୍ପରା ସେହି ଦେଶର ସଂସ୍କୃତିକୁ ପରିପୁଷ୍ଟ କରେ। ସଂସ୍କୃତି ଦ୍ୱାରା ହିଁ ଜାତି ହିଁ ବିଶ୍ୱ ଦରବାରରେ ସମ୍ମାନିତ ହୁଏ। ସଂସ୍କୃତି ହେଉଛି ଏକ ପ୍ରବହମାନ ଧାରା। ସତ୍ୟ, ଶିବ, ସୁନ୍ଦର ହେଉଛି ଏହାର ଆଧାର। ପରଂପରା ଏହାର ବିଭବ। ଏହି ବିଭବକୁ ନେଇ ମାନବ ଏଠି ଦେବତ୍ୱର ଅଧିକାରୀ ହୁଏ। ସଂସ୍କୃତିକୁ ନେଇ ସୃଷ୍ଟି ହୋଇଥିବା ସାହିତ୍ୟ, କଳାକୃତି, ସ୍ଥାପତ୍ୟ, ଧର୍ମବିଶ୍ୱାସ, ପରଂପରା କାଳଜୟୀ ହୁଏ। ଆମ ସଂସ୍କୃତିରେ ବାରମାସରେ ତେର ପର୍ବ, ମଣିଷର କର୍ମମୟ ଜୀବନ ମଧ୍ୟରେ ଆଧ୍ୟାତ୍ମିକ ଭାବ, ମାନସିକ ଶାନ୍ତି, ଶୁଦ୍ଧପୂତ ଜୀବନଯାପନ ତଥା ନୂତନ କର୍ମ ପ୍ରେରଣା ଜାଗ୍ରତ କରାଏ।

ଦୀପାବଳି ଏକ ସର୍ବ ଭାରତୀୟ ଉତ୍ସବ। ଅନେକ ଏହାକୁ ଆଲୋକର ଉତ୍ସବ ବୋଲି କହିଥାନ୍ତି। ଏହି ଉତ୍ସବ ସମ୍ପର୍କରେ କାଳିକା ପୁରାଣ, ସ୍କନ୍ଦ ପୁରାଣ, ଲିଙ୍ଗ ପୁରାଣ ପ୍ରଭୃତିରେ ଉଲ୍ଲେଖ ଅଛି। ରାମାୟଣ ଅନୁସାରେ ଚଉଦ ବର୍ଷ ବନବାସ କଳାପରେ ଏହି ଦିନ ରାମଚନ୍ଦ୍ର ରାଜ୍ୟକୁ ଫେରି ଆସିଥିଲେ। ସେହି ଦିନଠାରୁ ଏହି ଦୀପାବଳି ଉତ୍ସବ ପାଳିତ ହୋଇଆସୁଛି। ପୌରାଣିକ ପ୍ରଥା ଅନୁସାରେ ଏହିଦିନ ଗୋକୁଳ ରକ୍ଷକ ଶ୍ରୀକୃଷ୍ଣ ଇନ୍ଦ୍ରକୋପରୁ ଗୋକୁଳକୁ ରକ୍ଷା କରିବାକୁ ଯାଇ ଇନ୍ଦ୍ରଙ୍କର ଦର୍ପ ଚୂର୍ଣ୍ଣ କରିଥିଲେ। ଏହି ମୃତ୍ୟୁ ଅଧିପତି ଯମଙ୍କୁ ପୂଜା କରିବା ଶାସ୍ତ୍ର ସମ୍ମତ। ସେ ଦିନ ଭଗବାନ ଶ୍ରୀକୃଷ୍ଣ ଅତ୍ୟାଚାରୀ ନରକାସୁରକୁ ନିହତ କରି ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିଥିଲେ। ଋକ୍‌ବେଦରୁ ସୂଚନା ମିଳେ ଯେ ପୃଥିବୀ ଏକଦା ଅନ୍ଧକାର ଭିତରେ ନିମଗ୍ନ ରହିଥିଲା। ସେତେବେଳେ ଏହାର ନାମ ଥିଲା ନରକ। କାଳକ୍ରମେ ସୂର୍ଯ୍ୟଙ୍କ ପ୍ରଖର ରଶ୍ମିଦ୍ୱାରା ଏହା ଆଲୋକିତ ହେଲା। ଆଲୋକର ସ୍ମାରକୀ ହେଉଛି ଏହି ଦୀପାବଳି ଉତ୍ସବ। ଏହି ପବିତ୍ର ଦୀପାବଳି ଅବସରରେ ଓଡ଼ିଆ ସାଧବ ପୁଅ ତାର ବୋଇତ ନେଇ ଦୂର ବିଦେଶରେ ବାଣିଜ୍ୟ କରି ଫେରେ। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ସ୍ୱାଗତ କରିବା ଲାଗି ଘରେ ଘରେ ଦୀପ ଜଳାଯାଏ। ଦୀପାବଳି ଦିନ ପ୍ରଦୀପ ପ୍ରଜ୍ୱଳନରେ ଘର ଦ୍ୱାର ସଜା ଯାଇଥାଏ। ବାଣ ମରାଯାଏ। ବୈଜ୍ଞାନିକ ଦୃଷ୍ଟି କୋଣରୁ ଏହି ଉତ୍ସବର ପ୍ରୟୋଜନିତା ରହିଛି। ସେ ଦିନ ଓଡ଼ିଶାରେ ପୟାଶ୍ରାଦ୍ଧ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପାଳନ କରାଯାଇଥାଏ। ଏହି ଦିବସରେ ଆତ୍ମୀୟଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଏ। କାଉଁରିଆ କାଠି ଜାଳିବା ସର୍ବତ୍ର ଦେଖାଯାଏ। ଏହି ଦୀପାବଳି ସହିତ ଆମ ସଂସ୍କୃତି, ଐତିହ୍ୟର ପରଂପରା ଜଡ଼ିତ। ପରୋଲୋକଗତ ଦେବୋପମ ପିତୃ ପୁରୁଷଙ୍କୁ ସ୍ମରଣ କରିବା ଆମର ସଂସ୍କୃତିର ଏକ ଶ୍ରେଷ୍ଠନୀତି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପୁଅମାନେ ଆହ୍ୱାନ ଦିଅନ୍ତି।

"ବଡ଼ ବଡୁଆ ହୋ, ଅନ୍ଧାରରେ ଆସ
ଆଲୁଅରେ ଯାଅ, ଗଙ୍ଗା ଯାଅ, ଗୟା ଯାଅ
କାଶୀ ଯାଅ, ଶ୍ରୀ ପୁରୁଷୋତ୍ତମ ଯାଅ
ବାଇଶି ପାହାଚରେ ଗଡ଼ଗଡ଼ଉ ଥାଅ
ଆମକୁ ଟିକିଏ ଚାହିଁଥାଅ।"

ଏହା ହୃଦୟରେ ଏକ ମାର୍ମିକ ଅଭିବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଉପରୋକ୍ତ ପୌରାଣିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂପର୍କ ବ୍ୟତୀତ ଦୀପାବଳି ଉତ୍ସବର ପୃଷ୍ଠଭୂମିରେ ଅନେକ ସାମାଜିକ କାରଣମାନ ରହିଛି। ଏହାର ସମସ୍ତ ସାମାଜିକ ରୀତି, ପଦ୍ଧତି, ପର୍ବପର୍ବାଣୀ କୃଷିଭିତ୍ତିକ ହେବା ସ୍ୱାଭାବିକ। ଦୀପାବଳି ଉତ୍ସବ ପଛରେ ଆମ ପୂର୍ବପୁରୁଷଙ୍କ ସ୍ୱାସ୍ଥ୍ୟ ସଚେତନତା ମଧ୍ୟ ନିହିତ। ଏତଦ୍ ବ୍ୟତୀତ କଥିତ ଅଛି, ସ୍ୱାମୀ ଶଙ୍କରାଚାର୍ଯ୍ୟଙ୍କ ନିର୍ଜୀବ ଶରୀର ଏଇ ଦିବସରେ ହିଁ ପୁଣି ଜୀବନ୍ୟାସ ହୋଇ ଉଠିଥିଲା। ଜୈନ ଧର୍ମାଲମ୍ବୀମାନେ ଏହି ଦିବସକୁ ୨୪ ତୀର୍ଥଙ୍କର ମହାବୀର ନିର୍ବାଣ ଦିବସ ରୂପେ ପାଳନ କରିଆସୁଛନ୍ତି। ଆର୍ଯ୍ୟ ସମାଜର ପ୍ରବର୍ତ୍ତକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ତିରୋଧାନ ମଧ୍ୟ ଏହି ଦିବସରେ ଘଟିଥିଲା। ଏହି ଦିବସରେ ରାଜା ବିକ୍ରମାଦିତ୍ୟ ସିଂହାସନ ଆରୋହଣ କରିଥିଲେ ବୋଲି ଐତିହାସିକ ମାନଙ୍କର ମତ। ବ୍ୟବସାୟୀ ଗୋଷ୍ଠ ଦଶହରା ବା ଦୀପାବଳି ଠାରୁ ନୂଆ ଖାତା ଆରମ୍ଭ କରନ୍ତି। ବିଶେଷକରି ମାରୱାଡ଼ି ସଂପ୍ରଦାୟ ଦୀପାବଳିର ପୂଣ୍ୟ ମୁହୂର୍ତ୍ତରେ ଶ୍ରୀଗଣେଶ ଓ ଶ୍ରୀଲକ୍ଷ୍ମୀଙ୍କର ଉପାସନା ପୂର୍ବକ ଆଗାମୀ ବର୍ଷର ବ୍ୟବସାୟ ସମୃଦ୍ଧି କାମନା କରନ୍ତି। ଭାରତର ପୂର୍ବାଞ୍ଚଳରେ କାଳୀପୂଜା ମଧ୍ୟ ଅନୁଷ୍ଠିତ ହୁଏ। ଦକ୍ଷିଣ ଭାରତରେ ଦୀପାବଳୀ ପର୍ବରେ ପରିବାରର ସମସ୍ତ ସଦସ୍ୟ ସ୍ନାନାନ୍ତେ ନୂତନ ବସ୍ତ୍ର ପରିଧାନ ପୂର୍ବକ ମିଷ୍ଟାନ୍ନ ବିତରଣ କରନ୍ତି। ସମସ୍ତ ଭେଦଭାବ ଭୁଲି ପରସ୍ପର ସ୍ନେହ ଶ୍ରଦ୍ଧା ପ୍ରଦର୍ଶନ ପୂର୍ବକ ସମଗ୍ର ଭାରତରେ ଦୀପାବଳି ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଏ। ଦୂରଦ୍ରଷ୍ଟା ଆର୍ଯ୍ୟ ଋଷିଗଣ ଶ୍ରାଦ୍ଧ, ତର୍ପଣ ଓ ଦୀପ ଦାନ ନିମିତ୍ତ ଆଶ୍ୱିନ ଓ କାର୍ତ୍ତିକ ଏଇ ଦୁଇମାସ ମହତ୍ତ୍ୱପୂର୍ଣ୍ଣ ଉପାସନା କାଳରୂପେ ନିର୍ଣ୍ଣୟ କରିଯାଇଛନ୍ତି। ଏପରିକି ଯେଉଁମାନେ ବୈଦିକାଚାର

ଓ ମନ୍ତ୍ରୋଚାରଣ କରିପାରନ୍ତି ନାହିଁ ସେମାନେ କାଉଁରିଆ କାଠି ଜାଳି ବଡ଼ ବଡ଼ୁଆଙ୍କୁ ସ୍ମରଣ କରନ୍ତି। ମୋଟ ଉପରେ କହିବାକୁ ଗଲେ ଦୀପାବଳି ହେଉଛି ବିଶ୍ୱ ପ୍ରେମର ଉଦାର ଓ ବ୍ୟାପକ ଦୃଷ୍ଟିକୋଣର ଦ୍ୟୋତକ। ବିଶ୍ୱର ଏକତା ଆନୁଭୂତି ନିମିତ୍ତ ଏହା ହେଉଛି ଏକ ମହାନ ପର୍ବ।

ବୈଦିକ ଯୁଗରୁ ଏ ଅବଧି ଭାରତୀୟ ଜୀବନ ଧାରାରେ ଦୀପାବଳିର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ। ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ କାର୍ତ୍ତିକ ମାସର ଗୁରୁତ୍ୱ ରହିଛି। କାର୍ତ୍ତିକର ଶରତ ଶୀତ ଆକାଶରେ ନିର୍ମଳ ପୂର୍ଣ୍ଣିମାର ଚନ୍ଦ୍ର। ଜ୍ୟୋସ୍ନାବିଧୌତ ଜହ୍ନର ରୌପ୍ୟ ଝଲିରେ ଝଲସୁଥିବା ଆମର ଏ ପ୍ରକୃତି, ଏ ଧରିତ୍ରୀ ରାଣୀ, ଏ ପୃଥିବୀର ସ୍ୱର୍ଣ୍ଣ ରୂପ। ଗଙ୍ଗଶିଉଳି, ମାଳତୀ, ହେନା ଫୁଲର ବାସ୍ନାରେ ବିଭୋରିତ ଏ ରାତ୍ରିର କଳେବର। ଆକାଶରେ ଜହ୍ନ ସାଙ୍ଗକୁ  ଲକ୍ଷ ଲକ୍ଷ ତାରାର ଦୀପାଳି ବଢ଼ା ହୋଇଥାଏ, ସେହି ପ୍ରଭୁ ବିଶ୍ୱନିୟନ୍ତାଙ୍କ ପାଇଁ ଆଜିର ଏହି ପୁଣ୍ୟ ତିଥିରେ। ଭାରତୀୟ ଧାର୍ମିକ ପରମ୍ପରାରେ କାର୍ତ୍ତିକ ଏକ ପବିତ୍ର ମାସ। ଆମ ସଂସ୍କୃତିର ଏହା ପ୍ରତୀକ। ଏହା ମାନବ ଧର୍ମ ଉପରେ ଆଧାରିତ। ସୁସ୍ଥ ଓ କଲ୍ୟାଣମୟ ଜୀବନ ଯାତ୍ରା ନିମନ୍ତେ କାର୍ତ୍ତିକ ମାସ ଆମକୁ ସୁଦୂରପ୍ରସାରୀ ପ୍ରେରଣା ଯୋଗାଇ ଥାଏ। ଗୀତାରେ ବର୍ଣ୍ଣିତ ଶ୍ରୀକୃଷ୍ଣ ନାରାୟଣଙ୍କ ଅତିପ୍ରିୟ ଏବଂ ବର୍ଷ ମଧ୍ୟରେ ସବୁଠାରୁ ଶ୍ରେଷ୍ଠମାସ ଏହି କାର୍ତ୍ତିକ ମାସ। ଆଧ୍ୟାତ୍ମିକ ଉଦ୍‌ବେଳନର ପ୍ରକୃଷ୍ଟ ମାହେନ୍ଦ୍ର ବେଳା। ଏହି ମାସରେ ପ୍ରାତଃ ସ୍ନାନ, ସାତ୍ତ୍ୱିକ ଆହାର ବା ହବିଷ୍ୟାନ୍ନ ଭଗବତ୍ ଭଜନ ଓ ଦୀପଦାନର ବିଶେଷ ମହତ୍ତ୍ୱ ରହିଛି। ଏହି ମାସ ଶ୍ରୀହରିଙ୍କର ଅତୀବ ପ୍ରିୟ !

"ଦ୍ୱାଦଶ ସ୍କନ୍ଦ ମାସେସୁ କାର୍ତ୍ତିକ କୃଷ୍ଣବଲ୍ଲଭା"
(ପଦ୍ମପୁରାଣ)

ତେଣୁ କୁହାଯାଇଛି:-
ନ କାର୍ତ୍ତିକ ସମୋମାସୋ
ନ କୃର୍ତ୍ତେନ ସମଂ ଯୁଗମ୍
ନ ବେଦ ସଦୃଶଂ ଶାସ୍ତଂ ନ ତୀର୍ଥଂ
ଗଙ୍ଗୋୟୋ ସମଂ।
ସର୍ଥମାସେ ସୁଚରସମ୍
ପୁଣ୍ୟନାଂ ପରମ ପୁଣ୍ୟଂ
ପାବନାନାଞ୍ଚ ପାକନମ୍। (ସ୍କନ୍ଧ ପୁରାଣ)

କାର୍ତ୍ତିକ ମାସ ସମ ମାସ ନାହିଁ। ସତ୍ୟ ଯୁଗ ପରି ଯୁଗ ନାହିଁ। ବେଦ ସମାନ ଶାସ୍ତ୍ର ନାହିଁ। ଗଙ୍ଗା ସଦୃଶ ତୀର୍ଥ ନାହିଁ। ତେଣୁ ମାସ ଶ୍ରେଷ୍ଠ କାର୍ତ୍ତିକ ଭଗବତ ଆରାଧନା ନିମିତ୍ତ ତଥା ଉପାସନା ଦୃଷ୍ଟିରୁ ସର୍ବ ଗରିଷ୍ଠ । ସମଗ୍ର ଭାରତବର୍ଷର ପ୍ରତିଟି ଭାଷାଭାଷୀ ମୋକ୍ଷପ୍ରାପ୍ତ ଆଶାରେ ଏ ଆଚରଣ କରିଥାନ୍ତି। କାର୍ତ୍ତିକ ମାସ ସମସ୍ତ କ୍ରିୟାକର୍ମର ଆୟମାରମ୍ଭ ଘଟେ। ଆଶ୍ୱିନ ଶୁକ୍ଳ ଦଶମୀ ପର ଦିବସ ଏକାଦଶୀ ତିଥିରୁ ଲାଗି ରହେ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥି ପର୍ଯ୍ୟନ୍ତ। ଏକାଦଶୀଠାରୁ ବକ ପଞ୍ଚକର ଆରମ୍ଭ ଯାହାର ଉଦ୍‌ଯାପନ କାର୍ତ୍ତିକ ପୂର୍ଣ୍ଣିମାରେ। ଏ ବ୍ରତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବହୁ ନରନାରୀ ଏକତ୍ରିତ ହୋଇ ପାଳନ କରିଥାନ୍ତି। ସମଗ୍ର ପୁରୁଷୋତ୍ତମ କ୍ଷେତ୍ର ଜାଗ୍ରତ ହୋଇଉଠେ ହରି ରସର ଅମୃତମୟ ଭାବଧାରାରେ। ପୂଜାସ୍ଥଳୀରେ କାର୍ତ୍ତିକ ମଣ୍ଡଳ ମୁରୁଜରେ ଲେଖନ ସାଙ୍ଗକୁ ଆକାଶ ଦୀପଦାନ ଏକ ପୁରାଣ ପ୍ରସିଦ୍ଧ ବିଧି। ମାସବ୍ୟାପୀ ପାଳନ କରାଯାଇଥାଏ।

"ଦାମୋଦରାୟ ବିଶ୍ୱାୟ ବିଶ୍ୱରୂପ ପରାୟ ଚ
ନମସ୍କୃତ୍ୱା ପ୍ରଦାସ୍ୟାମି ବ୍ୟୋମଦୀପମଂ ହରିପ୍ରିୟମ୍"

ଆକାଶ ଦୀପ ପିତୃପୁରୁଷଙ୍କ ମୋକ୍ଷ ନିମିତ୍ତ ମଧ୍ୟ ଉଦ୍ଦିଷ୍ଟ। ତେଣୁ ନିମ୍ନ ଲିଖିତ ମନ୍ତ୍ର ଉଚ୍ଚାରଣ କରି ପିତୃ ପୁରୁଷଙ୍କ  ଉଦ୍ଦେଶ୍ୟରେ ଦୀପଦାନ କରାଯାଏ।

"ନମଃ, ପିତୃଭ୍ୟଃ ପ୍ରେତେଭ୍ୟୋ
ନମୋ ଧର୍ମାୟ ବିଷ୍ଣବେ
ନମୋ ଯମାୟ ରୁଦ୍ରାୟ
କାନ୍ତାର ପତୟେ ନମଃ।"

ତେଣୁ କାର୍ତ୍ତିକ ମାସରେ ଆକାଶ ଦୀପ ଦାନକଲେ ନିଜ କୂଳ ସମୂହ ପବିତ୍ର ହେବା ସଙ୍ଗେ ସଙ୍ଗେ ଦୀପଦାନ ବ୍ୟକ୍ତି ଧନବାନ, ବୀର୍ଯ୍ୟବାନ, ପୁତ୍ରବାନ ତଥା ସର୍ବୈଶ୍ୱର୍ଯ୍ୟ ସମ୍ପନ୍ନ ହୋଇଥାନ୍ତି।

ଏହି ମାସରେ ନାରାୟଣ ମତ୍ସ୍ୟ ଅବତାର ହୋଇ ଶଙ୍ଖାସୁରକୁ ବଧ କରି ହୃତ ବେଦକୁ ରକ୍ଷା କରିଥିଲେ। ଏହି କାରଣରୁ ମନୁଷ୍ୟମାନେ ମତ୍ସ୍ୟକୁ ଈଶ୍ୱର ଜ୍ଞାନକରି ମତ୍ସ୍ୟ ଭକ୍ଷଣ କରିନଥାନ୍ତି। ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ବକ ମଧ୍ୟ ଏହି ପଞ୍ଚକରେ ମତ୍ସ୍ ଭକ୍ଷଣ କରେ ନାହିଁ ବୋଲି ଏହି ପଞ୍ଚକକୁ ବକପଞ୍ଚକ ମଧ୍ୟ କୁହାଯାଏ। କାର୍ତ୍ତିକରେ ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଯେଉଁ ପୁଣ୍ୟ କାର୍ଯ୍ୟ କରାଯାଏ, ତାହା ଦ୍ୱାରା ଦେବତାମାନେ ମନୁଷ୍ୟମାନଙ୍କର ନିକଟବର୍ତ୍ତୀ ହୁଅନ୍ତି। ସ୍ନାନ, ଦାନ, ବ୍ରତ ଆଦିଦ୍ୱାରା ମନୁଷ୍ୟ ଅକ୍ଷୟ ଫଳ ଲାଭ କରେ। ଭର୍ତ୍ତୃହରି ତାଙ୍କ ଶତକ ତ୍ରୟରେ ଲେଖିଛନ୍ତି : "ଯେଉଁମାନଙ୍କର ତପ, ଦାନ, ଗୁଣ, ଧର୍ମ ପ୍ରଭୃତି ନାହିଁ ସେମାନେ ପୃଥିବୀର ଭାର ସଦୃଶ। ସେମାନେ ରୂପରେ ମନୁଷ୍ୟ ହେଲେ ମଧ୍ୟ ଗୁଣରେ ପଶୁ ଅଟନ୍ତି। ଭାରତୀୟ ପରମ୍ପରାରେ ଦାନର ବିଶେଷତ୍ୱ। ଗୀତାପ୍ରେସ୍ ପ୍ରକାଶିତ "ଦାନଅଙ୍କ" ଆଲୋଚନା ଯୋଗ୍ୟ ଅଟେ।" ଏହି ପ୍ରସଙ୍ଗରେ ମହାଦେବ ଦାସ ଉଲ୍ଲେଖ କରିଛନ୍ତି।

ବିଷ୍ଣୁ ଅତି ଅନ୍ତ ପ୍ରୀତି
ଯହିଁ ପ୍ରସନ୍ନ ବେଦପତି।
ଶିବ ସହିତେ ଦିଗପାଳେ
ସନ୍ତୋଷ ଯହିଁ ବ୍ରତ ଫଳେ।।

ସ୍କନ୍ଦ ପୁରାଣ ଅନୁସାରେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶିବ କାର୍ତ୍ତିକ ବ୍ରତ ପାଳନ କରିଥିଲେ। ଶିବଙ୍କଠାରୁ ନିର୍ଦ୍ଦେଶ ପାଇ ସ୍ୱାୟମ୍ଭୁବ ମନୁ ଓ ଅଗସ୍ତି ମୁନି ଏହି ବ୍ରତପାଳନ କରି ଅଶେଷ ପୁଣ୍ୟ ଅର୍ଜନ କରିଥିଲେ। ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡ ଅନୁସାରେ ଶ୍ରୀ ଜଗନ୍ନାଥଙ୍କୁ ପ୍ରୀତି କରିବା ନିମନ୍ତେ ବ୍ରତ ପାଳନ କରିବା ବିଧି।

ଓଡ଼ିଶାର ଆଦି କବି ଶୂଦ୍ର ମୁନି ସାରଳାଦାସ ସ୍ୱରଚିତ ମହାଭାରତର ଆଦି ପର୍ବରେ କାର୍ତ୍ତିକ ମାସରେ ବର୍ଣ୍ଣିତ ପୂର୍ଣ୍ଣିମାଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରୁ ଜଣାଯାଏ ଯେ ଯେଉଁ ଜନ ତା ଜୀବନରେ ହରିଙ୍କୁ ଗଣ୍ଡିଧନ କିରି ତାଙ୍କ ସେବାକରୁ କରୁ ମୃତ୍ୟୁବରଣ କରେ ସେହି ମୃତକର ସମସ୍ତ ଦୁର୍ଗତି ଦୂର ହୋଇଥାଏ। ଶେଷରେ ସେ ଆଉ ଜନ୍ମ ମରଣର ଚକ୍ରରେ ପଡ଼େ ନାହିଁ।

"କାର୍ତ୍ତିକ ବ୍ରତ ମନେ ଧରି
ଯେ ମୋତେ ସେବେ ମୂଳ କରି।
ତା'ର ଦୁର୍ଗତି ଦୂରେ ଯାଇ
ଏବେ ସେ ଅନ୍ତେ ମୋତେ ପାଇ।।"

ବ୍ରହ୍ମ ପୁରାଣରେ ଏହି ପ୍ରସଙ୍ଗରେ କୁହାଯାଇଛି ଯେ କାର୍ତ୍ତିକ ମାସରେ ଯେଉଁ ବ୍ୟକ୍ତି ବ୍ରତ ଉପବାସ ଆଦି ନିୟମର ସହିତ ପାଳନ କରି କାଳ

ଯାପନ କରେ, ସେ ଦେବତ୍ୱ ଲାଭ କରେ। କାର୍ତ୍ତିକର ଶେଷ ପାଞ୍ଚଦିନ ରାସପଞ୍ଚକ ପରିପ୍ରେକ୍ଷୀରେ ଓଡ଼ିଶାର ପୁରପଲ୍ଲୀରେ ଦେବ ସେନାପତି ଚିର କୁମାର କାର୍ତ୍ତିକେୟଙ୍କ ଆରାଧନା ଅତ୍ୟନ୍ତ ଉତ୍ସାହର ସହିତ ସଂପାଦିତ ହୁଏ। କାର୍ତ୍ତିକେୟଙ୍କ ନାମାନୁସାରେ ଏହି ମାସ ଉତ୍ସର୍ଗୀକୃତ।

ପୁରାଣରେ ତୁଳସୀ ବୃକ୍ଷର ଅନ୍ୟନାମ ବୃନ୍ଦାବତୀ। ବୃନ୍ଦାବତୀ ଜଳନ୍ଦର ଅସୁରର ପତ୍ନୀ ଓ ଦୈତର ବିନାଶ ପାଇଁ ବୃନ୍ଦାର ସତୀତ୍ୱ ନଷ୍ଟ କରିଥିଲେ ଓ ଶିବଙ୍କ ଦ୍ୱାରା ଜଳନ୍ଧର ବଧ ହେଲା। ବୃନ୍ଦା ମତାନ୍ତରେ ତୁଳସୀଙ୍କ ଶାପରେ ନାରାୟଣ ପାଷାଣ ରୂପ ଶାଳ ଗ୍ରାମ ରୂପେ ପ୍ରକଟିତ ହେଲେ ଓ ବଜ୍ରକୀଟର ଦଂଶନରେ ସଦା କର୍ତ୍ତିତ ହେବାକୁ ଲାଗିଲେ। ଏ ସମୟରେ ଦେବୀ ବୃନ୍ଦା / ତୁଳସୀ ଗଣ୍ଡକୀ ନଦୀରୂପ ନେଇ ବଜ୍ରକୀଟ ସହ ଶାଳଗ୍ରାମ ଶୀଳାକୁ ନିଜ କୋଳରେ ଧାରଣ କରି ପୂର୍ବଜନ୍ମରେ ପ୍ରଭୁ ନାରାୟଣଙ୍କ ଅକର୍ମର ପ୍ରତିଶୋଧ ନେବାରେ ଲାଗିଲେ। ଏହି କାର୍ତ୍ତିକ ମାସରେ ତୁଳସୀ ପୂଜା ସହ ଶାଳଗ୍ରାମର ପୂଜା ବିଶେଷରେ ଅନୁଷ୍ଠିତ ହୋଇ ପୂର୍ବ ପୁରାଣ ବର୍ଣ୍ଣିତ ଧର୍ମ ପ୍ରସଙ୍ଗକୁ ଉଜ୍ଜୀବିତ କରାଏ।

କାର୍ତ୍ତିକ ବ୍ରତ ପାଳନ ସଂପର୍କରେ ବହୁ ପୌରାଣିକ ତଥ୍ୟ ରହିଛି। ନରକାସୁର ବଧ, ରକ୍ତବୀର୍ଯ୍ୟ ବଧ, ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ବଳି ରାଜାଙ୍କ ମର୍ତ୍ତ୍ୟ ଆଗମନ, ପିତୃପୁରୁଷଙ୍କର ମର୍ତ୍ତ୍ୟଲୋକରେ ଅବସ୍ଥାନ, ନୌବାଣିଜ୍ୟ ଯାତ୍ରାରମ୍ଭ, ଗୋବର୍ଦ୍ଧନ ପୂଜା, ଯମ ଦ୍ୱିତୀୟା ପାଳନ, ବୃନ୍ଦାଙ୍କ ସତୀତ୍ୱ ହରଣ ଓ ଜଳନ୍ଧର ବଧ, ଶଙ୍ଖଚୂଡ଼ ବଧ, ଗଙ୍ଗାସ୍ନାନ ଯାତ୍ରା ପ୍ରଭୃତି ଆଖ୍ୟାୟିକା କାର୍ତ୍ତିକ ମାସ ବ୍ରତ ସହିତ ସଂପୃକ୍ତ।

ଚକ୍ରପାଣି ନରହରି ଦେବତାମାନଙ୍କୁ ପରାମର୍ଶ ଦେଇ କହିଥିଲେ-

"କାର୍ତ୍ତିକେ ମାସେ ପ୍ରାତଃ ସ୍ନାନ
ଆବର ତୁଳସୀ ସେବନ।
ହୋଇବ ନିରାମିଷ ଭୋଜି
କ୍ରୋଧ ମତ୍ସ୍ୟର ମୋହ ତେଜି।
ସକଳ ବିଘ୍ନ ଯିବ କ୍ଷୟ
ମରିବ ସେ ତନୁଜ କ୍ଷୟ।"

କାର୍ତ୍ତିକ ବ୍ରତ ମନୁଷ୍ୟର ଅନ୍ତକରଣକୁ ଭଗବତ ପରାୟଣ କୃତ୍ୟ ଦ୍ୱାରା ସମସ୍ତ ପ୍ରକାର ଆବିଳତା ଦୂରକରେ ଓ ତାର ଅନ୍ତରାତ୍ମାକୁ ଶୁଦ୍ଧ ନିର୍ମଳ କରେ।

ଦୀପାବଳୀ ଉତ୍ସବରେ କାଳୀପୂଜା ଅନୁଷ୍ଠିତ ହୁଏ। କାଳୀ ଦଶ ମହାବିଦ୍ୟାର ପ୍ରଥମ ଓ ଆଦ୍ୟାଶକ୍ତି। ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀଠାରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ କାଳୀପୂଜା ବହୁଳ ଭାବେ ପ୍ରସାର ଲାଭ କରିଥିଲା। କିନ୍ତୁ କେତେକ ଧାରଣା କରନ୍ତି ବଙ୍ଗ ଦେଶରେ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଥିଲା ବୋଲି ଉଲ୍ଲେଖ ଅଛି। ଷୋଡ଼ଶ ଶତାବ୍ଦୀରେ ବଙ୍ଗ ଦେଶରେ ରାଜାସାହୀ ଜିଲ୍ଲାରେ କଂସ ନାରାୟଣ ଦୁର୍ଗାପୂଜା ଆରମ୍ଭ କରିଥିଲେ। ସେହି ସମୟରେ ମଧ୍ୟ କାଳୀପୂଜା ଆରମ୍ଭ ହୋଇଥିବାର କିଛି ବିଚିତ୍ରତା ନାହିଁ। ଭାରତରେ ଶକ୍ତି ସାଧନାର ପ୍ରଭାବ ବହୁତ ଥିଲା। ମାତୃଶକ୍ତି ଉପାସନା କ୍ଷେତ୍ରରେ ଓଡ଼ିଶା ସର୍ବ ପ୍ରଥମ ଅଟେ।

ମାହାକାଳ ସଂହିତା ଅନୁସାରେ ଦେବୀ ଅଚିନ୍ତନୀୟ, ଅମିତାକାର ଶକ୍ତି ସ୍ୱରୂପା, ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଏକମାତ୍ର ମା' କାଳୀ, ମା ବାରବ୍ରହ୍ମ ସ୍ୱରୁପା, ସଗୁଣ, ନିର୍ଗୁଣ ଉଭୟ ସ୍ୱରୂପା, କାଳୀ ଶବ୍ଦରେ ମାନବ ଭୟଭୀତ ହୋଏ। ହୃଦୟରେ ଶଙ୍କା ଜନ୍ମେ। କିନ୍ତୁ କାଳୀ ଶବ୍ଦର ଅକ୍ଷର ମଧ୍ୟରୁ ଦେବୀଙ୍କର ଅଭିବ୍ୟକ୍ତିର ପ୍ରକାଶ ଘଟିଥାଏ।

କ +ଆ +ଳ+ଈ = କାଳୀ

କ୍ = ବ୍ରହ୍ମ

ବ୍ରହ୍ମ ସୃଷ୍ଟି ଖାଦିମଷ୍ଟ କ୍ରୋଧଶଶୁ ସୁରାନ୍ତକଃ
ଦକ୍ଷିଣୋ ମୁଳକାଷ୍ଠା କାମାଖ୍ୟା ଗଣନାୟକଃ

(ତନ୍ତ୍ରାଭିଧାନ)

ଆ= ଅନନ୍ତ = ମଧୁବୃତ୍ତଂ ଗୁରୁଃ ଶେଷୋ ଦୀର୍ଘୋନନ୍ତୋ ମହତ୍ ତଥାଃ (ତନ୍ତ୍ରାଭିଧାନ)

ଳ= ବିଶ୍ୱାତ୍ମା = ବିଶ୍ୱାତ୍ମାମନ୍ଦୋ ବଳବାନ୍ ମେରୁଗିରିଃ କଳା ରୂପଃ (ତନ୍ତ୍ରାଭିଧାନ)

ଈ = ସୂକ୍ଷ୍ମା = ସୂକ୍ଷ୍ମା ଶାଲ୍ମଳୀ ବିଦ୍ୟା ଚନ୍ଦ୍ରଃ ପୂଷା ସୁଗୁହକଃ (ତନ୍ତ୍ରାଭିଧାନ)

ଫଳତଃ କାଳୀ = ବ୍ରହ୍ମ - ଅନନ୍ତ - ବିଶ୍ୱାତ୍ମା ଓ ସୂକ୍ଷ୍ମ - ସ୍ୱରୂପା ଅଟନ୍ତି। କାଳୀଙ୍କର ବୀଜ ମନ୍ତ୍ରଟି = କ୍ରୀଂ (କ+ର+ଈ, ଅଟେ) ଏହି ବୀଜ ବ୍ୟାଖ୍ୟା ହେଉଛି = କ୍ =କାଳୀ, ର=ବ୍ରହ୍ମ, ଈ= ମହାମାୟା, ନାଦ = ବିଶ୍ୱାତ୍ମା ଓ ବିନ୍ଦୁ = ଦୁଃଖ ହର ଦୁଃଖ ଶାନ୍ତି ଓ ସୁଖର ଆଗମନ ପାଇଁ କାଳୀଙ୍କର ପୂଜା କରିବା ଉଚିତ୍।

ବ୍ରହ୍ମର ପ୍ରୋକ୍ତଂ ମହାମାୟାର୍ଥକଶ୍ଚଈ
ବିଶ୍ୱ ମାତ୍ରର୍ଥକୋ ନାଦୋ ବିନ୍ଦୁ ଦୁଃଖ ହରାର୍ଥକଃ।

(ତନ୍ତ୍ରାଭିଧାନ)

ତେ ନୈବ କାଳୀକା ଦେବୀଂ ପୂଜୟେତ ଦୁଃଖ ଶାନ୍ତୟେ। ମା' କାଳୀଙ୍କର ବୀଜ ମନ୍ତ୍ରକୁ ଜପ କରିବା ଦ୍ୱାରା ଦୁଃଖ ଲାଘବ ହୁଏ। ଶତ୍ରୁ ପ୍ରଶମନ ହୁଅନ୍ତି ଓ ଶାନ୍ତି ମିଳେ।

ପୁରାଣରେ ବର୍ଣ୍ଣିତ ଅଛି ଯେ ମହାମାୟା ଦୁର୍ଗା ମହିଷାସୁର ଓ ଅନ୍ୟାନ୍ୟ ଅସୁରମାନଙ୍କ ସହିତ ଯୁଦ୍ଧକରି ବଡ଼ ମ୍ରିୟମାଣ ହୋଇପଡ଼ିଲେ। ସର୍ବଶେଷରେ ଅସୁର ରକ୍ତରେ ବସୁନ୍ଧରାକୁ ପ୍ଲାବିତ କରି ଦେବୀଙ୍କ ମନରେ କ୍ରୋଧଜାତ ହୋଇ ବିଶ୍ୱ ସୃଷ୍ଟିର ଧ୍ୱଂସାର୍ଥେ ଉଗ୍ରରୂପ ଧରି ଅଗ୍ରସର ହୁଅନ୍ତେ ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା। ସମସ୍ତେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଶିବଙ୍କ ବ୍ୟତୀତ ଅନ୍ୟକେହି ଶାନ୍ତ କରିପାରିବେ ନାହିଁ। ଦେବତାମାନଙ୍କ ଅନୁରୋଧରେ ଶିବ ଅଗ୍ରସର ହୋଇ ଦେବୀଙ୍କ ଅଜାଣତରେ ଶୋଇ ରହିଲେ। କ୍ଷୁବ୍ଧା ମହାକାଳୀ କ୍ରୋଧାନ୍ଧ ହୋଇ ଶିବଙ୍କ ଉପରେ ମାଡ଼ି ଚାଲିଲେ। କିନ୍ତୁ ଶିବଙ୍କ ତପୋମୟ ଶରୀର ସ୍ପର୍ଶରେ ତାଙ୍କର କ୍ରୋଧ ଶାନ୍ତ ହେଲା ଓ ନିଜର ଭୁଲ ପାଇଁ ଅର୍ଦ୍ଧ ଜିହ୍ୱା ପ୍ରସାରଣ କରି ତଟସ୍ଥ ହୋଇ ରହିଲେ ଦେବୀ। ଦୀପାବଳିର ଏଇ କାଳୀପୂଜାକୁ ନେଇ ଅନ୍ୟ ଏକ ମତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତଦନୁସାରେ ମହାକାଳୀ ହେଉଛନ୍ତି ମହାକାଳର ପ୍ରତୀକ। ପୁରାଣରେ ବର୍ଣ୍ଣିତ ଏପରି ଉପାଖ୍ୟାନକୁ ଶିଳ୍ପୀମାନେ ପ୍ରତିମୂର୍ତ୍ତି ମାଧ୍ୟମରେ ଫୁଟାଇ ପାରିଛନ୍ତି। ଆଉ ମଧ୍ୟ ସ୍ଥାନେ ସ୍ଥାନେ ଶିଳ୍ପୀବୃନ୍ଦ ଦେବୀଙ୍କର ଭୟଙ୍କର କଙ୍କାଳମୟ ଶରୀର, ଶିରମାଳା ବିଭୂଷଣ, ରକ୍ତପାତ ଧାରଣ, ଶ୍ମଶାନର ଦୃଶ୍ୟ ପ୍ରଭୃତି ଚମତ୍କାର ଭାବରେ ପ୍ରଦର୍ଶିତ କରିପାରିଛନ୍ତି। ଦେବୀଙ୍କର ଏପରି ରୂପକୁ ଚାମୁଣ୍ଡା ଆଖ୍ୟା ଦିଆଯାଇଛି।

ପୁରାଣ ଯୁଗରେ କାଳି ଉପାସନାକୁ କେନ୍ଦ୍ରକରି ଚାମୁଣ୍ଡା ଉପାସନାର ପ୍ରସାର ଘଟିଲା। ମାର୍କଣ୍ଡେୟ ପୁରାଣସ୍ଥ ଶ୍ରୀ ଶ୍ରୀ ଚଣ୍ଡୀପାଠରୁ ହୃଦବୋଧ ହୁଏ,

ଅମ୍ବିକା କୋପ କରିବାରୁ ତାଙ୍କ ଲଲାଟ ଦେଶରୁ ତତ୍‌କ୍ଷଣାତ୍ ଖଡ଼ଗଧାରୀ ପାଶହସ୍ତା, ଭୀଷର ବଦନା କାଳୀ ଆର୍ବିଭୂତା ହେଲେ। ସେହି କାଳୀ ହିଁ ଚାମୁଣ୍ଡା ଏବଂ ନରକଙ୍କାଳ ଧାରିଣୀ, ନରମୁଣ୍ଡମାଳିନୀ, ବ୍ୟାଘ୍ର ଚମ ପରିହିତା, ଅସ୍ଥିଚର୍ମ ଦେହା, ଅତିଭୟଙ୍କରୀ, ବିଶାଳ ବଦନା, ଲୋଳଜିହ୍ୱା, ରକ୍ତ ନୟନା ତଥା ଭୟପ୍ରଦା। ସପ୍ତଶତୀ ଚଣ୍ଡୀରେ ଦେବୀଙ୍କର ସ୍ତୋତ୍ରରେ ଉଲ୍ଲେଖ ଅଛି।

"ଦ୍ରଷ୍ଟ୍ରା କରାଳ ବଦନେ ଶିରୋମାଳା ବିଭୂଷଣେ
ଚାମୁଣ୍ଡେ ମୁଣ୍ଡ ମଥନେ ନାରାୟଣୀ ନମସ୍ତୁତେ।"

ଶ୍ରୀ ଶ୍ରୀ ଚଣ୍ଡୀ ବର୍ଣ୍ଣିତ ଆଖ୍ୟାନରୁ ପ୍ରମାଣିତ ହୋଇଛି, କାଳୀ ହିଁ ଚାମୁଣ୍ଡା। ହୃଦବୋଧ ହୁଏ, ମାର୍କଣ୍ଡେୟ ପୁରାଣ ରଚନା ସମୟକୁ କାଳୀପୂଜାର ବ୍ୟାପକ ପ୍ରସାର ଘଟିଥିଲା ଏବଂ ତତ୍ ସହିତ କାଳୀକା ଦେବୀ ଚାମୁଣ୍ଡା ନାମରେ ଖ୍ୟାତ ହେଲେ।

ଚାମୁଣ୍ଡା ମୂର୍ତ୍ତି ଭୈରବୀ ନାମରେ ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି। ଚଣ୍ଡୀ ପୁରାଣରେ ବର୍ଣ୍ଣିତ ଅଛି ଯେ, ଦୁର୍ଗା ରକ୍ତବୀଜ, କାନ୍ତିମାଳା, ବିଡ଼ାଲାକ୍ଷ, ବାରଘଣ୍ଟା ଏବଂ କାଳଦଣ୍ଡ ପ୍ରଭୃତିଙ୍କ ସହିତ ଯୁଦ୍ଧ କଲାବେଳେ କ୍ରୋଧାନ୍ୱିତ ହୋଇଥିଲେ। ବର୍ଣ୍ଣିତ ଅଛି-

"ନୟନକଟାକ୍ଷୀ ପୁଣି ଚାହିଁଲେ କ ଦେବୀ
ତକ୍ଷଣେ ନୟନୁ ଜାତ ହୋଇଲେ ଭୈରବୀ।"

ଶକ୍ତି ଉପାସନା ପ୍ରାୟ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇଥିଲେ ମଧ୍ୟ ତାନ୍ତ୍ରିକ ଭିତ୍ତିରେ ବିପୁଳ ପ୍ରସାର ଘଟିଥିଲା। ଭୌମ ଯୁଗରେ ତାନ୍ତ୍ରିକ ପୂଜାର ପ୍ରସାର ଘଟିଲା। ତନ୍ତ୍ର ଶାସ୍ତ୍ରରେ କାଳୀଙ୍କୁ ଆଦ୍ୟାଶକ୍ତି ମହାମାୟା ଉଲ୍ଲେଖ କରାଯାଇ ତାଙ୍କର ଆଠ ପ୍ରକାର ମୂର୍ତ୍ତିର ଉପାସନା ନିର୍ଦ୍ଧାରଣ କରାଯାଇଥିଲା। ତନ୍ମଧ୍ୟରୁ ଦକ୍ଷିଣା, ଭଦ୍ରା ଓ ଶ୍ମଶାନକାଳୀ ପ୍ରଭୃତି ବିଶେଷ ପ୍ରସିଦ୍ଧି ଲାଭ କରିଥିଲେ। ଗୌରବର କଥା, ଶାକ୍ତ ଓ ବୈଷ୍ଣବ ସଂସ୍କୃତିର ମହାମିଳନରେ ଶ୍ରୀଜଗନ୍ନାଥ ସ୍ୱୟଂ ଦକ୍ଷିଣ କାଳୀକା ନାମରେ ଅଭିହିତ ହେଲେ।

"ତାରା ଯନ୍ତ୍ରେ ପ୍ରକମ୍ପୟୋ ସୁଭଦ୍ରା ଭୁବନେଶ୍ୱରୀ
ଶ୍ୟାମାଯନ୍ତ୍ରେ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା।"

ଗୁପ୍ତ ଯୁଗରେ କାଳୀ ଉପାସନାର ଦିଗନ୍ତ ଉନ୍ମୋଚିତ ହୋଇଥିଲା। ସ୍ୱୟଂ ମହାରାଜା ବିକ୍ରମାଦିତ୍ୟ ଓ ତଦୀୟ ଭ୍ରାତ ଭଦ୍ରକାଳୀ ସାଧକ ଥିଲେ। ତତ୍‌କାଳୀନ ଭାରତର ଅନେକ ରାଜା, ମହାରାଜା ଓ ସମସ୍ତଙ୍କର ଇଷ୍ଟଦେବତା ଥିଲେ ମହାକାଳୀ। ଗୁପ୍ତ ଯୁଗ ପରେ ପରେ ଚାମୁଣ୍ଡା ଉପାସନାର ପ୍ରସାର ଘଟି ବିଭିନ୍ନ ସ୍ଥାନରେ ଚାମୁଣ୍ଡାଙ୍କ ପୀଠ ଓ ମନ୍ଦିର ସ୍ଥାପନ ହୋଇଥିଲା। ଯାଜପୁର ଅଞ୍ଚଳର ଚାମୁଣ୍ଡା ଉପାସନା ବିଶେଷ ପ୍ରସିଦ୍ଧି ଲାଭ କରଥିଲା। ଗୁପ୍ତ ଓ ପ୍ରାଚୀନ ଯୁଗରେ ପରେ ମଧ୍ୟ ଯୁଗରେ ସମସ୍ତ ଭାରତରେ ନୂତନ କାଳୀପୀଠ ମାନ ପ୍ରତିଷ୍ଠିତ ହେଲା। ଦିଲ୍ଲୀର କାଳୀମନ୍ଦିର, ମସୌରୀର ଚାମୁଣ୍ଡା ମନ୍ଦିର, କଲିକତାର କାଳି ମନ୍ଦିର ପ୍ରଭୃତି ଏହି ସମୟର କୀର୍ତ୍ତି। ଏହି ଯୁଗରେ ଭକ୍ତ ଚଣ୍ଡୀଦାସ, ସାଧକ କମଳାକାନ୍ତ, ସାଧକ ରାମ ପ୍ରସାଦ ପ୍ରଭୃତି କାଳୀଙ୍କର ଦିବ୍ୟସାଧକ ବୃନ୍ଦ କାଳୀ ଉପାସନାର ସହଜ ସରଳ ଧାରା ପ୍ରବର୍ତ୍ତନ କରାଇଥିଲେ। ବିଶେଷତଃ ସାଧକ ରାମକୃଷ୍ଣ ପରମହଂସ କାଳୀ ଉପାସନାକୁ ଭବ୍ୟ ରୂପ ପ୍ରଦାକ କରିଥିଲେ। ସପ୍ତଦଶ ଅଷ୍ଟାଦଶ ଶତାବ୍ଦୀରୁ ସାର୍ବଜନୀନ ମୃଣ୍ମୟୀ କାଳୀପୂଜା ଅନୁଷ୍ଠିତ ହୋଇ ଜଗଜ୍ଜନନୀ ମହାକାଳୀ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ସର୍ବଜନାରାଧ୍ୟା ହୋଇଗଲେ। ମହନୀୟତା ହେଉଛି, କାଳୀ ଉପାସନାର ଐତିହ୍ୟରେ ଶତାବ୍ଦୀ ଶତାବ୍ଦୀର ଆଧାତ୍ମିକ ଐକ୍ୟ, ସାଂସ୍କୃତିକ ଗୌରବ ଓ ସାର୍ବଜନୀନ ଆନନ୍ଦବୋଧ ସଂଚାରିତ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ଦୀପାବଳି ଦୀପ ଶିଖାରେ ରହିଛି ଅନେକ ଜାଗୃତି ଏବଂ ଆତ୍ମୋତ୍ସର୍ଗର ସୂଚନା। ଏହା ଏକ ଉଚ୍ଚ ସାଂସ୍କୃତିକ ପରଂପରା। ମାନବ ହୃଦୟରେ ପବିତ୍ର ଜ୍ଞାନାଲୋକ ପ୍ରଜ୍ଜ୍ୱଳିତ କରିବା ହିଁ ଦୀପାବଳି ପାଳନର ଯଥାର୍ଥତା। ପ୍ରକୃତପକ୍ଷେ ଦୀପାବଳି ହେଉଛି ପ୍ରତ୍ୟେକ ଭାରତୀୟ ନିମିତ୍ତ ସୌଭାଗ୍ୟ ଲକ୍ଷ୍ମୀ ପ୍ରାପ୍ତିର ମହୋତ୍ସବ।

*ସଂପାଦକ, ଉତ୍କଳ ସମ୍ମିଳନୀ ସମାଚାର,*
*ସାମରାଇପୁର, ଗେଲପୁର, ଭଦ୍ରକ*
*ପିନ୍- ୭୫୬୧୮୧*
*ଦୂରଭାଷ: ୯୬୬୮୪୫୮୩୦୫*

ସହାୟକ ଗ୍ରନ୍ଥସୂଚୀ :
୧. ମିଶ୍ର, ଅନ୍ତର୍ଯ୍ୟାମୀ। ଭାରତୀୟ ଧର୍ମ ଓ ସଂସ୍କୃତି
୨. ଉତ୍କଳ ପାଠକ ସଂସଦ। ଓଡ଼ିଶାର ପର୍ବପର୍ବାଣୀ, ଓଷାବ୍ରତ ଯାନିଯାତ୍ରା। ୧୯୯୪
୩. ମହାପାତ୍ର, ବୈକୁଣ୍ଠନାଥ। ସମୟ। ୧.୧.୨୦୦୪
୪. ଉତ୍କଳ ପ୍ରସଙ୍ଗ। ନଭେମ୍ବର, ୨୦୧୩
୫. ଝଙ୍କାର, ୪୭ ବର୍ଷ, ୭ମ ସଂଖ୍ୟା, ପୃ ୮୯୮
୬. ଶ୍ରୀ ଶ୍ରୀ ଚଣ୍ଡୀ, ସପ୍ତମ ଅଧ୍ୟାୟ, ମନ୍ତ୍ର ୬,୭,୮
୭. କାଳିକାପୁରାଣ, ୪୧/୪୭
୮. ମାର୍କଣ୍ଡେୟ ପୁରାଣ ।୮୭/୫
୯. ଲିଙ୍ଗ ପୁରାଣ। ୩୯/୭୨
୧୦. ବୃହନ୍ନୀଳ ତନ୍ତ୍ର ୪୨

# ବନ୍ଦ ଦରଜା

ମୂଳ ହିନ୍ଦୀ - ମହାବୀର ରାଜୀ
ଅନୁବାଦ - ନଗେନ୍ଦ୍ର ନାଥ ପଟ୍ଟନାୟକ

ପାଖାପାଖି ଦୁଇଟା ବାଜିଲା ବେଳକୁ ଲିଖିତ ପରୀକ୍ଷା ଶେଷ ହୋଇ ଯାଇଥିଲା । ପ୍ରତିଥର ଭଳି ଏଥର ବି ପରୀକ୍ଷା ଖୁବ୍ ଚମତ୍କାର ହୋଇଥିଲା । ଆଖିରେ ପରମ ତୃପ୍ତିର ଦ୍ୟୁତି ଝଲସି ଉଠୁଥିଲା । ହଲ୍‌ରୁ ବାହାରି ଆସି ବାରନ୍ଦା ଧରିଲା ବେଳକୁ ଲାଗିଲା ସତେ ଯେମିତି ଜଣେ ରୂପବତୀ ତରୁଣୀ ଦି ପାହୁଣ୍ଡ ବ୍ୟବଧାନରେ ଛିଡା ହୋଇ ତୀର୍ଯ୍ୟକ ଦୃଷ୍ଟି ନିକ୍ଷେପ କରୁଛି । ବାଙ୍କ ଚାହାଣିରେ ରୋମାଂଚିତ ହୋଇ ଭାରାକ୍ରାନ୍ତ ମନଟି ତାର କ୍ରମେ ଉଶ୍ୱାସ ହେଉଥିଲା । ସେତେବେଳେ ବିଗତ ତିନି ବର୍ଷର ପୁଂଜିଭୂତ ଅନୁଭୂତି ଆତଙ୍କିତ ମନ ମଧ୍ୟରେ ବିସ୍ଫୋରଣ କରି ତାଗିଦ୍ କରୁଥିଲା- ଟିକେ ଅଟକି ଯା ବଚ୍ଚୁ, ପ୍ରଥମେ ଦୃଷ୍ଟିପାତ କରି ଦେଖିନିଅ, ଆଗରେ କୌଣସି ଫୁଲଟେ ଫୁଟିଛି କି ନାହିଁ ।

ଆଗରେ ଫୁଲଟେ ଫୁଟି ଖିଲ୍‌ଖିଲ୍ ହସୁଥିଲା । ଗଳିରେ ଆଗ ମୋଡରେ ସାହେବଙ୍କ ମଧ୍ୟସ୍ଥି ସହିତ ଭେଟ ହୋଇଗଲା । ଏକପ୍ରକାର ମୂଳଚାଲ ମୁଦ୍ରାରେ କହିଲା - ଚାକିରି ଦରକାର, ଖୁବ୍ ଭଲ ।

-ହଁ ଖୁବ୍ ବଢିଆ, ଆପଣଙ୍କ ପରିଚୟ !

-ମୁଁ ଆମି ବାନାର୍ଜୀ... ସାହେବଙ୍କ ବେସରକାରୀ ବ୍ୟକ୍ତିଗତ ସହାୟକ । ମାନେ ଡ୍ରାଇଭର । ଏମିତିରେ ଆମ ସାହେବ୍ ଖୁବ୍ ସିଧାସାଦା, ସ୍ୱଚ୍ଛ ଭାବମୂର୍ତି । ବେଶ୍ ସହାନୁଭୂତିସମ୍ପନ୍ନ । ସାକ୍ଷାତକାର ଦିନ ରୋଜ୍ ଦୁଇଲକ୍ଷ ନଗଦ ରାଶିର ସୁଟ୍‌କେଶ୍ ନେଇ ଆସିବେ ଆଉ ନିଯୁକ୍ତିପତ୍ର ସାଙ୍ଗରେ ନେଇଯିବେ ବୋଲି ସାହେବ କହିଛନ୍ତି, ବୁଝିଲେ ତ !

ଏଥର ବାନାର୍ଜୀଙ୍କ ପାଳି । ଯା ପୂର୍ବରୁ ପାଳିଥିଲା ନାଗର,ଖାନ୍ନା, ଶ୍ରୀବାସ୍ତବ, ତିୱାରୀ, ମିଶ୍ରା ମାଝୀ ହେରିକାଙ୍କର । ଯିଏ ବି ଥାଆନ୍ତୁ ପଛକେ ସବୁରି ତୁଣ୍ଡରେ ଗୋଟିଏ କଥା - ନଗଦ ଟଙ୍କା ପଇସା ନ ଥିଲେ ଦୟା ଅନୁକମ୍ପା ନାହିଁ । ସାହେବ ଏ ବାବଦରେ ଭାରି କଠୋର । ଅଢେଇ ତିନି ଲକ୍ଷବାଲା ଛିଡା ହୋଇଛନ୍ତି ତୁମଠୁ ତ ବହୁତ କମ୍ ନିଆଯାଉଛି ।

ଚାକିରି ଆଶାୟୀ ପ୍ରାର୍ଥୀଙ୍କ ଭିଡ ଭିତରେ ହଜିଯାଇଥିଲା ବାନାର୍ଜୀ । ଓଠରେ ତାର ଘୋର ହତାଶଭାବ । ମୁଖମଣ୍ଡଳରେ ଉକୁଟି ଆସିଥିଲା ଶୁଖିଲା ହସ୍ୟରେଖା । ଭିତରେ ତାର ଭୟଙ୍କର ତୋଫାନ ବହି ଚାଲିଥିଲା । ସେଇ ଝଡ ଭିତରେ ତିନବର୍ଷ ଧରି ଚାକିରି ଖଣ୍ଡେ ପାଇଁ ପ୍ରାଣମୂର୍ଚ୍ଛା ଅକ୍ଲାନ୍ତ ପରିଶ୍ରମରେ ବେଦନାଭରା ସଂଘର୍ଷର ଗୋଟେ ଗୋଟେ ମୁହୂର୍ତ ଆଖି ପିଛୁଳାକେ ବିତି ଯାଇଥିଲା । କେତେ କେତେ ଲିଖିତ ପରୀକ୍ଷା ଦେଇଥିବ । ପୁଣି କେତେ ସାକ୍ଷାତକାର ମଧ୍ୟ । ଲିଖିତ ପରୀକ୍ଷା ଆଉ ସାକ୍ଷାତକାରର ଅଗ୍ନୀ ପରୀକ୍ଷାରେ ସଦାବେଳେ ଉତମ ପ୍ରଦର୍ଶନ । ତାପରେ ଦଶ ପାହୁଣ୍ଡ ଦୂରରୁ ଚାକିରି ପ୍ରତ୍ୟାଶୀ ରୂପବତୀର ଝଲକ ଯେମିତି ଦୃଶ୍ୟମାନ ହୁଏ ଆଖି ପିଛୁଳାକେ ଦୁଇ ଅଢେଇ ଲକ୍ଷର ସୁଟକେସ୍‌ର ପଥରଖଣ୍ଡ ଖସିପଡେ । ସବୁକିଛି ଫସର ଫାଟିଯାଏ ।

'ବଜ୍ଜାତ୍ ! ବ୍ୟାକ୍ ଟୁ ପେଭିଲିୟନ । ପ୍ରତିଥର ବି ଏମିତି ହେଉଛି ।' ସାଧନା ପୁଣି ଶୂନ୍ୟରୁ ଆରମ୍ଭ । ପୁନର୍ବାର ଆବେଦନ, ତା'ପରେ ଲିଖିତ ପରୀକ୍ଷା ଆଉ ଶେଷକୁ ସାକ୍ଷାତକାର । ମଧ୍ୟସ୍ଥିଙ୍କ ଜରିଆରେ ଦୁଇଲକ୍ଷ ଟଙ୍କା ଭର୍ତି ସୁଟକେଶ୍ ବେହିଆଙ୍କ ଭଳି ମାଗିବା । ବାସ୍ତବିକ ଚାକିରି ପାଇଁ ତାର ପ୍ରୟାସ ସୋପ୍ ଅପେରା ଭଳି ଚାଲୁଥିଲା ଯାହାକି କ୍ରମେ ଗଡି ଗଡି ଅନବଧି କାଳ ପାଇଁ ଚାଲୁ ରହୁଛି ।

ଆକ୍ରୋଶ ମୁଠାରେ କବଳିତ ହୋଇଥିଲା ବିବଶତା । ପ୍ରତିଟି କମ୍ପାନୀର ପ୍ରାର୍ଥୀ ଚୟନ ବୋର୍ଡରେ ମଧ୍ୟସ୍ଥିମାନେ କାହିଁକି କେଜାଣି ବିରାଜ କରିଛନ୍ତି କି ବିନା ଦି ଲକ୍ଷ ଭରା ସୁଟ୍‌କେସ୍‌ରେ ଖୁସ୍ ହେଉ ନାହାନ୍ତି । ଘରର ଯେମିତି ହାଲତ୍, ଲୁଗାପଟା, ହାଣ୍ଡି କରେଇ ବାସନ କୁସନ ସାଙ୍ଗକୁ ବଖୁରିଏ ଘରକୁ ନେଇ ଯନ୍ତ୍ରଣାଦାୟକ ସଂସାର । ସେତକ ସମ୍ବଳକୁ ବିକିଭାଙ୍ଗିଲେ ବି ଦଶ ହଜାର ବଡ଼ କଷ୍ଟରେ ଯୋଗାଡ଼ କରାଯାଇ ପାରିବ ।

ଦାମଦର ନଦୀ କଡରେ କୁମାରଧୋବୀ ଜନବସତି । ମାଂସ କଟାଳି ଓ ବିକ୍ରତାଙ୍କ ଇଲାକା । ଛେଳି, ବାରାହା ଆଉ କୁକୁଡାଙ୍କ ଫୁରକୁଟିଆ ଦୁର୍ଗନ୍ଧଯୁକ୍ତ ପରିବେଶ । ଟୁକୁଟା ଟୁକୁଟା ମାଂସଖଣ୍ଡ ଭଳି ଇଟାଭାଟି ଆଉ ଚିମିନିର ଅଛିଣ୍ଡା ଜାଲ ବିଛେଇ ହୋଇ ଠିଆ ହୋଇଥାଏ । ଆଗକୁ ଇତସ୍ତତଃ ଆଖି ପକେଇଲେ କଳା ହୀରା ଭରା ଧୂମିଳ ଖଣି ସବୁ ଦୃଷ୍ଟି ପଥାରୂଢ ହେଉଥିଲା । ପୁଣି ଆଗକୁ ଅଗ୍ରସର ହେଲେ ଧରିତ୍ରୀର ସଶକ୍ତ କାନ୍ଧରେ ସାହାର ଦେଇ ଉଠିଥାନ୍ତି ଛୋଟବଡ଼ ପାହାଡ଼ମାଳା ।

ମା ଗଂଠିବାତ ଜନିତ ଅସହ୍ୟ ଯନ୍ତ୍ରଣା ସତ୍ୱେ ବାବୁଭାୟା ଓ ସାହୁକାରଙ୍କ ଘରେ ଓଳାପୋଛା ଓ ବାସନକୁସନ ମଜାମଜି ଆଦି କାମ

ପାଇଟି କରନ୍ତି । ଏକୋଇଶ ବର୍ଷର ଛୁଟିକୀରକେବେଠୁ ପାଠପଢାରେ ଡୋରିବନ୍ଧା ସରିଥିଲା । ଦୁହେଁଯାକ ରେଲଲାଇନ୍ ଧାରଣା ଚାରିପଟେ ଇତସ୍ତତଃ ବିଛେଇ ହୋଇଥିବା କୋଇଲା ଗୁଣ୍ଡସବୁ ବାଛିବୁଛି ସାଉଁଟି ଆଣନ୍ତି। ବେଳେବେଳେ ମହେରୀଗିରି ବି ଥାଏ ମାଆ ସାଙ୍ଗରେ । ପଂଚଶଠି ବର୍ଷର ବାପା ରୋଜ୍ ସକାଳ ଛଟା ଚାଳିଶ ବେଳକୁ ସ୍ଥାନୀୟ ପାସେନଂଜର ଟ୍ରେନରେ ପଚାଶ କିଲୋମିଟର ଯାତ୍ରାକରି ଧାନବାଦ୍ ସହରର ଲେବର ଛକକୁ ଚାଲିଯାନ୍ତି ବିଗିଚା କାମ କରିବା ପାଇଁ। ସେଠି ଚଳିବା ପାଇଁ ଦି ବଖତ ଆହାର ଯୋଗାଡିବା କାଠିକର ପାଠ, ଦୁଇଲକ୍ଷ ଟଙ୍କା କଳ୍ପନା କରିବା ଆକାଶ କଇଁଆ ସଦୃଶ୍ୟ ।

ଭବନ ବାହାରକୁ ଆସିଛି କି ନାଇଁ ଟିଂ ଟିଂ ହୋଇ ବାଜି ଉଠିଲା ମୋବାଇଲ ଫୋନ୍‌ଟି । ଫୋନ କରିଥିଲା ଛୁଟିକୀ । ତା ସ୍ୱରରେ ଅଜଣା ଭୟ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଡରି ଛାନିଆ ହୋଇଗଲା ସେ । ଅଶୁଭ ଖବରଟେ ନିଶ୍ଚୟ ।

–ଜେଜେବାପା, ବାପାଙ୍କର ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି । ଧାନବାଦରୁ ଦୁଇଟି ଷ୍ଟେସନ ଆଗକୁ ପ୍ରଧାନଖାଣ୍ଡା ନିକଟରେ। ଟ୍ରାକ୍ ଉପର ଫିସ୍‌ପ୍ଲେଟ ବହୁ ଦୂରଯାଏ ନଥିବାରୁ ଛଟା ଚାଳିଶରେ ଛାଡ଼ିଥିବା ପାଂଚଟି ବଗିବିଶିଷ୍ଟ ସ୍ଥାନୀୟ ପାସେନଂଜର ଟ୍ରେନଟି ଲାଇନଚ୍ୟୁତ ହୋଇ ଓଲଟି ପଡିଛି । ସାମନାପଟୁ କ୍ଷୀପ୍ର ବେଗରେ ଛୁଟୁ ଆସୁଥିବା ମିଥିଳା ଏକ୍ସପ୍ରେସ ଧକ୍କା ଦେଇଥିଲା ବଗିଗୁଡିକୁ ।

ସେ ସ୍ତବ୍ଧ ତଟସ୍ଥ ହୋଇ ଥମ୍‌କିନା ଅଟକିଗଲା। ଆଖି ଆଗରେ ଅନ୍ଧକାର ପ୍ରସରି ଯାଇଥିଲା। ମୁଣ୍ଡ ଚକ୍କର କାଟିଲା । ଟଳମଟଳ ଅବସ୍ଥାରେ ପାଖ ଦୋକାନ ଲାଗି ଚାନ୍ଦିନୀ ଉପରେ ଲଥ୍‌କିନା ବସି ପଡ଼ିଲା। ସାମନାରେ ଚାପାକଳ । ଟିକିଏ ପରେ ଚାପାକଳ ପାଖକୁ ଯାଇ ଆଂଜୁଳାଏ ଥଣ୍ଡାପାଣି ନେଇ ମୁହଁରେ ଛାଟିଲା । ପାଣି ଛିଟିକାର ଶୀତଳତା ଅନ୍ତର୍ମନର ଉଷ୍ଣତାକୁ କଂଚିତ ମାତ୍ରାରେ ପ୍ରଶମିତ କରିଥିଲା । ଓହୋ ! ଦୁର୍ଘଟଣା ସମୟରେ କି ହୃଦୟ ବିଦାରକ ଓ ଲୋମଟାଙ୍କୁରା ଦୃଶ୍ୟ ବୋଲି ଭାବିଲା ବେଳେ ମୁହଁରେ କୁଂଚିତ୍ ରେଖା ଉକୁଟି ଆସୁଥିଲା । ଭାଗ୍ୟ ଭଲ, ଡାକ୍ତରୀ ପରୀକ୍ଷା ଧାନବାଦ୍‌ରେ ହୋଇଗଲା । କିନ୍ତୁ ଡାକ୍ତରଖାନାଟି ଥିଲା ମଧ୍ୟବର୍ତୀ ଷ୍ଟେସନଠୁ ବହୁ ଦୂରବର୍ତୀ ଉତରମୁଖୀ ଇଲାକାର ଶେଷ ମୁଣ୍ଡରେ ।

ଧାଁ-ଦଉଡ କରି,ଏକାଧିକ ବସ୍ ପରିବର୍ତ୍ତନ କରି ସେଂଟ୍ରାଲ ହସ୍‌ପିଟାଲରେ ପହଁଚିବାରେ ଲାଗି ଯାଇଥିଲା ତିନିଘଂଟା। ଟ୍ରେନ୍ ଦୁର୍ଘଟଣାରେ ମୃତାହାତ ଯାତ୍ରୀ ନିଶ୍ଚଳ ଓ ନିଷ୍ପନ୍ଦ ଭାବେ ଶଯ୍ୟାଶାୟୀ ଥିଲେ। ଉକ୍ରଟ ବ୍ୟାଧିଗ୍ରସ୍ତ ରୋଗୀ ଅତ୍ୟନ୍ତ ଦୟନୀୟ ଭାବେ ପଡ଼ି ରହିଥିଲେ ହସ୍ପିଟାଲସାରା। ବୁକୁଫଟା ଚିତ୍କାର, ବିକଳ ରୋଦନ ଓ ବନ୍ଧୁ ପରିଜନ ଆତ୍ମୀୟ ସ୍ୱଜନଙ୍କ ସୁଁ ସୁଁ ଗୁମୁରି ଗୁମୁରି କାନ୍ଦଣା ଭାସି ଆସୁଥିଲା ଚାରିଆଡ଼ୁ। ଡାକ୍ତରଖାନାରେ ଖଚାଖଚ ଗହଳି। ସୋରିଷ ମୁଠେ ପକେଇବାକୁ ଜାଗା ଟିକେ ନ ଥିଲା । ପଚାରି ବୁଝିବା କାଉଂଟର ଆଗରେ ମଧ ପ୍ରବଳ ଗହଳି। ବହୁତ ଚେଷ୍ଟା ପରେ ଠିକଣା ମିଳି ପାରିଥିଲା ବାପାଙ୍କର ।

ଡାକ୍ତରଖାନା ତିନିମହଲାର ଜେନେରାଲ ୱାର୍ଡରେ ବେଡ୍‌ର ଅଭାବ ହେତୁ ତାଙ୍କୁ ଚଟାଣରେ ଲେପେଟଇ ଦିଆଯାଇଥିଲା ଅଚେତ ଅବସ୍ଥାରେ। ଦେହ ଗୋଟାକଯାକ ଗଭୀର କ୍ଷତବିକ୍ଷତ। ହାତ ପାପୁଲି ଆଉ ନାକ ମୁହଁରେ ଅକ୍ସିଜେନ ସାଲାଇନ୍‌ର ଲମ୍ବାନଳୀ। ବାମ ପାଦରେ ମୋଟା ପଟିରେ ଆବୃତ। ଖଣ୍ଡିଆଖାବରା ଦେହସରା ପଟି ଆଉ ନଳୀ ସବୁର ଛନ୍ଦାଛନ୍ଦୀ ଓ ଯୋଡ଼ାଯୋଡ଼ି ଗୁଡ଼ିକୁ ଲକ୍ଷକଲାରୁ ଭିତରଟା ଦୁଃଖ ବିଷାଦରେ ବିଦୀର୍ଣ୍ଣ ହେଲା ଭଳି ଲାଗେ। ଠିକ୍ ସେତିକିବେଳେ ଡାକ୍ତର ଆସୁଥିବା ଦେଖିବାକୁ ମିଳିଲା। ରାଜନେତାଙ୍କ ଭଳି ଖଦଡ କନାର କୁର୍ତା ଆଉ ପାଇଜାମା ପିନ୍ଧା ଯୁବକଟି ଉପରେ ଦୃଷ୍ଟିପାତ କରି ଡାକ୍ତର ନିଜକୁ ଟିକେ ଅସହଜ ବୋଧକଲେ। ସରି ସାର୍ ! ବେଡ୍‌ର ଅଭାବ ହେତୁ ଚଟାଣରେ ଲେପଟେଇବାକୁ ପଡିଛି। କିନ୍ତୁ ଚିକିତ୍ସା ଏକଦମ୍ ଠିକ୍‌ସେ ଚାଲିଛି ।

–ଏ ରୋଗୀ ଜଣକ ମୋର ବାପା, ଡାକ୍ତରବାବୁ ।

–ହାଲତ୍ ଅତ୍ୟନ୍ତ ଗୁରୁତର, ଅବୟବର ଅଧିକାଂଶ ଅଂଶ କ୍ଷତବିକ୍ଷତ। ଲୁହାଛଡି ଭର୍ତି ହୋଇଛି ଗୋଡ଼ ଭିତରେ । ଓଟିର ବ୍ୟବସ୍ଥା କରଯାଉଛି ।

ଅସ୍ତ୍ରୋପଚାର, ଅସ୍ତ୍ରୋପଚାର ନାଆଁ ଶୁଣିବା ମାତ୍ରେ ତା ମନରେ ଛନକା ପଶିଗଲା। ଭୟ ସଂଚରିଗଲା ଦେହସାରା ।

– ଆଉ କିଛି ବିକଳ୍ପ ନାହିଁ, ସାର୍। ବଡ଼ ଧରଣର ଅସ୍ତ୍ରୋପଚାର ।

ବୁଢା ଲୋକଟା ବିଚରା ।, ସହଜେ ତ ତାର ନିଜୋରିଆ ଦେହ । ଅପରେସନ ଜନିତ ଅସହ୍ୟ ବେଦନା ଭୋଗିପାରେ। ଏଇ ଚିନ୍ତାରେ ସେ ବିଚରା ଆକ୍ରାମାକ୍ରା। ଖାଲି ଜୀବନ ଆଉ ମୃତ୍ୟୁ ମଧ୍ୟବର୍ତୀ ଅବସ୍ଥା ବୁଝିବା ହିଁ ସାର ।

ଏଗାରଟା ବାଜିଲା ବେଳକୁ ପାପାଙ୍କୁ ନିଆ ଯାଇଥିଲା ଓଟି ଭିତରକୁ। ଓଟି ଦରଜା ବନ୍ଦ ହୋଇଥିଲା । ମୁଣ୍ଡ ଉପରେ ଲାଲ କଲିଂ ବେଲଟି ଦପ୍‌ଦପ୍ ହୋଇ ଜଳୁଥିଲା । ବଡ଼ ଆକାରର ଶୈଲ୍ୟ ଅସ୍ତ୍ରୋପଚାର, ବହୁତ ସମୟ ଲାଗିବ । । ଖାଲି ପ୍ରତୀକ୍ଷା ଆଉ ପ୍ରତୀକ୍ଷା । ଅପେକ୍ଷାମାଣ ଜନିତ ଶ୍ୱାସରୁଦ୍ଧ ଅବସ୍ଥାର ଲାଘବ ପାଇ ପଦଚାରଣ କରି କରି ଡାକ୍ତରଖାନାରୁ ପଦାକୁ ବାହାରି ଆସିଲା। ବାହାରେ ବି ପରିବେଶ ଗମ୍ଭୀର। ଭିତରର ଅମା ଅନ୍ଧକାର ରାତ୍ରୀର କାଳି ସ୍ୟାହିର ଗାଢ଼ତା ଭୀତିପ୍ରଦ ଭଳି ମନେ ହେଉଥିଲା ଦୃଶ୍ୟପଟ। ପ୍ରଥମେ ହତାଶଭରା ଉତେଜନା ପ୍ରସରି ଯାଇଥିଲା, ତା ଉପରେ ପୁଣି ଚିକିତ୍ସା ଓ ଶୁଶ୍ରୂଷାର ଖର୍ଚ୍ଚ ।

ଫାଟକ ପାଖରେ ଚାହା ଗୁମୁଟି । କପେ ଚାହା ଦିଅ କହି ବେଂଚ ଉପରେ ଲଥ୍‌କିନା ବସି ପଡିଲା। କାଉଂଟର ପାଖରେ ଟିଭି ରଖାଯାଇଥିଲା। ପ୍ରସାରଣ ହେଉଥିଲା ସମାଚାର। ଚାହା ସୁଡୁକାଏ ସୁଡୁକାଏ ପିଇ ଅନ୍ୟମନସ୍କ ଭାବେ ସମାଚାର ଶୁଣିବାରେ ଲାଗିଲା। ବଡ଼ବଡ଼ ରାଜନେତାଙ୍କ ଗୋଡ ଟଣାଟଣି ଓ ଖାଁ ଖାଁ କାଶ ଛିଙ୍କ ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ରେଳ ଦୁର୍ଘଟଣାର ଟିକିନିଖି ସମ୍ବାଦ ପବନରେ ପହଁରୁଥିଲା । ଦୁର୍ଘଟଣାର ଭୟାବହତାକୁ ନେଇ ରେଳମନ୍ତ୍ରୀ ଉପରେ ଉପରେ ଭାସୁଥିଲେ। ଉଚ୍ଚସ୍ତରୀୟ ତଦନ୍ତ କମିଶନ ଗଠନ ଗୋଟେ ନିତ୍ୟ ନୈମିତିକ ରୁଟିନବନ୍ଧା ଘୋଷଣା। ଦୋଷୀଙ୍କୁ କଠୋର ଶାସ୍ତି ଦିଆଯିବାର ପ୍ରବୋଧନା। ଶେଷକୁ ସରକାରଙ୍କ ତରଫରୁ ଦୁର୍ଘଟଣାରେ ଗୁରୁତର ଭାବେ ଆହତଙ୍କ ପରିବାର ଜନଙ୍କୁ ପଚାଶ ହଜାର ଲେଖାଏଁ ଆଉ ମୃତକଙ୍କ ପରିବାରକୁ ଅଢେଇ ଲକ୍ଷ କ୍ଷତିପୂରଣ ବାବଦକୁ ପ୍ରଦାନ କରିବା ପାଇଁ ନୀତିଗତ ନିଷ୍ପତି ।

ସେ କିଂକର୍ତବ୍ୟ ବିମୂଢ଼ ହୋଇ ଯାଇଥିଲା। ଅକ୍ସିଜେନ ଓ ସାଲାଇନର ସରୁଆ ନଳୀ ଗୁଡ଼ିକରେ ଆଚ୍ଛାଦିତ ପାପାଙ୍କ ନିର୍ବଳ କଳେବର ଆଖି ଆଗରେ ଭାସିଉଠିଲା। ଅଶକ୍ତ ଅବୟବ ଉପରେ ଗମ୍ଭୀର ଅପେରସନ ଚାଲୁଥିଲା। କିଛି ବି ଅଘଟଣ ଘଟିଯିବାର ଆଶଙ୍କା ବ୍ୟକ୍ତ କରିଥିଲେ ଡାକ୍ତରବାବୁ । ଆଖି ହଳକରେ କ୍ଷଣିକ ଚମକ ଖେଳିଗଲା। ମନରେ ଅଢ଼େଇ ଲକ୍ଷ ଅର୍ଥରାଶି କ୍ଷତିପୂରଣ ମୟୂରୀ ପୁଚ୍ଛ ମେଲାଇଲା ଭଳି ନାଚିବାକୁ ଲାଗିଲା । ସେ ବିଚରା ଓଟି ଆଡେ ଧାଉଁଥିଲା। ପଦପାତରେ ଥରିଥରି ଉତେଜନା ମିଳେଇ ଯାଉଥିଲା। ନିଭୃତ ଅଭ୍ୟନ୍ତରରେ ଲାଗଲାଗ୍ ଅସଫଳତାରେ ଆକ୍ରାମାକ୍ରା ହେଉଥିବା ଆତ୍ମବିଶ୍ୱାସ ସଂଶ୍ଳେଷିତ ପ୍ରକ୍ରିୟାରେ ଲାଗି ଯାଇଥିଲା। ଚାକିରି ପ୍ରତ୍ୟାଶୀ ରୂପବତୀ ତରୁଣୀ ଦଶ ପାହୁଣ୍ଡ ଦୂରରୁ ପ୍ରକଟ ହୋଇ ତେରଛା ଚାହାଣି ଫିଙ୍ଗିବାକୁ ଲାଗିଲା ।

ଦୁଇ ଦୁଇଟା ଶିଡି ଅତିକ୍ରମି ଓଟିର ନିକଟବର୍ତୀ ହେଲା ବେଳକୁ ଶ୍ୱାସନଳୀ ଫୁଲି ଯାଇଥିଲା। ଦରଜା ବନ୍ଦ ହୋଇଥିଲା। ଦରଜା ମୁଣ୍ଡ ଉପରେ ଲାଲ ବଲବ୍‌ଟି ଜଳୁଥିଲା । ହାତ ମଳିମଳି ଯାଇ ଲଥିକିନା ବସି ପଡିଲା ବେଂଚ ଉପରେ । ଉତେଜନାରେ ଥରୁଥିବା ଆଖି ଯୋଡିକ ବନ୍ଦ ଥିବା ଦରଜା ଓଟି ଦରଜା ଉପରେ ଲାଖିଗଲା ।

ସେ ସମୟରେ ଆଖି ପତା ଲାଗିଯାଏ। ଓଟିର ବନ୍ଦ ଦରଜାଟି ବିରାଟ ପରଦାରେ ପରିଣତ ହୋଇଯାଏ। ପରଦା ଉପରେ ଅତୀତର କିଛି ଡଲଫିନ ଭଳି ନାଚୁଥାନ୍ତି ।

ଅଢ଼େଇ ବର୍ଷର ବାବୁ ବୋଇଲେ ପିଲାଟି। ଶହେ ଏକ ଜ୍ୱରରେ କମ୍ପୁଛି। ବିକଳରେ ରଡ଼ି ଛାଡୁଥିବା ବାବୁକୁ ଛାତିରେ ଜଡ଼େଇ ଧରି ରାତିସାରା ଅନିଦ୍ରା ରହି ରାତି କାଟିନ୍ତି ପାପା। ବାବୁକୁ କାନ୍ଧରେ ବସାଇ ଦଶହରା ମେଳା ବଡ ଆଗ୍ରହରେ ବହୁତ ସମୟ ବୁଲେଇ ଦେଖାଉଥିଲେ ପାପା । ସ୍କୁଲ କଲେଜ ଯିବା ସମୟରେ ବାବୁ ଗୋଡରେ ଯୋତା ମୋଜା ଓ ୟୁନିଫର୍ମ ଯୋଗାଡିବା ଦାୟରେ ସେ ନିଜର ଅତି ଆବଶ୍ୟକତାକୁ କୋଣଠେସା କରି ଦିଅନ୍ତି ବାପା । ଗୋଟିଏ ଯୋଡିଏ ଧୋତି ଓ କୁର୍ତା ଓ ଚପଲରେ କାମ ଚଳେଇ ଦିଅନ୍ତି ପାପା । ବୋର୍ଡ ପରୀକ୍ଷା ଫିସ୍ ଯୋଗାଡ ନ ହେଲାରୁ ବାବୁର ଫର୍ମ ପୂରଣ ହୋଇ ପାରୁ ନଥିଲା । ଆପଣ ଧାର କରଜ କରି ବାବୁର ଫିସ୍ ଦାଖଲ କରିଥିଲେ ସାହେବଙ୍କ ଆଗରେ। ବାବୁର ବର୍ଷଟେ ବରବାଦ ହୋଇଯିବ । ମୁଁ ଆଗାମୀ ମାସରେ ଯେକୌଣସି ଉପାୟରେ ଆପଣଙ୍କ ପଇସା ଫେରସ୍ତ କରିଦେବି ହଜୁର କହି ସାର୍‌ଙ୍କ ପାଦତଳେ ମଳିଛିଆ ଗାମୁଛାକୁ ସଅଁପି ଦିଅନ୍ତି ପାପା । ବାବୁର ଚାକିରି ଅନ୍ୱେଷଣ ମହାଯଜ୍ଞରେ ଦେବଦେବୀଙ୍କୁ ମନାସି ପୂଜାବ୍ରତ କରି ଆରତି କରନ୍ତି, ପାପା ।

ବାବୁ ମାନେ ସିଏ। ମାମା ଯାହାକୁ ରାଜାବାବୁ କହନ୍ତି। ତାହେଲେ ପାପା ବୃଦ୍ଧାବସ୍ଥାର ଲାଠି । ଅନାୟାସରେ ମନଟା ବିଚଳିତ ହେଉଥିଲା। ବାଲ୍ୟକାଳ ଆଉ କିଶୋର ଅବସ୍ଥାର ଢେର ସ୍ମୃତି ଉଙ୍କିମାରି ବର୍ତମାନକୁ ଉଦ୍‌ବେଳିତ କରୁଥିଲା। ପାପାଙ୍କ ପୀଡା ଅନୁଭବରେ ମନଟା ଦୁଃଖ ବିଷାଦରେ ଭରି ଯାଉଥିଲା। ଏବେ ପରଦା ଉପରେ ଦୃଷ୍ଟି ସ୍ଥିରଥିଲା।

ଓଟି ଶ୍ମଶାନ ଭଳି ନିର୍ଜନ, ଖାଁ ଖାଁ ଲାଗୁଥିଲା । ଅଷ୍ଟବକ୍ର ଟେବୁଲ ଉପରେ ଚିତ୍‌ହୋଇ ଅଜାଡି ହୋଇଥିଲା ପାପାଙ୍କ ନିଃସାଡ ଶରୀର । ସେ ଛିଡା ହୋଇଥିଲା ପାପାଙ୍କ କଡକୁ ଲାଗିକରି । । ପାପା ଥୁରୁଥୁରୁ କମ୍ପିତ ଓଠରେ କହୁଥିଲେ–କ୍ଷତିପୂରଣ ଟଙ୍କା ନେଇଯାଉଛୁ, ବାବୁ। ହାତ ଆଙ୍ଗୁଳି ଧରି ଚାଲିବା ଶିଖାଇ ଥିଲି ନା । ଏବେ ଚାଲିବା ପାଇଁ ଶକ୍ତ ଭୂଇଁ ବି ଦେଉଛି ।

ଏପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ସ୍ଖଳିତ ହୋଇଯାଉଛି। କ୍ଷତିପୂରଣ କଥା ମନରୁ କେବିଠୁ ଅପସରି ଯାଇଥାଏ। ପାପାଙ୍କ ମନ ବାତ୍ସଲ୍ୟ ମମତା ଫୁଆରରେ ଭିଜି ଯାଉଥିଲା। ପାପାଙ୍କ ହାତକୁ ହାତରେ ଧରି ସୁଉଁ ସୁଇଁ କାନ୍ଦି କହିଲା– ନାଇଁ ପାପା, ନାଇଁ। ସତରେ ମୋର ଚାକିରି ଖଣ୍ଡେ ଦରକାର, କିନ୍ତୁ ଆପଣଙ୍କ ଜୀବନ ମୂଲ୍ୟ ବିନିମୟରେ ନୁହେଁ। ଆପଣଙ୍କ ବରଦମୁଦ୍ରାର ଛତ୍ରଛାୟା ଚାକିରି ଅପେକ୍ଷା କେତେ ଯେ ମୂଲ୍ୟବାନ ମୋ ପାଇଁ। ଆପଣଙ୍କ କିଛି ହେବନାହିଁ। ଜୀବନ ସଂଘର୍ଷ ଆଉ କିଛିଦିନ ପ୍ରଲମ୍ବିତ ହେଉ ଖାତିର ନାହିଁ। ଯେତେବେଳେ ହେଇ ତାର ଅନ୍ତ ଘଟିବ ନିଶ୍ଚୟ। କେବେ ତ ଚାକିରି ଖଣ୍ଡେ ହାତକୁ ଆସିବ। ନିଜର ଲାଠିକୁ ଦୃଢ ଭାବରେ ଥାପିଲେ ଅଲବତ୍ ଚାକିରି ମିଳିବ ।

ଠିକ୍ ସେତିକିବେଳେ ମନଟା ତାର ବିଷେଇ ଗଲା ଏବଂ ହୃଦୟଟା ଫାଟି ପଡିଲା ଭଳି ଲାଗିଲା। ଆଖି ମେଲି ଚାରିଆଡକୁ ନିରୀକ୍ଷଣ କଲା। ବନ୍ଦ ଥିଲା ଓଟିର ଦରଜା। ମୁଣ୍ଡବ୍ୟଥା ଏବେ ବି ଥିଲା ମନରେ। ସେଠାରେ ପାପାଙ୍କୁ ନିରାପଦରେ ଦେଖିବାରେ ଖୁସୀର ମୃଦୁମନ୍ଦ ହିଲ୍ଲୋଳ ଉଠୁଥିଲା। ଉତେଜନାରେ ଦ୍ୱାରଦେଶ ପର୍ଯ୍ୟନ୍ତ ଚାଲି ଆସିଲା। ସେ ସମୟରେ ଦରଜା ଟିକେ ଖୋଲା ଥିଲା। ସହାୟକଙ୍କ ଘେର ଭିତରୁ ଡାକ୍ତରବାବୁ ଆବିର୍ଭାବ ହେଲେ ।

–ଡାକ୍ତର! ପାପା ... ପୁଣି କଣ କହିବାକୁ ଯାଉଛି ଗଳା ରୁନ୍ଧି ହୋଇଗଲା ।

– ରିଲାକ୍ସୟଙ୍ଗ୍ ମ୍ୟାନ୍, ତୁମ ପାପା ବିପଦମୁକ୍ତ

ଡାକ୍ତରବାବୁଙ୍କ ତୁଣ୍ଡରୁ କଥା ପଦକ ଶୁଣିବା ମାତ୍ରେ ସେ ତାଙ୍କର ପେଶୀବହୁଳ ବାହୁକୁ ଜଡେଇ ଧରି କୃତକୃତ୍ୟ ହୋଇ ଯାଉଥିଲା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର*
*ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

# ମଧ୍ୟବର୍ଗର କୁକୁର

ମୂଳହିନ୍ଦୀ – ହରିଶଙ୍କର ପରସାଇ
ଅନୁବାଦ: ଡଃ କିଶୋର ମହାନ୍ତି

ମୋ ବନ୍ଧୁଙ୍କର ଗାଡି ଗେଟ୍ ଭିତରକୁ ପ୍ରବେଶ କଲା। ବଙ୍ଗଲୋ ଭିତରକୁ ଗୋଡ ପଡିଛି କି ନାହିଁ ମୁଁ ପଚାରିଲି ଏଠି କୁକୁର ନାହାନ୍ତି ତ ? ବଂଧୁ ମୋର କହିଲେ – "ତୁମର କୁକୁରକୁ ଭାରି ଭୟ ନା।" ମୁଁ କହିଲି – " ମଣିଷ ରୂପରେ କୁକୁରକୁ ମୁଁ ଡରେ ନାହିଁ। ଯେମିତି ହେଲେ ମୁଁ ତାକୁ କାବୁ କରିନେଇଥାଏ। କିନ୍ତୁ ପ୍ରକୃତ କୁକୁର ଯିଏ ତାକୁ ମୋତେ ବହୁତ ଭଲ ଲାଗେ।"

ଯୋଉ ଘରେ କୁକୁର ଅଛି ନା ମୋତେ ଆଦୌ ସେ ଘର ଭଲ ଲାଗେ ନା। ଯେଉଠି ସେମିତିକା ଘର କୁ ଯାଅ। ପ୍ରଥମେ ଭଦ୍ର ସହକାରେ କୁକୁର ଯେମିତି ହେଲେ ଭୁକି ସ୍ୱାଗତ ଜଣାଇବ। ନିଜ ସ୍ନେହରେ ନମସ୍ତେ କର ବା ନକର ପ୍ରଥମେ ସେ ଗାଳି ବର୍ଷଣ କରି ଦେଇଥିବ। " କାହିଁକି ଏଠିକି ଧରିଛୁ ବେ – ତୋ ବାପର ଏ ଘର ? ପଳା ଏଠୁ। ଏମିତି କେତେ କଣ ? ପୁଣି କୁକୁର କାମୁଡାକୁ ବି ଭାରି ଡର।

ଚାରିଥର କାମୁଡ଼ିଲେ ତ ଗଲା ଚଉଦ ଥର ଇଂଞ୍ଜେକ୍ସନ୍। ଡାକ୍ତର ପେଟରେ କେଞ୍ଚି ଦେବେ। ଏମିତିରେ ବି କିଛି ଲୋକ କୁକୁର ଭଳି ଅଛନ୍ତି। ଖୁବ୍ ବିଷାକ୍ତ। ଜଣେ ପରିଚିତ ବଂଧୁଙ୍କୁ କୁକୁର କାମୁଡି ଦେଇଥିଲା। ମୁଁ କହିଲି – ତାର କିଛି ହେବନି। ହାଲଚାଲ କଣ ସେ କୁକୁରକୁ ପଚାରି ଆଉ ଇଞ୍ଜେକ୍ସନ୍ ତାକୁ ଲଗା।"

ଜଣେ ନୂଆ ବଂଧୁ ଜଣକ ତାଙ୍କ ଘରକୁ ଚା' ପିଇବାକୁ ମତେ ଡାକି ଥିଲେ। ମୁଁ ତାଙ୍କ ଘର ପାଖରେ ପହଞ୍ଚିଛି ଯେମିତି ଗେଟ୍‌ରେ ହେଇଛି। ଲେଖାଅଛି ସେ ପ୍ଲେଟ୍‌ରେ "କୁକୁର ପ୍ରତି ସାବଧାନ" ମୁଁ ସେଠୁ ହଠାତ୍ ଡରି ମୁହଁ ବୁଲାଇ ସେଠୁ ଫେରି ଆସିଲି।

କିଛି ଦିନ ପରେ ଯେବେ ସେ ବଂଧୁ ମୋର ଦେଖା ହେଲେ ମତେ ପଚାରିଲେ – ଆପଣ ସେଦିନ ଚା' ପଇବାକୁ ଆସିଲେନି ତ ? ମୁଁ ଉତ୍ତର ଦେଲି – "କ୍ଷମା କରିବେ ମୁଁ ଘର ଯାଏ ଯାଇଥିଲି। ସେଠାରେ ଲେଖାଥିଲା "କୁକୁର ପ୍ରତି ସାବଧାନ।" ମୁଁ ଜାଣିଥିଲି ଏଠି ଲୋକମାନେ ରହୁଛନ୍ତି। କିନ୍ତୁ ନେମ ପ୍ଲେଟ କୁକୁରର ଟଂଗା ହେଇଛି। ବିଚିତ୍ର କଥାଇଏ। ଏମିତି କିଛି କିଛି ଲୋକ ବି କୁକୁର ଠାରୁ ବେଇମାନ ବି ଅଛନ୍ତି।

ମାର୍କ ଟ୍ୱିଇକ୍ ଲେଖିଛନ୍ତି – ଆପଣ ଯଦି ଭୋକିଲା କୁକୁରକୁ ରୁଟି ଖାଇବାକୁ ଦେବେ ସେ ଆପଣଙ୍କୁ କାମୁଡିବ ନାହିଁ। କୁକୁର ଓ ମଣିଷ ଭିତରେ ଏହି ବିଶେଷ ଫରକ।

ଜଣେ ବଂଧୁଙ୍କ ଘରେ ମୋର ତିନିଦିନ ରହିବାର ଥିଲା। ମୋ ବଂଧୁ ଘଣ୍ଟି ଯେମିତି ବଜାଇ ଦେଲେ ଜାଲି ଭିତରୁ ଭୋ ଭୋ ବିଲେଇ ଶବ୍ଦ ଆସିଲା। ମୁଁ ଦି'ପାଦ ପଛକୁ ହଟିଗଲି। ଆମର ବଂଧୁ ଗୃହକର୍ତ୍ତା ଆସିଲେ, କୁକୁରକୁ ବଡ ପାଟିରେ ଗାଳି କଲେ– "ଟାଇଗର ହେ, ଟାଇଗର" – ତାର ଅର୍ଥ ଥିଲା।

ବାଘ, ଏ ଲୋକ କେହି ଚୋର କି ଡାକୁ ନୁହଁନ୍ତି। ତୁ ଏତେ ବାହାଦୂରୀ ଦେଖାନି ବା।"

କୁକରଟା ଜଂଜିରରେ ବଂଧା ହେଇଥିଲା। ସେ ଦେଖି ଦେଇଥିଲା କି ଆଗକୁ ତା ମାଲିକ୍ ନିଜେ ସାଥିରେ ଭିତରକୁ ନେଇ ଯାଉଚି। ତଥାପି ସେ ଭୁକୁଥିଲା। ମୁଁ ତା ପାଖ ଦେଇ ଡରରେ ଦୌଡ଼ି ପଳାଇଲି ଭିତରକୁ। ମୁଁ ଭାବି ଦେଲି ଇଏ ଉଚ୍ଚବର୍ଗୀୟ କୁକୁର। ଏମିତି ତ ଉପରୁ ଲାଗୁଥିଲା। ମୁଁ ଉଚ୍ଚବର୍ଗଙ୍କୁ ବେଶ୍ ସମ୍ମାନ କରେ। ମନେକର ସେ କୁକର ହେଉ, ସେ ଘରେ ମୋର ଅଜବ ପରିସ୍ଥିତି। ମୁଁ ଚିନ୍ତାଗ୍ରସ୍ତ ଥିଲି। ଏହି ଆଘାତ ଭିତରେ ଗୋଟାଏ ଉଚ୍ଚବର୍ଗୀୟ କୁକୁର ଆଉ ତା ଭିତରେ ମୁଁ ....। ସେ ମୋତେ କେମିତି ଘୃଣାରେ ଚାହିଁ ରହୁଥିଲା।

ସଂଜରେ ଆମେମାନେ ଘର ଆଗ ଲନ୍‌ରେ ବସିଥିଲୁ। ଚାକରଟି ଲନ୍‌ର ଚାରି କଡରେ ତାକୁ ବୁଲାଉଥିଲା। ମୁଁ ଦେଖିଲି ବାହାରେ ଫାଟକ ପାଖରେ ଚମ ଧୁଡୁଧୁଡୁ ଗଂଧରା କୁକୁର କେଇଟା ଆସିଯାଇଥିଲେ।

ଜଣାଯାଉଥିଲା, ସେମାନେ ବୁଲା କୁକୁର ଥିଲେ। ସେ ସେଇ କୁକୁରଗୁଡାଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା। ପୁଣି ଏଠି ସେଠି ମୁହଁ ମାରି ଚାଲି ଆସିଲା। ସେଠୁ ବାହାର କୁକୁର ତାକୁ ଦେଖି ପଳାଇ ଯାଉଥିଲେ। ଗୃହକର୍ତ୍ତା ବଂଧୁ ମୋର କହିଲେ ଏ ଏମିତି ଘଟେ। ଘଟିବାଟା ସ୍ୱାଭାବିକ।

ପ୍ରତିଦିନର ଦେହଘଷା ଘଟଣା ଯେତେବେଳେ ତାଙ୍କ କୁକୁର ବାହାରକୁ ଫିଟେ। ଏ କୁକୁର ତାକୁ ଦେଖି ସେମିତି ରହିଯାନ୍ତି।

ମୁଁ କହିଲି – ସେମାନେ ଆଳୁ ଦେଖି ଭୁକିବା ଉଚିତ ନୁହେଁ। ତା ବେକରେ ପଟ୍ଟି ଓ ଜଂଜିର ଲାଗିଛି। ସେ ସୁବିଧା ଭୋଗୀ। ସେ କୁକୁର ଭୋକିଲା ଆଉ ବାରବୁଲା। ଏହା ସହ ଏମାନଙ୍କର କୌଣସି ସମତା ବି ନାହିଁ। ପୁଣି ଏମାନେ କାହିଁକି ତାକୁ ଚାଲେଞ୍ଜ ଦଉଛନ୍ତି ?

ରାତିରେ ଆମେ ବାହାରେ ଶୋଇଲୁ। ଜଂଜିରରେ ବଂଧା ହେଇଥିବା ସେହି ଘର କୁକୁରଟା ପାଖରେ ନିଜ ଖଟିଆ ଉପରେ ମୋର ଥିଲା। ଏମିତି ହେଲାକି ଆଖାପାଖରେ ଯେତେ କୁକୁର ଗୁଡା ଭୁକିବାରେ ଲାଗିଲେ ଇଏ ବି ଭୁକିବାରେ ଲାଗିଲା। ଏ ତାଙ୍କ ସାଥିରେ ଏମିତି ଭୁକୁଛି କାହିଁକି ? ଯେତେବେଳେ ସେମାନେ ପଡାରେ ଭୁକୁଛନ୍ତି ଏବି ସେମାନଙ୍କ ସ୍ୱର ସହ ସ୍ୱର ମିଳାଇ ଦଉଚି। ମୁଁ ଏଇଠି ଅଛି କିନ୍ତୁ ତୁମ ସାଥିରେ ଅଛି। ମୋତେ ଏ ବର୍ଗଙ୍କ ପ୍ରତି ଆଶଙ୍କା ଲାଗେ।

ଏ ଉଚ୍ଚବର୍ଗୀୟ କୁକୁର ନୁହେଁ, ମୋ ପଡୋଶୀରେ ବୁଲୁଥିବା ସାହେବଙ୍କର ଦୁଇଟା କୁକୁର ଥିଲା। ଏମାନଙ୍କର ରୂପ ଭେକ ସବୁ ଅଲଗା। ଏମାନଙ୍କୁ ଭୁକିବାଟା ଜଣା ନଥିଲା। ଆଖପାଖର କୁକୁର ଭୁକୁଥିବେ। କିନ୍ତୁ ସେ ଏଥିପ୍ରତି ଧ୍ୟାନ ଦିଅନ୍ତିନି। ଲୋକ ବାହାରକୁ ଯା'ନ୍ତି। କହନ୍ତି କିନ୍ତୁ ଏ କାହାର କିଛି କରେ ନାହିଁ। ଜାଣିବି ପାରେ ନାହିଁ। କେତେବେଳେ କେମିତି ମୁଁ ତାର ଧିର କୁହାଟ ଶୁଣିଛି – ସେ ବସିଥିବ ନଚେତ ବୁଲୁଥିବ। ଫାଟକ ଖୋଲା ହେଲା ତଥାପି ସେ ବାହାରକୁ ଯାଏ ନାହିଁ। ଏ ବଡ ଅଭିମାନୀ ଅହଂକାରୀ ଓ .... ଜଣାଯାଏ।

କିନ୍ତୁ ଏ କୁକୁର ବାରବୁଲା ସର୍ବହରା କୁକୁର ଯେମିତି ଭୁକନ୍ତି ଏ ସେମିତି ଏମାନଙ୍କ ଭୁକିବା ସହ ଭୁକି ସ୍ୱର ମିଳାଏ। କହେ – "ମୁଁ ତୁମ ସାଥିରେ ଅଛି–!" ଏ ମଧ୍ୟବର୍ଗୀୟ କୁକୁର। ମଧ୍ୟବର୍ଗୀୟ ଚରିତ୍ର ଏ କୁକୁରର। କେବେ କେବେ ଉଚ୍ଚବର୍ଗୀୟ କୁକୁର ଭଳି ନାଟକ କରେ – ଆଉ ବାରବୁଲାଙ୍କ ସହ ମିଶି ଭୁକେ। ତୃତୀୟ ଦିନ ରାତିରେ ଆମେ ଯେତେବେଳେ ବାହାରୁ ଫେରିଲୁ ଦେଖିଲୁ କୁକୁର ସେମିତି ନିଶ୍ଚଳ ହୋଇ ପଡିଛି। ଆମର ପାଟିତୁଣ୍ଡ ଶୁଣି ସେ ଆଉ ଭୁକିଲା ନାହିଁ। କେମିତି ନରମ ସ୍ୱରରେ ପାଟିକଲା, ଖୁଁ ଖୁଁ ହେଲା। ଆମ ପାଖରେ ଦେଶୀ କୁକୁର ଭୁକିଥିଲେ। କିନ୍ତୁ ଏ ଆଉ ତାଙ୍କ ସାଥିରେ ଭୁକିଲା ନାହିଁ। ମୁଁ ଗୃହକର୍ତ୍ତାଙ୍କୁ ପଚାରିଲି "ଆଜି କ'ଣ ତୁମର କୁକୁର ଏକବାର ଶାନ୍ତ।"

ସେ କହିଲେ – ଆଜି ସେ ଖରାପ ଅବସ୍ଥାରେ ଅଛି। ଚାକରର ଭୁଲ ପାଇଁ ସେ ଫାଟକର ବାହାରକୁ ଚାଲିଯାଇଥିଲା ସେଠି ଦୁଇଟି କୁକୁର ବସିଥିଲେ। ତାକୁ କାମୁଡି ଦେଇଚନ୍ତି। ତା ଅବସ୍ଥା ଖରାପ ହୋଇଯାଇଛି। ତେଣୁ ସେ ଅସୁସ୍ଥ। ତା କାମୁଡିଥିବା ଜାଗାଟା ଭୀଷଣ ପୋଡୁଛି। ଡକ୍ଟର ଶ୍ରୀବାସ୍ତବଙ୍କୁ କହି ତାକୁ କାଲି ଇଂଜେକସନ ଦେଇଦେବି।

ମୁଁ ଟିକିଏ କୁକୁର ଆଡ଼କୁ ଭଲ ଭାବରେ ନିରୀକ୍ଷଣ କଲି। ଖୁବ୍ ଦୟନୀୟ ଅବସ୍ଥାରେ ପଡିଥିଲା। ମୁଁ ଭାବିନେଲି, ଏମିତି କେମିତି ଘଟିଲା। ସେ ଅକସ୍ମାତ ଫାଟକର ବାହାରକୁ ଚାଲି ଯାଇଥିବ, ସେ କୁକୁରଗୁଡା ଏହାକୁ ଦେଖି ଭୁକିଥିବେ – ସେମାନେ କହିଥିବେ – "ଆବେ ନିଜ ଗୋରୀକୁ ତୁ ଚିହ୍ନି ପାରୁନୁ– ଛଳନା, ନୈଟଙ୍କୀ କରୁଛୁ ଏମିତି ବେକରେ ପଟ୍ଟି ଆଉ ଜଂଜିର ପିନ୍ଧି ନିଜକୁ କଣ ଭାବୁଚୁ କିରେ – ମାଗଣା ଖାଉଛୁ, ଲନରେ ବୁଲୁଛୁ ଆମକୁ ନୀଚ ବୋଲି ଭାବୁଚୁ। ରାତିରେ ସଂକଟ ପଡିବାରୁ ଆମେ ଭୁକୁଛି। ତୁ ଆମର କି ସାଥ ଦେବୁରେ – କିନ୍ତୁ ଆମେ ଏମିତି ଭୁକିବୁ – ତୁ ବାହାରକୁ ବାହାରିଆ – ସେ ବେକରୁ ପଟ୍ଟି ଖୋଲିଦେ – ଜଂଜିର ଫୋପାଡି ଦେ – ଏ ଆରାମ ତୁ ଛାଡ଼ିଦେ – ଘୁରି ଘୁରି ଅଇଁଠା ଖା – ଚୋରେଇ ରୁଟି ଖା, ଧୂଳିରେ ଗଡ। ଏମିତି ଭୁକୁଥା – ରହ – ତୋ ବଡଲୋକୀ ପଣିଆ ଦେଖୁଛି। ସାଙ୍ଗେ ସାଙ୍ଗେ ତଳେ ପକାଇ ଦାନ୍ତ ଲଗାଇ ଚମ ରଗଡି ଖଣ୍ଡିଆ କରିଦେଲେ ... ଆଉ ସେ କୁକୁରଟି ଏକା ଏକା ତଳେ ଶୋଇ ରହି ମନେ ମନେ ନିଚବର୍ଗର କୁକୁରଙ୍କ କଥା ଚିନ୍ତା କରୁଥିଲା ବୋଧେ–।

*ଦୂରଭାଷ: ୯୪୩୭୭୨୮୪୭୫*

# ଦ୍ୱିତୀୟ ନାସ୍ତି

## ଗୋବିନ୍ଦ ଚନ୍ଦ୍ର ସାହୁ

କେଦାର ଓଡ଼ିଶା ପ୍ରଶାସନିକ ସେବାରେ ଭଲ ର୍ୟାଙ୍କ୍ ପାଇଲା । ପରିବାର, ସମ୍ପର୍କୀୟ ତଥା ସାଙ୍ଗସାଥୀ ଭିତରେ ଖୁସିର ଲହରୀ ଖେଳିଗଲା । ଛାତ୍ରାବସ୍ଥାରୁ ସେ ମେଧାବୀ । ମାତାପିତାଙ୍କର ଏକମାତ୍ର ପୁତ୍ର । ବଳିଷ୍ଠ ଶରୀର ଓ ଆକର୍ଷଣୀୟ ଚେହେରା । ଶୁଭ ସମ୍ବାଦଟି ତାର ଏକାନ୍ତ ଆତ୍ମୀୟା ଗୌରୀର ଖୁସିକୁ ଦ୍ୱିଗୁଣିତ କରି ଦେଇଥିଲା ।

ପିତା ସୁରବାବୁ ରାଜ୍ୟ ସଚିବାଳୟରେ ପ୍ରଶାସନିକ ଅଧିକାରୀ । ମାସ କେଇଟା ଅନ୍ତେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିବେ । ବାପାମାଆଙ୍କ ପୁତ୍ର ପ୍ରତି ସ୍ନେହ ଅପାର । ପୁଅ ମଧ୍ୟ ତାଙ୍କୁ ଅନ୍ତରାତ୍ମାରେ ଯଥେଷ୍ଟ ଭକ୍ତିକରେ । ଖବରଟି ମାତାପିତାଙ୍କ ମନକୁ ହର୍ଷ ଆନନ୍ଦିତ ତ କଲା, ପକ୍ଷାନ୍ତରେ ଶଙ୍କାଗ୍ରସ୍ତ ବି କରିପକାଇଲା । କାରଣ, ପୁଅର ଶୈଶବ ଅବସ୍ଥାର ଏକ ଘଟଣା ଦୁହିଁଙ୍କ ମନରେ ବାରମ୍ବାର ରେଖାପାତ କରିବାକୁ ଲାଗିଲା ।

ସେଦିନ ଅଫିସ୍ ସାରି ସଚିବାଳୟରୁ ପତ୍ୟାବର୍ତ୍ତନ କଲେ ସୁରବାବୁ । ଗାଧୁଆଘରେ ଫ୍ରେସ୍‌ହେଲା ପରେ ପୋଷାକ ବଦଳାଇ ସହଧର୍ମିଣୀଙ୍କ ହାତର ଚା’କପ୍‌ରେ ଓଠ ଲଗାଉଥାଆନ୍ତି, ପୁଅ ଆସି ପାଖରେ ଠିଆହେଲା । କହିଲା ମମ୍ମିପାପା ଦୁଇଜଣଯାକ ଏଠାରେ ଅଛ, ଭାବୁଛି ଏଇଟାହିଁ ସମୟ ଦୁହିଁଙ୍କୁ ଗୋଟେ ବିଷୟ ଖୋଲି କହିବି । ପୁଅ କ’ଣ କହିବାକୁ ଚାହୁଁଛି, ବାପାମାଆ ପରସ୍ପରକୁ ଅନାଇଲେ । ମମତାମୟୀ ଜନନୀ ହସି ଅନୁମତି ଦେଲେ କହୁନୁ କହ, କ’ଣ କହିବାର ଅଛି କହ । କେଦାର କହିଲା ମାମା ଗୌରୀ ଉଚ୍ଚ ଶିକ୍ଷିତା, ରୂପ ଗୁଣରେ ମଧ୍ୟ ପରିପୂର୍ଣ୍ଣା । ତାକୁ ମୁଁ ପସନ୍ଦ କରେ, ସେ ବି ମୋତେ ବହୁତ ଭଲପାଏ । ତୁମେମାନେ ରାଜିହେଲେ, ଦୁଇ ପରିବାର ଭିତରେ ଆମ ବିବାହ ପାଇଁ କଥା ଆଗକୁ ବଢ଼ିବ । ମନକଥା ପ୍ରକାଶ କରି, ଜନକ ଜନନୀର ସହମତି ପାଇଁ ସେ ଅପେକ୍ଷା କଲା ।

ଅନ୍ଧାର ଯେଉଁଠି ଭୂତଭୟ ସେଇଠି । ସୁରବାବୁ ଓ ପତ୍ନୀ ଯାହା ଆଶଂକା କରୁଥିଲେ, ଶେଷରେ ତାହାହିଁ ଘଟିବାକୁ ଯାଉଛି । ଦୁହିଁଙ୍କ ମୁଖର ରଙ୍ଗ ବଦଳିଗଲା । କେଦାର କେବଳ ଉଚ୍ଚଶିକ୍ଷିତ ନଥିଲା, ପିତାମାତାଙ୍କ ଏକାନ୍ତ ଅନୁଗତ ମଧ୍ୟ ଥିଲା । ସେମାନଙ୍କ ମନର ବିପରୀତ ପ୍ରତିକ୍ରିୟାକୁ ଲକ୍ଷ୍ୟକରି ପାରିଲା । ନମ୍ରଭାବେ ଜିଜ୍ଞାସା କଲା, ପୁଅପାଇଁ ଏଭଳି ସୁନ୍ଦର ପ୍ରସ୍ତାବରେ ରାଜି ହେବା ପରିବର୍ତ୍ତେ ଦ୍ୱିଧା କାହିଁକି ? କାରଣ ଖୋଲି କହନ୍ତୁ ।

ସୁରବାବୁ ବାଧ୍ୟ ହେଲେ ମୁହଁ ଖୋଲିବାକୁ । କହିଲେ, ଦୀର୍ଘବର୍ଷ ତଳର କଥା । ପୁରୀ ଜିଲ୍ଲାର ପିପିଲିରେ ତହସିଲଦାର ଭାବେ ଅବସ୍ଥାପିତ ହୋଇଥାଏ । ସେଠାକା ତହସିଲ୍ ଏବଂ ବ୍ଲକ୍‌ଅଫିସ୍ ପାଖାପାଖି । ସ୍ଥାନଟିରେ ଅଫିସର୍ କିମ୍ବା କର୍ମଚାରୀ କାହାରି ପାଇଁ ସରକାରୀ ବାସଗୃହ ନିର୍ମାଣ ହୋଇ ନଥାଏ । ନିକଟସ୍ଥ ବ୍ଲକ୍ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗଦେଲେ ଭାସ୍କର ବାବୁ । ସଂଯୋଗ ବଶତଃ ତାଙ୍କ ଓ ଆମ ପରିବାର ପାଖାପାଖି ଭଡ଼ାଘରେ ରହିଲୁ । ପରିବାର ବୋଇଲେ ଆମେ ଦୁଇ ଏବଂ ଆମ ତିନିବର୍ଷର ପୁଅ କୁନ୍ଥୁ, ସେମାନେ ସ୍ୱାମୀ ସ୍ତ୍ରୀ ଓ ତାଙ୍କ ବର୍ଷକର କୁନିଝିଅ ଗୁଡ୍ଡି । ଦୁଇ ପରିବାର ପଡ଼ୋଶୀ ହୋଇ ରହିବାରୁ ନିଜନିଜ ଭିତରେ ସମ୍ପର୍କ ବଢ଼ିଲା । ରବିବାର ଏବଂ ଛୁଟିଦିନମାନଙ୍କରେ ମାର୍କେଟିଂ ପାଇଁ ବଜାର ଯିବାର ହେଉ କିମ୍ବା ମଠମନ୍ଦିର ଆଦି ଆଧ୍ୟାତ୍ମିକ ସ୍ଥଳ ଦର୍ଶନରେ ଯିବାକୁ ପଡୁ, ଅଥବା କୌଣସି ପ୍ରକୃତିକ ସ୍ଥାନ ବା ସମୁଦ୍ର ବେଳାଭୂଇଁ ଆଡେ ବୁଲାବୁଲି ଲାଗି ଯିବାର ଥିଲେ ଦୁଇ ପରିବାର ସାଙ୍ଗହେଇ ବାହାରୁଥିଲେ । ଏକ କଥାରେ କହିବାକୁ ଗଲେ, ସମ୍ପର୍କ ଯେତିକି ଯେତିକି ପୁରୁଣା ହେଉଥିଲା ପରସ୍ପର ମଧ୍ୟରେ ଭଲପାଇବା ସେତିକି ସେତିକି ଗଭୀର ହେଲା ।

ବାପାଙ୍କ କଥା ଶୁଣୁଥିଲା କେଦାର । ସୁରବାବୁ ବକ୍ତବ୍ୟ ଆଗକୁ ବାଢ଼ିଲେ । ଦିନଟେ ଦୁଇ ପରିବାର ଶ୍ରୀକ୍ଷେତ୍ର ଦର୍ଶନରେ ପୁରୀ ଯାଇଥିଲେ । ସେତେବେଳେ ଆଜିକାଲିକା ପରି ଶ୍ରୀମନ୍ଦିରରେ ଏତେ ଗହଳି ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହୁ ନଥିଲା । ସ୍ପର୍ଶ ଓ ଦର୍ଶନରେ ବିଶେଷ କଟକଣା ନଥିଲା । ସେବାୟତଙ୍କ ସହାୟତାରେ ଭକ୍ତ ଗମ୍ଭୀରା ଭିତରେ କୁରୁମବେଢ଼ା ଦେଇ ରତ୍ନ ସିଂହାସନ ପ୍ରଦକ୍ଷିଣ ପୂର୍ବକ ଜୀଉଗଣଙ୍କୁ ଦର୍ଶନ କରି ପାରୁଥିଲେ ।

ଦେଉଳର ସେବାୟତ ଭିତରୁ ଜଣେ ତାଙ୍କୁ ଚିହ୍ନିଥିଲେ । ଦୁଇ ପରିବାରକୁ ସେ ରତ୍ନ ସିଂହାସନ ନିକଟକୁ ଡ଼ାକିନେଇ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ ଓ ଶ୍ରୀଅଙ୍ଗ ସ୍ପର୍ଶର ସୁଯୋଗ କରିଦେଲେ । ଅବୋଧ ପୁଅଝିଅକୁ କୋଳରେଧରି ଠାକୁର ଦର୍ଶନ କରାଉଥିଲେ ଜନନୀ ଦୁହେଁ । ଜୀଉଗଣଙ୍କ ଠାରେ ପ୍ରସାଦ ଲଗିକଲା ପରେ ସେବାୟତ ମହାଶୟ ଶ୍ରୀପୟରରୁ ଗୁଆ ଯେଡ଼େ ଆଣି ଗୃହିଣୀ ଦୁହିଙ୍କ ହସ୍ତରେ ଦେଲେ । କହିଲେ ଗୁଆ ଅଦଳବଦଳ କରି ହାତରେ ଧରନ୍ତୁ । ଜଗନ୍ନାଥେଙ୍କୁ ଚାହିଁ ମନେମନେ କହନ୍ତୁ ସାକ୍ଷୀ ରହିଲ ପ୍ରଭୁ, ଆଜିଠାରୁ ଆମେ ସମ୍ବନ୍ଧୀ ହେଲୁ । ଘଟଣାଟି ଥିଲା ଅପ୍ରତ୍ୟାଶିତ ଏବଂ ଅଲୌକିକ । ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ଉକ୍ତଦିନ ଠାରୁ ଭାସ୍କରବାବୁଙ୍କ ପତ୍ନୀ ଏବଂ ତୋ ମାଆ ପରସ୍ପରକୁ ସମୁଦୁଣୀ ଡ଼ାକୁଥିଲେ । ଆମେ ପତିପତ୍ନୀ ଅନ୍ତର୍ମନରେ ତାଙ୍କ ଟିକିଝିଅକୁ ଆମର ଭାବି ପୁତ୍ରବଧୂ ଭାବେ ଗ୍ରହଣ କରି ନେଇଥିଲୁ । ଘଟଣାଟି ବର୍ଷବର୍ଷ ତଳର ହୋଇଥିଲେ ହେଁ ଏବେସୁଦ୍ଧା ଆମ ମନରେ ସାଇତା ହୋଇ ରହିଛି । ଏଣିକି ତୋର ଇଚ୍ଛା । ପୂର୍ବକଥା ଜଣାଇଁ ସୁରବାବୁ ଚୁପ୍ ରହିଲେ ।

କେଦାରର ଚେହେରା ଝାଉଁଳି ପଡ଼ିଥିଲା । ଯେଉଁ ମାତାପିତା ତା ପାଇଁ ଦେବତା, ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ଗୌରୀକୁ ସହଧର୍ମିଣୀ ରୂପରେ କେମିତି ବା ଗ୍ରହଣ କରିପାରିବ ! ଚିନ୍ତାରେ ସେ ଭାଙ୍ଗି ପଡ଼ିଲା । ପାଖରେ ବସିଥିଲେ ମାଆ । ପୁତ୍ରର ମାନସିକ ଦୁଃଖ ହୃଦୟଙ୍ଗମ କରି ପାରିଲେ । ସାନ୍ତ୍ୱନା ଦେଲେ ବାବୁରେ ବ୍ୟସ୍ତ ହୋ' ନା, ସମ୍ପ୍ରତି ଆମର ସେମାନଙ୍କ ସଙ୍ଗେ ଯୋଗାଯୋଗ ନାହିଁ । ବାପା ତୋର ପିପିଲୀରୁ ବଦଳି ହୋଇ ଆସିବାର ବର୍ଷେ ଦି'ବର୍ଷଯାଏ ଭାସ୍କରବାବୁଙ୍କ ସହିତ ଯୋଗାଯୋଗ ରହିଥିଲା । ଆମେ ବଦଳି ହୋଇ ଆସିବାର ଦେଢ଼ଦୁଇ ବର୍ଷପରେ ସେ ମଧ୍ୟ ଟ୍ରାନ୍ସଫର୍ ହୋଇ ସମ୍ବଲପୁର ଯିବାର ଶୁଣିଛୁ । ବାପାଙ୍କ ସରକାରୀ କାମରେ ବ୍ୟସ୍ତତା ହେତୁ ଦୀର୍ଘବର୍ଷ ହେଲା; ସମାନଙ୍କ ସହିତ ବନ୍ଧୁତାରେ ଭଟ୍ଟା ପଡ଼ିଯାଇଛି । ଭାସ୍କରବାବୁ ଏବେ କେଉଁଠି, ତାଙ୍କର ସେଇ କୁନିଝିଅ କେତେ ବଡ଼ହେଲାଣି, ପାଠଶାଠ କ'ଣ ପଢ଼ିଛି ବା ପଢୁଛି, କିଛି ବି ସମାଚାର ଆମ ପାଖରେ ନାହିଁ । ଦେଖାଯାଉ ପ୍ରଭୁ ଜଗନ୍ନାଥଙ୍କର କ'ଣ ଇଚ୍ଛା ! କାଳିଆ ସାଆନ୍ତଙ୍କ ଆଗରେ ଯେତେବେଳେ କଥା ଦିଆନିଆ ହୋଇଛି, ମୋ ମତରେ ତାଙ୍କ ପରିବାରର ଖୋଜଖବର ନେବା ଉଚିତ । ନହେଲେ ମହାପ୍ରଭୁଙ୍କ ପାଖରେ ଆମେ ଦ୍ରୋହୀ ହୋଇଯିବୁ । ନା ତୁ' କ'ଣ କହୁଛୁ ? ମାଆ କଥାରେ ପୁଅ ହଁ କି ନାଇଁ କିଛି ଜବାବ ଦେଲାନି । ନିଜର କର୍ତ୍ତବ୍ୟ ସେ ଠିକ୍‌କରି ପାରୁ ନଥିଲା । ସ୍ନେହର ସନ୍ତାନ ପାଖରୁ ଉତ୍ତର ନ ମିଳିବାରୁ ନିଜ ତରଫରୁ ପୁନଃ ସେ ପରାମର୍ଶ ହେଲେ, ମୋ ବିଚାରରେ ଗୌରୀକୁ ଅବିକା ଏସବୁ ବିଷୟରେ ନ ଜଣାଇଲେ ଭଲହେବ ।

କେଦାର ମାତାପିତା ସମୀପରେ ସ୍ଥାଣୁପ୍ରାୟ ବସିଥିଲା । କଟକ ରେଭେନ୍ସା କଲେଜରେ ପଢୁଥିଲା ବେଳଠାରୁ ଗୌରୀ ସହିତ ବନ୍ଧୁତା । ସେମାନଙ୍କ ବନ୍ଧୁତା ଶେଷକୁ ପ୍ରେମରେ କିପରି ପରିଣତ ହେଲା ତାର ମନେ ପଡ଼ିଥିଲା । ରେଭେନ୍ସା କଲେଜରେ ଗୌରୀ ତା ଠାରୁ ଯୋଡ଼େ କ୍ଲାସ୍ ତଳେ ପଢୁଥିଲା । ଜଣେ ଆଇ.ଏସ୍‌ସି. ଦ୍ୱିତୀୟ ବର୍ଷର ଛାତ୍ରୀ ଥିବାବେଳେ ଅନ୍ୟଜଣେ ବି.ଏସ୍‌ସି ଅନର୍ସ ସେକେଣ୍ଡ ଇୟର୍‌ର ଛାତ୍ର । ଆଶ୍ଚର୍ଯ୍ୟ ଭାବେ ତଳ ଶ୍ରେଣୀର ଛାତ୍ରୀ ହୋଇ ସୁଦ୍ଧା ସେବର୍ଷର କଲେଜ ବକ୍ତୃତା ପ୍ରତିଯୋଗିତାରେ ଯୁଗ୍ମଭାବେ ତା ସହିତ ସେ ବିଜୟ ଲାଭ କରିଥିଲା । ଉକ୍ତ ଦିନଠାରୁ ମିଷ୍ଟଭାଷିଣୀ ସୁଶୀଳ ରୂପବତୀ ଝିଅଟା ସଙ୍ଗେ ତାର ବନ୍ଧୁତା । କଲେଜ କରିଡ଼ୋର୍‌ରେ ସାକ୍ଷାତ ହେଲେ ସମୟ ଭୁଲି ଘଣ୍ଟାଘଣ୍ଟା ଦୁହେଁ ଗଳ୍ପର ପେଡ଼ି ଖୋଲି ଦେଉଥିଲେ । ଆଇ.ଏସ୍‌ସି.ରେ ଖୁବ୍ ଭଲ ନମ୍ବର ରଖି ସେ ପାଶ୍ କଲା । କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମ୍ୟାଡ଼ିକଲ୍ କଲେଜରେ ତାକୁ ଆଡ୍‌ମିଶନ୍ ମିଳିଲା । ଅନ୍ୟ ପକ୍ଷରେ ଗ୍ରାଜୁଏସନ୍ ସାରି ସ୍ନାତକୋତ୍ତର ପଢ଼ିବାକୁ ଉତ୍କଳ ବିଶ୍ୱ ବିଦ୍ୟାଳୟ ବାଣୀ ବିହାର ସେ ଚାଲି ଆସିଥିଲା । ହେଲେ ଭଲପାଇବାର ଆକର୍ଷଣ ନିଆରା । ଗୌରୀର ସହଚର୍ଯ୍ୟ ପାଇଁ ଛୁଟିଦିନ ହେଲେ ସେ ପହଞ୍ଚି ଯାଉଥିଲା କଟକ ମ୍ୟାଡ଼ିକଲ୍ କଲେଜର ଛାତ୍ରୀ ନିବାସ । ତହିଁରେ ବ୍ୟତିକ୍ରମ ଘଟିଲେ ମୁହଁ ଫୁଲାଫୁଲି, ପରସ୍ପର ଉପରେ ଦୋଷ ଲଦୁଥିଲେ; ଅଭିମାନ ପ୍ରକଟ କରୁଥିଲେ । ଏହାରି ଭିତରେ ଦୁହିଁଙ୍କ ବନ୍ଧୁତା କେତେବେଳେ ଯେ ପ୍ରେମରେ ପରିଣତ ହୋଇଗଲା ଗୌରୀ କିମ୍ବା କେଦାର କେହି ଜାଣି ପାରିନଥିଲେ ।

ବେଶୀଦିନ ତଳର କଥାନୁହଁ, ଓଡ଼ିଶା ପବ୍ଲିକ୍ ସର୍ଭିସ୍ ପାଇଁ ପରୀକ୍ଷା ତାର ଶେଷ ହୋଇ ଯାଇଥାଏ । ପାଠପଢ଼ାର ଝାମେଲା ନଥିଲା । ମନ ଉପବନର ଶୁକପକ୍ଷୀଟିର ସାକ୍ଷାତ ପାଇଁ ଅପରାହ୍ନରେ ସେ ଆସିଥିଲା କଟକ । ସନ୍ଧ୍ୟ ଦର୍ଶନପାଇଁ ଦୁହେଁଆସି ମାଆ କଟକଚଣ୍ଡିଙ୍କ ପୀଠରେ ଉପସ୍ଥିତ ହେଲେ । ଜଗତ ଜନନୀଙ୍କ ଆଗରେ ଗୌରୀ ନିଜ ମନୋଭାବ ପ୍ରକାଶ କଲା । କହିଲା କେଦାର, ତୁମେ ମୋ ହୃଦମନରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ସାରିଲଣି । କଥାଦିଅ, ମୋତେ କେବେ ପର କରିବନି । ଏତେଦିନ ହେଲା କହିବ କହିବ ଭାବି ଯାହା ସେ ବ୍ୟକ୍ତକରି ପାରୁନଥିଲା, ମାଆଙ୍କ ପୀଠରେ ଗୌରୀ ମୁଖରୁ ତାହା ଶୁଣି ସମ୍ପୂର୍ଣ୍ଣ ସେ ଭାବବିହ୍ୱଳ ହୋଇ ଯାଇଥିଲା । ପ୍ରିୟତମାର ନରମ ହସ୍ତପାପୁଲି ଦିଓଟିକୁ ପ୍ରୀତି ଆବେଗରେ କେଇକ୍ଷଣ ନିଜ ହାତମଠାରେ ଚାପିଧରି ସେ ପ୍ରତିଶ୍ରୁତି ଦେଲା ଗୌରୀ ଡ଼ିୟର୍, ତୁମେ ଆଗାମୀ ଦିନର କେବଳ ମୋର ସହଗାମିନୀ ନୁହଁ, ଜନ୍ମ ଜନ୍ମାନ୍ତରର ସାଥୀ ମଧ୍ୟ । ଚଣ୍ଡୀମାତାଙ୍କୁ ସାକ୍ଷୀରଖି କଥା ଦେଉଛି, ସରକାରୀ କିମ୍ବା ବେସରକାରୀ ଯେ କୌଣସି ସଂସ୍ଥାରେ ନିଯୁକ୍ତି ମିଳିଗଲା ପରେ ପରେ ପିତାମାତାଙ୍କୁ ଆମ ସମ୍ପର୍କ ବିଷୟରେ ଜଣାଇବି । ଶୁଭପରିଣୟ ନିମନ୍ତେ ଅନୁମତି ମାଗିନେବି । ବ୍ୟାଣ୍ଡ୍ ବଜାଇ ବାଣରୋଷଣି ସହ ବରବେଶରେ ଆସି ତୁମକୁ ବଧୂ ସଜାଇ ଘରକୁ ଘେନି ଯିବି । ଗୌରୀକୁ ଦେଇଥିବା ପ୍ରତିଶ୍ରୁତି ମନେ ପଡ଼ିବାରୁ ଅଧିକ ସେ ଚିନ୍ତିତ ହୋଇ ପଡ଼ିଲା ।

ମାଆଙ୍କ ଉପଦେଶରେ କେଦାର ଭୀଷଣ ଆହତ ହେଲା । ଏଡ଼େବଡ଼ ସିଦ୍ଧାନ୍ତକୁ ଗୌରୀ ପାଖରେ ଲୁଚାଇବ କେମିତି ! ଚଣ୍ଡୀମାତାଙ୍କ ଆଗରେ

ଦେଇଥିବା କଥାର ଖିଲାପ କଲେ ସାରାଜୀବନ ଯେ ସେ ଶାନ୍ତି ପାଇ ପାରିବନି ! ଅପ୍ରିୟ ହେଲେ ହେଉ ପଛକେ, ବରଂ ସତକଥା କହି ତା ଠାରୁ କ୍ଷମା ମାଗିନେଇ ଦୂରେଇ ଆସିବା ହିଁ ଶ୍ରେୟସ୍କର ହେବ, ସେ ଚିନ୍ତାକଲା । ମଆଙ୍କୁ ନମ୍ର ସ୍ୱରରେ କହିଲା, କଟକଚଣ୍ଡୀଙ୍କ ମନ୍ଦିରରେ ଦୁହେଁ ଶପଥ ନେଇଛୁ ସାଥୀହୋଇ ଜୀବନ ବତାଇବୁ । ଆଜି ନହେଲେ କାଲି ଗୌରୀକୁ ସବୁକଥା ଜଣାଇବା ପାଇଁ ପଡ଼ିବ ମାଆ । ତୁମମାନେଯାହା ଉଚିତ ଭାବୁଛ କର, ମୋର ଆପତ୍ତି ନାହିଁ । ବାପାମାଆ ଦୁହିଁଙ୍କୁ ଏତକ ଜଣାଇ ବସିବା ସ୍ଥାନରୁ ଉଠି ବାହାରକୁ ସେ ଚାଲି ଯାଇଥିଲା ।

ସୁରବାବୁ ଦରଦୀ ମଣିଷ, ଦକ୍ଷ ପ୍ରଶାସନିକ ଅଧିକାରୀ । ଲୋକଙ୍କ ମୁଖଦେଖି ହୃଦୟ ଚିହ୍ନି ପାରନ୍ତି । ଜନ୍ମକଲା ପୁଅର ମନୋଭାବ ପଢ଼ି ନପାରନ୍ତେ କେମିତ ! ଗୌରୀ ପ୍ରତି ପୁତ୍ରର ଅସରନ୍ତି ଦୁର୍ବଳତା ଓ ଗଭୀର ଅନୁରାଗକୁ ସ୍ପଷ୍ଟ ଅଧ୍ୟୟନ କରି ପାରିଥିଲେ । ସହଧର୍ମିଣୀଙ୍କୁ ପରାମର୍ଶ ଦେଲେ, ପୁଅକୁ କୁହ ବିବ୍ରତ ନହେବାକୁ । ଭାସ୍କରବାବୁଙ୍କ ପରିବାରର ଖବର ସଂଗ୍ରହକଲା ପରେ ଯାହା ଉଚିତ ତାହା କରାଯିବ । ପରଦିନ ସଚିବାଳୟ ଆସି ସମ୍ପୃକ୍ତ ବିଭାଗରୁ ଜାଣିବାକୁ ପାଇଲେ, ଅଧୁନା କାର୍ଯ୍ୟକାରୀ ମୁଖ୍ୟଯନ୍ତ୍ରୀ ଭାବେ କୋରାପୁଟ୍‌ରେ ସେ ଅବସ୍ଥାପିତ । ଫୋନ୍‌ନମ୍ବର୍ ଆଣି ପୁରୁଣା ବନ୍ଧୁଙ୍କ ସହିତ ବାର୍ତ୍ତାଳାପ କଲେ । ଏକ ବିଶେଷ କାର୍ଯ୍ୟଲାଗି ଦିନେ ଦୁଇଦିନ ଭିତରେ ସପରିବାର ଶ୍ରୀକ୍ଷେତ୍ର ପୁରୀ ଆସି ତାଙ୍କୁ ସାକ୍ଷାତ କରିବା ନିମନ୍ତେ ଅନୁରୋଧ ଜଣାଇଲେ । ଭାସ୍କରବାବୁ ଓ ତାଙ୍କ ସହଧର୍ମିଣୀ ମଧ୍ୟ ବନ୍ଧୁ ପରିବାରଙ୍କୁ ସାକ୍ଷାତ ପାଇଁ ଉତ୍ସୁକ ଥିଲେ । ଖବର ପାଇବାର ଦିନଟେ ପରେ ଗାଡ଼ିଧରି ସ୍ୱାମୀସ୍ତ୍ରୀ ପହଞ୍ଚି ଯାଇଥିଲେ ଶ୍ରୀକ୍ଷେତ୍ର ।

ଦୀର୍ଘଦିନ ଅନ୍ତେ ଭେଟ ହୋଇଥିବାରୁ ଉଭୟ ଦମ୍ପତିଙ୍କ ଖୁସିର ସୀମା ନଥିଲା । ବଡ଼ ଦେଉଳରେ ଆଗପରି ପରିବେଶ ନଥିଲା । ଠେଲାପେଲା ମଧ୍ୟଦେଇ ସେମାନେ ଶ୍ରୀମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଲାଭକଲେ । ଦର୍ଶନ ଉପରାନ୍ତେ ଶ୍ରୀମନ୍ଦିରରୁ ବାହାରି ଦେଉଳ ବେଢ଼ାରେ ଆସି ଉପସ୍ଥିତ ହେଲେ । ସୁରବାବୁ ସେ'ଯାଏ ବନ୍ଧୁ ଏବଂ ବନ୍ଧୁପତ୍ନୀଙ୍କୁ ନିଜ ପାରିବାରର ସମସ୍ୟା ବିଷୟରେ କିଛି ବି ଜଣାଇଁ ନଥିଲେ । ସସ୍ତ୍ରୀକ ତାଙ୍କୁ ସାଥିରେ ନେଇ ମୁକ୍ତିମଣ୍ଡପରେ ଉପବେଶନ କରିଥିବା ଶାସ୍ତ୍ରଜ୍ଞ ପଣ୍ଡିତଙ୍କ ଭିତରୁ ଜଣଙ୍କୁ ଯୋଡ଼ହସ୍ତରେ ଯାଇ ପ୍ରଣାମ ଜ୍ଞାପନ କଲେ । ଜିଜ୍ଞାସା କଲେ ମହାଶୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସାକ୍ଷୀରଖି ହୋଇଥିବା କଥାର ଖିଲାପ କଲେ ତାର ପ୍ରାୟୋଶ୍ଚିତ କ'ଣ ? ଦିଅଁଙ୍କ ଆଗରେ ବାଇଶି ବର୍ଷତଳେ ଦୁଇ ପରିବାର ଭିତରେ ନିର୍ମାଣ ହୋଇଥିବା ସମ୍ବନ୍ଧ ବିଷୟରେ ପଣ୍ଡିତଙ୍କୁ ସେ ଅବଗତ କଲେ । ତାଙ୍କ ପୁଅ ଏବେ ଅନ୍ୟଜଣେ ଝିଅକୁ ବିବାହ କରିବାକୁ ମାଆ କଟକଚଣ୍ଡିଙ୍କ ନିକଟରେ କଥା ଦେଇଥିବା ସୂଚିତ କଲେ । କିପରି କଲେ ପିଲାମାନଙ୍କ ଅମଙ୍ଗଳ ହେବନାହିଁ, ଉପଯୁକ୍ତ ମାର୍ଗ ଦର୍ଶାଇବା ନିମନ୍ତେ ପଣ୍ଡିତଙ୍କୁ ସେ ଅନୁରୋଧ ଜଣାଇଲେ । ଭାସ୍କରବାବୁ ଓ ତାଙ୍କ ପତ୍ନୀ ଏଥର ବୁଝି ପାରିଥିଲେ ନିଜଝିଅ ଗୁଡ୍ଡି ଓ ସେମାନଙ୍କ ପୁଅ କିଙ୍ଗୁର ବିଭାଘରକୁ ନେଇ ସମସ୍ୟା । ତାଙ୍କ କନ୍ୟାର ପାଠପଢ଼ା ଏବେସୁଦ୍ଧା ଶେଷ ହୋଇନି, ତେଣୁ ତା ବିଭାଘର ବିଷୟରେ ସେମାନେ ଚିନ୍ତାକରି ନାହାନ୍ତି । ଦେଖାଯାଉ ମହାପ୍ରଭୁଙ୍କର କ'ଣ ଇଚ୍ଛା, ସ୍ୱାମୀସ୍ତ୍ରୀ ମନେମନେ ଭାବିଲେ ।

ପଣ୍ଡିତ ମହାଶୟ, ଦୁଇ ପରିବାର ଆଗରେ ଭଗବାନଙ୍କ ମୁଖନିଃସୃତ ବାଣୀ ଗୀତାର ଶ୍ଳୋକଟିକୁ ପାଠକଲେ-

" ଯୋ ଯୋ ଯାଂ ଯାଂ ତନୁଃ ଭକ୍ତଃ ଶ୍ରଦ୍ଧୟାର୍ଜିତୁମିଚ୍ଛତି ।
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତମେବ ବିଦଧାମ୍ୟହମ୍ ।।"

ସଂକ୍ଷେପରେ ଅର୍ଥ ମଧ୍ୟ ବାଖ୍ୟା କରିଦେଲେ, ଯେ କୌଣସି ଦେବୀ ଦେବତାଙ୍କ ଠାରେ ନିବେଦନ ହେଉଥିବା ପୂଜା ଜଗତପିତାଙ୍କ ନିକଟରେ ପହଞ୍ଚେ, ତେଣୁ ସର୍ବମଙ୍ଗଳ ଜଗନ୍ନାଥ; ତାଙ୍କ ବ୍ୟତିରକେ ଦ୍ୱିତୀୟ ନାହାନ୍ତି । ଆପଣମାନେ ତେଣୁ ମାଆ କଟକଚଣ୍ଡୀଙ୍କ ପାଖରେ ଯାଇ ପ୍ରଣତି ବାଢ଼ନ୍ତୁ, ସବୁ ଠିକ୍ ହେଇଯିବ । ଉତ୍ତର ଅପରାହ୍ନ ହେବାକୁ ଯାଉଥାଏ । ପଣ୍ଡିତଙ୍କୁ ଦକ୍ଷିଣା ଦେଇ ମୁଣ୍ଡିଆମାରି ବଡ଼ ଦେଉଳରୁ ବାହାରି, ଦୁଇ ପରିବାର ସିଧା ଛୁଟି ଆସଥିଲେ କଟକ । ସନ୍ଧ୍ୟା ଉପଗତ ହୋଇ ସାରିଥାଏ । ଭକ୍ତି ନିବେଦନ ନିମନ୍ତେ ଜଗତଜନନୀ ମାତାଚଣ୍ଡୀଙ୍କ ମନ୍ଦିର ବେଢ଼ାରେ ପ୍ରବେଶ କରୁକରୁ ଦୁଇ ପରିବାରଙ୍କ ଚକ୍ଷୁରେ ପ୍ରତିଫଳିତ ହୋଇଥିଲା ଏକ ଅପୂର୍ବ ଦୃଶ୍ୟ । ଏମାନଙ୍କ ଓଏଏସ୍ ପାଇଥିବା ପୁଅ କେଦାର ଓରଫ୍ 'କୁଙ୍ଗୁ' ଓ କଟକରେ ଡ଼ାକ୍ତରୀ ପାଠ ପଢୁଥିବା ସେମାନଙ୍କ ଝିଅ ଗୌରୀ ଓରଫ୍ 'ଗୁଡ୍ଡି' ଏକାଠି ସାନ୍ଧ୍ୟଦୀପ ଜାଳି ସଜଳ ନୟନରେ କରୁଣାମୟୀ ମାଆଙ୍କ ଦିବ୍ୟ ରୂପକୁ ଚାହିଁ ରହିଥିଲେ ।

*ମୁର୍ଗାବାଡ଼ି, ବାରିପଦା*
*ଦୂରଭାଷ: ୯୪୩୭୭୩୫୦୦୫୫*

# ନୀଳାଦ୍ରି ବିଜେ

## ଚୌଧୁରୀ ବରଦାପ୍ରସନ୍ନ ଦାସ

ଦେଶର ଜଣାଶୁଣା କ୍ରୀଡ଼ାବିତ୍ ହୃଦୟଙ୍କ ପାଇଁ ଆସୁଥିବା ଫୋନ୍ କଲ୍‌ଟି ଲାଗୁଥିଲା ସଂପୂର୍ଣ୍ଣ ଅପ୍ରତ୍ୟାଶିତ । ଫୋନ୍ ଆସୁଥିବା ନମ୍ବରଟି ଯେ ତାଙ୍କର ଅଜଣା, ସେ କଥା ନୁହେଁ । ଏକଦା ସେଇ ନମ୍ବରଟି ଥିଲା ତାଙ୍କ ପାଇଁ ସବୁବେଳେ ନିଜର ଓ ଡାକୁଥିବା ଲୋକର ସ୍ୱର ଶୁଣିବାକୁ ସେ ଅଧୀର ହୋଇ ଉଠୁଥିଲେ । ଗପୁ ଗପୁ କେତେବେଳେ ସମୟ ସରିଯାଏ ଲାଗେନା । ହେଲେ ଆଜି ସେଇ ଫୋନ୍ ନମ୍ବରରୁ କଲ୍ ଆସୁଥିବା ଦେଖି ସେ ଖାଲି ଆଶ୍ଚର୍ଯ୍ୟ ହୋଇଗଲେ ନାହିଁ ବରଂ ମନେମନେ ଭୟ ପାଇଗଲେ ।

ବାଟରେ କିଛି ଅଘଟଣ ଘଟିନିତ ? ତାଙ୍କଠାରୁ ବିଦାୟ ନେଲାପରେ ହଂସିକା ଭଲରେ ପହଁଚିବା ପର୍ଯ୍ୟନ୍ତ ତାଙ୍କର କିଛି ଦାୟିତ୍ୱ ଅଛି ବୋଲି ସେ ଅନୁଭବ କରୁଥିଲେ । ଆହୁରି ଆଶ୍ଚର୍ଯ୍ୟ ଲାଗିଲା କାରଣ ନମ୍ବରଟିର ଲୋକେସନ୍ ଥିଲା ଓଡ଼ିଶା । ହଂସିକାତ ଏଇ ସମୟରେ ଲଣ୍ଡନ ଛୁଇଁ ସାରିଥିବା କଥା । ସେ ଓଡ଼ିଶାରେ କେମିତି ? ମୁମ୍ବାଇର ଇଂଟରନ୍ୟାସନାଲ ଏୟାରପୋର୍ଟରେ ତ ସେ ଛାଡ଼ିଆସିଥିଲେ ତାକୁ । ଅପହୃତା ହୋଇନି ତ ସେ ! ସାଥିରେ ଥିବା ପଂଚବର୍ଷର ଝିଅଟା କଥା ଭାବି ଶିହରି ଉଠିଲେ ।

ହଂସିକା ତାଙ୍କର ସ୍ତ୍ରୀ । ନିଜ ଭାବନାକୁ ଭୁଲ୍ ଭାବିଲେ ହୃଦୟ । ନା, ହଂସିକା ତାଙ୍କର ସ୍ତ୍ରୀ ଥିଲେ । ଏବେ ନାହାଁନ୍ତି । ଆପୋସରେ ଅଲଗା ହୋଇ ଯାଇଅଛନ୍ତି ଏଇ ଦଂପତି । ଛାଡ଼ପତ୍ର କାଗଜରେ ଦସ୍ତଖତଟିଏ କରି ଶେଷ କରିଦେଇଛନ୍ତି ଏକାଠି ରହିବାର ଶପଥକୁ । ସଂପର୍କର ସ୍ମାରକୀ ଝିଅଟିକୁ ସାଙ୍ଗରେ ନେବାପାଇଁ ଚାହିଁଥିଲେ ହସିଂକା । ହୃଦୟଟା ଚିରିହୋଇ ଗଲାପରି ଲାଗିଲେବି ସେ ସହି ନେଇଥିଲେ କାରଣ ପିଲାଟିବେଳୁ ସେ ବୁଝିଛନ୍ତି ମାଆ ପଛେ ଧାନକୁଟୁଣୀ ହେଉ କି ମୂଲିଆଣୀ ହେଉ ସେ ପିଲା ପାଖରେ ବାପଠାରୁ ଅଧିକ । ଅବଶ୍ୟ ଛାଡ଼ପତ୍ର କ'ଣ ବୁଝି ନଥିବା ପାଂଚବର୍ଷର ପିଲାଟା । ଭାବିଥିଲା ସେ ମା' ସାଥିରେ କୁଆଡ଼େ ଉଡ଼ାଜାହାଜରେ ଯିବ ।

ହଂସିକା ବିଦେଶୀ ଝିଅ । ବାପଘର ସ୍କଟ୍‌ଲ୍ୟାଣ୍ଡ । ଧର୍ମ ଅନୁସାରେ ସେ ଖ୍ରୀଷ୍ଟିୟାନ ଧର୍ମରେ ବିଶ୍ୱାସୀ । ଲଣ୍ଡନରେ ଏକ ଖେଳ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନଜୟ କରିପାରିଥିଲେ କ୍ରୀଡ଼ାବିତ୍ ହୃଦୟ । ତାଙ୍କର ଦକ୍ଷତା ପ୍ରଦର୍ଶନ ଯେ ସେଦିନ ଆକସ୍ମିକ ଥିଲା ତା' ନୁହେଁ ବରଂଥିଲା ସଫଳତାର ଧାରା । ଖବର କାଗଜ ମାନଙ୍କର କ୍ରୀଡ଼ା ପୃଷ୍ଠାରେ ତାଙ୍କ ନାମ ଝଲସି ଉଠିଥିଲା । ପ୍ରଶଂସାରେ ସାମ୍ବାଦିକ ମାନଙ୍କ କଲମ ମୁଖର ହୋଇ ଉଠିଥିଲା । ପାଖରେ ପ୍ରଶଂସକ ମାନଙ୍କ ଭିଡ଼ ଜମିଥାଏ । ସମସ୍ତଙ୍କ ଭିତରେ ନିଆରା ଦେଖାଯାଉଥିବା ଝିଅଟା ଥିଲା ହଂସିକା ।

ବେଳେବେଳେ ମଣିଷକୁ କିଛି ମୁହଁ ନିଜର ନିଜର ଲାଗେ । ଧରି ରଖିବାକୁ ଇଚ୍ଛାହୁଏ । ସେଲଫି ନେବାପାଇଁ ପାଖକୁ ଆସିଲାବେଳେ ହସିଂକାର ଆଖିରେ କ'ଣ ଦେଖିଲେ କେଜାଣି ଟିକିଏ ଅଧିକ ପାଖକୁଲାଗି ଆସିଲେ । ବୁଲିଚାହିଁ ଟିକିଏ ହସିଦେଇଥିଲା ଏଇ ବିଦେଶିନୀ । ହସିଂକା ବି ଥିଲା କଳା ଜଗତରେ ବେଶ୍ ସଂଭାବନାମୟୀ ପ୍ରତିଭା । ମାନସିକ ଆକର୍ଷଣରେ ପାଖେଇ ଆସିଥିଲେ ସେମାନେ । ଇଂଲଣ୍ଡ ଏବେବି ଭାରତରୁ ସାତଦରିଆ ତେରନଇ ପାରି ଦେଶ ହେଲେବି ବିଜ୍ଞାନ ଆଜି ଦୂରତ୍ୱକୁ ସୀମିତ କରିଦେଇଛି । ଦିନକୁ ଦିନ ଏମାନେ ଟେଲିଫୋନ୍, ଇଂଟରନେଟ୍ ଭିଡ଼ିଓ କଲ୍ ମାଧ୍ୟମରେ ଯୋଡ଼ି ହେଲେ । ଭାବପ୍ରବଣତାର ସାଗରରେ ଉଭୟେ ଉବୁଟୁବୁ ହେଲେ । ଉଭୟେ ସିଦ୍ଧାନ୍ତ ନେଲେ ଏକାଠି ଘର କରିବେ । ଗୋଟିଏ ମୁହୂର୍ତ୍ତ ନୁହେଁ ସବୁ ମୁହୂର୍ତ୍ତକୁ ମନେ ରଖିଲାଭଳି କରିବେ । ସେଇ ସ୍ୱପ୍ନରେ ବିଭୋର ଏଇ ଭିନ୍ନ ଦେଶ ଭିନ୍ନ ଧର୍ମର ମଣିଷ ଦିଓଟି ଭଲପାଇବାର ଧର୍ମରେ ଦିକ୍ଷୀତ ହୋଇ ମୁମ୍ବାଇ ନଗରୀରେ ଘରଟିଏ ଗଢ଼ିଲେ ।

କ୍ରୀଡ଼ା କାର୍ଯ୍ୟକ୍ରମରେ ହୃଦୟଙ୍କସହ ଯାଉଥିଲେ ହଂସିକା ଆଉ କଳା କାର୍ଯ୍ୟକ୍ରମରେ ହସିଂକାଙ୍କ ସାଥୀରେ ବି ହୃଦୟ । ଭାରତର ଖବର କାଗଜ ପୃଷ୍ଠାରେ ଖେଳ ଆଉ କଳାକୃତି ସହ ନିଜର ସାମାଜିକ ସଂପର୍କ ପାଇଁ ବେଶ୍ ଚର୍ଚ୍ଚିତ ହୋଇ ଉଠିଲେ ଏଇ ଦଂପତି ।

ହୃଦୟଙ୍କ ପଛରେ ଥିଲା ଗୋଟାଏ ଯୌଥ ପରିବାରର ଅତୀତ । ବାପା, ବୋଉ, ଭଉଣୀ ଆଉ ଭାଇଙ୍କୁ ନେଇ ତାଙ୍କର ପରିବାର । ଗାଉଁଲି ହେଲେବି ସରଳ । ରହୁଥିଲେ ଓଡ଼ିଶାର ଗୋଟିଏ ଛୋଟିଆ ଗାଁ'ରେ । ସହର ତ ସହର ପୁଣି ମୁମ୍ବାଇ ନଗରରେ ରହିବା ତାଙ୍କ ପରିବାରର

ସ୍ୱପ୍ନର ବାହାରେ ଥିଲା । ଯଦି ମୁମ୍ବାଇ ଆସି ଥାଆନ୍ତେ ତେବେ ହୁଏତ କୋଉ ବସ୍ତୀରେ ଆଶ୍ରୟ ନେଇ ଥାଆନ୍ତେ । କେବେବି ଆଜିପରି ବହୁ କକ୍ଷ ବିଶିଷ୍ଟ ଆକାଶଛୁଆଁ ଫ୍ଲାଟରେ ନୁହେଁ । ଯିବା ଆସିବା କରିଥାଆନ୍ତେ ମୁମ୍ବାଇ ନଗରୀର ଜୀବନରେଖା ଲୋକାଲ ଟ୍ରେନ୍‌ରେ । କେବେବି ଗୋଟାଏ ଦାମୀ କାର୍‌ରେ ନହେଁ ।

ସଫଳତା ତାଙ୍କୁ ଖାଲି ସମ୍ମାନ, ପରିଚିତି ନୁହେଁ ପ୍ରଚୁର ଅର୍ଥବି ଦେଇଛି । ଉପରକୁ ଉଠିଲାପରେ ବି ହୃଦୟ ଭୁଲି ପାରି ନଥିଲେ ନଡ଼ିଆ ବଗିଚାରେ କୋଡ଼ି କୋଦାଳ ଧରି ଖଟି ଖଟି ତାଙ୍କପାଇଁ କ୍ରୀଡ଼ା ଉପକରଣ କିଣି ଦେଉଥିବା ବାପାଙ୍କୁ । କସ୍ତା ଲୁଗା ପିନ୍ଧିଲେବି ମା'ଙ୍କର ମନ ଥିଲା ଉଚ୍ଚ । "ତୁ ପାରିବୁ" ବୋଲି ପ୍ରତ୍ୟୟ ଦେଉଥିଲେ ହୃଦୟଙ୍କୁ । ବଡ଼ଭାଇ ଛୋଟ ବ୍ୟବସାୟଟିଏ କରୁଥିଲେ ବି ନିଜେ ଅଭାବରେ ରହି ହୃଦୟକୁ କେବେ ଅଭାବ କ'ଣ ଜାଣିବାକୁ ଦେଉ ନଥିଲେ । ଆଉ ସାନ ଭଉଣୀଟି ଥିଲା ସଖୀ କଣ୍ଢେଇଟିଏ ।

ପରିବାର ଲୋକେ ଘରର ଭାବ ଅଭାବ ହୃଦୟଙ୍କୁ ନ ଜଣେଇଲେ ବି ସେ ଭଲଭାବରେ ବୁଝିଥିଲେ ଘରର ପ୍ରତ୍ୟେକଟି ମଣିଷ ତାଙ୍କ ପାଇଁ କରୁଥିବା ତ୍ୟାଗକୁ । ଅନେକ ଲୋକେ ପ୍ରାଚୁର୍ଯ୍ୟ ଭିତରକୁ ଗଲାପରେ ଲୁଚେଇ ରଖନ୍ତି ଅତୀତକୁ । ଦୂରେଇ ଦିଅନ୍ତି ଏକଦା ତାଙ୍କ ପାଇଁ କଷ୍ଟ ସହିଥିବା ମଣିଷ ମାନଙ୍କୁ । ହେଲେ ହୃଦୟଙ୍କର ହୃଦୟ ଥିଲା ଅଲଗା । ନିଜେ ସଫଳତା ପାଇଲା ପରେ ସମସ୍ତଙ୍କୁ ନେଇ ଆସିଥିଲେ ପାଖକୁ । ହୃଦୟ ସମସ୍ତ ସଫଳତାର ଶ୍ରେୟ ଦିଅନ୍ତି ବାପା, ମା' ଆଉ ପରିବାରଙ୍କୁ ।

ଏଇ ହସଖୁସିର ସଂସାର ଭିତରକୁ ଆସଲେ ହଂସିକା । ଗୋରା ଦେଶର ଝିଅ । ସେଠି ପରିବାରର ସଂଜ୍ଞା ଅଲଗା । ବୃଦ୍ଧ ବାପ ମା' ରହନ୍ତି ଏକଲା, ନହେଲେ ଜରାଶ୍ରମରେ । କେବେ ପିଲାମାନଙ୍କ ପାଖକୁ ଆସିଲେ ଆସନ୍ତି ଅତିଥି ପରି । ଆସନ୍ତି, ଡ଼ାଇନିଂ ଟେବୁଲରେ ବସି ଖାଆନ୍ତି । କୁଣିଆ ପରି କେତେ ଘଂଟା ମାପିଚୁପି ଚଳନ୍ତି । ଶେଷରେ ବାଏ ବାଏ କରି ଶୁଭରାତ୍ରୀ କହି ଚାଲିଯାଆନ୍ତି । ହୁଏତ ଗଲାବେଳେ କିଛି ଛାଡ଼ିଗଲାପରି ଯାଆନ୍ତି । ହେଲେ ଭାବପ୍ରବଣତା ଏଠି ଗୋଟେ ଦୁର୍ବଳତା । ଭାରତ ବର୍ଷରେ ପିଲାମାନଙ୍କ ପାଇଁ  ଜେଯେ ଜେଯେମା, ବାପ, ମା'ଙ୍କ ଠାରୁ ଅଧିକ । ବାପ, ମା'ଙ୍କ ଠାର ଗାଳି ଖାଇଲେ ସେମାନେ ଲୁଚନ୍ତି ଏଇ ମାନଙ୍କ କୋଳରେ । ହେଲେ ତା' ଦେଶରେ "ଜେଜେ ଜେଜେମା" ଦିବସ ପାଳିତ ହୁଏ । ଚକୋଲେଟ ଆଇସ୍କ୍ରିମ୍‌କୁ ନେଇ ଏହାର ପରିସୀମା । ମନ ଭିତରେ କିଛି କୋହ କାନ୍ଦ କେଉଁଠି ଥିଲେବି ତାକୁ ସମସ୍ତେ ଲୁଚେଇ ରଖନ୍ତି । ନିଜର କାହା ଭିତରେ ବାଂଟିବାର ସୁଯୋଗ ସେଠି କମ୍ । ଏଥିପାଇଁ କ୍ଷୋଭ ବି ନାହିଁ । ଆବେଗ ନୁହେଁ କୃତ୍ରିମତା ସେଠି ସଂପର୍କର ଆଧାର ।

ମୁମ୍ବାଇରେ ପରିବାରର ଏଇ ନୂଆ ପରିବେଶ ହଂସିକା ପାଇଁ ଅଶ୍ୱସ୍ତିକର ନହେଲେବି ଏକୁଟିଆ ବୁଲିଥିବା ବାଆଁରା ପକ୍ଷୀକୁ ଗହନ କେବେ ଭଲ ଲାଗିବନି । ହସିଂକାକୁ ଭଲ ଲାଗିଲାନି ମଧ୍ୟ । ଏତେଦିନ ଧରି ସଂପର୍କର ସଂଜ୍ଞାକୁ ସେ ଯେପରି ବୁଝିଥିଲା ସେଥିରୁ ବିଚ୍ୟୁତିକୁ ଗ୍ରହଣ କରି ପାରିଲାନି । ମନ ଚାହେଁ କୋଳାହଳଠୁ ଦୂରରେ ରହିବ । ପୁଣି ଏଠି ସ୍ୱାମୀ ଭିନ୍ନ ଅନ୍ୟ ମାନଙ୍କର ଆଦର, ଆବେଗ, ଯତ୍ନ ତାକୁ ଅଭିଭୂତ କରେ । ଶାଶୂ,ଶ୍ୱଶୁର ଆଉ ଅନ୍ୟ ନିରୀହ ମଣିଷ ମାନଙ୍କୁ ପାଖରୁ ଦୂରେଇଦେବାକୁ ମନ କହେନି । କିନ୍ତୁ ଭିତରେ ଗ୍ରହଣ କରି ପାରେନି । ଏତେବର୍ଷର ପାଶ୍ଚାତ୍ୟ ପରିବାର ପରଂପରାରୁ ନିଜକୁ ମୁକ୍ତ କରି ପାରେନି । ଆରପଟରେ ଏଠିକାର ନିବିଡ଼ ସଂପର୍କର ପରସରେ ବାନ୍ଧିହୋଇଯାଏ । ବିଶ୍ୱାସ ଏ ମାଟିର ଅଳଙ୍କାର । ଭାଂଗି ପାରେନି କି ଗ୍ରହଣ କରି ପାରେନି । ଆଶ୍ଚର୍ଯ୍ୟ ହୁଏ, ଏଠି ଠାକୁର ଠାକୁରାଣୀବି ପରିବାରର ଲୋକ ।

ମନର ଏଇ ଅକୁହା ଦ୍ୱନ୍ଦ ଭିତରେ ସେ ଅନେକ ସମୟରେ ଉଦାସ ଦେଖାଯାଏ । ପବନରେ ଲହରି ଭାଙ୍ଗୁଥିବା ତରଙ୍ଗ ନିଥର ହୋଇଯାଏ । ହଂସିକାର ମନ କଳାକାରର ମନ । ନିଷ୍ଚୟ ସରଳ ଢଳଢ଼ଳ । ଗରଳର ସ୍ଥାନନାହିଁ । ଏଇ ଦ୍ୱନ୍ଦ ଭିତରେ ଗଡ଼ି ଯାଉଥିବା ସଂସାରରେ ଝିଅଟିଏ ଆସିଲା । ହୃଦୟ-ହଂସିକାଙ୍କ ସଂସାର ରଥ ଗଡ଼ିଚାଲିଥାଏ । ତଥାପି ଏଇ ମାନସିକ ଦ୍ୱଂଦରୁ ମୁକୁଳିବା ପାଇଁ ପ୍ରସ୍ତାବଦେଲା, ସେ ସ୍କଟ୍‌ଲ୍ୟାଣ୍ଡ ଫେରିଯିବ । ହୃଦୟ ଯେତେ ପଚାରିଲେବି କିଛି କହେ ନାହିଁ, ଖାଲି ଉଦାସ ରହେ । ମନ ଭିତରେ ଥିବା ବିବେକ ତା ପାଟିରେ ହାତଦିଏ । ଏପରି ନିରୀହ ମଣିଷମାନଙ୍କ ମନରେ  କଷ୍ଟଦେବାକୁ ଭାବି ପାରେନା । ଏମିତି ଦ୍ୱଂଦଭିତରେ ହସିଂକାକୁ ବହୁତ ଭଲ ପାଉଥିବା ହୃଦୟ ରାଜି ହୋଇଯାଏ ତା'ର ଇଚ୍ଛା ଅନୁସାରେ ନିଜ ଦେଶକୁ ଫେରିଯିବାପାଇଁ ଏପରି ଛାଡ଼ପତ୍ର ପାଇଁ ସେମାନେ କୋର୍ଟ କଚେରୀକୁ ଯାଇ ପରସ୍ପର ବିରୁଦ୍ଧରେ ଆରୋପ କରି ନାହାଁନ୍ତି କିମ୍ବା ଭରଣ ପୋଷଣ ଦାବୀ କରିନାହାଁନ୍ତି । ଏପରିକି ଛୋଟ ପିଲାଟାର ମାଲିକାନା ଦାବୀ କରି ନାହାଁନ୍ତି ।  କେବଳ ଶାଶୁଶ୍ୱଶୁର ସ୍ୱତଃ ଜକେଇ ଆସୁଥିବା ଲୁହକୁ ଜାକି କହିଥିଲେ "ମା'ଠାରୁ ପିଲାକୁ ଦୂରେଇ ରଖିବା କଥା ଖାଲି ଜଣେ ଜହ୍ଲାଦ କହିପାରେ" । ଛୋଟ ଭଉଣୀ ଆଉ ବଡ଼ଭାଇ ଖାଲି ଚାହଁଥିଲେ । ଘର ଛାଡ଼ିବାବେଳ ପର୍ଯ୍ୟନ୍ତ ବି ହସିଂକା ଦ୍ୱଂଦରେ ରହିଥିଲା ହେଲେ ଅନେକଦିନ ଧରି ଦୃଢ଼ ଭାବରେ ରହିଥିବା ପାଶ୍ଚାତ୍ୟ ପରଂପରା ସବୁ ଭାବପ୍ରବଣତାର ରଜ୍ଜୁକୁ ଛିଡ଼ାଇ ଦେଲା । ହେଲେ ହୃଦୟଙ୍କ ପରିବାରରୁ ସ୍ୱର ଶୁଭୁଥିଲା, ଯେଉଁଠି ରୁହ ଭଲରେ ରୁହ । ଶାନ୍ତିରେ, ଅଶାନ୍ତିରେ ନୁହେଁ । ପ୍ରକାଶ ନ କରିଥିଲେ ବି ହୃଦୟ ଅନୁଭବ କରି ପାରି ଥାଆନ୍ତି ହଂସିକାର ଦ୍ୱନ୍ଦକୁ ।

ଫୋନ୍‌ଟା ସେମିତି ରିଂ ହେଉଥାଏ ।  ମନରେ ଶଙ୍କା ଆଉ ଭୟକୁ ଶେଷ କରିବାକୁ ହୃଦୟ ଫୋନ୍ ଅନ୍ କଲେ । ତୁଣ୍ଡରୁ ବାହାରିଗଲା, 'ତମେ' ? ଟିକିଏ ରହିଯାଇ ପଚାରିଲା, "ଭଲରେ ଅଛତ" ? ସେପଟରୁ ଶୁଭିଲା ହଂସିକାର ମୃଦୁ ହସ । ଜୋରରେ ନୁହେଁ ବରଂ ଧୀରେ, ସଂଭ୍ରମରେ । ତମେ ଓଡ଼ିଶା କେମିତି ଗଲ ? ତମକୁ ତ ମୁଁ ମୁମ୍ବାଇର ଇଂଟରନ୍ୟାସନାଲ ଏୟାରପୋର୍ଟରେ ଛାଡ଼ି କରି ଆସିଥିଲି ?  ଏକାଥରକେ ସବୁପ୍ରଶ୍ନ ଗୁଡ଼ାକ ପଚାରି ଯାଉଥଆନ୍ତି ହୃଦୟ । ଅପହରଣର ଭୟ ବିବ୍ରତ କରିପକାଇଲା ହୃଦୟଙ୍କୁ । ତାଙ୍କର ବ୍ୟସ୍ତତା ଅନୁଭବ କରି ହଂସିକା କହିଲା ନା ମୁଁ ପୁରୀ ଆସିଛି ।

ହଂସିକା ପୁରୀ ଯାଇଛି ! ସେ କ'ଣ ସନ୍ନ୍ୟାସିନୀ ହେବ ନା କ'ଣ । ସ୍କଟଲ୍ୟାଣ୍ଡ ଯାତ୍ରାଟା କେମିତି ପୁରୀ ଯାତ୍ରା ହେଲା ରହସ୍ୟମୟ ଲାଗିଲା ତାଙ୍କୁ । ମନ ଭିତରର ଏଇ ଦୀର୍ଘଦିନର ସଂଘର୍ଷ କ'ଣ ଆଧ୍ୟାତ୍ମିକ ପଥରେ ଅନୁଗାମୀ କରେଇଲା ? ହସିଂକା ଆଉ ତା'ର ଛୋଟ ଝିଅ ଯେ ଅପହୃତ

ହୋଇନାହାନ୍ତି ସେ କଥା ସେ ବିଶ୍ୱାସ କଲା ଯେତେବେଳେ ଛୋଟ ଝିଅଟା ବି ତାଙ୍କ ସାଙ୍ଗରେ ଖୁବ୍ ସହଜରେ କଥା ହେଲା। ତା'ପରେ ହଂସିକା ତାଙ୍କୁ ଭଡ଼ିଓ କଲ୍‌କରି ଦେଖାଇଲା ସତରେ ସେମାନେ ବଡ଼ଦାଣ୍ଡରେ ଛିଡ଼ା ହୋଇଛନ୍ତି। ରଥ ପରଦିନର ଘଟଣା। ଠାକୁର ନୀଳାଦ୍ରି ବିଜେ କରି ସାରିଛନ୍ତି। ସୁଦୃଶ୍ୟ ରଥ ଏବେ ବି ବଡ଼ଦାଣ୍ଡରେ ଅଛି। ବଡ଼ଦାଣ୍ଡରେ ଗହଳ ଚହଳ ନାହିଁ।

ଭିଡ଼ିଓ କଲ୍‌ରେ ଲାଗିଲା ହଂସିକା ହୃଦୟଙ୍କୁ କେମିତି ଗୋଟାଏ ଅଲଗା ଭାବରେ ଚାହୁଁଛି। ଯେମିତି ଚାହିଁଥିଲା ପ୍ରଥମ ଦେଖାରେ। ସେ ଅଟକି ପାରିଲେନି ଯେତେବେଳେ ହଂସିକା ତାଙ୍କୁ ଅନୁରୋଧ କଲା, ପୁରୀ ଆସିବାକୁ। ରାଜିରୁଜାରେ ଛାଡ଼ପତ୍ର ବେଳେ ସେମାନେ ଅବଶ୍ୟ ସାରା ଜୀବନ ବଂଧୁ ହୋଇ ରହିବେ ବୋଲି କଥା ହୋଇଥିଲେ। ତଥାପି ଆଜି ହଂସିକାର ଆଚରଣ ଦେଖି ସେ ଭାବୁଥିଲେ ସେ ଅନେକାଂଶରେ ପାଗଳୀ ହୋଇଯାଇ ନାହିଁ ତ ? କିଛି ବୁଝି ପାରିଲାନି ସେ ଯେତେବେଳେ ହଂସିକା କହିଲା, ହଁ ପୁରୀ ଆସିଲା ବାଟରେ ଭୁବନେଶ୍ୱରରୁ କିଛି 'ରସଗୋଲା' ଆଣିବ। ଏଭଳି ଗୋଟାଏ ଅନୁରୋଧ କରିବାର ଶୁଣି ସେ ସନ୍ଦେହ କଲେ, ହସିଂକା ପ୍ରାୟ ସତରେ ମାନସିକ ସୁସ୍ଥତା ହରେଇଛି। ଯାହାହେଉ ସବୁ ରହସ୍ୟର ଅନ୍ତ ଘଟାଇବାକୁ ସେ ଭୁବନେଶ୍ୱରରୁ ଯିବା ପାଇଁ ବିମାନରେ ବସିଲେ। ତଥାପି ମନରେ ଭୟଥାଏ, ବିଭୁପାଦରେ କାମନା କରୁଥାଆନ୍ତି ହଂସିକା ଭଲରେ ଥାଉ। ଏଭଳି ଚିନ୍ତାଯେ ହଂସିକା ପାଇଁ ଭଲ ପାଇବା ଯୋଗୁଁ ତା' ସଂପୂର୍ଣ୍ଣ; ଠିକ୍ ନୁହେଁ ଯଦି ଭାରତରେ ହଂସିକାର କିଛି ଅସୁବିଧା ହୁଏ କି ଅଘଟଣ ଘଟେ ତେବେ ଖବରକାଗଜ ଆଉ ଟି.ଭି. ଭୟଙ୍କର ଭାବରେ ସେ ଖବର ପ୍ରଚାର କରିବେ। ସେଲିବ୍ରିଟ୍‌ଙ୍କ ଗୋପନ କଥା ସାଂବାଦିକଙ୍କ ପାଇଁ ଗୋଟାଏ ତାଜା ଖବର। ଆସିଲାବେଳେ ବୋଉ ତାଙ୍କର କହୁ ଥିଲା, ଠାକୁରେ କାଇଁତାକୁ ଡାକିକରି ନେଇଛନ୍ତି କି ଲୀଳା କରିବେ କେଜାଣି ?

ପୁରୀର ହେଟେଲ୍ ରୁମ୍‌ରେ ହଂସିକାର କଥା ଶୁଣୁଥିଲେ ହୃଦୟ। ସେଦିନ ତୁମେ ଆମକୁ ଏୟାରପୋର୍ଟରେ ଛାଡ଼ିଗଲାପରେ ଆମକୁ ଜଣାଇ ଦିଆଗଲା ସାରା ବିଶ୍ୱରେ ମାଇକ୍ରୋସଫ୍ଟ ସର୍ଭରର କମ୍ପ୍ୟୁଟର ବ୍ୟବସ୍ଥାରେ ଅଚଳ ଅବସ୍ଥା ଦେଖାଯାଇଛି। ବୋର୍ଡ଼ିଂ ପାସ୍ ଓ ଅନ୍ୟାନ୍ୟ କାଗଜ କତ୍ର ପ୍ରସ୍ତୁତ ହୋଇ ପାରୁନାହିଁ। ଫ୍ଲାଇଟ୍ କେତେ ଡ଼େରିହେବ କହିହେବ ନାହିଁ। ଏୟାରପୋର୍ଟ ଲାଉଞ୍ଜରେ ଅପେକ୍ଷା କରିବା ଛଡ଼ା ଅନ୍ୟଗତି ନାହିଁ। ହଠାତ ସାମନାରେ ଥିବା ଟି.ଭି. ସ୍କିନ୍‌ରେ ଗୋଟାଏ ଦୃଶ୍ୟ ଆସିଲା। ପୁରୀ ବଡ଼ ଦେଉଳର ଠାକୁର ଗୋଟାଏ ବିରାଟ ରଥରୁ କାଠର ଚାଳମାଳ ଉପରେ ଅଟକି ରହିଛନ୍ତି। ଦୂରରେ ଗୋଟାଏ ଉଚ୍ଚା ପାଚିରି ସେପଟେ ଗୋଟାଏ ମଣ୍ଡପଉପରେ କଣ୍ଢେଇପରି ନାରୀ ପ୍ରତିମାଟିଏ। କଥାକୁହା ଆଖି। ଖୁବ୍ ସୁନ୍ଦର ଭାବରେ ଘୋଷକ ବୁଝାଉଥିଲେ ଏଇ ମନ୍ଦିରର ଠାକୁର ଜଗନ୍ନାଥ ଭଇଭଉଣୀଙ୍କୁ ନେଇ ନଅଦିନ ପାଇଁ ତାଙ୍କର ଜନ୍ମ ସ୍ଥାନକୁ ଯାଇଥିଲେ। ସାଂଗରେ ପତ୍ନୀ ଲକ୍ଷ୍ମୀଙ୍କୁ ନେଇ ନଥିଲେ। ରାଗରେ ଲକ୍ଷ୍ମୀ ପଛେ ପଛେ ଯାଇ ଜନ୍ମବେଦୀ ବାହାରେ ଥିବା ରଥର ଖଣ୍ଡେ ଭାଙ୍ଗିଦେଇ ଗୋଟାଏ ଗଳି ରାସ୍ତାରେ ପଳାଇ ଆସିଥିଲେ।

ଖୁବ୍ ସୁନ୍ଦର ଭାବେ ଘୋଷକ ବୁଝାଉଥିଲେ ଲକ୍ଷ୍ମୀ ଠାକୁରାଣୀ ହେଲେବି ସେ ନାରୀ। ପତି ପାଖରେ ସେ ସବୁବେଳେ ଏକ ଚାଟିଆ ଅଧିକାର ନେଇ ଚଳନ୍ତି। ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଗଲେ ଅଥଚ ସେ ଗଲେ ନାହିଁ। ଏକଥାଟା ବାଧିଲା ତାଙ୍କୁ। ହେଲେ ସେଇ ପାଚିରି ସେପାଖ ଭେଟ ମଣ୍ଡପରୁ ଚାରମାଳ ଉପରେ ଥିବା ସ୍ୱାମୀ ଜଗନ୍ନାଥଙ୍କ ସହ ଆଖି ମିଶିଲା ପରେ ତରଳିଗଲେ ସେ। ତଥାପି ମନ୍ଦିରର ବିରାଟ କବାଟ ବନ୍ଦକରି ସେ ଅପେକ୍ଷା କଲେ। ଦ୍ୱାର ନ ଖୋଲିବାକୁ ଗୀତରେ ଗୀତରେ ଯୁକ୍ତି କଲେ। ତା'ପରେ ସବୁ କଳିତକରାଳ ତୁଟିଗଲା ଆଉ ଶ୍ରୀମନ୍ଦିରରେ ଭାଇ ଭଉଣୀ ପରିବାର ଧରି ରହିଲେ ଠାକୁର। ଏଇ ପରଂପରା ଭାରତରେ ଯୌଥ ପରିବାରର ଆଧାର ବୋଲି କହିଲେ।

ମନେପକାଇଦେଇ ହଂସିକା କହିଲେ, ମୁଁ ତମ ସାଥୀରେ ଆସି ପହଁଚିଲା ପରେ ତୁମର ମା' କହିଥିଲେ "ତୁ ମୋର ଲକ୍ଷ୍ମୀ"। ବୁଝି ପାରି ନ ଥିଲି ମୁଁ। ହେଲେ ସେଦିନ ଘୋଷକ ବୁଝାଉଥିଲେ ଏ ସଂସାରରେ ପ୍ରତ୍ୟେକ ନାରୀ ମା' ଲକ୍ଷ୍ମୀଙ୍କର ଅଂଶ। କହୁଥିଲେ ହଂସିକା, ଆମ ଦେହଠାରୁ ଆହୁରି ବଡ଼ ପ୍ରାୟ ପରସ୍ପରପ୍ରତି ଭଲ ପାଇବା ଆଉ ବିଶ୍ୱାସ। ଆମର ମାଟିର ଦେହ ଭିତରେ ଯେଉଁ ପବନ ତାକୁ ଜୀବନ୍ତ କରିଛି ସେ ହେଲେ ଜଗନ୍ନାଥ। ସେ ଆକାର ସେ ନିରାକାର, ସେ ଏକ ଚେତନା।

ତଥାପି ଫ୍ଲାଇଟ୍ ବିଳମ୍ବ ହେଉଥାଏ। କ୍ଲାନ୍ତିରେ ଟିକେ ଘୁମେଇ ପଡ଼ିଥିଲି ମୁଁ। କହୁଥିଲେ ହଂସିକା। ସ୍ୱପ୍ନରେ ଦେଖିଲି ସେଇ ମହାମିଳନର ଶେଷ ପର୍ବରେ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ମିଠା ଖୁଆଇ ଦେଉଛନ୍ତି। ଆଉ ହସୁଛନ୍ତି ଠାକୁରାଣୀ। ମିଳେଇ ଯାଉଛି ଜିଦ୍ ଆଉ ବିଷାଦର ହିମଗିରି। ଜାଣିଚନା, ମତେ ଲାଗିଲା ଠାକୁରାଣୀଙ୍କ ଜାଗାରେ ମୁଁ ଅଛି। ତମ ଘରଟା ପାଲଟି ଯାଇଛି ଶ୍ରୀମନ୍ଦିର।

ଏତିକିବେଳେ ଏୟାରପୋର୍ଟରେ ଆନାଉନ୍‌ସ୍‌ମେଂଟ ଆସିଲା ଫ୍ଲାଇଟ ସଂପୂର୍ଣ୍ଣ କ୍ୟାନସେଲ୍। ଟିକେଟ୍ ପଇସା ଫେରାଇ ନେବାକୁ ଅନୁରୋଧ। ଯୋଗକୁ ଭୁବନେଶ୍ୱରକୁ ଫ୍ଲାଇଟ୍ ମିଳିଗଲା। ତା ପରେ ଅନ୍ତରର ଏକ ଅକୁହା ପ୍ରେରଣାରେ ମୁଁ ପୁରୀ ଚାଲିଆସିଛି। କଥାଟାକୁ ପୂରଣ କରି ହୃଦୟ କହିଲେ, "ଆଉ ଜଗନ୍ନାଥ ତାଙ୍କ ପାଟିରେ ଏମିତି ରସଗୋଲା ଖୁଆଇ ଦେଉଛନ୍ତି।" ହଂସିକାଙ୍କ ପାଟିରେ ରସଗୋଲାଟିଏ ଖୁଆଇଦେଲେ ହୃଦୟ। ଶିରାଗୁଡ଼ାକ ପିଚିକି ପଡ଼ିଲେ ବାହାରକୁ। କିରିକିରି ହୋଇ ହସି ଉଠିଲା ଛୋଟ ଝିଅଟା। ତା' ପରଦିନ ନୀଳାଦ୍ରି ବିଜେର ଏଇ ଚିରନୂତନ ସଂସ୍କରଣକୁ ଏକାଠି ଇଂଟରନେଟ୍‌ରେ ପୋଷ୍ଟକରିଦେଲେ ଏଇ ନବଦଂପତି। ମିଳେଇ ଯାଇଥିଲା ପୂର୍ବ-ପଶ୍ଚିମର ପାଚିରି।

*ବାରଙ୍ଗ, କୋଠିଆଁ, ଜଗତସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*

# ସର୍ଜିକାଲ ଷ୍ଟ୍ରାଇକ୍

ଡଃ ସୁକାନ୍ତ ମହାରଣା

ତିନିଘଣ୍ଟାର ସିଟିଂ। ନୀରବ ପଦଚାରଣ ଆଉ ସଜାଗ ଦୃଷ୍ଟିପାତ। କିଏ କେଉଁଠି କପି କରୁଛିକି ? କାହାର ଅତିରିକ୍ତ କାଗଜ ଦରକାର ? କାଁ ଭାଁ ପୃଷ୍ଠା ଓଲଟେଇବା ଶବ୍ଦ ବ୍ୟତୀତ ହଲ୍‌ସାରା ନିରବଚ୍ଛିନ୍ନ ନୀରବତାର ରାଜୁତି। କର୍ତ୍ତବ୍ୟରତ ଅଧିକ୍ଷକ (ଇନ୍‌ଭିଜିଲେଟର) ମାନଙ୍କ ପାଇଁ ଭାବମନସ୍କତାର ଖୋରାକ୍। ମଣିଷର ମନ ଯଦି ଏକ ପ୍ରକୋଷ୍ଠ ହୁଏତ ହିଁ ବହୁଳବସ୍ତୁର ସମାଗମ, ଆତଯାତ। ସେ ପ୍ରକୋଷ୍ଠ କେବେ ଖାଲି ହୁଏ ନାହିଁ। ଯେବେ ଖାଲି ହୁଏ, ସେଇଟା ମଣିଷର ମୃତ୍ୟୁ ଅବା ନିର୍ବାଣ।

ଆଖି ଖୋଲିଲେ ଦୃଷ୍ଟିରେ ପଡ଼ିବ ରଙ୍ଗଛଡା ଚିତ୍ରବିଚିତ୍ର କାନ୍ଥ ପୃଷ୍ଠ। ଆଜେ ବାଜେ କଥା ଲେଖା, ପାନପତ୍ର ଉପରେ ତୀରଭେଦ, ଜଣେ ପୁଅ ଜଣେ ଝିଅ ନାଁ ମଝିରେ ଯୁକ୍ତଚିହ୍ନ, ଛାତରୁ ଝୁଲିରହିଥାନ୍ତି ପଦ୍ମ ଫୁଲାକୃତ ଅଚଳ ସିଲିଂ ପଙ୍ଖା (ଉଚ୍ଛୃଙ୍ଖଳ ଦୁଷ୍ଟଛାତ୍ରଙ୍କ କାରନାମା)। କାନ୍ଥର ଝରକାମାନେ ମୁମୂର୍ଷୁ। କେଉଁଠି କବାଟ ଭାଙ୍ଗି ସମ୍ପୂର୍ଣ୍ଣ ଖସିପଡ଼ିଛି ତ କେଉଁଠି ଝୁଲିରହିଛି, କେଉଁ ମୁହୂର୍ତ୍ତରେ ଖସିପଡ଼ିବ। ଏଇ ହେଉଛି ବୀରଭଦ୍ର କଲେଜର ଏକ ପ୍ରମୁଖ ପରୀକ୍ଷା ହଲ୍‌ର ଆଭ୍ୟନ୍ତରୀଣ ଦୃଶ୍ୟ। ବାହାରେ ଖୋଲା ଆକାଶର ଉଡନ୍ତା ଚଢ଼େଇ, ଗହଳ ବଣବୁଦାର ସିରି ସିରି ପତରମାନଙ୍କ ଶୋଭା।

କଟା ଧାନ କିଆରିରେ କଳେଇ ପଡ଼ିଛି। ଅନ୍ୟତ୍ର ଚାରଣ ଚର୍ବଣରତ ଗୋଛାଗଳ ଶ୍ରେଣୀ। ଧାବମାନ ଶୁନୀର। ଝରକା ବାଟେ ସୋରାଏ ନରମ ସୂର୍ଯ୍ୟକିରଣର ଅନୁପ୍ରବେଶ ପୌଷର ଦେହ ଥରା ଶୀତଳତାକୁ ଉଷୁମ କରୁଛି। ମାୟାଧରବାବୁ ସେଇ ଖରାକୁ ପିଠିକରି ଠିଆହେଲେ। ଆଗରେ ଧାଡ଼ି ଧାଡ଼ି ଗୋଲାପି ବସ୍ତ୍ରାବୃତ ପିଠିମାନଙ୍କଶୋଭା। କଲେଜର ୟୁନିଫର୍ମ ଗୋଲାପି ଉର୍ଦ୍ଧ୍ୱ ବସ୍ତ୍ରରେ ବହୁଳସଂଖ୍ୟକ ବାଳିକା ଛାତ୍ରୀ ମଧ୍ୟରେ କାଁ ଭାଁ ବାଳକ। ବାଳିକା ବହୁତ, ଡ଼ିଗ୍ରୀ କଳା ଶ୍ରେଣୀ। ସେଥିପାଇଁ ବୋଧହୁଏ ହଲରେ ନୀରବତା, ଶୃଙ୍ଖଳା (ସ୍ୱଭାବତଃ ନାରୀମାନେ ଶାନ୍ତିକାମୀ ଏବଂ ଶୃଙ୍ଖଳିତ।)

ଏଇ ନାରୀ ପ୍ରସଙ୍ଗରୁ ମନେପଡ଼ିଲା। ଜଣେ ବରିଷ୍ଠ ଅଧ୍ୟାପକ ବନ୍ଧୁଙ୍କୁ ଥରେ ଜଣେ ଯୁବ ଅଧ୍ୟାପକ ପଚାରିଲେ, "ସାର୍! କ୍ଲାସ୍‌ରେ ବେଶୀ ସଂଖ୍ୟକ ଝିଅ ଥିଲେ କେମିତି ଲାଗେ ?"

ବରିଷ୍ଠ ଅଧ୍ୟାପକ ଜଣକ ତତ୍‌କ୍ଷଣାତ୍ ବାଢ଼ିଲେ ଏକ ସହଜ ଖିଆଲୀ ଉତ୍ତର, "ଟିକେ ହୋମ୍‌ଲି ଲାଗେ ଆଉ!"

ଆଜି ପରୀକ୍ଷା ହଲରେ କ'ଣ ସେମିତି ହୋମ୍‌ଲି ଅନୁଭବ ମିଳୁଛି ? ମନରେ ରୋମାଣ୍ଟିକ୍ ଭାବର ବିଳାସ ? ଦେହରୁ ଯୌବନ ଅବଶ୍ୟ ଅତିକ୍ରାନ୍ତ। ଆଉ ଦୁଇବର୍ଷ ପରେ ଷାଠିଏ ପୂରିବ। ଚାକିରିରୁ ଅବସର। ତଥାପି ଉପରକୁ ଭଦ୍ରମଣିଷର ଚେହେରା ଭିତରେ ନାରୀଜାତି ପ୍ରତି ସେ ଲଜ୍ଜାହୀନ ଦୁର୍ବାର ଆକର୍ଷଣ, ସେ ସେକ୍ସ ପ୍ରବଣତା ସେମିତି ବଳବର ରହିଛି ମନରେ ଅଳ୍ପ ବହୁତ। ବୟସରେ ବାର୍ଦ୍ଧକ୍ୟ ଆସିଲେ ମନରେ କଣ ବୁଢ଼ାହୁଏ ମଣିଷ ? ତାଙ୍କ ଝିଅ ବୟସର ଛାତ୍ରୀମାନଙ୍କ ପ୍ରତି ଲିଭି ଲିଭି ଆସୁଥିବା ପାଉଁଶତଳର ନିଆଁପରି କୁହୁଳା ଦୁର୍ବଳତା ଉପୁଚି ଉଠୁଛି ତଥାପି ଲୁଚିଲୁଚି ସମୟ ସୁଯୋଗର ଫାଙ୍କରେ। ସେ କ'ଣ ପୂର୍ବର ସେ ଯୌବନ ବେଳପରି ଆସୀନ ଛାତ୍ରୀମହଲରୁ ସର୍ବୋତ୍ତମା ସୁନ୍ଦରୀଟିକୁ ବାଛି ନିଜ ପ୍ରାପ୍ତ ବୟସର ପାପ ଚିନ୍ତାକୁ ଲଦିଦେବେ ତାର ଉନ୍ମୁକ୍ତ ଦେହ ଉପରେ ନିଭୃତରେ, କଳ୍ପନାରେ ?

କିନ୍ତୁ ବୟସ - ବିବେକର ତାଡନା ବାଟ ଓଗାଳିଲା। ସେ ନିଜକୁ ଓହରେଇ ଆଣିଲେ ସେହି ରୋମାଣ୍ଟିକ୍ ଭାବର ବିଳାସରୁ। ନା' ମୋର ଅନ୍ୟକାମ ଅଛି; ଏହି ଭାବରେ। ଜୀବନର ବିଳମ୍ବିତ କାଳରେ ଲେଖା ଲେଖି ପ୍ରତି ମନ ବଳିଛି। ମୁଁ ଗଳ୍ପ ଲେଖୁଛି ସତ, କିନ୍ତୁ ବିଡ଼ମ୍ବନା ଯେ ମନକୁ ପାଇଲାଭଳି ଲେଖାଟିଏ ଲେଖପାରିଲି କେଉଁଠି ? ଯେମିତି ଲେଖିଛନ୍ତି ମୋର ପ୍ରିୟ, ପସନ୍ଦର ଲେଖକ, ତା'ର ଧାପେ ? ମୁଁ ଦେଢ଼ଶହ ବର୍ଷବଞ୍ଚି ଲେଖାଲେଖି ଜାରି ରଖିଲେ ବି ତାଙ୍କ ପରି ଲେଖାଟିଏ ଲେଖିପାରିବିନି ବୋଲି ଅନ୍ତତଃ ଜୋର୍ ଦେଇ କହିପାରେ। ତାଙ୍କ ପରି ଲେଖିବାତ ଦୂରର କଥା ତାଙ୍କର ଅନେକ ଲେଖା ପଢ଼ି ଷୋଳଅଣା ବୁଝିପାରିବାବି ସମ୍ଭବ ହୁଏନାହିଁ ମୋ ଦ୍ୱାରା। ଏଣେ ଚାକିରି ଭିତରେ ଥାଇ କର୍ତ୍ତବ୍ୟର ଭାର ବୁକେଇ ପଡୁଛି। ଲେଖାଲେଖି ପାଇଁ ଅନୁକୂଳ ପାଣିପାଗଟିଏ ମିଳୁନାହିଁ। ଆଜିପରି ପରୀକ୍ଷା ହଲ୍ ଡ଼ିଉଟି ସୁଯୋଗଟିଏ ଦେଇଛି ଭାବବିଳାସରେ ବୁଡ଼ିରହି ଗଳ୍ପଟିଏ ପାଇଁ ପ୍ଲଟ ଖୋଜିବା ପାଇଁ। ସେ ସୁଯୋଗଟିକୁ ହାତଛଡା କରିବି ନାହିଁ।

ଏବେ ପରୀକ୍ଷାର ଋତୁ। ନାହିଁ କ୍ଲାସ ନେବାର ଟେନ୍‌ସନ୍‌। ମୁକ୍ତ ପୋଲାଫାଙ୍କିଆ ଜୀବନ। ଅଧଘଣ୍ଟା ଆଗରୁ ଆସ। କଣ୍ଟ୍ରୋଲ ରୁମ୍‌ରୁ ଡ଼ିଉଟିଚାର୍ଟ ଦେଖି କାଗଜପତ୍ର ଧରି ବାହାର। ହଲ୍‌ରେ ତିନିଘଣ୍ଟା ଟହଲମାର। ତା'ପରେ ଖାତାପତ୍ର ଫେରାଇଦେଲେ ଛୁଟି। ତା'ପରେ ବସାକୁ ଯାଇ ଶୁଅ ବସ, ତାସ୍ ଖେଳ; ଅବା ଲେଖାଲେଖିରେ ମନ ଦିଅ। ବାସ୍।

ହାଲୁକା ଉଛାଟ ଉସତ ମନନେଇ ମାୟାଧରବାବୁ ଚଳମାନ ଥିଲେ ପରୀକ୍ଷା ହଲ୍ ଭିତରେ। ଉଜ୍ଜ୍ୱଳ, ପରିଚ୍ଛନ୍ନ ଥଣ୍ଡାପାଗ ଓ ଝରକା ସେପାଖର ଚଳଚଞ୍ଚଳ ପ୍ରକୃତି ସେଥିରେ ଇନ୍ଧନ ଢ଼ାଳୁଥିଲା।

ସେଇଠୁ ସ୍ମୃତିର ଝଲକାଏ ଛାଟି ହୋଇଗଲା ତାଙ୍କ ମନରେ। ସଦ୍ୟ ଅତୀତରେ ଘଟିଥିବାସାନ ଘଟଣାଟିଏ ଉଙ୍କିମାରିଲା। ବସାଘର ମେସ୍‌ରେ ମୂଷା ଉପଦ୍ରବ କରୁଛି। ସାମାନ୍ୟ ମୂଷା। କିନ୍ତୁ କିଛି ଦିନ ହେଲା ନାକରେ ପାଣିପେଇ ସାରିଲାଣି। ସେ ଗଣେଶଙ୍କ ବାହନ ହେଉ ଯିଏ ହେଉ ତାକୁ ଯନ୍ତା ବସାଇ ଧରି.....। 'ଯେ ହେବ ଆମ୍ଭର ବଇରୀ, ଗୁରୁବ୍ରାହ୍ମଣ ହେଲେ ମାରି।'

ପଡ଼ୋଶୀବନ୍ଧୁ ଦେବେନ୍ଦ୍ରବାବୁଙ୍କ ଘରେ ଅଛି ଯନ୍ତା। ସେଥିରେ ମୂଷାଧରି ଦେବେନ୍ଦ୍ରବାବୁ ଯନ୍ତା ସହ ପାଣିରେ ବୁଡାଇ ମାରନ୍ତି। ଯନ୍ତା ଭିତରୁ ବାହାରି ନପାରି ବିଚରା ଜୀବଟି ଅଣନିଶ୍ୱାସୀ ହୋଇ ଛଟପଟ ହୋଇମରୁଥିବ। ମୁଁ ଭାବୁଛି ଆମେ ତାକୁ ନ ମାରି ଦୂରକୁ ନେଇ ଛାଡ଼ିଦେବା। ଆଉ ନା ଥିବ ବାଉଁଶ ନା ବାଜିବ ବଇଁଶୀ। ଜୀବହତ୍ୟାର ପାପରୁମୁକ୍ତି। ଜୀବଟି ତାର ବଞ୍ଚିରହି ଭୋଗକରୁ ଏଇ ସୁନ୍ଦର ପୃଥିବୀ ତାର ଅବଶିଷ୍ଟ ଜୀବନ। ଖାଲି ଆମ ପାଖକୁ ନ ଆସିଲେ ହେଲା। ଆଜି କାଲି ବିଷଧର ସାପମାନଙ୍କୁବି ନମାରି ସର୍ପବିଶାରଦମାନଙ୍କ ଦ୍ୱାରା ଧରାଇ ଛାଡ଼ିଦିଆଯାଉଛି ଅନ୍ୟତ୍ର, ଜଙ୍ଗଲରେ। ମୂଷା ତ ସାଧାରଣସାନ ଜୀବଟିଏ। କାମୁଡ଼ା କାମୁଡ଼ି କରେ ନାହିଁ। ତା'ର ଦୋଷ ଭିତରେଏତିକି ଯେ ଘରେ ପଶି କ'ଣ ଟିକେ ଚୋରାଇ ଖାଇଦିଏ। ଲୁଗାପଟା କଟାକଟି କରେ। କାହାର ଜୀବନ ତ ନିଏ ନାହିଁ! ସେଥିପାଇଁ କ'ଣ ମୃତ୍ୟୁଦଣ୍ଡ ତା'ର ପ୍ରାପ୍ୟ? ମେସ୍‌ରେ ....

"ସାର୍ ଆଡ଼ିସ୍‌ନାଲ୍।"

ଝିଅଟିଏ ଠିଆହୋଇ ଅତିରିକ୍ତ କାଗଜ ମାଗୁଛି। ଭାବନା ଅଟକି ଗଲା। ସେ ଧାଇଁଗଲେ ସମ୍ମୁଖସ୍ଥ ଟେବୁଲ ପାଖକୁ ଆଡ଼ିସ୍‌ନାଲ ସିଟ୍‌ଟିଏ ଆଣିବାକୁ।

ସମ୍ମୁଖର ପୋଡ଼ିୟମ୍ ଉପରୁ ସହକର୍ମୀ ପ୍ରଶାନ୍ତ ବାବୁ ପୂର୍ଣ୍ଣିମା ମ୍ୟାଡାମ୍‌ଙ୍କ ସହିତ ମଜ୍ଜିଥିବା ଚୁପି ଚୁପି ଗଳ୍ପରୁ ସାମୟିକ ବିଚ୍ୟୁତହୋଇ ବଢ଼ାଇ ଦେଲେ ଆଡ଼ିସ୍‌ନାଲ ସିଟ୍‌ଟିଏ। ମୁଁ ତାଙ୍କୁ ମନାକରିବି କି ଯେ ପରୀକ୍ଷା ହଲ୍‌ରେ ବସି ଗପରେ ମଜ୍ଜିବା ନିୟମ ବିରୁଦ୍ଧ। କିନ୍ତୁ ନା ଥାଉ। ୱେଟ୍ ଆଣ୍ଡ୍ ସି। ନିଜେ ବିବେକ ଖଟେଇ କାମ ନକଲେ କହିବ କ'ଣ? ମୁଁ ମୋର ପଛପଟ କାନ୍ଥକୁ ଆଉଜି ଠିଆହୋଇ ହଲକୁ ଦୃଷ୍ଟି ପକାଇବି ଓ ଭାବିବି। ଗଳ୍ପର ପ୍ଲଟ ଖୋଜିବି।

ମୂଷାଙ୍କୁ ନେଇ କ'ଣ ଲେଖିହେବ ଗଳ୍ପଟିଏ? କେମିତି ହେବ ସେ ଗଳ୍ପ? କ'ଣ ହେବତାର ଥିମ୍ ଏବଂ କ୍ଲାଇମାକ୍ସ? କ'ଣ ହେବ ଶିରୋନାମା? 'ସର୍ଜିକାଲ୍ ଷ୍ଟ୍ରାଇକ୍' ? ଯାହା ବନ୍ଧୁକୁ ମୁଦ ବାବୁ ମନ୍ତବ୍ୟ ଦେଇଥିଲେ ମେସ୍‌ରେ ମୂଷାମାନଙ୍କ ଅଦଉତି, ଉତ୍ପାତ ଉପରେ ଅବା ଏମିତି କିଛି, ଯଥା - 'ପରୀକ୍ଷା ହଲ୍‌ରେ ଗପ' ଅବା 'ଅଧାଲେଖା ଗପ' କି ଆଉ କିଛି! କେଉଁଟି ହେବ ଅଧିକ ଯୁକ୍ତିଯୁକ୍ତ, ଯଥାର୍ଥ ଏବଂ ସମୀଚୀନ?

'ସର୍ଜିକାଲ ଷ୍ଟ୍ରାଇକ୍' ଶବ୍ଦଟା ଆଜିକାଲି ଖୁବ୍ ଲୋକପ୍ରିୟ ହୋଇଛି ଆମ ଦେଶରେ, ଯାହା ଆମ ସରକାରଙ୍କର ଗୋଟାଏ ବଡ଼ ସଫଳତା ଭାବରେ ଗଣାହୁଏ। ପାକିସ୍ତାନର ଯୁଦ୍ଧ ବିରତି ଉଲଂଘନ, ଦେଶରେ ଆତଙ୍କବାଦୀ ହିଂସା, ନରହତ୍ୟା ଓ ଧ୍ୱଂସଲୀଳା ଆଦିର ଯୁଗୋପଯୋଗୀ ଜବାବ ସର୍ଜିକାଲ୍ ଷ୍ଟ୍ରାଇକ୍। ଯେଉଁ ଅପରେସନ୍‌ରେ କିଛି ଭାରତୀୟ ସୈନ୍ୟ ହେଲିକପ୍ଟରରେ ଯାଇ ପାକିସ୍ତାନ ସୀମାନ୍ତର୍ଗତ ଆତଙ୍କବାଦୀ ଶିବିରମାନଙ୍କ ଉପରେ ଅତର୍କିତ ରାତିଅଧିଆ ଆକ୍ରମଣ କରି ସେଗୁଡ଼ିକୁ ଧ୍ୱଂସକରିବା ସହିତ ବହୁ ଆତଙ୍କବାଦୀମାନଙ୍କୁ ହତ୍ୟାକରି ନିରାପଦରେ ଫେରି ଆସିପାରିଛନ୍ତି। ସେହିପରି ଦେଶରେ ପାଞ୍ଚଶହ ଓ ହଜାର ଟଙ୍କିଆନୋଟ୍‌ମାନ ଅଚଳ କରି କେନ୍ଦ୍ର ସରକାର କଳାଧନ ବିଲୋପ ଏବଂ କଳାଧନ ମହଜୁଦ୍‌କାରୀ ଦୁର୍ନୀତିଖୋର ଅସାଧୁ ବ୍ୟବସାୟୀ ତଥା ଆତଙ୍କବାଦୀମାନଙ୍କ ଉପରେ ଯେଉଁ ଜୋରଦାର ଆକ୍ରମଣ କରିଛନ୍ତି, ତାହାକୁ କଳାଧନ ଉପରେ ପ୍ରଧାନମନ୍ତ୍ରୀଙ୍କର ଏକ ସର୍ଜିକାଲ ଷ୍ଟ୍ରାଇକ୍ ବୋଲି ମଧ୍ୟ ଆଖ୍ୟା ଦିଆଯାଇଛି।

ବନ୍ଧୁକୁ ମୁଦ ବାବୁଙ୍କର ଉପରୋକ୍ତ ମନ୍ତବ୍ୟଟିର ସ୍ମୃତି ତାଙ୍କୁ ଆମୋଦ ଉତ୍ସାହ ଯୋଗାଇଲା। ବୋଧ ହୁଏ ଏଇ 'ସର୍ଜିକାଲ ଷ୍ଟ୍ରାଇକ୍' ଶିରୋନାମାଟି ହେବ ଅଧିକ ସମୀଚୀନ ଏବଂ ଯୁଗୋପଯୋଗୀ। ସେଇଠୁ ତାଙ୍କ ମନବଳିଲା'ସର୍ଜିକାଲ ଷ୍ଟ୍ରାଇକ୍' ଶିରୋନାମାରେ ମୂଷାଙ୍କ ଉପରେ ଗଳ୍ପଟିଏ ଲେଖିବାକୁ।

ବନ୍ଧୁ ପ୍ରଶାନ୍ତ ବାବୁ ହାତଠାରି ଅନୁମତି ମାଗିଲେ କିଛିସମୟ ପାଇଁ ବାହାରକୁ ଯିବାକୁ। ମୁଣ୍ଡଲାଡ଼ି ସମ୍ମତି ଦେଲେ ମାୟାଧରବାବୁ ଏବଂ ଚାଲିଆସିଲେ ସମ୍ମୁଖ ଭାଗକୁ। ପୂର୍ଣ୍ଣିମା ମ୍ୟାଡାମ୍ ଉଠିଯାଇ ପଦ ଚାରଣ କଲେ।

ପୂର୍ଣ୍ଣିମା ମ୍ୟାଡାମ୍ ଅବିବାହିତା, ସୁନ୍ଦରୀ ଓ ସ୍ଫୂର୍ତ୍ତିଶିଳା। ସେଥିପାଇଁ ଯୁବ ଅଧ୍ୟାପକମାନଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ। ତାଙ୍କ ସହିତ ପରୀକ୍ଷା ଡ଼ିଉଟି କରିବା ପାଇଁ ଅଧ୍ୟାପକ ମହଲରେ ପ୍ରତିଯୋଗିତା। ମାୟାଧର ବାବୁ ତାଙ୍କ ପିଠି ଉପରେ ଖେଳେଇହୋଇ ପଡ଼ିଥିବା ସାମ୍ପୋକରା ନୁଖୁରା କେଶଗୁଚ୍ଛକୁ ଚାହିଁଥିଲେ। ଢ଼ଙ୍ଗ୍ ଢ଼ଙ୍ଗ୍ ବାଜିଉଠିଲା ଦୁଇଘଣ୍ଟା ପୂର୍ଣ୍ଣହେବାର ଦୁଇଟି ଘଣ୍ଟି। କେତେଜଣ ଖାତା ଫେରାଇଗଲେଣି। ସିଟ୍‌ମାନ ଖାଲି ପଡ଼ିଛି। ପରସ୍ତେ ଧୂଳି ବସିଥିବା ଡ଼େସ୍କ ବେଞ୍ଚମାନଙ୍କ ଉପରେ ସେଇସବୁ ଅରହାମାନ ସଫା ପରିଚ୍ଛନ୍ନ ଦିଶୁଛି। ଲୋକ ଅଭାବରୁ ଝାଡୁହୋଇପାରୁ ନାହିଁ ରୁମ୍।

ମାୟାଧରବାବୁ ଖାଲି ଚେୟାରଟି ଟାଣି ଆଣି ତହିଁ ସ୍ଥାପନ କଲେ ନିଜକୁ। ପରୀକ୍ଷା ହଲ୍‌ରେ ଅଧିକ୍ଷକ ମାନଙ୍କର ବସିବା ନିୟମ ବିରୁଦ୍ଧ। କିନ୍ତୁ ବୁଢ଼ାଲୋକ। ଟହଲି ଟହଲି ଗୋଡ଼ ବଥେଇଲାଣି। ଟୋକାଟୋକୀମାନେ ଆରାମ୍‌ରେ ବସି ଗପ ଲମ୍ୱେଇ ଦେବାରେ ସାମାନ୍ୟ ଦ୍ୱିଧା ବୋଧ କରୁନାହାନ୍ତି। ଅଥଚ ମୁଁ ଦୁଇଘଣ୍ଟାପରେ....! ତା ଛଡା

ହଲ୍‌ତ ବେଶ୍ ଶାନ୍ତ ଶୃଙ୍ଖଳିତ। ବିଶେଷ ଆଡ଼ିସ୍‌ନାଲ ଲୋଡା ହେଉନାହିଁ। ବୋଧହୁଏ ଜଟିଳ ପ୍ରଶ୍ନ ପଡ଼ିଛି। ଲେଖିବାକୁ ବିଶେଷ କିଛି ମନକୁ ଆସୁନାହିଁ। ଖାତା ପୂରଣ ହେଉନାହିଁ।

କିଛିକ୍ଷତି ନାହିଁ। ଆମର ବି ଧାଁ ଦଉଡ କରିବାର ନାହିଁ। ଯେନତେନ ତିନିଘଣ୍ଟା ପାର ହୋଇଗଲେ ଯାଏ। ମାୟାଧର ବାବୁ ପୁନଶ୍ଚ ଆତ୍ମ ମଗ୍ନହେଲେ। ପରୀକ୍ଷା ହଲ୍‌ରୁ ଗଲାପରେ ବସାଘରେ ବସି ଆରମ୍ଭ କରିବି ଲେଖା। ମୂଷା ଉପରେ ଲେଖା ଏହି ଗଳ୍ପରେ ରହିବ ପରୀକ୍ଷା ହଲ୍‌ର କଥା। ଝରକା ବାହାର ଜଗତର ଦୃଶ୍ୟ। କିନ୍ତୁ ଭାବନା ଏତେ ଉଦ୍‌ବାୟୀ ଯେ ଏଠୁ ଗଲାପରେ ସବୁ ଅପସରି ଯିବ ମନରୁ, ତନ୍ଦ୍ରାଭଗ୍ନ ପରେ ବିସ୍ମରି ଯାଉଥିବା ସ୍ୱପ୍ନ ପରି। ଯଦି ସୁଯୋଗ ମିଳନ୍ତା ତାହେଲେ ଏଇ ହଲ୍‌ରେ ବସି କିଛି ଗାରେଇପକାନ୍ତି ଠିକେ ଠିକେ। ପରେ ତାକୁ ବିସ୍ତାରି ଗହୀରେଇ, ମଠାମଠି କରି ଗଳ୍ପର ପଞ୍ଜୀରାଟିଏ ଗଢ଼ିଦିଅନ୍ତି। କିନ୍ତୁ ସେକଥା ସମ୍ଭବ ନୁହେଁ। କର୍ତ୍ତବ୍ୟ ବଡ଼। ଆଉ ସବୁଗୌଣ। ବରିଷ୍ଠ ଅଧିକ୍ଷକ ଭାବରେ ମୁଁ କ'ଣ ଶିଖାଇବି କନିଷ୍ଠମାନଙ୍କୁ ? ଗୋଟାଏ ସ୍ଥାନରେ ବେଶୀ ସମୟ ବସିବା ବି ପରୀକ୍ଷା ନିୟମ ବିରୁଦ୍ଧ। ଲେଖିବା ତ ଅଧିକ ଗର୍ହିତ।

ମାୟାଧର ବାବୁ ଉଠି ଠିଆହେଲେ। ଦୁଇପାଖେ ଧାଡ଼ି ଧାଡ଼ି ଲମ୍ବିଥିବା ଡ଼େସ୍କ ବେଞ୍ଚ୍‌ମାନଙ୍କ ମଝି କରିଡ଼ର ଉଠାଣି ପାହାଚ ଦେଇ ପଛ ଆଡକୁ ଆଗେଇଲେ। ଝରକା ଦେଇ ଦୃଷ୍ଟି ଲମ୍ବାଇଲେ ଦୂରକୁ। ଏ ପାଖରେ ସହରର ଧୂଳି ଧୂଆଁ, ଗାଡ଼ିଘୋଡା ଘୋଘା ନାହିଁ। ନାହିଁସ୍ୱାର୍ଥର କୋଳାହଳ। ନିଛକ ନିଘଞ୍ଚ ସବୁଜର ପ୍ରକୃତି ଅପେକ୍ଷା କରିଛି। ତହିଁ ମଧ୍ୟରୁ ଭାସିଆସୁଛି ପତତ୍ରି ଶ୍ରେଣୀର କଳରବ ସଙ୍ଗୀତ। ଗବାକ୍ଷ ଫାଙ୍କରୁ ଦିଶୁଛି ମୃଦୁ ପବନରେ ଦୋଳାୟିତ ବାଉଁଶବୁଦା। ସତେକି ସେମାନେ କହୁଛନ୍ତି, 'ନା, ନା, ହେବ ନାହିଁ, ହେବନାହିଁ। ମୂଷା ଯନ୍ତାରେ ପଡ଼ିବ ପଛେ, ତାକୁ ମାର କି ଛାଡ, ତୁମ ଗପ ହେବ ନାହିଁ।'

ମୟାଧରବାବୁ ନିଜକୁ ବୁଝାଇଲେ, ସାନ୍ତ୍ୱନା ଦେଲେ। ହତାଶାବୋଧରୁ ମୁକୁଳିବାକୁ ଚେଷ୍ଟାକଲେ। ଏବଂ ତାଙ୍କୁ ସହଯୋଗ କଲାପରି ସ୍ମୃତିର ଛାଇ ପୁଣି ଲାଙ୍ଗୁଡ ହଲେଇଲା।

ବସାଘରେ ମୂଷାଙ୍କ ଉତ୍ପାତ ସୀମା ଟପିଯାଉଛି। ମୁଁ ନିଜେ ଦେଖିଛି କେମିତି ଗୋଟିଏ ସାନ ବିଲେଇ ଭଳି ବିରାଟ ଗାତୁଆ ମୂଷାଟିଏ ପଶୁଛି ମେସ୍ ଭିତରକୁ। ଅଟାଡବା ଖୋଲି ଅଟା ଖାଉଛି। ଅଟାଗୁଣ୍ଡ ଇତସ୍ତତଃ ବିଞ୍ଚିହୋଇପଡୁଛି ଡ଼ବା ଚାରିପାଖରେ। ତାକୁନେଇ ମୁଁ ମୋ ବେଡ଼ରୁମ୍ କପ୍‌ବୋର୍ଡ଼ ଭିତରେ ଲୁଚାଇ ରଖିଲା ପରେ ଚାଉଳଟିଣ ଉପରେ ଆକ୍ରମଣ। କୋଡ଼ିଏ ଲିଟରିଆ ଷ୍ଟିଲ୍ ଡ଼ବା। ତାର ଢ଼ାଙ୍କୁଣୀ ଟେକି ଭିତରେ ପଶି ଯାହା ଖାଇଲେ ଖାଇଲେ, ବାହାରେ ବିଞ୍ଚି ଗୁହ ମୂତରେ ଏକାକାର କଲେ। କୁମୁଦବାବୁ ଢ଼ାଙ୍କୁଣୀ ଉପରେ ଶିଳୁପୁଆଟିଏ ଲଦିଦେବାରୁ ଏବେ ତାଙ୍କର ନଜର ପଡ଼ିଛି ପରିବା ଉପରେ। ପରିବାଡାଲାରୁ ଅଧାଖିଆ ଆଳୁ, ବାଇଗଣ, ଟମାଟୋ ଇତସ୍ତତଃ ବିକ୍ଷିପ୍ତ ହୋଇପଡୁଛନ୍ତି। ଯାହା ଦେଖି କୁମୁଦ ବାବୁ ମନ୍ତବ୍ୟ ଦେଲେ ସେଦିନ, "ଏଇଟା ମୂଷାମାନଙ୍କର ଗୋଟାଏ ସର୍ଜିକାଲ ଷ୍ଟ୍ରାଇକ୍। ଆଉ ଟଲରେଟ୍ କରିହେବନି। ଦେବେନ୍ଦ୍ରବାବୁଙ୍କ ଘରୁ ଆଣିବାକୁ ପଡ଼ିବ ଯନ୍ତା। ଚୋରକୁ ଧରିବାକୁ ପଡ଼ିବ। ଶଳା ମହାଧୂର୍ତ୍ତ, ଖେଚଡ଼। ଗୋଡ଼େଇଲେ ପବନ ଭଳି ଧାଇଁ ପଳାଏ। ଏଥର ପୁଅକୁ ପାନେ ଦେବାକୁ ପଡ଼ିବ।"

ମାୟାଧରବାବୁ ମନେ ମନେ ହସିଲେ।

କୁମୁଦବାବୁ ଜଣେ ଚତୁର, କୁହାଳିଆ ଲୋକ। ରସବୋଧ ବାସେନ୍‌ସ ଅଫ୍ ହ୍ୟୁମର ଜିନିଷଟା ଭଲଭାବେ ଜଣା। ଅନ୍ୟ ଚାଲୁ ଭାଷାରେ କହିଲେ ପକ୍କା ଡହଁରା ଜଣେ। ମୂଷାମାନଙ୍କର ବିହେବିଅର ଉପରେ ଯେଉଁଭଳି ସେ ଟିପ୍‌ପଣୀ ଦେଲେ ସେଦିନ, ତାହା ପ୍ରକୃତରେ ସୁନ୍ଦର ବ୍ୟଙ୍ଗକାହାଣୀଟିଏ। ମାୟାଧରବାବୁ ସ୍ମରଣ କଲେ।

ସାରାରାତି ମେସ୍ ଭିତରେ ନାନା ଉତ୍ପାତ ଘଟାଇ ମୂଷାଟି ତା ନିଜଘର (ଗାତ)କୁ ଫେରିଲାବେଳକୁ ବାଟରେ ଦେଖାହେବ ତା ଜାତିଭାଇ ଆଉ ଗୋଟିଏ ମୂଷା ସହିତ, ବୟସ ଆଉ ଶରୀରରେ ତା'ଠାରୁ ସାନ। ସେ'ବି ସେଦିନ ରାତିରେ ଫେରିଥିବ ଆଉଜଣଙ୍କ ଘରୁ। ମେସ୍ କଡର ସ୍ୱୀରେଜ୍ ଟାଙ୍କିକୁ ବେଢ଼ିଥିବା ଘଞ୍ଚ ଛନଛନିଆ ମହଣସାରୁବଣ ଭିତରେ ଦୁହେଁ ବସି ଦୁଃଖସୁଖ ହେବେ।

ବାହାର ମୂଷାଟି ପଚାରିବ "କ'ଣ ଭାଇ କେମିତି ସବୁ ତମର ଚାଲିଛି ?"

ଆମ ମୂଷାଟି ଉତ୍ତର ଦେବ "ହବ କ'ଣରେ ଭାଇ! ଦୁଃଖେ ସୁଖେ ବଞ୍ଚିଯିବା କଥା। ପେଟକୁ ଦାନା ଗଣ୍ଡାଏ ପାଇଁ ମଣିଷ ସହିତ ରୀତିମତ କସରତ କରିବା କଥା। ଆଉ କ'ଣ ବାଗତି ଅଛି ଆମର ? ମୂଷା ଜାତିରେ ଜନ୍ମିଛେ ଯେତେବେଳେ...। କହିବି ( ?) ଆଜିକାଲି ମୁଁ ଯେଉଁ ଘରକୁ ଯାଉଛି ସେଇଟା ଗୋଟାଏ ମେସ୍। ତିନିଟା ବୁଢ଼ାମାଷ୍ଟର ରହୁଛନ୍ତି। ପିଲା ମାଇପ କେହି ନାହାନ୍ତି। ଠେଙ୍ଗୁଆ। ନାଇଁ ନାଇଁ କୁକୁର୍ ଠେଙ୍ଗୁଆ (ହିହିହି...)। ପାଖ କଲେଜରେ ପାଠ ପଢ଼ୋଉଛନ୍ତି।"

ବାହାର ମୂଷା – ତାହେଲେ ତ ଘରଟା ଫାଙ୍କା ଫାଙ୍କା ଲାଗୁଥିବ। ବେଶୀକିଛି ମିଳୁଥିବ କି ନାହିଁ।

ଆମ ମୂଷା – ହଁ ତା ଠିକ୍। ଯାହା ମିଳୁଛି ସାଧାରଣ ଚାଲୁ ଜିନିଷ। ସବୁଦିନେ ବି ମିଳେନା। ସେମାନେ ସବୁଦିନ ରହନ୍ତିନି। ଛୁଟି ଫୁଟିରେ ପଳେଇ ଯାନ୍ତି। ସେଦିନ ପରିବା ତ ନଥାଏ। ଅଟାଫଟା ବି କୋଉଠି ଲୁଚେଇ ରଖିଦିଅନ୍ତି ଯେ ତାର ଟେର ମିଳେନା। ଆଗରୁ ଟମାଟୋ ମୋର ଭାରି ପ୍ରିୟ ଥିଲା। କିନ୍ତୁ ଏବେ ବଅସ ହେଲା। ଟମାଟୋ ଖାଇଲେ ଦାନ୍ତ ପରାସ ହୋଇଯାଉଛି। ବିସ୍କୁଟ୍ ଫିସ୍କୁଟ୍ ଏମିତି ଜାଗାରେ ଲୁଚେଇ ରଖିଛନ୍ତି ଯେ ମୁଁ ତା'ର ଟେର ପାଏନା। ଅଟା ଡ଼ବା ଖୋଲି ମୁଠିଏ ଖାଉଥିଲି ଯେ ଥରେ ରାତିରେ ଢ଼ାଙ୍କୁଣୀଟା ଢ଼ାଏଁକିନା ପଡ଼ିଲା। ଗୋଟାଏ ବୁଢ଼ା ଉଠି ତାକୁ କୋଉଠି ଲୁଚେଇ ରଖିଲା। ଶଳା ବୁଢ଼ାମାଷ୍ଟର, କଞ୍ଜୁସ, ମକ୍ଷିଚୁସ୍ ! କ'ଣ ଟା ବା ତାଙ୍କର ଖାଇ ଯାଉଥିଲି ମୁଁ? ଖାଇ ଖାଇ ଅଟା ମୁଠାଏ। ସେତିକିବି........।

ବାହାର – ହଁ ସେକଥା ଠିକ୍ ଯେ, କିନ୍ତୁ ସେଥିରେ ଆଉ ଗୋଟିଏ ପେଞ୍ଚ ଅଛି। ଆମ ଅଇଁଠା ଖାଇଲେ ମଣିଷକୁ କୁଆଡ଼େ ଗୋଟାଏ ରୋଗହୁଏ। ତା ନାଁ ପ୍ଲେଗ। ଭାରି ମାରାତ୍ମକ ରୋଗ ସେଇଟା। ଗୋଟାଏ ମହାମାରୀ। ସେଥିପାଇଁ.......।

ଆମ – ହଁ ମୁଁ ବି ଶୁଣିଛି ସେକଥା। ସେକଥା ଠିକ୍। କିନ୍ତୁ ଆମେ ପୁଣି ବଞ୍ଚିବା କେମିତି ?

ବାହାର – କେମିତି କ'ଣ ? ସେ ତାଙ୍କର ଲୁଚଉଥିବେ, ଆମେ ଆମର ଲୁଚିଛପି ଚୋରେଇ ଖାଉଥିବା ଆଉ କ'ଣ ? ହଉ କ'ଣ କହୁଥିଲ କୁହ।

ଆମ – ହଁ ସ୍ଲାବ ତଳେ ରଖିଛନ୍ତି ଗୋଟାଏ ବଡ଼ ଷ୍ଟିଲ୍ ଡ଼ବା। ଢ଼ାଙ୍କୁଣୀଟା ଟିକେ ଓଜନିଆ। ହେଲେବି ମତେ ବୁକେଇ ବନି। ତାକୁ ଟେକି ତା ଭିତରେ ପଶେ। ତା ଭିତରେ ପଲିଥିନ୍‌ରେ ବନ୍ଧାହୋଇ ରହିଥାଏ ଚାଉଳ। ମନ ଖୁସିରେ ଖାଏ। ଏକ ଦୁଇ ଲାଗିଲେ ତା ଭିତରେ କାମ ସାରିଦିଏ। କିନ୍ତୁ କ'ଣ କହିବିରେ ଭାଇ ମୋ ମନ୍ଦ କପାଳକୁ ଦି'ଦିନ ଯାଇନି ଦେଖିଲି ତା ଢ଼ାଙ୍କୁଣୀ ଉପରେ ଗୋଟାଏ ଏହେ ଶିଳୁପୁଆ ନଦା ହୋଇଛି। ତାକୁ ଟେକିବାକୁ ମୋର ଆଉ ସାଧ କାହିଁ ? ହଉ ମୋ କଥା ତ ଗଲା, ଏଥର ତୋ ଖବର କ'ଣ କହ।

ବାହାର – ହଉ ଶୁଣ। ମୁଁ ଯୋଉ ଘରକୁ ଯାଉଛି, ସେଇଟା ଗୋଟାଏ ଫାମିଲି ଘର। ପିଲାଛୁଆନେଇ ବହେ ଲୋକ ରହୁଛନ୍ତି। କ'ଣଟା ପଡ଼ି ଠଣ୍‌କିନା ହେଲେ କିଏ ଜଣେ ଉଠିପଡୁଛି। ସେଇଠୁ ମୁଁ ଏ କନ୍ଦି ସେ କନ୍ଦି ହେଉଛି। ଥରେ ସେ ମ୍ୟାଡାମ୍‌ଙ୍କ ହାତରୁ ଖାଇଲି ଗୋଟାଏ ଶକତ ଛାଞ୍ଚୁଣୀ ପାହାର ଯେ କ'ଣ କହିବିରେ ଭାଇ ଆଇଷ ଥିଲା ବୋଲି ମରୁ ମରୁ ବଞ୍ଚିଲି।

ଆମ – ହେଃ ହେଃ ହେଃ... । ସାବଧାନ ହୋଇ ଚଳିବୁରେଭାଇ। ନ ହେଲେ ପୈତୃକ ପ୍ରାଣଟି କେତେବେଳେ ବାହାରି ଯିବରେ। (ତା ପରେ ମନେପଡ଼ିଲା ପରି) ଆଚ୍ଛା, ତୋର ତ ଫାମିଲି ଘର। ପରିବାପତ୍ର ସାଙ୍ଗରେ ବଳକା ଖାଦ୍ୟ ବି ତ କିଛି ମିଳିଯାଉଥିବ।

ବାହାର – ସେଇ ତମରି ଅବସ୍ଥା ଭାଇ ! କେମିତି ଜାଣି ପାରିଲେ କେଜାଣି ମୁଁ ଚୋରେଇ ଖାଉଛି ବୋଲି, ଆଉ ବାହାରେ କିଛି ରଖୁନାହାନ୍ତି। କୋଉଠି ରଖୁଛନ୍ତି ଯେ ମୁଁ ଘରସାରା ଖୋଜି ଖୋଜି ନୟାନ୍ତ ହେଲିଣି, କିନ୍ତୁ ମିଳିବାକୁ ନାହିଁ।

ଆମ – ଫ୍ରିଜ୍‌ରେ ରଖିଦଉଥିବେ। ମୁଁ କେତେ ଘର ବୁଲି ଦେଖିଛି, ଗୋଟାଏ ବଡ଼ ଡେଙ୍ଗା ବାକ୍‌ସଭଳି ସେ ଯନ୍ତ୍ର। ତା ଭିତରଟା ଥଣ୍ଡା। ସେଠି ସବୁ ପରିବା ପତ୍ର, ଖାଇବା ଜିନିଷ ରଖିଲେ ତାଜାରହେ।

ବାହାର – ସତେ ତ ! ତାଙ୍କର ବି ସେମିତି ଗୋଟାଏ ଜିନିଷ ଅଛି। ତାକୁ ଖୋଲିହେବ ନାହିଁ ?

ଆମ – ନା' ବେ, ଆମେ ପାରିବାନି। ମୁଁ କ'ଣ ଚେଷ୍ଟା ନକରି ଛାଡ଼ିଛି ? ଖୁବ୍ ଟାଇଟ୍ ଥାଏ ତା କବାଟ। ତା ଭିତରକୁ ପବନ ପଶେ ନାହିଁ। ଯେତେ ଟାଣିଲେବି ଖୋଲିବନି। କିନ୍ତୁ ଏ ବୁଢ଼ାଙ୍କ ମେସ୍‌ରେ ସେଇଟା ନାହିଁ।

ବାହାର – ମତେ ଟିକେ ତମ ସାଙ୍ଗରେ ନଉନ ? କିଛି ନ ହେଲେ ପରିବା ଦି'ଟା ତ ମିଳନ୍ତା।

ଆମ – ହଉ, ଆଜି ରାତିକୁ ଆ' ସେ। ସବୁଘରୁ ଆଲୁଅ ଲିଭିଗଲେ ଏଇଠିକୁ ଆସିବୁ। ସାଙ୍ଗହୋଇ ଯିବା। ଏଇ ଯଉଁ ଉପରମହଲା ଦିଶୁଛି, ନିମଗଛକୁ ଲାଗି। (ଏତିକିବେଳେ କଲେଜର ଜନୈକ ସଦ୍ୟ ଅବସର ପ୍ରାପ୍ତ ପିଅନ ଗଗନ ଫୁଲତୋଳିବାକୁ ସେ ବାଟରେ ଆସେ। ମୂଷା ଦୁଇଟି ତରକି ପଳାଇ ଯାନ୍ତି।)

ମାୟାଧରବାବୁ ଆପଣା ସ୍ଥଳକୁ ଫେରି ଆସିଲେ। ଏତିକିବେଳେ ଓ୍ୱାର୍ଣିଂବେଲ୍ ବାଜିଲା। ସଚେତନ ହୋଇଉଠିଲେ ତିନି ଅଧିକ୍ଷକ ବନ୍ଧୁ। ଆଉମାତ୍ର ପାଞ୍ଚ ମିନିଟ୍‌ରହିଲା। "ଷ୍ଟିଚ୍ ଅପ୍ ୟୋର ପେପର୍‌ସ୍।" ଏକାବେଳେ ନିର୍ଦ୍ଦେଶ ମିଳିଲା ତିନିଜଣଙ୍କ ଠାରୁ।

ଏଇଠି ଗୋଟିଏ ଅଖାଡୁଆ ବେଢ଼ଙ୍ଗିଆ ଭାବନା ପଶିଆସିଲା ମାୟାଧରଙ୍କ ମୁଣ୍ଡକୁ। ପରୀକ୍ଷା ହଲ୍‌ରେ ପୂର୍ଣ୍ଣ ମନଯୋଗ ସହିତ କର୍ତ୍ତବ୍ୟ ନକରି ଗଳ୍ପପାଇଁ ପ୍ଲଟ ଚିନ୍ତାକରିବା କ'ଣ ସର୍ଜିକାଲ ଷ୍ଟ୍ରାଇକ୍ ନୁହେଁ ? ସେମିତି ଅଫିସ୍‌ରେ କିରାଣିଲା ନେବା, ଅଧ୍ୟାପକମାନେ କ୍ଲାସନେବାରେ ଅବହେଳା ପ୍ରଦର୍ଶନ କରିବା ଏକ ଏକ ସର୍ଜିକାଲ ଷ୍ଟ୍ରାଇକ୍‌ର ନଜିର ନୁହେଁ ?

ଛାତ୍ରଛାତ୍ରୀମହଲରେ ମୃଦୁ କୋଳାହଳ ଶୁଭୁଥିଲା। କାଗଜ ଖସ୍‌ଖସ୍ ଶବ୍ଦ ସହ ପରସ୍ପର ଭିତରେ ପଚରା ପଚରି, ଅସ୍ପଷ୍ଟ ବାର୍ତ୍ତାଳାପ। ନିୟନ୍ତ୍ରଣ କକ୍ଷ ଦିଗରୁ ଭାସି ଆସିଲା ଏକ ଦୀର୍ଘ ଅଖଣ୍ଡ ଘଣ୍ଟି। ଶେଷ ଘଣ୍ଟି। 'ଷ୍ଟପ୍ ରାଇଟିଂ'। ଏକାବେଳେ ପ୍ରାୟ ସମସ୍ତ ଅଧିକ୍ଷକଙ୍କ ମୁହଁରୁ ଶୁଭିଲା ନିର୍ଦ୍ଦେଶ। ତତ୍‌ପରତା ବଢ଼ିଗଲା। ଖାତା ସଂଗ୍ରହରେ ଲାଗିପଡ଼ିଲେ ସମସ୍ତେ।

ସେଦିନ ରାତିକୁ ସତକୁସତ ଯନ୍ତା ଆସିଲା ଦେବେନ୍ଦ୍ରବାବୁଙ୍କ ଘରୁ। ଲୁହାଜାଲିରେ ତିଆରି ଏକ ଲମ୍ବାବାକ୍ସାକୃତିର ଯନ୍ତା। ରୋଷେଇ ଶେଷରେ ମୂଷାପାଇଁ ତିଆରିହେଲା ଏକ ଛୋଟରୁଟି। ସେଥିରେ ଟିକେ ଘିଅ ବୋଳି ଦିଆଗଲା। ସମସ୍ତେ ଖାଇସାରିବା ପରେ ଯନ୍ତା ଭିତରେ ନିର୍ଦ୍ଦିଷ୍ଟ ସ୍ଥାନରେ ଚଉଭାଙ୍ଗ କରି ରୁଟିଟିକୁ ବାନ୍ଧି ଦିଆଗଲା। ଯନ୍ତାଟିର ଦୁଆର ଟେକି ଛିଟିକିଣି ଠକେଇ ଦେଇ ପରିବା ଡ଼ାଲା ପାଖରେ ସଯତ୍ନରେ ରଖିଦେଇ ମେସ୍ ଅନ୍ତେବାସୀମାନେ ନିଜ ନିଜ ରୁମ୍‌କୁ ଶୋଇବାକୁ ଗଲେ।

ଯନ୍ତା ବସିଥିବାର ଛନକାନେଇ ଭୋର୍ ସକାଳୁ ପ୍ରଥମେ ନିଦ ଭାଙ୍ଗିଲା ମାୟାଧର ବାବୁଙ୍କର। କୌତୁହଳ ଆଗ୍ରହର ତାଡନାରେ ସେ ପ୍ରଥମେ ରୋଷେଇ ଘରେ ପଶିଲେ। ଦେଖିଲେ ଛିଟିକିଣି ଖସି ଯନ୍ତାର ଦୁଆର ପଡ଼ିଯାଇଛି ଏବଂ ତା ଭିତରେ ସାନମୂଷାଟିଏ ଜୁଳୁଜୁଳୁକରି ଚାହିଁଛି। ଦୋଷୀ ଦୋଷୀ ଚାହାଣି, ଚୋରିକରି ଧରାପଡ଼ିଲା ପରି। ଆହା ବିଚରା ଏତେବେଳକୁ ବଣ ଅରମା ଭିତରେ କେଉଁ ଗାତରେ ଥାଇ ସୁଖ କରୁଥା'ନ୍ତା। ଦୁର୍ଭାଗ୍ୟକୁ ଆଜି ଯନ୍ତା ଭିତରେ ଫସିଯାଇଛି। ବାହାରି ଯିବାରକୁ ନାହିଁ। ମଣିଷର ଛଳନା, କପଟ ବୁଦ୍ଧି ନିକଟରେ ହାର ମାନିଯାଇଛି। ମନସ୍ତାପରେ ଘାରିହେଉଛି। କାହିଁକି ଏ କାମକଲି ବୋଲି ନିଜକୁ ଧିକ୍‌କାରୁଛି। ମୁକୁଳିଯିବା ପାଇଁ ଶତ ଚେଷ୍ଟା ତାର ବିଫଳ ହୋଇଛି। ଶେଷରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ବସିରହିଛି ଏକ ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ।

ମାୟାଧରବାବୁଙ୍କ ଦରଦୀ ମନ ତରଳିଗଲା। ତାଙ୍କ ଉଠିବା ଜନିତ ଖୁଡ଼୍‌ଖାଡ୍ ଶବ୍ଦ ଶୁଣି ନିଜ ରୁମ୍‌ରୁ ଓ ବେଡ୍ ଉପରୁ ପଚାରିଲେ କୁମୁଦ ବାବୁ –

"କଣ ମୂଷା ପଡ଼ିଛି ?" ଦିନର ପ୍ରଥମ କଥା ତାଙ୍କ ମୁହଁରେ।

"ହଁ ପଡ଼ିଛି, କିନ୍ତୁ ଛୋଟିଆ ମୂଷାଟି।"

ବିଛଣାରୁ ଉଠି ଆସିଲେ କୁମୁଦ ବାବୁ। ଦେଖିଲେ; 'ଛୋଟିଆ ମୂଷାଟି'। "କିନ୍ତୁ ଯା ଉପରେ ମୋର ରାଗ ନାହିଁ। ମୋର ରାଗ ସେ କୋଦା, ତାଗଡା ଉପରେ। ଶଳା ପରଘର ମାଲ୍‌ଖାଇ ଶକତଗଣ୍ଡି ପକେଇଚି। ଅସଲ ସର୍ଜିକାଲ ଷ୍ଟ୍ରାଇକର୍। ମୋ ସାଙ୍ଗରେ ବାଁକାଲିଆ ଦିଏ। ପବନ ବେଗରେ ଧାଇଁ ପଳାଏ। ତାକୁ ନ ଧରିବା ଯାଏ ମୋ ମନରେ ଶାନ୍ତି ନାହିଁ।"

"ତାହେଲେ ଆପଣଙ୍କ କଥା ସତହେଲା। ଯେଉଁସାନ ମୂଷାଟି ସହତାର ଦେଖାହୋଇଥିବ କାଲି ସକାଳେ, ଦିହେଁ କଥାବାର୍ତ୍ତା, ଦୁଃଖସୁଖ ହୋଇଥିବେ, ସେଇଟି ଇଏ। ତା ସହିତ ଆସିଥିଲା। ଖାଇବା ଆଶାରେ, ଦୁର୍ଭାଗ୍ୟକୁ ପଡ଼ିଯାଇଛି ଯନ୍ତାରେ। ଆଉ ଅସଲ ଆସାମୀ ଖସି ପାର।"

"ସିଏବି ଧରାପଡ଼ିବ। ଯିବକୁଆଡ଼େ? ଯନ୍ତାତ ଆସିଲା। ଆଉ ଚିନ୍ତାକ'ଣ? ଶଳାକୁ ଯନ୍ତାସହ ପାଣିରେ ବୁଡ଼ାଇ ମାରିବା, ଦେବେନ୍ଦ୍ରବାବୁଙ୍କ ପରି। ଏବେ କ'ଣ କରିବା ଏ ମୂଷାଟିକୁ?"

"ନାଇଁ ନାଇଁ। ଯାକୁ ମାରିବା ନାହିଁ। ଏତେ ବଡ଼ ପନିସ୍‌ମେଣ୍ଟ ଦେବା ଉଚିତ୍ ହେବନାହିଁ। ଏ ବିଚରା ନିର୍ଦ୍ଦୋଷଟା। ଆମଘରକୁ ଆସିଥିଲା ପ୍ରଥମ କରି। ସଙ୍ଗଦୋଷରୁ ବିପଦରେ ପଡ଼ିଛି। ତେଣୁ ତାର ଦଣ୍ଡ ମୃତ୍ୟୁଦଣ୍ଡ ନୁହେଁ, ଦେଶାନ୍ତର ଦଣ୍ଡ। ଟ୍ରାନ୍‌ସଫରଟୁ ମାଲ୍‌କାନାଗିରି। ସେଇଠି ବସି ପୁଅ ପାନେ ପାଉଥାଉ। ଆଖିରୁ ଲୁହ ଗଡ଼ୋଉ ଥାଉ।"

ଦିହେଁ ହସିଲେ। "ଓକେ!ତାହେଲେ ଆପଣ ସେ ଦାୟିତ୍ୱ ନିଅନ୍ତୁ।"

ସଅଳ ନିତ୍ୟକର୍ମ ସାରି ସାର୍ଟ ଉପରେ ସ୍ୱେଟର, ମୁଣ୍ଡରେ ମଙ୍କିକ୍ୟାପ୍, ଗୋଡ଼ରେ କ୍ୟାନଭାସ୍‌ସୁ ପିନ୍ଧି, ଯନ୍ତାଟିକୁ ଏକ ଅଖାବ୍ୟାଗ୍‌ରେ ପୂରାଇ ମାୟାଧରବାବୁ ଚାଲିଲେ ତାଙ୍କର ଦୈନନ୍ଦିନ ମର୍ଣ୍ଣିଂୱାକ୍ ରାସ୍ତାରେ। ଶୀତୁଆ ପବନ ମୁହଁରେ ବାଜୁଛି। ନିର୍ମାଣାଧୀନ ରାସ୍ତା। ପ୍ରଶସ୍ତିକରଣ ଚାଲିଛି।

ବହୁଦିନର ପୁରୁଣାବିଶାଳ ବୃକ୍ଷମାନ କୁରାଢ଼ିଚୋଟରେ ଟଳିପଡ଼ିଛନ୍ତି। ବୃହଦାକାର ଶୁଖିଲା ଗଣ୍ଡିମାନ ରାସ୍ତାକଡ଼ରେ ଗଡୁଛନ୍ତି ମୃତ ବୃହତ୍‌ଜୀବମାନଙ୍କ କଙ୍କାଳ ପରି। ଆହା ବିଚରା କି ଦୋଷରେ ପ୍ରାଣୀବନ୍ଧୁ ମହାବୃକ୍ଷମାନେ ଭୂଲୁଣ୍ଠିତ ରାସ୍ତାକଡ଼ ଅପନ୍ତରାରେ?

ଭାବନାର ତ ମାୟାଧର ବାବୁ ଲମ୍ବା ଲମ୍ବା ପାଦ ପକାଇ ଚାଲିଛନ୍ତି ଆଗକୁ। ପଛକୁ ଘୁଞ୍ଚି ଯାଉଛନ୍ତି ପରିଚିତ ପଦାର୍ଥ। ରାସ୍ତା ଦୁଇପାଖରେ କେତୋଟି ଗ୍ରୋସରି, ପରିବା ଦୋକାନ, ପାନ ଦୋକାନ, ଚାଜଳଖିଆ ଦୋକାନ। କେତୋଟି ଚା ଦୋକାନ ବ୍ୟତୀତ ଅନ୍ୟସବୁ ବନ୍ଦ ଅଛି। ମନ୍ଦିରରୁ ଶୁଭୁଛି ଭକ୍ତିସଙ୍ଗୀତ, ଭଜନ, ସକାଳର ସ୍ନିଗ୍ଧ ଶୀତଳ ପରିବେଶକୁ ପୁନୀତ ପବିତ୍ରକରି। ସାନବଜାରଟି ପାରିହୋଇ ପୁଣିରାସ୍ତା ଧରିଲେ ସେ। କଡ଼ରେ କାଁ ଭାଁ ଛାଡ଼ି ଛାଡ଼ିକା କୋଠାଘର। କେତୋଟି ନିର୍ମାଣାଧୀନ। ଗଦା ହୋଇଛି ଗୋଡ଼ି, ବାଲି, ଇଟା। ପିଲାର ଉଠୁଛି। ଖେଣ୍ଟାରଡ଼୍‌ମାନ ଉଠିଛନ୍ତି ଉପରକୁ; ଆକାଶକୁ ଖେଞ୍ଚିଲା ପରି। ବାକି ଅଂଶ ଧାନ ବିଲ। କେଉଁଠି କେଉଁଠି କଟାଧାନ ପାଇ ପଡ଼ିଛି। ଅନ୍ୟତ୍ର କଟାହୋଇନଥିବା, ନଇଁପଡ଼ିଥିବା ସୁନାପରି କେଣ୍ଡାମାନଙ୍କୁ ମୁଣ୍ଡେଇଠିଆ ପାଚିଲା ଧାନ କିଆରି। ଅନୁକୂଳ ପାଣିପାଗ ପାଇ ଏବର୍ଷ ଧାନ ଫସଲ ଭଲ ଉଭୁରିଛି। କ୍ଷେତରେ ବିଜେକରିଛନ୍ତି ଲକ୍ଷ୍ମୀ ଠାକୁରାଣୀ।

ମାୟାଧରବାବୁ ଚାଲିଛନ୍ତି। ବାଁ ହାତରେ ବ୍ୟାଗ ଝୁଲୁଛି। ତା ଭିତରେ ଲୁହା ଯନ୍ତା। ଯନ୍ତା ଭିତରେ ଛୁଆମୂଷାଟିଏ ବସି ଜକଜକ ଚାହିଁଛି। ତାର ଅନିଶ୍ଚିତ ଭବିଷ୍ୟତକୁ ପ୍ରଶ୍ନ ପଚାରୁଛି। ଏଣିକି ଆଉ ଘରଦ୍ୱାର ନାହିଁ। ଖାଲିରାସ୍ତା। ଧୂଳି ଧୂସରିତ ରାସ୍ତା। ମାଟିବାଲି ଗଦା ହୋଇଛି। ପାର୍ଶ୍ୱମାନଙ୍କରେ ଧୂଳି ଜୁଡୁବୁଡୁ କାକରଭିଜା ସାନ ସାନ ଗଛବୁଦା। ଖଜୁରି, ବାବୁଲା ଭଳିକଣ୍ଟାଗଛ। ପତଳା ଜଙ୍ଗଲ। ଆଗରେ ନଦୀ ପୋଲ, ଉଠାଣି ରାସ୍ତା ବାଙ୍କି ଯାଇଛି।

ଏଥର ଅଟକି ଗଲେ ସେ। ଖୁବ୍ ଦୂର ଆସଗଲିଣି। ଏଇଠି ସାରିଦେବାକୁ ପଡ଼ିବ କାମ। ଏତେଦୂରରୁ ସେ କ'ଣ ଫେରିପାରିବ? ଏଇଠି ଭୋଗୁଥାଉ ନିର୍ବାସନ ଦଣ୍ଡ। ଜ୍ଞାତିକୁଟୁମ୍ବ ପ୍ରିୟାପ୍ରୀତିଙ୍କଠାରୁ ଦୂରରେ। ସେ ଟୋକାଟାଏ ନା ଟୋକୀଟିଏ କେଜାଣି?

ସେ ବ୍ୟାଗରୁ କାଢ଼ିଲେ ଯନ୍ତାଟିକୁ। ପିଚୁ ରାସ୍ତାକଡ଼ ନରମ୍ ମାଟି ଉପରେ ରଖିଲେ। ମୁହଁଟିକୁ କଡ଼ଆଡକୁ କଲେ। ଯନ୍ତାର ଦୁଆରଟିକୁ ଉପରକୁ ଟେକି ଛିଟିକିଣି ଲଗାଇ ଦେଲେ। ବାଟ ଖୋଲିଗଲା। କିନ୍ତୁ ଏ କ'ଣ ?ମୂଷାଟିତ ବାହାରିବାକୁ ନାହିଁ। ଚୁଙ୍ଗୁଚୁଙ୍ଗୁ ହୋଇ ଚାରିଆଡକୁ ଚାହୁଁଛି। କଥା କ'ଣ? ମାୟାଧର ବାବୁ ଉତ୍ସୁକତାର ସହ ଲକ୍ଷ୍ୟକଲେ। ବୋଧହୁଏ ସେ ଜାଣିପାରୁନାହିଁ ଯେ ଏଇଟା ତା ମୁକ୍ତିରବାଟ। ବିଚରା ଏତେ ଡ଼ରିଯାଇଛି ଯେ କିଛି ଅଘଟଣର ଆଶଙ୍କା କରି ....।

କିନ୍ତୁ ବେଶୀ ଡ଼େରିହେଲା ନାହିଁ। ଏବେ ସେ ବୁଲିପଡ଼ି ଖୋଲା ଦୁଆର ଆଡକୁ ଚାହିଁଲା। ତା ନିଶମୂଳ ଥରିଉଠିଲା। ଆଗରେ ଚେନାଏ ପ୍ରକୃତି ତାକୁ ହାତଠାରି ଡାକୁଛି। ସାନସାନ ଗଛବୁଦା, ବାବୁଲା, ଖଜୁରି, ନାଗାର୍ଜୁନ ଗଛର ପତଳାଜଙ୍ଗଲ। ଘାସବୁଦା ଉପରେ ମୁକ୍ତାବିନ୍ଦୁ ପରିକାକର, ବୁଢ଼ିଆଣୀ ଜାଲ। ଏବେତା ଦେହରେ ବିଜୁଳିର ଚମକ୍। ଏଇ ସୁବର୍ଣ୍ଣ ସୁଯୋଗଟିକୁ ହାତଛଡା କରିବାର ନୁହେଁ। ଧୀର ପାଦ ପକାଇ ସେ ଦୁଆର ପାଖକୁ ମୁହେଁଇଲା। ସନ୍ତର୍ପଣରେ ବାହାରକୁ ବାହାରିଲା ଏବଂ ଏକା ନିଶ୍ୱାସରେ ମୁଠାଏ ଦୃଶ୍ୟମାନ ପବନ ଭଳିସେ ଧାଇଁଯାଇ ବଣବୁଦା ଭିତରେ ଲୀନ ହୋଇଗଲା।

ମାୟାଧରବାବୁ ତାକୁ ମନେ ମନେ ବାୟ୍ ବାୟ୍ କହି ଯନ୍ତାଟିକୁ ବ୍ୟାଗ୍ ଭିତରେ ପୂରାଇଲେ ଏବଂ ସେହି ବାଟରେ ଫେରିଲେ। ମନ ଭିତରେ ଗୋଟାଏ ସନ୍ତୋଷର ଉଷୁମ୍ ବାହାରର ଥଣ୍ଡାକୁ ପ୍ରତିହତ କରୁଥିଲା ଯେମିତି। ସେ ଲମ୍ବାଲମ୍ବା ପାଦ ପକାଇ ମେସ୍ ଅଭିମୁଖେ ଛୁଟିଲେ। ବିସ୍ତୃତ ସମତଳ କଟାଧାନର କିଆରି ଶେଷରେ କେଉଁ ଅଜଣା ଗାଁର ଶାଗୁଆ ଦିଗ୍‌ବଳୟ ଉପରକୁ ଉଠିଆସୁଥିଲେ ସକାଳର ନବୋଦିତ ସୁନେଲି ସୂର୍ଯ୍ୟ ମୁଠାଏ ପ୍ରତିଶ୍ରୁତିର ପସରା ଧରିକ।

*ପ୍ଲଟ ନଂ. - ୨୯, ଭାଗବତସନ୍ଧାନ, ରସୁଲଗଡ*
*ଭୁବନେଶ୍ୱର - ୭୫୧୦୨୫*
*ମୋ - ୭୯୭୮୧୪୮୫୨୭*

# କାଙ୍କଡ଼

**ସତ୍ୟରଞ୍ଜନ ସାହୁ**

"କାଙ୍କଡ଼, କାଙ୍କଡ, କାଙ୍କଡ ପଚିଶଟଙ୍କା...। କାଙ୍କଡ ପଚିଶଟଙ୍କା...। ଏପଟେ ଆସନ୍ତୁ ଆଜ୍ଞା,ଏପଟେ ଆସନ୍ତୁ । ଶସ୍ତାହେଲା, ପୁରାଶସ୍ତା ।" ଏମିତି ଏକ ଶସ୍ତାଳିଆ ଅଫର୍‌ବାଲାବିଜ୍ଞାପନବାହାରି ଅସୁଥିଲା ଏକ ସୁରିଲା କଣ୍ଠରୁ । ଏଇ ଚୁଲ୍‌ବୁଲିଆ କଣ୍ଠ ଖଣ୍ଡିକ ଟାଣିଆଣୁଥାଏ ଗୁଡାଏ ଗ୍ରାହକଙ୍କୁ। ଏଇ କଣ୍ଠର ମାଲିକ ହେଉଛି ଏକ ଛୋଟ ପିଲାଟିଏ । ଯାହାର ବୟସ ହବ ସେଇ ଚଉଦରୁ ପନ୍ଦର ବର୍ଷ ଭିତରେ । ନୀଳ ରଙ୍ଗର ହାପ୍‌ପ୍ୟାଣ୍ଟ୍ ସହ ମାଟିଆ ଗଞ୍ଜି ଗୋଟେ ପିନ୍ଧିଥାଏ । ବଡବେପାରୀଙ୍କ ପରି ଗାମୁଛା ଖଣ୍ଡେ କାନ୍ଧରେ ପକେଇଥାଏ । ଯଦିଓ ଏତେଟା ପେଶାଦାର ନୁହେଁ ତଥାପି ବି ତା' ବେପାରୀଆ ଜ୍ଞାନର ସତେଜତା ବାରିହେଇଯାଉଥାଏ ।

ଲାଜ, ଡରବୋଲି ଗୋଟେ ଭାବ ତା'ଠି ନାହିଁ ?

କାହିଁକିବା ରହିବ !ଏହା ତା'ର ଜନ୍ମଗତ ସୁଗୁଣ । ଛୋଟବେଳୁ ସେହି ସାପ୍ତାହିକ ହାଟକୁ ସେ ଦେଖି ଆସୁଛି । କେତେବେଳେ ବାପା ସହିତ ତ କେତେବେଳେ ମା'ସହ । ଯାହାହେଲେବି ଚଷା ଘରର ପିଲା। ଋତୁ ଅନୁଯାୟୀ ଯାହା ଯେମିତି ବାଡିରୁହୁଏ ଯଥା ପିଆଜ, ଆଳୁ, ମୁଗ, ବିରି, କୋଳଥ, ଲଙ୍କା, ଧନିଆ ପତ୍ର, ଶାଗ, ଲେମ୍ବୁ, ପନିପରିବା ଇତ୍ୟାଦି ବିକ୍ରିକରିବାକୁ ବାପା, ମା' ହାଟକୁ ନିଅନ୍ତି । ତାଙ୍କ ସହିତ ସବୁବେଳେ ଯାଇ ଯାଇତା' ଦେହକୁ ଲାଜ ଓ ଡରଗୁଡାକ ଦେହସୁହା ହେଇଯାଇଛନ୍ତି।

ପଚିଶଟଙ୍କିଆ କାଙ୍କଡ ପାଇଁ ଲୋକଙ୍କ ପୁରା ଭିଡ । ତନ୍ମଧ୍ୟରୁ କିଛିଲୋକ କିଣୁଛନ୍ତି ଓ ଅନ୍ୟକିଛି ଯୁକ୍ତି ମଧ୍ୟ କରୁଛନ୍ତି ଦରକୁ ନେଇ ।

: ନିଅନ୍ତୁ ଆଜ୍ଞା, ପୁରା ସତେଜ କାଙ୍କଡ । ଇଆଡେ ପଚିଶ ଲାଗିଲା, ପଚିଶ ଲାଗିଲା ...। ହଠାତ୍ ଗହଳି ଭିତରୁ ଏକ ତଥାକଥିତ ଚତୁର ଓ ସଚେତନ ଗ୍ରାହକ ଜଣେ ଛାଣିହେଇକି ସମସ୍ତଙ୍କ ସାମ୍ନାରେ ବିରାଜମାନ କଲା । ଅବିଶ୍ୱସନୀୟ ଯୁକ୍ତିସବୁ ସମସ୍ତଙ୍କ ଆଗରେ ରଖୁଥାଏ । ଲୋକଟା ଦେଖିବାକୁ ମଧ୍ୟ ସେମିତିଆ । ପୁରା ବୃଦ୍ଧ ନୁହଁକି ସ୍ୱଳ୍ପ ବୟସର ବି ନୁହଁ । କିଛି ସମୟର କଥା କଟାକଟିରେ ପିଲାଟି ଠଉରେଇ ନେଇଥିଲା ଲୋକଟାକୁ ।

ସେହି ଲୋକଟିର ଅଲଣା କଥାଗୁଡାକ ପିଲାଟିକୁ ରୁଚୁନଥାଏ । ପଚାରିବା ଶୈଳୀ ଏଇ ଯେମିତି – କ'ଣ କିରେ ଟୋକା କାଙ୍କଡ କେତେ ? ଯେମିତି ତା' ଦୟାରେ କାଙ୍କଡଗୁଡାକ ଗଛରେ ଜନ୍ମନେଇଥିଲେ ଓ ତାକୁ ଆଣି ପିଲାଟି ହାଟରେ ବିକ୍ରିକରୁଛି । ସମ୍ଭବତଃ ସେହି ଲୋକଟିର ଶରୀର ଓ ଶବ୍ଦର ଭଙ୍ଗିରୁ ପିଲାଟି ଠଉରେଇନେଇଥିଲା ଯେ, ସେ କେତେ ଅଲଣା ସମ୍ପନ୍ନ ।

: "ଆଜ୍ଞା, ଅଢେଇଶକୁ ପଚିଶଟଙ୍କା । କେଜି ଶହେ ଟଙ୍କା ।",ଏକ ପରିପକ୍ୱ ବେପାରୀ ପରି ବିନମ୍ର ସହକାରେ ଉତ୍ତର ଦେଲା ପିଲାଟି ।

:ତୁ କ'ଣ କାଙ୍କଡ ପଚିଶବୋଲି କହୁଛୁ । ଆସିଲେ ପୁଣି କହୁଛୁ ଶହେ ବୋଲି । ତୁ ଆମକୁ ବୋକା ଭାବୁଛୁନା କ'ଣ ?

: ମୁଁ କେତେବେଳେ ଆଜ୍ଞାକହିଲି କାଙ୍କଡ କିଲୋ ପଚିଶ ବୋଲି ? ମୁଁ ତ କେବଳ କହୁଥିଲି କାଙ୍କଡ ପଚିଶ । ଆପଣ ବୋଧେ ଠିକ୍‌ରେ ବୁଝିନାହାଁନ୍ତି ।

: "ତୁ କ'ଣ ଭାବୁଛୁ ଟଙ୍କାଗୁଡା ଗଛରେ ଫଳନ୍ତି ନା କ'ଣ ? ଗଣିତ ପଢଉଛି ମତେ । ଯା'...ଯା'..., ନିଜେ ପାଠଶାଠ ପଢ । ପାଠଶାଠ କିଛି ନାହିଁ ଆସିଲା ଏଠି ଟାଉଟ୍ରିକରିବା ପାଇଁ । କଉଆଡୁ ସବୁହାଟକୁ ଚାଲିଆସନ୍ତି ।" ଏକ ଅସନ୍ତୋଷିଆ ଆମ୍ବାଟେ ପରି ଗୁରୁଗୁରୁ ହେଇ ଅନ୍ୟ ଦିଗ ଆଡକୁ ଲୋକଟା ଚାଲିଗଲା ।

କିନ୍ତୁ, ଶେଷ ଦୁଇପଦ କଥା ପିଲାଟାକୁ ହଜମ ହେଲାନି । "ମୁଁ କ'ଣ ଏଠିକି ଟାଉଟ୍ରି ଓ ବଦମାସ କାମକରିବା ପାଇଁ ଆସିଛି ? ନାଁ, ମୋତେ କ'ଣ ହାଟରେ ଆସି ପନିପରିବା ବିକିବା ପାଇଁ ଭଲ ଲାଗୁଛି । ଆସନ୍ତା ବର୍ଷ ମୋର ବୋର୍ଡ ପରୀକ୍ଷା । ମୋ ଶ୍ରେଣୀର ସାଙ୍ଗସାଥିମାନେ ଯିଏ ଯେମିତି ପଢାପଢିରେ ବ୍ୟସ୍ତ ଅଥଚ ମୁଁ ହାଟରେ କାଙ୍କଡ ବିକୁଛି । ତା' ପାଇଁ କ'ଣ ପଢାପଢି କରିବା ପାଇଁ ମୋର ଇଚ୍ଛା ନାହିଁ । ମୋର ଏବେ ଛୁଟିବି ଅଛି । ଘରେ ଏବେ ସମସ୍ତଙ୍କ ଦେହ ଖରାପ । ବାପା, ମା' ଜ୍ୱରରେ କମ୍ପୁଛନ୍ତି । ଔଷଧ କିଣିବାକୁ ପାଖରେ ପଇସା ମଧ୍ୟ ନାହିଁ ।

କାହାକୁ ଉଧାର ମାଗିବାକୁ ମୋତେ ବହୁତ ସଙ୍କୋଚ ଲାଗେ । ଏବେ ବର୍ଷା ପାଗକୁ ବାଡିରେ କାଙ୍କଡଗୁଡାକ ପ୍ରଚୁର ଫଳୁଛି । ହାଟରେ ବିକିଲେ ଦୁଇ ପଇଷା ମିଳିବ ବୋଲି ମା' କହିବାରୁ ମୁଁ ଆସିଛି । ଆମଘରେ ବାପା ଚାକିରିଆ ନା ମା' । କେହି ମଧ୍ୟ ନୁହେଁ । ଯାହା ଯେମିତି ଏଇ ବିକ୍ରିବଟାରୁ ଆମକୁ ଦୁଇ ପଇଷା ମିଳେ । ସେଇଥିରୁ ହିଁ ଆମ ଘର ଚଳେ।" ସେହି ବଦହଜମିର ନିରାକରଣ ପାଇଁ କିଛି ସମୟ ଆତ୍ମଚିନ୍ତନରେ ବୁଡିଗଲା ପିଲାଟି ।

ହଠାତ୍ ସେହି ଚତୁର ଲୋକଟି ସେଠୁ ଗଲାପରେ ତା' ପାଖରେ ଭେଣ୍ଡି ବିକୁଥିବା ସର୍ମ୍ପକୀୟ କକାକୁ ପ୍ରଶ୍ନକଲା – "କକାଏ ଲୋକଟା କିଏ କି ?"

: ତୁ ଜାଣିନୁ କି ! ଇଏ ପରା ଏ ଅଞ୍ଚଳର ...।

ଚତୁର ଲୋକଟିସିନା ପିଲାଟିର ଆଖିସାମ୍ନାରୁ ଚାଲି ଯାଇଦୂର ହାଟ ଗହଳିରେ ଗୁନ୍ଥି ହେଇଗଲା । କିନ୍ତୁ ତା'ର କାଙ୍କଡ ସନ୍ଧାନରେ ବିଶ୍ରାମ ଅବସ୍ଥା ଆସିନି । ସେହି ଚିରାଚରିତ ଢଙ୍ଗରେ ଯାଇ ଅନ୍ୟ କାଙ୍କଡବାଲାକୁ ପଚାରୁଛି – କାଙ୍କଡ କିଲୋ କେତେ ?

: କାଙ୍କଡ କିଲୋ ଶହେ କୋଡିଏ ।

: ଶହେ କର ।

: ନାଇଁ ଆଜ୍ଞା, ଆମକୁ ଶହେ ପନ୍ଦର କିଣା ପଡୁଛି । କିଲେ ବିକିଲେ ପାଞ୍ଚଟଙ୍କା ପାଇବୁ। ଆପଣଙ୍କୁ ଶହେରେ ଦେଇ ହେବନି ଆଜ୍ଞା।

ସେଠୁ ଯାଇ ଅନ୍ୟଠି ଯାଇ ଦେଖେ ତ ଜଣେ କହୁଛି -ଆଜ୍ଞା, କାଙ୍କଡ କିଲୋ ଶହେ ତିରିଶ । ଅଢେଇଶହ ନେଲେ ପଇଁତିରିଶ ଟଙ୍କା ।

: "କି ଅସମ୍ଭବ ! ସେପଟେ ତ କିଲୋ ଶହେଟଙ୍କାରେ ବିକୁଛନ୍ତି ଆଉ ତୁମେ ଏଠି ବିକୁଛ ଶହେ ତିରିଶ । ପୁଣି ଅଢେଇଶହ ନେଲେ ପଇଁତିରିଶ ଟଙ୍କା ।" ଏକ ରାଗ ତମ୍‌ତମ୍ ଅନ୍ଦାଜରେ କହିପକେଇଲା ଚତୁର ଲୋକଟି ।

ଏଠି ଆଉ ସେହି ପୁରୁଣା ଔଷଧ କାମ କଲାନି । ସିଏ ସିନା ଛୋଟ ପିଲାଟେ ବୋଲି କିଛିକାଂଶରେ କାଟୁ କଲା କିନ୍ତୁ ଏଇ ଦୋକାନୀ ତ ପୁରା ଅବସ୍ଥାର ଶିର୍ଷାସନ କରିପକେଇଲା ।

: "ସେଠି ଯଦି କିଲୋ ଶହେରେ ବିକୁଛନ୍ତି ଆପଣ ସେଠୁ ନେଉନାହାଁନ୍ତି । ଏଠି ଏତେ ଯୁକ୍ତି କାହିଁକି କରୁଛନ୍ତି ?"ବାମ ହାତରେ କେଜି ପଲାକୁ ମୁହଁସାମ୍ନାରେ ରଖି ରାଗ ଓ ଚଞ୍ଚଳତା ମିଶା କଣ୍ଠରେ କହିପକେଇଲା ଦୋକାନୀ ଖଣ୍ଡିକ ।

: କିଏ ଜଣେ ଗାଲରେ ହଠାତ୍ ଏକ କଅଁଳିଆ ଚାପୁଡା ଗୋଟେ ଲଦିଦେଲା ପରି ଅନୁଭବ କଲାସେହି ଚତୁର ଲୋକଟି ।

ନାଁ....., ସେହି ପିଲାର କାଙ୍କଡ ବାସ୍ତବରେ ଶସ୍ତା । ସେଠୁ କିଲେ ଖଣ୍ଡେ ନେଇଗଲେ ଭଲହବ ।"ଏମିତି ଭାବି ଏକ ଆତ୍ମସମର୍ପଣରେ ପୂର୍ଣ୍ଣହୋଇ ତଥାକଥିତ ଚତୁର ଲୋକଟି ଘଣ୍ଟାକଣ୍ଟାଟି ପରି ବୁଲିବୁଲି ଆସି ସେଠି ହାଜର ।

କିନ୍ତୁ ପିଲାଟି ଘଣ୍ଟାର ସଂଖ୍ୟା ବାର ନୁହଁ ଯେ, ଘଣ୍ଟାକଣ୍ଟାକୁ ଅପେକ୍ଷା କରି ରହିବ ।

: ଏଠି ଯେଉଁ କାଙ୍କଡବାଲା ପିଲାଟି ଥିଲା,ଗଲା କଉଆଡେ ?

: ପାଖ ଭେଣ୍ଡିବାଲା ଜଣକ କହିଲା- "ଆଜ୍ଞା, ସେ ବହୁତ ବେଳୁ କାଙ୍କଡ ବିକିସାରି ଘରକୁ ଯାଇସାରିଲାଣି । କ'ଣ କିଛିକାମ ଥିଲା ? ନା, ସେମିତି କିଛି ନାଇଁ । ଯାହାବି କୁହନ୍ତୁ ଆଜ୍ଞା, ପିଲାଟି ବଡ ଚାଲାକା ଏଇ ଦେଖୁନାହାଁନ୍ତି, ଦଶ କିଲୋ କାଙ୍କଡ ଆଣିଥିଲା । ହଜାରେ ଟଙ୍କାରେ ସବୁତକ ବହୁତ ଜଲଦି ବିକି ଦେଲା । ଆଉ ଗୋଟେ କଥା ଜାଣିଛନ୍ତି ଆଜ୍ଞା, ସେ ଆମର ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଏଥର ପ୍ରଥମ ହେଇଛି। ଆଉ କିଛିଦିନ ପରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବା ପାଇଁ ଯିବ । ସେଥିପାଇଁ କ'ଣ ଯନ୍ତ୍ରପାତିକିଣିବ ବୋଲି କହୁଥିଲା। ତା' ବାପା,ମା'ଙ୍କ ଦେହ ଖରାପ ତ ସେଥିପାଇଁ ଔଷଧ ମଧ୍ୟ କିଣିବାର ଅଛି କହି ଶିଘ୍ର ଚାଲିଗଲା ।"

ଇଏ ସେହି ପିଲା ତ ନୁହଁ ? ଯାହା ବିଷୟରେ ଅଭି ଓ ଚିନୁ ଗତକାଲି କହୁଥିଲେ । ଜାଣିଛ ବାପା, ଆମବିଦ୍ୟାଳୟର ସମସ୍ତ ପ୍ରକଳ୍ପ ଏପରିକି ଆମଦୁଇଜଣଙ୍କ ମଧ୍ୟ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ମନୋନୀତ ହେଲାନି । କିନ୍ତୁ ଅନ୍ୟ ଏକ ବିଦ୍ୟାଳୟର ଜଣେ ପିଲାର ପ୍ରକଳ୍ପ ରାଜ୍ୟସ୍ତରୀୟ ପାଇଁ ମନୋନୀତ ହେଇଛି ।

ହଠାତ୍, ପୁଣି ଲାଗିଲା ଯେମିତି ଏକ ନୂତନ ସଂସ୍କରଣର ଶକ୍ତ ପରିପକ୍ୱ ଚାପୁଡା ଖଣ୍ଡେ କିଏ ଜଣେ ତା' ଗାଲରେ ଲଦି ଦେଲା ।

: ସେହି ପିଲାଟିର ନାଁ ତାପସ ପ୍ରଧାନ ତ ନୁହଁ !

: ହଁ, ଆଜ୍ଞା ! ତା' ନାଁ ତାପସ ପ୍ରଧାନ । ଆପଣ କେମିତି ଜାଣିଲେ ?

*ଯଦୁମଣିପାଟଣା, ରେଢାଖୋଲ,ସମ୍ବଲପୁର*
*ଦୂରଭାଷ: ୮୮୨୭୩୦୮୭୦୩*

# ରକ୍ଷକ

ଅନୁକମ୍ପା ପହି

ମଶା, ମାଛି, ମୂଷା, ଚୁଚୁନ୍ଦ୍ରା, ଝିଟିପିଟି, ଅସରପା, ଉଇ, ଜନ୍ଦା, ବେଙ୍ଗ, ବିଛା, ତେଲୁଣି ପୋକ, ଜିଆ, ଜୋକ, ଭଅଁର, ଝିଣ୍ଟିକା, ବୁଢ଼ିଆଣୀ ସମସ୍ତଙ୍କୁ ମୋ ଘରେ ସ୍ୱାଗତ । ଅଲୋଡ଼ା କୁଣିଆ ପରି ଏମାନେ ଆସନ୍ତି, ଯାଆନ୍ତି । ଆମେ ଦେଖି ଅଣଦେଖା କରିଦେଉ । ନିଜେ ବଞ୍ଚୁ ଆଉ ସେମାନଙ୍କୁ ମଧ୍ୟ ବଞ୍ଚିବାକୁ ଦେଉ । ଜଙ୍ଗଲରେ ରହୁଛୁ ଯେତେବେଳେ ସମସ୍ତ ଜୀବଜଗତ ସହ ସନ୍ତୁଳନ ରଖି ବଞ୍ଚିବାକୁ ହେବ । ଆମେ ସ୍ୱାମୀ ସ୍ତ୍ରୀ ପିଲା ସମସ୍ତେ ଏମାନଙ୍କ ସହ ଜାଗା ବାଣ୍ଟି ରହିବାରେ ଏବେ ପୂରା ଅଭ୍ୟସ୍ତ ।

ମୋ ସ୍ୱାମୀ ସୈନ୍ୟବିଭାଗରେ କାମ କରନ୍ତି ବୋଲି ଆମେ ଦୁଇବର୍ଷରେ ଥରେ ଜାଗା ବଦଳାଉ । ଅଧିକାଂଶ ସମୟ ଯେଉଁ କ୍ୟାଣ୍ଟନ୍‌ମେଣ୍ଟ୍ ଗୁଡ଼ାକରେ ରହୁ ସେଗୁଡ଼ାକ ଗଛପତ୍ର, ଘନ ଜଙ୍ଗଲରେ ଭରା । ସୁନ୍ଦର ପ୍ରାକୃତିକ ପରିବେଶ । ହରିଣ, ନୀଳଗାଈ, ଠେକୁଆ, ମୟୁର, ମାଙ୍କଡ଼, ନେଉଳ, ଗୋଧି, ଶିଆଳ, ଜଙ୍ଗଲି ଘୁଷୁରୀ ଏମିତି ଅନେକ ଜୀବଜନ୍ତୁ ଯିବା ଆସିବା ସମୟରେ ସାଧାରଣ ଭାବରେ ଆମକୁ ରାସ୍ତା ଉପରେ ଦେଖାଯାଆନ୍ତି । ଆମ ପିଲାମାନେ ସେମାନଙ୍କୁ ଦେଖି ଆମୋଦିତ ହୁଅନ୍ତି । ଆମେ ସେମାନଙ୍କ ଜୀବନରେ ହସ୍ତକ୍ଷେପ କରୁନାହିଁ କି ସେମାନେ ଆମକୁ ଆଉ ସେମିତି ଡ଼ରନ୍ତି ନାହିଁ ।

କେବେକେବେ ସକାଳୁ ସକାଳୁ ମୁଁ ଚା'କପ୍‌ଟେ ଧରି ବଗିଚାକୁ ପଶି ଯାଉଯାଉ ଦେଖେ ଦୁଇତିନିଟା ମୟୁର ଲାଞ୍ଜ ଦୋହଲାଇ ମୋ ଘାସ ବଗିଚାରେ ଟହଲୁଛନ୍ତି । ସ୍ୱର୍ଗୀୟ ଆନନ୍ଦରେ ମୋ ମନ ଉଲ୍ଲସି ଉଠେ । ବେଳେବେଳେ ପଛପଟ ପରିବା ବଗିଚାରେ ଠେକୁଆ ଛୁଆଟାକୁ ଟୁକୁରୁ ଟୁକୁରୁ କରି ଗାଜର ଖାଉଥିବାର ଦେଖେ । ଦୂରରେ ଠିଆ ହୋଇ ମୁଁ ତା' କୋମଳ ନିରୀହତାରେ ସମ୍ମୋହିତ ହୋଇଯାଏ । ମୋ ପରିବା ନଷ୍ଟ କରି ଦେଉଛି ବୋଲି ଭାବି ଘଉଡ଼ାଏ ନାହିଁ । ଖାଉ । ଛୁଆଟାଏ ତ । କେତେ ଖାଇବ ?

ଆଉ ଥରଟିଏର ଅନୁଭବ ଖୁବ୍ ନିଆରା । ମୁଁ ସାନ୍ଧ୍ୟ ଭ୍ରମଣରେ ଯାଇଥିଲି । ହଠାତ୍ କୁଆଡୁ ବାଦଲ ଘୋଡ଼ାଇ ହୋଇ ବର୍ଷା ଉଠାଇ ଆସିଲା । ମୁଁ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଘରକୁ ଫେରି ଆସିଲା ବେଳକୁ ଦେଖିଲି ରାସ୍ତା ଉପରେ ଠିକ୍ ମୋ ସାମନାରେ ମୟୁରଟାଏ ପୁଚ୍ଛ ଖୋଲି ଡ଼େଣା ମେଲି ବିନା ଭୟରେ ମଗ୍ନହୋଇ ସୁନ୍ଦର ନାଚ କରୁଛି । ମୁଁ ସେଇଠି ସେମିତି ଠିଆ ଠିଆ ତା' ନାଚରେ ବିଭୋର ହୋଇଗଲି । ଅଚାନକ ଏମିତି ଗୋଟାଏ ସୁନ୍ଦର ଦୃଶ୍ୟ ଦେଖିବାର ସୌଭାଗ୍ୟ ଦେଇଥିବାରୁ ଭଗବାନ୍‌ଙ୍କୁ ଧନ୍ୟବାଦ୍ ଜଣାଇଲି ।

ଭାରତର ଏ ରାଜ୍ୟରୁ ସେ ରାଜ୍ୟକୁ ଜାଗା ବଦଳାଇ ଘର ବାନ୍ଧିବା ବେଳେ ଏଇ ଜୀବଜନ୍ତୁ ଗୁଡ଼ାଙ୍କୁ ନେଇ ଏମିତି କେତେ ମନଲୋଭା ଅନୁଭୂତି ଅଛି । କିଛି କିଛି ଅନୁଭୂତି ଖୁବ୍ କଠିନ ମଧ୍ୟ । ଯେମିତି ରାଜସ୍ଥାନର ଜୟସାଲ୍‌ମେର୍ ପୋଷ୍ଟିଙ୍ଗରେ ବାଲିଆ ବିଛାମାନଙ୍କର ପ୍ରାଦୁର୍ଭାବ । ଉତ୍ତର ପୂର୍ବ ରାଜ୍ୟ ଗୁଡ଼ାକରେ ଚାରିଆଡ଼େ ରକ୍ତଶୋଷା ଜୋକ ସାଲୁବାଲୁ । ବସନ୍ତ ଋତୁ ସମୟରେ ମହୁମାଛି ମାନଙ୍କର ଆକ୍ରମଣ । ବର୍ଷାଦିନେ ଘର ଭିତରେ ବେଙ୍ଗ ଆଉ ତେଲୁଣି ପୋକମାନଙ୍କର ଉତ୍ପାତ । ପୁରୁଣା ସରକାରୀ ଘର ଗୁଡ଼ାକରେ ସବୁଆଡ଼େ ସେଇ ଉଇ, ଜନ୍ଦା, ଅସରପା, ଝିଟିପିଟି, ମୂଷା, ଚୁଚୁନ୍ଦ୍ରା ମାନଙ୍କର ସମାହାର ।

ସୈନିକ ପରିବାରର ଯାଯାବର ଜୀବନର ଅନେକ ବଡ଼ ବଡ଼ ସମସ୍ୟା ଆଗରେ ଏଇ ସବୁ ସଂକଟ ଯେତେ କଠିନ ହୋଇଥିଲେ ମଧ୍ୟ ଛୋଟ ଲାଗେ । ରହିବା ପାଇଁ ସରକାରୀ ଘର କେବେ ମିଳିବ, ପିଲା କେମିତି ନୂଆ ଜାଗାରେ ସ୍କୁଲ୍‌ରେ ନିଜକୁ ଆଡ଼ଜଷ୍ଟ କରିବ, କ୍ୟାଣ୍ଟନ୍‌ମେଣ୍ଟ୍‌ରେ ଆଉ ତା'ପାଖଆଖରେ ଠିକ୍‌ଠାକ୍ ଡ଼ାକ୍ତରଖାନାଟିଏ ଅଛି କି ନାହିଁ, ଇଣ୍ଟରନେଟ୍‌ର ସ୍ପିଡ୍ କେମିତି, ଘରକାମ କରିବା ପାଇଁ କାମବାଲୀ ମିଳିବ କି ନାହିଁ, ଏଇସବୁ ପ୍ରଶ୍ନମାଳା ଭିତରେ ଏଇ ଛୋଟ ଛୋଟ ଜୀବଜନ୍ତୁଗୁଡ଼ାକୁ ଏତେ ମହତ୍ତ୍ୱ ଦେଉଛି କିଏ ?

କିନ୍ତୁ ସେଇ ଯୋଉ ଜୀବଟା ? ସେଇ ଜୀବଟା ଘରକୁ ଲୁଚି ଲୁଚି ଚୋର ସାଜି ଆସିଲେ ଛାତିରେ ଦୁଲୁକ ପଶେ । ଜୀବନ ଭୟରେ ଆମେ ଥରହର ହେଉ । ହାତ ଗୋଡ଼ ଥଣ୍ଡା ପଡ଼ିଯାଏ । ମୁଣ୍ଡ କାମ କରେ ନାହିଁ ।

ତା' ରୂପଟା ଏତେ ଭୟଙ୍କର ଯେ ସେ ବାରମ୍ବାର ଦୁଃସ୍ୱପ୍ନ ହୋଇ ନିଦରେ ଆସେ। ଶୁଆଇ ଦିଏନି।

ସେଇଟା ହେଲା ସାପ। ନାଗ, ତମ୍ପ, ଧଣ୍ଡ, ଚିତି, ଧୂଳିଆ ନାଗ, କାଣ୍ଡନଳ, ରଣା, ଡ଼ମଣା, ବୋଡ଼ା, ଲାଉଡ଼ଙ୍କିଆ ଏମିତି ସବୁ ପ୍ରକାରର ସାପ। କଳା, ଧୂସର, ହଳଦିଆ, ଗହମା, ଖଇରା, ସବୁଜ, ମୋଟା, ପତଳା, ଲମ୍ବା ଭୟଙ୍କର ରୂପଧାରୀ ସାପ। ଏତେ ସବୁ ଅନୁଭୂତି ଭିତରେ ସାପ ସହ ଦେଖା ସାକ୍ଷାତର ଏଇ ଅନୁଭୂତିଟା ଲୋମଟାଙ୍କୁରାଇ ଦିଏ, ପାଦ ତଳୁ ବିଣ୍ଡା ବିଣ୍ଡା ମାଟି ଧସାଇ ଦିଏ। ସାପଟାଏ ଘର ବାହାରେ ଜଙ୍ଗଲରେ, ଗଛଲତା ଉହାଡ଼ରେ ଦେଖି ପକାଇଲେ ବି ଆମେ ଛାତିରେ ଛେପ ପକାଉ। ଆଉ ସେଇ ସାପଟା  ଯଦି ଘର ଭିତରେ ଆସି ପହଞ୍ଚିଯାଏ ତେବେ ତ ପିଳେହିପାଣି। ଯେତେ ସାହାସ ଥିଲେ ବି ସାପ ଆଗରେ ସବୁ ଫିକା।

ଆଉ ସେଇ ସାପ ସହ ମୋ କାହାଣୀଟା ସବୁଠୁ ବିରଳ। ମୁଁ ବୋଧହୁଏ ସାପକୁ ଜୀବନର ସବୁଠାରୁ ଅଧିକ ଭୟ କରେ। ଜାଣିଛି, ସବୁ ସାପ ବିଷଧର ନୁହଁନ୍ତି। କିନ୍ତୁ ସାପର ସେଇ ଯେଉଁ ମାରାତ୍ମକ ରୂପ। ଲମ୍ବା ପତଳା ଶରୀର, ସର୍‌ସର୍ ଚାଲି, ଫଣା ମେଲାଇ ଫଁ ଫଁ ଗର୍ଜନ, ମୁନିଆ ପତଳା ଲାଞ୍ଜ, ପଟାପଟା ଶରୀର, ଚକ୍‌ମକ୍ କାତି, ଏସବୁ ଭାବିଲେ ମୋ ହାଲୁକ ଶୁଖିଯାଏ।

ମୁଁ ଅଧିକ ଭୟ କରେ ବୋଲି କି କ'ଣ ମୋର ଯାଉଣୁ ଆସୁଣୁ ସବୁବେଳେ ସାପମାନଙ୍କ ସହ ଦେଖାସାକ୍ଷାତ ହୁଏ। ପ୍ରତିବର୍ଷ, ପ୍ରତି ପୋଷ୍ଟିଙ୍ଗରେ। ପ୍ରଥମ ଥର ଦେଖାହେଲା ପଞ୍ଜାବର ଫରିଦ୍‌କୋଟ୍ ନାମକ ଗାଁରେ। ସେଠି ଆମକୁ ମିଳିଥିଲା ବଡ଼ ସରକାରୀ ବଙ୍ଗଳାଟାଏ। ପ୍ରାୟ ଚାଳିଶ ପଚାଶ ବର୍ଷ ପୁରୁଣା। ଲମ୍ବା,ଚଉଡ଼ା ଘର।  ପ୍ରସସ୍ତ ବଗିଚା। ଆଗ ପଟେ ଫୁଲ ବଗିଚା, ଘର ପଛପଟେ ପରିବା ବଗିଚା। ସେତେବେଳେ ମୋ ପେଟରେ ତିନିମାସର ପିଲା। ଯାହା ଖାଇଲେ ବାନ୍ତି। ତା' ସହ ପୁଣି ମୋ ସ୍ୱାମୀ ମାସରେ ଅଧିକାଂଶ ଦିନ ଟୁର୍‌ରେ। ଏ ଅବସ୍ଥାରେ ଏତେ ବଡ଼ ଘର ଆଉ ବଗିଚା ସମ୍ଭାଳିବା ମୋ ପକ୍ଷରେ ଭୀଷଣ କଷ୍ଟକର।

ସେଦିନ ମୋ ସ୍ୱାମୀ ଘରେ ନଥାନ୍ତି। ରାତି ପ୍ରାୟ ବାରଟା ବେଳକୁ ମୋ ନିଦ ଭାଙ୍ଗିଗଲା। ବାନ୍ତି ଉଠେଇଲା। ମୁଁ ସମ୍ଭାଳି ନ ପାରି ବାଥ୍‌ରୁମ୍‌କୁ ଧାଇଁଲି। ବାଥ୍‌ରୁମ୍ କବାଟ ଖୋଲୁଖୋଲୁ ମୋ ଦେହରେ ବିଜୁଳି ଖେଳିଗଲା। ଗହମ ରଙ୍ଗର ଲମ୍ବା ସାପଟାଏ। ଲମ୍ବା ହୋଇ ସ୍ଥିର ଭାବରେ ଗୋଟିଏ କଣରେ ଶୋଇଛି। ମୁଁ ସେଇ ସମୟରେ ଆଗ ପଛ କିଛି ଭାବି ନ ପାରି ବାଥ୍‌ରୁମ୍ କବାଟଟାକୁ ଧୀରେ କରି ବନ୍ଦ କରି ବାନ୍ତି କରିବା ପାଇଁ ଆର ଘର ବାଥ୍‌ରୁମ୍‌କୁ ଧାଇଁଲି। କବାଟ ଖୋଲି ୱାସ୍‌ବେସିନ୍ ପାଖକୁ ଯାଇ ଦେଖେ ତ ବେସିନ୍ ଉପରେ ବସିଛି ଖୁବ୍ ବଡ଼ ତେନ୍ତୁଳିଆ ବିଛାଟାଏ। ମୁଁ ହାତରେ ମୁହଁକୁ ଚାପିରଖି ଧାଇଁଲି ରୋଷେଇଘରକୁ।

ଏବେ କାହାକୁ ଡ଼ାକିବି? ରାତି ବାରଟା ବାଜିଲାଣି। ଘରେ ମୁଁ ଏକୁଟିଆ। ରାତି ଅଧରେ ଯଦି ଆଉ ଥରେ ବାଥ୍‌ରୁମ୍ ଯିବା ଦରକାର ପଡ଼େ ତାହେଲେ କ'ଣ କରିବି? ଶୋଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ଡ଼ରରେ ନିଦ ଆସିଲା ନାହିଁ। ସାପଟା ବାଥ୍‌ରୁମ୍‌ରୁ ଘର ଭିତରକୁ ପଶି ଆସିବ ନାହିଁ ତ? ବଡ଼ ପାପୋଛଟାଏ ନେଇ ବାଥ୍‌ରୁମ୍ କବାଟର ତଳ ପଟେ ଗେଞ୍ଜିଲି। ସାପଟା ଅଛି କି ନାହିଁ କବାଟ ଖୋଲି ଦେଖିବା ପାଇଁ ମୋର ସାହସ ନଥିଲା। ରାତିଟା ଯାକ ମୁଁ ଶୋଇପାରିଲି ନାହିଁ।

ସକାଳ ହେଲାପରେ ମୁଁ ପଡ଼ିଶା ଘର ଲୋକଙ୍କୁ ନିଦରୁ ଉଠାଇ ଡ଼କାଇଲି। ନା ସେ ବାଥ୍‌ରୁମ୍‌ରେ ସାପ ଥିଲା ନା ଆଉ ବାଥ୍‌ରୁମ୍‌ରେ ବିଛା। ରାତ୍ରିଭ୍ରମଣ କରି ଦୁହେଁ ନିଜ ନିଜ ଘରକୁ ବାହୁଡ଼ି ଯାଇଥିଲେ। ରାତିଟା ମୋତେ ଗୋଟେ ସ୍ୱପ୍ନ ପରି ଲାଗିଲା। ଦୁଃସ୍ୱପ୍ନ।

ଆଉ ଥରଟିଏ ଏମିତି ହୋଇଥିଲା। ଆମେ ମିରଟ୍‌ରେ ରହୁଥିଲୁ। ଖରାଦିନେ ଜଳବାୟୁ ବହୁତ ଖରାପ। ଗରମ ଆଉ ଗୁଳୁଗୁଳି।  ପୁଅଟା ମୋର ଛୋଟ ଥିଲା। ଦିନଟା ଯାକ ଖେଳିଖେଳି ଗୁଡ଼ାଏ ଲୁଗାପଟା ଅସନା କରେ। ସେଦିନ ଅଧବାଲ୍‌ଟିଏ ଲୁଗା ପଡ଼ିଥିଲା ସଫା ହେବା ପାଇଁ। ମୋ ୱାସିଙ୍ଗ୍ ମେସିନ୍‌ଟା ଦୁଇ ଦିନ ହେଲା ଖରାପ ହୋଇ ପଡ଼ିଥିଲା। ମୁଁ ହାତରେ ସଫା କରିବା ପାଇଁ ଯାଇ ଲୁଗା ଗୁଡ଼ାକୁ ବାଲ୍‌ଟିରେ ପାଣି ଆଉ ଲୁଗା ସଫା ପାଉଡ଼ର ଦେଇ ବତୁରେଇ ଦେଲି। ଭାବିଲି ଘଣ୍ଟେ ଦୁଇ ଘଣ୍ଟା ପରେ ଯାଇ ହାତରେ କାଚି ସଫା କରିଦେବି। ମୋ ବାଡ଼ି ପଟେ ଲୁଗା ସଫା କରିବା ପାଇଁ ବ୍ୟବସ୍ଥା ଥିଲା। ମୁଁ ସେଇଠି ବାଲ୍‌ଟିଟାକୁ ଛାଡ଼ି ଘର କାମରେ ମନଦେଲି।

ଲୁଗାସଫା କରିବା ପାଇଁ ବାଡ଼ିପଟ କବାଟ ଖୋଲି ବାଲ୍‌ଟି ପାଖକୁ ଆସୁଛି, ସଁ ସଁ ଫଁ ଫଁ ଗର୍ଜନ ଶୁଣିବାକୁ ପାଇଲି। ଚାରିଆଡ଼କୁ ଆଖି ବୁଲାଇଲି। ଆଗପଛ ଦେଖିଲି। କେଉଁଠି କିଛି ନାହିଁ। ଡ଼ରରେ ପାଦ ଚିପିଚିପି ବାଲ୍‌ଟି ଆଡ଼କୁ ଆଗେଇଲି। ଭାବିଲି ବାଲ୍‌ଟିଟାକୁ ଝଟ୍‌କିନା ଉଠାଇ ନେଇ ଘର ଭିତରର ବାଥ୍‌ରୁମ୍‌କୁ ପଳାଇ ଆସିବି। ସେଇଠି ଲୁଗା ତକ ସଫା କରିଦେବି। ଆଗକୁ ଆଗକୁ ଯେତେ ପାହୁଣ୍ଡ ପକାଇ ଚାଲିଥିଲି,ସେ ଫଁ ଫଁ ଗର୍ଜନ ଆହୁରି ଆହୁରି ବଢ଼ି ଚାଲିଲା। ବାଲ୍‌ଟିକୁ ଅନାଇ ଦେବାରୁ ମୋ ରକ୍ତ ଶୁଖିଗଲା।

ଧୂସରିଆ ରଙ୍ଗର ମୋଟା ସାପଟାଏ ବାଲ୍‌ଟିର ଲୁଗାପଟା ସାବୁନ୍ ପାଣି ଭିତରେ ଚକାମାରି ଗୋଲ୍ ହୋଇ ଶୋଇଥିଲା।ମୋ ପାଦ ଶବ୍ଦରେ ସଜାଗ ହୋଇ ଫଣାମେଲାଇ ଠିଆ ହୋଇଗଲା। ମୋର ମୁଣ୍ଡଠାରୁ ପାଦ ଯାଏଁ ଶିହରି ଗଲା। ମୁଁ ଘର ଭିତରକୁ ଦଉଡ଼ି ଯାଇ ବୁଲି ବୁଲି ସବୁ କବାଟ ଝରକା ବନ୍ଦ୍ କରି ପକାଇଲି। ସାପଟାର ଚକ୍‌ଚକ୍ କାତିମିଶା ଚିକଣିଆ ଦେହଟା ମୋତେ ଭିତରୁ ବାହାର ଯାଏଁ ଝିଞ୍ଜାରି ଦେଲା। ମୁଁ ଘର ଭିତରେ ଠିଆ ହୋଇ ଗୋଟାପଣେ ଥରିବାକୁ ଲାଗିଲି।ଆଜି ଯମଦେବତା ଦୁଆରଯାଏଁ ଆସି ଯାଇଥିଲେ। ଜୀବନଟା ଯାଉଯାଉ ରହିଗଲା। ଏମିତି କେତେ ଦିନ ଆଉ ଚାଲିଥିବ? ସେଦିନ ମଧ୍ୟ ମୋ ସ୍ୱାମୀ ଘରେ ନଥିଲେ। ଅଫିସ୍ ଯାଇଥିଲେ।

ଏମିତି ଘଟଣା କେତେଥର ଘଟିଛି। ଗୋଟେ ସମୟରେ ଆମେ ପଶ୍ଚିମବଙ୍ଗର ପାନାଗଡ଼ରେ ରହୁଥିଲୁ। ପାନାଗଡ଼ ଜାଗାଟାର ନାଆଁର ମାନେ ହେଲା 'ସାପମାନଙ୍କର ଗଡ଼।' ଚାରିଆଡ଼େ ସବୁଜ ଘନ ଜଙ୍ଗଲ। ସେଇଠି ଥାଆନ୍ତି ପୁଞ୍ଜା ପୁଞ୍ଜା ସାପ। ସେ ଜଙ୍ଗଲକୁ ଭେଦ କରିବା କିଛି ସହଜ କାମ ନୁହେଁ। ସେଇଥି ପାଇଁ ସେଇଟା ଗୋଟାଏ ସଂପୂର୍ଣ୍ଣ ନିରାପଦ ଘର ଏଇ ସାପ ଆଉ ତାଙ୍କ ପରିବାର ପାଇଁ। ଯିବା ଆସିବା ସମୟରେ, ପ୍ରାତଃଭ୍ରମଣ ଆଉ ସାନ୍ଧ୍ୟଭ୍ରମଣ ସମୟରେ, ଖାଲି ଶୀତଦିନଟାକୁ ଛାଡ଼ିଦେଲେ, ଖରାଦିନେ, ବର୍ଷାଦିନେ ରାସ୍ତା ଉପରେ ସେମାନେ ବିନା ଦ୍ୱିଧାରେ ବିନା ଭୟରେ ଯା'ଆସ କରନ୍ତି। କାରଣ ପାନାଗଡ଼ରେ ସାପମାରିବା ମନା। ପ୍ରଥମ କରି ଯିଏ ଏଇ ଜାଗାକୁ ଆସେ ତାକୁ କ୍ୟାଣ୍ଟନ୍‌ମେଣ୍ଟ୍ ଭିତରେ ଥିବା କ୍ଷେତ୍ରପାଳ ମନ୍ଦିର ଦର୍ଶନ ପାଇଁ ପରାମର୍ଶ ମିଳେ। ସେଇଠି ଜଟାଧାରୀ ଶିବ ପୂଜା ପାଆନ୍ତି। କୁହାଯାଏ, ସେଇ ମନ୍ଦିରକୁ ଯାଇ ଥରେ ଶିବଦର୍ଶନ କଲେ ସାପ ଆଉ ଅନିଷ୍ଟ କରେ ନାହିଁ। ବିଶ୍ୱାସ କି ଅନ୍ଧବିଶ୍ୱାସ କହିବା କାଠିକର ପାଠ, କିନ୍ତୁ ଏକଥା ଶୁଣୁଶୁଣୁ ପ୍ରଥମଦିନ ଯାଇ ଶିବଙ୍କୁ ମଥାଟେକି ଆସିଲି। ଛୋଟ ସୁନ୍ଦର ପୁରୁଣା ମନ୍ଦିରଟିଏ। ଦ୍ୱାରବନ୍ଧରୁ ମନ୍ଦିର ଗର୍ଭ ଯାଏଁ ଦୁଇପଟଯାକ ଭକ୍ତମାନଙ୍କ ଦ୍ୱାରା ବନ୍ଧାଯାଇଛି ହଜାର ହଜାର ପିତ୍ତଳ ଘଣ୍ଟି। ଛୋଟ, ବଡ଼ ଅନେକ ପ୍ରକାରର। ଲୋକମାନଙ୍କର ବିଶ୍ୱାସ ଆଉ ମନୋକାମନା ପୂରଣର କାହାଣୀକୁ ପ୍ରମାଣିତ କରେ ଏଇ ପିତ୍ତଳ ଘଣ୍ଟିର ସମାହାର। ସୁନ୍ଦର ଭବ୍ୟ ଅନୁଭବ।

ପାନାଗଡ଼ରେ ବି ଦେଖିଥିଲି ଅନେକ ସାପ। କିନ୍ତୁ ଭଗବାନଙ୍କ ଦୟାରୁ ମୋର କିମ୍ବା ମୋ ପରିବାରର କୌଣସି କ୍ଷତି ହୋଇ ନଥିଲା। ଏଇ ଗାଁ ଗହଳି ଅପନ୍ତରା ଜାଗାରୁ ଆମର ବଦଳି ହେଲା ମେଟ୍ରୋ ସହର ହାଇଦ୍ରାବାଦ୍‌କୁ। ସହର ହେଲେ କ'ଣ ହେବ, କ୍ୟାଣ୍ଟନ୍‌ମେଣ୍ଟଟା ତ ସବୁବେଳେ ଘନ ସବୁଜ ଗଛପତ୍ରରେ ଭରା। ସେଇଠି ପୁଣି ଦେଖାହେଲା ସାପଟାଏ ସହ। ରୋଷେଇ ଘରେ। ଉଦୁଉଦିଆ ଖରାଦିନଟାରେ ଟିକେ ଥଣ୍ଡା ପବନ ଆଶାରେ ଝରକାଟା ଖୋଲୁଖୋଲୁ କାଠ ଝରକା ଆଉ ଜାଲି ଝରକା ମଝିରେ ଥିବା ଦୁଇଚାରି ଇଞ୍ଚର ଖାଲି ଜାଗାରେ ଲମ୍ବା ହୋଇ ଶୋଇଥିଲା ସେଇ ଜୀବଟା। ସବୁଥର ପରି ସ୍ୱାମୀ ଘରେ ନଥିଲେ। ପୁଅ ସ୍କୁଲକୁ ଯାଇଥିଲା। ମୁଁ ଯାହିତାହି କରି ଝରକାଟା ବନ୍ଦ କରି ପାଖଆଖ ସମସ୍ତଙ୍କୁ ଡ଼ାକ ପକାଇଲି। ପାଟି ଶୁଣି କେଜାଣି କୋଉ ଫାଙ୍କ ଦେଇ ଖସିଚାଲିଗଲା ସେଇ ଜୀବଟା। ମୁଁ ଛାତିରେ ଛେପ ପକାଇଲି।

ରାତିରେ ଶୋଇ ନପାରି ବିଛଣାରେ ଛଟପଟ ହେଲି। ଏତେ ଥର ସାପ ଦେଖାଯିବା କିଛି ସାଧାରଣ କଥା ନୁହେଁ। ଏହା ପଛରେ ନିଶ୍ଚୟ କିଛି ଗୁଢ଼ କାରଣ ରହିଛି। ପ୍ରତ୍ୟେକ ଥର ଏମିତି ବିପଦପୂର୍ଣ୍ଣ ମୁହୂର୍ତ୍ତ ଗୁଡ଼ାକରେ ଘରେ ମୁଁ ପ୍ରାୟ ଏକୁଟିଆ। କିନ୍ତୁ ଏତେ ଥର ଦେଖାହେବା ପରେ ମଧ୍ୟ ସାପ ଆଜିଯାଏଁ ମୋର କୌଣସି ଅନିଷ୍ଟ କରିନାହିଁ। କେବଳ ଦେଖା ଦେଇଛି, ଅନେକ ରଙ୍ଗରୂପ ନେଇ। କାହାର ଫଣାଟା ବଡ଼, କାହାର ଛୋଟ। କେଉଁ ସାପର ଫଣା ଉପରେ କଠଉ ଚିହ୍ନ। କିଏ ସବୁଜ ଆଉ ସୁନେଲୀ ରଙ୍ଗ ମିଶା ଶରୀର ନେଇ ଆସେ, ସୂର୍ଯ୍ୟ କିରଣରେ ତା' ଚିକ୍‌ଣିଆ ଶରୀରଟା ଚକ୍‌ଚକ୍ ମାରୁଥାଏ, କାହାର ଶରୀରଟା କାଳିଆ ଧୂସର ବର୍ଣ୍ଣର, ତା' ସହ ହଳଦିଆ ରଙ୍ଗର ପଟାପଟା ଦାଗ, ଦେଖିଲେ ଲାଗେ ଭଗବାନ୍ ଖୁବ୍ ସମୟ ଓ ମନ ଦେଇ ଆଙ୍କିଛନ୍ତି। କାହାର ଶରୀର ମୋଟା, ଚାଲି ମନ୍ଥର, ଆଉ କାହାର ଶରୀର ସଜନା ଛୁଇଁ ପରି ପତଳା, ସର୍ ସର୍ କରି ଆଖି ପଲକ ପକଉ ପକଉ ଉଭାନ୍।

ଏ ବିଷୟରେ ଅତ୍ୟାଧିକ ଭାବି ଭାବି ମୋ ମନ ବିଚଳିତ ହେଲା। ଛାତିରେ ଡ଼ର ପଶିଲା। ମୁଁ ଏ ବିଷୟରେ ପଢ଼ାପଢ଼ି କଲି। କିନ୍ତୁ କିଛି ଅନ୍ଧବିଶ୍ୱାସ ଭରା ତଥ୍ୟ ଛଡ଼ା ସେମିତି କିଛି ବୈଜ୍ଞାନିକ କିମ୍ବା ମନୋବୈଜ୍ଞାନିକ କାରଣ ମୋତେ ମିଳିଲା ନାହିଁ।

କୁଆଡ଼େ ଧଳାସାପ ଦେଖିଲେ ଧନପ୍ରାପ୍ତି ହୁଏ। ସ୍ୱପ୍ନରେ ବହୁତ ଗୁଡ଼ାଏ ସାପ ଦର୍ଶନ କଲେ ଏହା ସଙ୍କେତ କରେ ଯେ ଦେବୀଦେବତାଙ୍କ କୃପାଦୃଷ୍ଟି ରହିଛି। ଯଦି ସାପ ଫଣାଟେକି ରହିଥିବାର ଦେଖନ୍ତି ତା ହେଲେ ନିଶ୍ଚିତ ଭାବରେ ଶୁଭ ଫଳ ପ୍ରାପ୍ତି ହେବ। ସାପ ଲଢ଼େଇ କରୁଥିବାର ଦେଖିଲେ କୌଣସି ବିବାଦରେ ଫସି ପାରନ୍ତି... ଏପରି ଅନେକ ଅନେକ ତଥ୍ୟ ଯାହାର କୌଣସି ସତ୍ୟତା ବା ପ୍ରମାଣ ନାହିଁ। ମୋ ସ୍ୱାମୀଙ୍କ ଚାକିରିଟା ତ ଏମିତି ଯେ ଆମେ ସବୁବେଳେ ଏମିତି ଜଙ୍ଗଲିଆ ଜାଗାରେ ରହିବୁ। ମୋତେ ଏଇସବୁ ଡ଼ର ଭିତରେ ହିଁ ଜୀବନ କାଟିବାକୁ ହେବ। ସାପ ଦେଖିଲେ ଶୁଭ ହୋଇପାରେ କି ଧନପ୍ରାପ୍ତି ମଧ୍ୟ ହୋଇପାରେ; କିନ୍ତୁ ସର୍ପ ଦଂଶନରେ ଯେ ମୃତ୍ୟୁ !

ଏଇଥିରୁ ମନେପଡ଼ିଲା, ଥରଟିଏ ଭୁବନେଶ୍ୱରକୁ ଛୁଟି କାଟି ଯାଇଥିବାବେଳେ ମୋର ଜଣେ ପୁରୁଣା ବିଜ୍ଞ ଜ୍ୟୋତିଷଙ୍କ ସହ ଦେଖାହେଲା। ମୁଁ ସାଧାରଣତଃ ଏସବୁ ଜ୍ୟୋତିଷ ବିଦ୍ୟାରେ ଏତେ ବିଶ୍ୱାସ କରେ ନାହିଁ। କିନ୍ତୁ ସେଇ ଜ୍ୟୋତିଷଜଣଙ୍କ ଥିଲେ ଜଣେ ଦୂର ସଂପର୍କୀୟ ମାମୁ। ଭୁବନେଶ୍ୱରକୁ କେଉଁ କାମରେ ଆସିଥିବାରୁ ଦୁଇଦିନ ପାଇଁ ଆମ ଘରେ କୁଣିଆ ହୋଇ ରହିଥିଲେ। ଏମିତି ସାଧାରଣ ଗପସପ ସମୟରେ କଥା ଉଠୁ ଉଠୁ ମୁଁ ମୋର ଏଇ ସାପମାନଙ୍କ ସହ ଦେଖା ସାକ୍ଷାତର ସଂପୂର୍ଣ୍ଣ ବିବରଣୀ ତାଙ୍କୁ ଶୁଣାଇଲି। ମୋ କଥା ଶୁଣି ସେ ଚୁପ୍ ହୋଇଗଲେ ଓ ଗମ୍ଭୀର ଦିଶିଲେ।

ପ୍ରାୟ ପାଞ୍ଚମିନିଟ୍ ଆଖି ବନ୍ଦ କରି ଧ୍ୟାନ କଲା ପରେ ସେ ମୁହଁ ଖୋଲିଲେ।

'ବ୍ୟସ୍ତ ହେବାର କିଛି ନାହିଁ ଝିଅ। ଶିବ ତୋ' ଉପରେ ପ୍ରସନ୍ନ ଅଛନ୍ତି। ପ୍ରତ୍ୟେକ ଥର ଘରେ ତୋ ସ୍ୱାମୀ ନଥିବା ବେଳେ ସାପ ଦେଖାଯିବାର ଗୁରୁତ୍ୱପୂର୍ଣ୍ଣ କାରଣ ଅଛି। ଏଇ ସାପମାନେ ତୋର ରକ୍ଷକ। ତୁ ଏକୁଟିଆ ଥିବାବେଳେ ସେମାନେ ତୋତେ ରକ୍ଷା କରିବା ପାଇଁ ଆସୁଛନ୍ତି।'

ତାଙ୍କ କଥାଶୁଣି ମୁଁ ପେଟ ଭିତରୁ ଜୁଆରି ହୋଇ ଆସୁଥିବା ହସଟାକୁ ବହୁତ କଷ୍ଟରେ ଅଟକାଇ ମୁଣ୍ଡ ଟୁଙ୍ଗାରିଲି। ରକ୍ଷକ? ଘରେ ଏକୁଟିଆ ଥିବାବେଳେ ସାପଟାଏ ଦେଖି ପକାଇଲେ ଜୀବନ ଚାଲିଯିବା ଅବସ୍ଥା। ମାମୁ ମୋ ସହ ପରିହାସ କଲାପରି କଥାଟିଏ କହିଲେ ଯାହା। ମୁଁ ବିରକ୍ତ ହୋଇ ଚୁପ୍ ରହିଲି। ଯାହା ସହ ଜୀବନରେ ଏମିତି କିଛି ଘଟିନାହିଁ ସିଏ କୁଆଡୁ ବୁଝିବ?

ମାମୁଙ୍କ କଥାଟାକୁ ଯିଏ ଶୁଣିଲା, ସିଏ ସତରେ ହସିଲା। ସାପ, ଯାହାର ଧର୍ମ ହେଲା ଦଂଶନ କରିବା, ସିଏ ପୁଣି ସାଜିଛି ରକ୍ଷକ। ଏସବୁ ଫାଲ୍‌ତୁ ଅନ୍ଧବିଶ୍ୱାସ କାନକୁ ନନେଇ ବରଂ ନିଜକୁ ନିରାପଦ ରଖିବା ପାଇଁ ଅଧିକା ସାବଧାନତା ଉପରେ ଧ୍ୟାନ ଦେବା ବୁଦ୍ଧିମାନର କାମ।

ସାବଧାନତା ପାଇଁ କ୍ୟାଣ୍ଟନ୍‌ମେଣ୍ଟ୍‌ରେ ମଧ୍ୟ ଅନେକ ପ୍ରକାରର ଘରୋଇ ଯୋଗାଡ଼ ଅଛି। କବାଟ ତଳେ ଥିବା ଫାଙ୍କଟାକୁ ସଂପୂର୍ଣ୍ଣ ବନ୍ଦ କରିଦେବା ପାଇଁ ପ୍ରାୟ ସମସ୍ତେ ପୁରୁଣା ସାଇକେଲ୍ ଟାୟାର୍‌ଙ୍କୁ କାଟି କବାଟ ତଳେ ଲମ୍ବା କରି ଲଗାଇ କଣ୍ଟା ପିଟି ଫାଙ୍କଟାକୁ ରୁନ୍ଧିଦିଅନ୍ତି। ଏଇଟା ପ୍ରାୟ ଅଶୀ ପ୍ରତିଶତ ସଫଳ ଭାବରେ କାମ କରେ। ସାପ, ବିଛା, ତେଲୁଣିପୋକ ଇତ୍ୟାଦି ଘର ଭିତରେ ପଶି ପାରନ୍ତି ନାହିଁ।

ଖରାଦିନ ହେଲେ ସାପଗୁଡ଼ା ଗାତରୁ ବାହାରନ୍ତି। ଗରମରୁ ବଞ୍ଚିବା ପାଇଁ ଥଣ୍ଡା ଜାଗା ସନ୍ଧାନରେ ବାହାରନ୍ତି। ବର୍ଷାଦିନେ ଛୋଟ ଛୋଟ ସାପଛୁଆ ଦେଖାଯାଆନ୍ତି। ଏଇ ସମୟରେ ଛୋଟ ଶିଶିରେ ବୋରିକ୍ ଏସିଡ୍ ପୂରାଇ ଆମେ ଘରର ଚାରିପଟେ ବଗିଚା ସାରା ପୋତି ଦେଉ। ଏଇ ବୋରିକ୍ ଏସିଡ୍ ଗନ୍ଧରେ ସାପମାନେ ପାଖ ମାଡ଼ନ୍ତି ନାହିଁ।

କିନ୍ତୁ ଏତେ ସବୁ ଯୋଗାଡ଼ ପରେ ମଧ୍ୟ ସେମାନେ ଆସନ୍ତି। ଘରେ ବାହାରେ ସବୁଆଡ଼େ ଯାତାୟାତ କରନ୍ତି। ଅନେକ ଥର କ୍ୟାଣ୍ଟନ୍‌ମେଣ୍ଟ୍ ଭିତରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସାପ କାମୁଡ଼ାର ଖବର ମଧ୍ୟ ମିଳେ। କିଏ ବଞ୍ଚିଯାଏ, ତ କାହାର କାହାର ଭାଗ୍ୟ ସହାୟ ହୁଏନାହିଁ।

ଏଇମିତି ଭୟ ଆଉ ଆଶଙ୍କା ଭରା ଆମ ଜୀବନ। ପିଲାମାନଙ୍କୁ ପାର୍କ କିମ୍ବା ପଡ଼ିଆକୁ ଖେଳିବା ପାଇଁ ଛାଡ଼ିଲା ବେଳକୁ ଡ଼ର। ପ୍ରାତଃଭ୍ରମଣକୁ ଡ଼ର। ସାନ୍ଧ୍ୟଭ୍ରମଣକୁ ଡ଼ର। ନିଜ ବଗିଚାରେ ମଧ୍ୟ ବୁଲିବାକୁ ଡ଼ର। ଘର ଭିତରେ ବି ଡ଼ର। ତଥାପି ଜୀବନର ଚକ ଯେମିତି ସେମିତି ମାଡ଼ି ଚାଲେ। ସମୟ ଉଡ଼ିଯାଏ।

ସେ ବର୍ଷ ଆମ ପୋଷ୍ଟିଙ୍ଗ ହୋଇଥିଲା ଗୋଟିଏ ପାହାଡ଼ି ଭୂଇଁରେ। ସିକିମ୍‌ର ଗ୍ୟାଙ୍ଗଟକ୍‌ର ଉପରକୁ ଚୀନ୍ ସୀମା ଆଡ଼କୁ ଗଲାବେଳେ ମଝିରେ ଗୋଟାଏ ସୁନ୍ଦର ଘାଟୀ ଆସେ। ଅତ୍ୟନ୍ତ ସୁନ୍ଦର ମନ ପୂରିଗଲା ଭଳିଆ ସେ ଜାଗା। ପୂରା ସୁଇଜରଲ୍ୟାଣ୍ଡର ପ୍ରତିରୂପ। ଜଳବାୟୁ ଖୁବ୍ ସୁଖଦ। ପରିବେଶ କଳ୍ପନା ଠାରୁ ମଧ୍ୟ ଅଧିକ ରୁଚିପ୍ରଦ। ଆମେ ପୂରା ପରିବାର ଖୁବ୍ ଆମୋଦିତ ଥିଲୁ।

କଥାରେ ଅଛି, ସୌନ୍ଦର୍ଯ୍ୟ ଆମ ମନ ମୋହିନିଏ ସିନା, ହେଲେ ଯେଉଁ ଜିନିଷ ଯେତେ ସୁନ୍ଦର, ତା' ପଛରେ ସେତିକି ଗଭୀର ଦୁଃଖ, କଷ୍ଟ ଲୁଚିଥାଏ। ଠିକ୍ ଗୋଲାପ ଗଛର କଣ୍ଟା ପରି। ଏଇଟା ଥିଲା ଗୋଟେ ପକ୍କା ଫିଲ୍ଡ ପୋଷ୍ଟିଙ୍ଗ। ମୋ ସ୍ୱାମୀଙ୍କୁ ଅନେକ ଦିନ ଫିଲଡ୍ ପୋଷ୍ଟ ଗୁଡ଼ାକର ତଦାରଖରେ ଯିବାକୁ ପଡୁଥିଲା। ମୁଁ ପୁଅ ସହ ଏକୁଟିଆ ରହୁଥିଲି। ତା'ସହ ଆହୁରି ଅନେକ ପ୍ରକାର ଚ୍ୟାଲେଞ୍ଜ୍ ମଧ୍ୟ ଥିଲା। ଭୂମିକମ୍ପ ସେ ଅଞ୍ଚଳର ନିୟମିତ କାହାଣୀ। ଘରଗୁଡ଼ାକ ଯେମିତି ସେମିତି କରି ଭୂମିକମ୍ପ ରହିତ ବନାଇବା ପାଇଁ ଚେଷ୍ଟା କରାଯାଇଥିଲା, କିନ୍ତୁ ଆମର ତା'ଉପରେ ଭରସା ନଥିଲା। ମାଟି ଥରାଇ ଭୂମିକମ୍ପ ଆସିଲା ମାତ୍ରେ ଆମେ ସମସ୍ତେ ପିଲାଛୁଆ ଧରି ଘରୁ ବାହାରି ଆସୁଥିଲୁ। ନିରାପଦ ଖୋଲା ଜାଗାରେ କିଛି ସମୟ ଠିଆ ହୋଇ ଅପେକ୍ଷା କରୁଥିଲୁ। ଦୁଇ,ତିନି ଥର ଲାଗ୍ ଲାଗ୍ କମ୍ପନ ହୋଇ ଚାଲିଯିବା ପରେ ପୁଣି ଘରକୁ ବାହୁଡୁ ଥିଲୁ।

ଭୀଷଣ ଥଣ୍ଡା, କିଚିକିଚି ବର୍ଷା, କୁଆପଥର ମାଡ଼, ଜିଆ, ଜୋକ ଆଉ ତୁହାକୁ ତୁହା ଭୂମିକମ୍ପ ସହତ ଆମେ ସମସ୍ତେ ଚୁକ୍ତି କରିସାରିଥିଲୁ, କିନ୍ତୁ ତାକୁ ଛାଡ଼ି ଆହୁରି ଗୋଟିଏ ନୂଆ ଅସୁବିଧା ମୁଣ୍ଡ ଟେକୁଥିଲା। ପାହାଡ଼ କାଟି ଚୀନ୍‌ସୀମାକୁ ଯିବାପାଇଁ ଯେଉଁ ରାସ୍ତା ତିଆରି କରାଯାଇଥିଲା, ସେଇଟା ଖୁବ୍ ପୁରୁଣା ହୋଇଯାଇଥିଲା। ଲଗାତର ବର୍ଷା ଆଉ ଲ୍ୟାଣ୍ଡ୍ ସ୍ଲାଇଡ୍ ଯୋଗୁ ପ୍ରାୟତଃ ବନ୍ଦ୍ ରହୁଥିଲା। କେବଳ ସୈନିକମାନେ ନୁହେଁ ପର୍ଯ୍ୟଟକମାନେ ମଧ୍ୟ ହଇରାଣ ହେଉଥିଲେ। ସେଇଥିପାଇଁ ସମାନ୍ତରାଳ ଭାବରେ ଆଉ ଗୋଟାଏ ନୂଆ ରାସ୍ତା ତିଆରି କରାଯିବାର ଯୋଜନା ହେଲା। ପାହାଡ଼କୁ କାଟି ରାସ୍ତା ତିଆରି କରିବା କାଠିକର କାମ। ନ ଦେଖିଲା ଲୋକ ବିଶ୍ୱାସ କରିପାରିବ ନାହିଁ। ଏଇଟା ଗୋଟାଏ ଲମ୍ବା ପ୍ରକ୍ରିୟା। ଆମ ଘର ଉପର ଦେଇ ରାସ୍ତା ତିଆରି ହେଉଥାଏ । ଗୁଡ଼ାଏ ଦିନ ଲାଗିବାର ଥିଲା। ପ୍ରଥମେ ଶକ୍ତିଶାଳୀ ଡ଼ାଇନାମାଇଟ୍ ଲଗାଇ ପାହାଡ଼ ଫଟାଯାଏ। ତା'ପରେ ତାକୁ ସମତଳ କରି ରାସ୍ତା ତିଆରି କରାଯାଏ। ବହୁ ସଂଖ୍ୟାରେ ଲୋକ ଦିନରାତି ଏଇ କାମରେ ଲାଗି ଥାଆନ୍ତି।

ଆଉ ଏଇ ରାସ୍ତା ତିଆରି ଯୋଗୁ ଆମେ ସମସ୍ତେ ମଧ୍ୟ ବହୁତ୍ ହଇରାଣ ହେଲୁ। ପ୍ରତିଥର ଡ଼ାଇନାମାଇଟ୍ ଖଞ୍ଜିବା ପୂର୍ବରୁ ସେମାନେ ଆମକୁ ସତର୍କ କରାଇ ଦିଅନ୍ତି। ଆମେ ଯେତେ ସବୁ ପରିବାର ସେଠାରେ ରହୁଥିଲୁ, ସମସ୍ତେ ପିଲାଛୁଆ ଧରି ପ୍ରାୟ ଅଧ କିଲୋମିଟର ଦୂର ଗୋଟିଏ ଖେଳପଡ଼ିଆ ଉପରେ ଠିଆ ହୋଇ ଅପେକ୍ଷା କରୁ। ଭୟଙ୍କର ଶବ୍ଦକରି ଡ଼ାଇନାମାଇଟ୍‌ଟା ଫାଟିବା ସହ ବଡ଼ ବଡ଼ ପଥର ଖଣ୍ଡ ଇତଃସ୍ତତଃ ହୋଇ ଦୂରଦୂରାନ୍ତ ଯାଏଁ ବିଛାଡ଼ି ହୋଇ ପଡ଼େ। ଏସବୁ ସରିଲା ପରେ ଆମକୁ ଫେରିବାର ନିର୍ଦ୍ଦେଶ ମିଳିବା ପରେ ଯାଇ ଆମେ ଘରକୁ ଫେରୁ। ସପ୍ତାହକୁ ଥରେ ଦୁଇଥର ଏଇ ନାଟକ ଜାରିରହେ। ଆମେ ସମସ୍ତେ ହଇରାଣ ତ ହେଉ, କିନ୍ତୁ କିଛି କରାଯାଇପାରେ ନାହିଁ। ଜାଣିଛୁ, ପାହାଡ଼ି ଜୀବନ ଏତେ ସରଳ ନୁହେଁ।

ସେଦିନ କ'ଣ ହେଲା ନା, ସକାଳୁ ଉଠି ଅଧାନିଦରେ ମୁଁ ଖଟ ଉପରେ ବସି ତଳକୁ ପାଦ ପକାଇଲା ବେଳକୁ ଦେଖିଲି କଳା ହୋଇ ଲମ୍ବା ଜୀବଟାଏ ସର୍‌ସର୍ କରି ଖଟ ତଳକୁ ଚାଲିଗଲା। ତାକୁ ଦେଖି ଖଟ ଉପରେ ବସି ମୁଁ ଥରିବାକୁ ଲାଗିଲି। ମୋ ପୁଅ ମୋ ପାଖରେ ଶୋଇଥିଲା। କହିଲେ କେହି ବିଶ୍ୱାସ କରିବେ ନାହିଁ, ସେଦିନ ମଧ୍ୟ ମୋ ସ୍ୱାମୀ ଘରେ ନଥିଲେ। ଚାରି,ପାଞ୍ଚଦିନ ହେଲା ଭାରତ ଚୀନ ସୀମାର କୌଣସି ଗୋଟାଏ ପୋଷ୍ଟର୍ ତଦାରଖ କରିବା ପାଇଁ ଯାଇଥିଲେ। ଆଉ ପନ୍ଦର ଦିନ ପରେ ଯାଇ ଫେରିବେ।

ଏପଟ ସେପଟ କିଛି ଭାବି ନପାରି ପୁଅକୁ ଟାଣି ଧରି ମୁଁ କବାଟ ଖୋଲି ଘରୁ ବାହାରକୁ ଦଉଡ଼ିଲି। ଖୋଜି ବୁଲିଲି, ଆଖ ପାଖରେ ସକାଳୁ ସକାଳୁ କିଏ ମିଳିବ। କାହାର ସାହାଯ୍ୟ ମାଗିବି ?


ବ୍ୟସ୍ତବିବ୍ରତ ହୋଇ ପୁଅର ହାତଟାକୁ ଜୋର୍‌ରେ ମୁଠାକରି ମୁଁ ଇଆଡେ଼ ସିଆଡ଼େ ହେଉଛି, ଏତିକିବେଳକୁ ପାହାଡ଼ ଉପରେ ବିରାଟ ବଡ଼ ଧମାକା ହେଲା। ଡାଇନାମାଇଟ୍ ବିସ୍ଫୋରଣ। ପାହାଡ଼ରୁ ବଡ଼ ବଡ଼ ପଥର ଖଣ୍ଡ ଇଆଡ଼େ ସିଆଡ଼େ ଝିଞ୍ଚାଡ଼ି ହୋଇ ପଡ଼ିଲା। ମୋତେ ଆଶ୍ଚର୍ଯ୍ୟ କରି ମୋ ଆଖି ସାମନାରେ ବିରାଟ ବଡ଼ ପଥର ଖଣ୍ଡଟାଏ ଛିଟିକି ଆସି ମୋରି ଘର ଉପରେ ପଡ଼ିଲା। ଛାତଟାକୁ ପୂରା କଣାକରି ମୋ ବେଡ୍‌ରୁମ୍‌ଟାକୁ ଧ୍ୱଂସବିଧ୍ୱଂସ କରି ପକାଇଲା। ମୁଁ ପୁଅକୁ ଛାତିରେ ଜାବୁଡ଼ି ଧରିଲି। ଏଇ ଦୁଇ ଚାରି ମିନିଟ୍ ଆଗରୁ ଆମେ ଦୁହେଁ ସେଇ ବେଡ଼୍‌ରୁମ୍‌ରେ ନିଘୋଡ଼ ନିଦରେ ଶୋଇଥିଲୁ।

ଆଖପାଖରୁ ସମସ୍ତେ ଦଉଡ଼ି ଆସିଲେ। ମୋତେ ଓ ମୋ ପୁଅକୁ ସୁରକ୍ଷିତ ଦେଖି ଆଶ୍ୱସ୍ତ ହେଲେ। ଅନୁସନ୍ଧାନରୁ ଜଣାପଡ଼ିଲା, ରାସ୍ତା ତିଆରି କରୁଥିବା ଲୋକଗୁଡ଼ାଙ୍କର ଏଇଟା ଥିଲା ଶେଷଦିନ। ସେଇଥି ପାଇଁ ସେମାନେ ଭୋଜି କରି ଖାଇବାର ଯୋଜନା ରଖିଥିଲେ। ଏତେ ବଡ଼ ଶକ୍ତିଶାଳୀ ଡ଼ାଇନାମାଇଟ୍‌ଟା ଖଞ୍ଜାଯାଇଥିଲା, କିନ୍ତୁ ଭୋଜିରେ ମଗ୍ନ ହୋଇ ଆମ ପରିବାର ଗୁଡ଼ାକୁ ନିରାପଦ ଦୂରତାକୁ ପଠାଇବାର ନିର୍ଦ୍ଦେଶ ଦେବାକୁ ସେଦିନ ସେମାନେ ଭୁଲିଗଲେ। ଭାଗ୍ୟକୁ ମୋ ଘର ଛଡ଼ା ଆଉ କେଉଁ ଘର ଉପରେ ଏ ବିପଦ ଆସି ନଥିଲା। ଆମେ ସମସ୍ତେ ସୁରକ୍ଷିତ ଥିଲୁ।

କ'ଣ ଘଟିଗଲା ଆଉ କ'ଣ ଯେ ଘଟି ପାରିଥାଆନ୍ତା, ସେକଥା କଳ୍ପନା କରି ମୁଁ ଭୟରେ ଆଖି ବୁଜିଦେଲି। ହଠାତ୍ ମାମୁ ଓ ତାଙ୍କ କହିଥିବା କଥାଟା ସ୍ମରଣକୁ ଆସିଲା। ରକ୍ଷକ। ସାପଟାକୁ ଦେଖି ଘରୁ ବାହାରକୁ ଦଉଡ଼ି ନଥିଲେ ଆଜି କ'ଣ ଯେ ହୋଇ ଯାଇଥାନ୍ତା। ପୁଅକୁ କୋଳରେ ଚାପିରଖି ମୁଁ ସେଇ ରକ୍ଷକ ସର୍ପ ଦେବତାଙ୍କୁ ମନେ ମନେ ପ୍ରଣାମ କଲି। କୃତଜ୍ଞତାରେ ମୋ ଆଖିରୁ ଧାର ଧାର ଲୁହ ବୋହି ଚାଲିଲା। ଆଉ ମୋ ମୁହଁରେ ଫୁଟି ଉଠିଲା ଗୋଟିଏ ସ୍ମିତ ଶୀତଳ ହସ।

*ଠିକଣା: ଜି.ଏ.୧୯୬, ଜି.ଏ. କଲୋନୀ, ଭରତପୁର,*
*ପୋଷ୍ଟ-ମହାଲକ୍ଷ୍ମୀ ବିହାର, ଭୁବନେଶ୍ୱର-୭୫୧୦୨୯,*
*ଦୂରଭାଷ: ୭୦୫୫୫୦୩୭୧୧*

**ପ୍ରକାଶ ପାଇଲା !** **ପ୍ରକାଶ ପାଇଲା !!**




**ସଦ୍ୟ ପ୍ରକାଶିତ**

**ଡ. ଜୀବନ କୃଷ୍ଣ ମହାପାତ୍ରଙ୍କ**

**ଗଳ୍ପ ସଂକଳନ**

**"କୋକିଶିଆଳିର ଘର"**

**ଓ**

**"ଅପ୍ରମେୟ ଠାକୁର"**

**ପ୍ରକାଶକ :** ପେନ୍ ଇନ୍ ବୁକ୍‌ସ, ଭୁବନେଶ୍ୱର

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ଚକ୍ରବର୍ତ୍ତୀ ଖାରବେଳଙ୍କ ପ୍ରଶାସନ

"ଅରହତ ପସାଦାୟ କଳିଂଗାନଂ ସମତାନଂ ଲେନଂ କାରିତଂ ରାଜିନୋ ଲଲାକସ ହଥିସିହସ ପପୋତସ ଧୁତୁନା କଳିଙ୍ଗ ଚ କବତିନୋ ସିରିଖାରବେଳସ ...ଅଗମହିସି କାରିତ."

ମଞ୍ଚପୁରୀ ଗୁମ୍ଫାରେ ରଚିତ - ଅରହତଙ୍କ ଆଶୀର୍ବାଦରୁ ହାତୀସିଂହଙ୍କର ନାତୁଣୀ ଏବଂ ଲଲର୍କାଙ୍କର କନ୍ୟା ଯିଏ କଳିଙ୍ଗର ଚକ୍ରବର୍ତ୍ତୀ ସମ୍ରାଟ ଖାରବେଳଙ୍କ ପାଟରାଣୀ ଶ୍ରମଣମାନଙ୍କ ନିମନ୍ତେ ଗୁମ୍ଫା ଖୋଦନ କରିଛନ୍ତି।

ଖାରବେଳ ନିଜ ଶାସନକାଳର ଅର୍ଦ୍ଧାଧିକ ସମୟ ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଦିଗକୁ ଦିଗବିଜୟ ଅଭିଯାନରେ ବିତାଇଛନ୍ତି, ରାଜଗାଦିରେ ବସିବାର ସମୟ ତାଙ୍କର ସ୍ୱଳ୍ପ। ସେହି ସମୟ ମଧ୍ୟରେ ସେ ଜଣେ କଲ୍ୟାଣମୟ ସୁଶାସକ ଥିଲେ, ତାଙ୍କର ରାଜନୈତିକ, ଅର୍ଥନୈତିକ ଏବଂ ଧାର୍ମିକ ଦୂରଦୃଷ୍ଟି ବଳରେ କଳିଙ୍ଗ ପ୍ରଶାସନ ପ୍ରଜାକୈନ୍ଦ୍ରିକ ହୋଇ ରହିଥିଲା।

ଚବିଶ ବର୍ଷରେ ସେ ସିଂହାସନ ଲାଭ କରିଛନ୍ତି। ଏହି ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କ ରାଜ୍ୟାଭିଷେକ ରାଜା ପୃଥୁଙ୍କ ସହିତ ତୁଳନା କରାଯାଇଛି। ପୃଥୁ ହେଉଛନ୍ତି ମହାରାଜା ବୈଣାଙ୍କ ସୁପୁତ୍ର ଏବଂ ନ୍ୟାୟପାଳକମାନେ କହନ୍ତି, ପୃଥୁ ଜଣେ ଆଦର୍ଶ ରାଜା ଥିଲେ ଏବଂ ସିଂହାସନ ଆରୋହଣ କାଳରେ ଶପଥ ନେଇଥିଲେ କି, "ମୁଁ ପ୍ରତିଜ୍ଞା କରୁଛି, ମୋର ବାକ୍ୟରେ ଏବଂ କାର୍ଯ୍ୟରେ ମୁଁ ସର୍ବଦା ମାତୃଭୂମିର ରକ୍ଷା କରିବି। ଧର୍ମଶାସ୍ତ୍ରରେ ଯାହା ଉଲ୍ଲେଖ କରାଯାଇଛି, ସେହିମତେ ସମସ୍ତ ରାଜନୈତିକ ପଦ୍ଧତି ଅନୁସରଣ କରିବି, ମୋର କୌଣସି ଭୟ ରହିବନି କି ମୁଁ ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି କଦାଚନ ଦୃଷ୍ଟି ଦେବିନାହିଁ।"

ଖାରବେଳ ଏହି ପୃଥୁଙ୍କ ଅନୁସୃତ ପ୍ରତିଜ୍ଞା ନିଜ ସିଂହାସନ ଆରୋହଣ ଉତ୍ସବରେ ଉଚ୍ଚାରଣ କରି କଳିଙ୍ଗାଧିପତି ହୋଇଥିଲେ ଏବଂ ପୃଥୁଙ୍କ ପରି ପ୍ରଜାରଞ୍ଜକ ହେବାର ଲକ୍ଷ୍ୟ ରଖିଥିଲେ। ସେ ସମୟରେ ଋକ୍‌ବେଦର ବାଣୀ ଯାହା ରାଜପୁରୋହିତ ଉଚ୍ଚାରଣ କରନ୍ତି, ସମସ୍ତ ପ୍ରଜା ରାଜାଙ୍କୁ ଗ୍ରହଣ କରନ୍ତୁ ଏବଂ ସାର୍ବଭୌମ ରାଷ୍ଟ୍ର ରାଜାଙ୍କ ଉପରେ ସ୍ଥିରସଂକଳ୍ପିତ ହେଉ। ସେଇ ପୃଥୁ ତାଙ୍କର ଆଦର୍ଶ ଏବଂ ତାଙ୍କର ସାମରିକ ବ୍ୟକ୍ତିତ୍ୱ ପ୍ରମାଣ ଦିଏ ଚତୁର୍ଦ୍ଦିଗର ଅଧିଶ୍ୱର ହୋଇ ଚକ୍ରବର୍ତ୍ତୀ ସମ୍ରାଟ ପଦବାଚ୍ୟ ହେବାକୁ ଏହି ତତ୍ତ୍ୱର ସଫଳ ପ୍ରୟୋଗ କରିଥିଲେ।

ଖାରବେଳଙ୍କର ରାଜ୍ୟାଭିଷେକ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା ଏବଂ ତାଙ୍କର ଆଶାର ସୀମା ଥିଲା ଅସୀମ ଆକାଶ। ପୁରାତନ ଶାସ୍ତ୍ର ଲିଖିତ ଆଦର୍ଶ ଧର୍ମାନୁଗତ ଶାସନ ତାଙ୍କର ପରମ ଲକ୍ଷ୍ୟ ଥିଲା। ଜୀବନକାଳରେ ସେ ଏମିତି ଲକ୍ଷ୍ୟ ହାସଲ କରିଛନ୍ତି, କଳିଙ୍ଗ ପାଟରାଣୀ ବି ଉଲ୍ଲେଖ କରିଛନ୍ତି, ତାଙ୍କ ସ୍ୱାମୀ ଚକ୍ରବର୍ତ୍ତୀ ସମ୍ରାଟ।

ଖାରବେଳଙ୍କ ପ୍ରଶାସନ ବିଷୟ ପର୍ଯ୍ୟାପ୍ତ ଭାବରେ ହାତୀଗୁମ୍ଫା ଶିଳାଲିପିରେ ନଥିଲେ ବି ଅନେକ ତଥ୍ୟ ରହିଛି। ସେଥିରୁ ତଦାନୀନ୍ତନ କଳିଙ୍ଗର ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପରିସ୍ଥିତି ସ୍ପଷ୍ଟ ପ୍ରତୀୟମାନ ହୁଏ।

ଖାରବେଳ ଯେବେଠାରୁ ଯୁବରାଜ ଦାୟିତ୍ୱ ନେଇଛନ୍ତ ସେତେବେଳ ଠାରୁ ତାଙ୍କର ପ୍ରଶାସନିକ ଦାୟିତ୍ୱ ଆସିଛି। ଅନ୍ତତଃ ତାଙ୍କର ପିତା ଚେତିରାଜ ଖାରବେଳଙ୍କ ପନ୍ଦର ବର୍ଷ ବୟସରୁ ସିଂହାସନ ତ୍ୟାଗ କରିଛନ୍ତି। ଏହା ଜୈନ ସମ୍ରାଟ ମାନଙ୍କ ପକ୍ଷରେ ସମ୍ଭବ। ତପସ୍ୟା କରିବାକୁ ରାଜ୍ୟ ତ୍ୟାଗ କରି ତାପସ ହୋଇଯାଆନ୍ତି, ଏମିତି ଉଦାହରଣ ପର୍ଯ୍ୟାପ୍ତ ପରିମାଣରେ ରହିଛି, ସ୍ୱୟଂ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏହିପରି ନିଜ ଗୁରୁଙ୍କ ସହିତ ରାଜଗାଦି ତ୍ୟାଗ କରି ସନ୍ୟାସ ନେଇ ଦାକ୍ଷିଣାତ୍ୟର ଶ୍ରାବଣବେଲଗୋଲା ଚାଲି ଯାଇଥିଲେ।

ରାଜଗାଦି ଲାଭ କଲାବେଳକୁ ଖାରବେଳ ସମସ୍ତ ଭୌଗୋଳିକ, ଐତିହାସିକ, ସାମରିକ, ସାମାଜିକ ଜ୍ଞାନରେ ଭୂଷିତ ହୋଇ ନୃତ୍ୟଗୀତ

ବିଦ୍ୟାରେ ପାରଙ୍ଗମ ହୋଇ ଶାସନ ଭାର ସମ୍ଭାଳିବାବେଳକୁ କଳିଙ୍ଗର ସାମରିକ ଶକ୍ତିର ଉଦ୍ଭବ ହୋଇଛି। ସାମରିକ କ୍ଷେତ୍ରରେ କଳିଙ୍ଗର ମୁଖ୍ୟ ଶକ୍ତି ହେଉଛି ଗଜଶକ୍ତି। ସାମରିକ ହସ୍ତୀଟିଏ ପ୍ରଶିକ୍ଷଣ ନିମିତ୍ତ ବହୁ ସମୟ ନିଏ। ସାଧାରଣ ଯୋଦ୍ଧାହାତୀଟିର ବୟସ ଆନୁମାନିକ ୪୦ରୁ ପଚାଶ ବର୍ଷ। ଗୋଟିଏ ଦନ୍ତାହାତୀ ପ୍ରଶିକ୍ଷଣ ନେବାରେ ଅନେକବର୍ଷ ଲାଗିଯାଏ। ତେଣୁ ଖାରବେଳ ସିଂହାସନଲାଭର ତିନି ବର୍ଷ ମଧ୍ୟରେ ଦିଗବିଜୟ ଆରମ୍ଭ କରିବା ତାଙ୍କର ତିନିପୁରୁଷର ପ୍ରସ୍ତୁତି ସୂଚନା ଦିଏ।।

କଳିଙ୍ଗ ମଗଧ କବଳରୁ ଓହରି ଆସିବା ଦିନରୁ, ଭବିଷ୍ୟତ ପାଇଁ ନିଜର ଶକ୍ତି ସଂରକ୍ଷଣରେ ଲାଗିପଡିଥିଲା। ମହାମେଘବାହନ ଯେ କି ଖାରବେଳଙ୍କର ପିତାମହ, ସେ ନିଜର ବଂଶର ପରାକାଷ୍ଠା ପାଇଁ ବିଶାଳ କଳିଙ୍ଗ ଚତୁରଙ୍ଗ ବାହିନୀର ସୂତ୍ରଧର, ତେଣୁ ଖାରବେଳ ରାଜଦଣ୍ଡ ଧାରଣ କଲା ବେଳକୁ କଳିଙ୍ଗ ବିରାଟ ଗଜବାହିନୀର ଅଧିକାରୀ ହୋଇ ସାରିଛି। ନିଜର ନବବର୍ଷ ରାଜପୁତ୍ର ଭାବରେ ନିଜର ଦୃଷ୍ଟି ଦେଇଛନ୍ତି ସାମରିକ ଦିଗକୁ, ଗୁପ୍ତଚର ଶକ୍ତିକୁ ଏବଂ ନିଜର ପର୍ଯ୍ୟବେକ୍ଷଣ ଶକ୍ତିକୁ।

ଖାରବେଳ ଯୁବାବସ୍ଥାରୁ କଳିଙ୍ଗ ଚତୁରଙ୍ଗ ବାହିନୀ ଅପ୍ରତିହତ ବା ଅନାହତ ବାହିନୀ ଭାବରେ ପ୍ରତିଷ୍ଠିତ କରିଛନ୍ତି। ତାଙ୍କର ସୈନ୍ୟବାହିନୀର ଗୋଟିଏ ବିଶେଷତ୍ୱ ରହିଥିଲା। ତାଙ୍କର ନିଜ ହାତରେ ବିଚିତ୍ର ହାତୀ ଏବଂ ବିସ୍ମୟକର ପୋତ ରହିଥିଲା। ନିଜେ ଦୂରଦୂରାନ୍ତର ସକ୍ଷମ ବିଚିତ୍ର ହାତୀ ଏବଂ ଶକ୍ତିଶାଳୀ ନୌବହର ଆମଦାନି କରି କଳିଙ୍ଗର ସାମରିକ ଶକ୍ତି ବୃଦ୍ଧି କରିଥିଲେ।

ନିଜର ଗୁପ୍ତଚର ଶକ୍ତି ବଳରେ ଭାରତବର୍ଷର କେଉଁ କୋଣରେ କଅଣ ଘଟୁଛି, ତାଙ୍କ ପାଖରେ ଠିକ୍ ସମୟରେ ଖବର ସରବରାହ ରହିଥିଲା। ସେ ସୁବିଦିତ ଥିଲେ, ଭାରତର ଶକ୍ତିସଂକଟ ଘଟିଛି ଏବଂ ଭାରତବର୍ଷରେ ତୁହାକୁ ତୁହା ଯବନ ଆକ୍ରମଣ ସଂଘଟିତ ହୋଇଚାଲିଛି। ଏହାର ପ୍ରଭାବ କଳିଙ୍ଗ ଉପରେ ବି ପଡୁଛି। ସାମରିକ ଶକ୍ତି ଠୁଳ କରୁଥିବା ରାଜ୍ୟ ଭାବରେ କଳିଙ୍ଗ ଆହୁରି ପ୍ରୋତ୍ସାହିତ ହେଉଛି ଆହୁରି ନିଜର ଶକ୍ତି ବୃଦ୍ଧି କରିବାକୁ। ଭାରତବର୍ଷର ସୁଙ୍ଗ-କନ୍ୱ ରାଜପରିବାର କ୍ଷୁଣ୍ଣ ହେବା ପରେ, ସାତବାହନ ବଂଶର ଅଭିବୃଦ୍ଧି ଘଟିଛି। ମହାରାଷ୍ଟ୍ର ଏବଂ ଦାକ୍ଷିଣାତ୍ୟକୁ ବ୍ୟାପୀ ସାତବାହନ ରାଜ ପରିବାର ନିଜକୁ ଦକ୍ଷିଣପଥ-ପତି ଭାବରେ ନାମିତ କରିଛି।

ବୃହତ୍ ରାଜଶକ୍ତି ଅଭାବରୁ ଉତ୍ତର ଭାରତ ତୁହାକୁ ତୁହା ଯବନ ଆକ୍ରମଣର ସମ୍ମୁଖୀନ ହେଉଥିବାବେଳେ, ଦାକ୍ଷିଣାତ୍ୟ ଦୀର୍ଘ ତେରଶହ ବର୍ଷ ହେବ ବଳିଷ୍ଠ ଦ୍ରାବଡ଼ ରାଜ୍ୟ ଭାବରେ ତିଷ୍ଠି ରହିଛି। ଭାରତର କୋଣସି ଶକ୍ତି ଏହି ଦ୍ରାବିଡ ଦଳକୁ ସ୍ପର୍ଶ କରିପାରି ନାହିଁ। ଏହି ରାଜନୈତିକ ପରିବେଶରେ ଖାରବେଳ ଦର୍ଶକ ସାଜିନାହାନ୍ତି। ନିଜର ଆଶା ପୂରଣ ପାଇଁ ସେ ତତ୍ପର ହୋଇ ପଡିଛନ୍ତି। ସମୟାନୁକ୍ରମେ ଖାରବେଳ ଅଭିଯାନ ଆରମ୍ଭ କରିଛନ୍ତି। ସାତବାହନ, ମଥୁରା, ଭାରତବର୍ଷ, ଦାକ୍ଷିଣାତ୍ୟ, ଉତ୍ତରପଥ, ମଗଧ ଆଦି ଜୟ କରିଛନ୍ତି।

ଏତେଗୁଡ଼ିଏ ରାଜ୍ୟ ଜୟ କରିବା ପରେ ତାଙ୍କର ମୂଳ କଳିଙ୍ଗ ଏବଂ ବିଜିତ ନୂତନ ସାମ୍ରାଜ୍ୟର ଶାସନ ପ୍ରକ୍ରିୟା କିପରି ଚାଲିଛି, ତାହାର ଆଭାସ ମିଳେ। ଦୂର ରାଜ୍ୟ ଗୁଡିକରେ କଳିଙ୍ଗ ଦ୍ୱାରା ପ୍ରତିଷ୍ଠିତ ଗଭର୍ଣ୍ଣର ବା ସତ୍ରାପ କର୍ତ୍ତୃକ ପ୍ରଶାସନର କାର୍ଯ୍ୟ ପରିଚାଳିତ। ସେଇ ରାଜ୍ୟଗୁଡିକର ଖଜଣା କଳିଙ୍ଗ ରାଜସ୍ୱଖାନାରେ ଜମାହୋଇଥାଏ। ସମସାମୟିକ ବିଶ୍ୱରେ ଏମିତି ସତ୍ରାପ କର୍ତ୍ତୃକ ନୂତନ ଅଧିକୃତ ରାଜ୍ୟ ଶାସନ କରାଯାଉ ଥିବାର ପ୍ରଣାଳୀ ଦେଖାଯାଏ।

ମୂଳ କଳିଙ୍ଗ ରାଜ୍ୟଟିର ସୀମା ହେଉଛି ଉତ୍ତରରେ ଗଙ୍ଗାନଦୀ, ଦକ୍ଷିଣରେ ଗୋଦାବରୀ, ପୂର୍ବରେ କଳିଙ୍ଗୋଦ୍ର ବା କଳିଙ୍ଗସାଗର, ପଶ୍ଚିମରେ ଅମରକଣ୍ଟକ। ଏହି କଳିଙ୍ଗର ପ୍ରଶାସନ ଦାୟିତ୍ୱ ପ୍ରତ୍ୟକ୍ଷ ଭାବରେ କଳିଙ୍ଗାଧିପତିଙ୍କ ଉପରେ ନ୍ୟସ୍ତ।

ବହୁବର୍ଷ ପୂର୍ବର ମୌର୍ଯ୍ୟଶାସନାଧୀନ କଳିଙ୍ଗରେ ସେହି କରଦ ରାଜ୍ୟ ଶାସନ ତିଷ୍ଠି ରହିନି, ଆଉ ତୋଷାଳି କିମ୍ବା ସମପାରେ ମୌର୍ଯ୍ୟ ପ୍ରତିନିଧି ବା ସେଭଳି କିଛି କର୍ମଚାରୀ ନାହାନ୍ତି, ମାତ୍ର କଳିଙ୍ଗର ନିଜସ୍ୱ ରାଜସ୍ୱ କର୍ମଚାରୀ ରହିଛନ୍ତି। ଖାରବେଳଙ୍କର ଅନେକ ରାଜ କର୍ମଚାରୀଙ୍କର ନାମ ଏବଂ କାର୍ଯ୍ୟ ହାତୀଗୁମ୍ଫା ଲିପିରେ ଉଲ୍ଲେଖ ରହିଛି।

ତାଙ୍କର ମୁଖ୍ୟମନ୍ତ୍ରୀ ହେଉଛନ୍ତି ମହାମାଦ୍, ତୋଷାଳି ନଗର ଅଧିକାରୀ ହେଉଛନ୍ତି ନଗର ଅଖଣ୍ଡାଂଶ, ସେନାବାହିନୀ ମୁଖ୍ୟ ହେଉଛନ୍ତି ମହାସେନାନୀ, ପଦାତିକ ବାହିନୀ ମୁଖ୍ୟ ସେନାପତି, ନଗର ସୁରକ୍ଷା ଅଧିକାରୀ - ନଗରରକ୍ଷୀନ୍, ରାଜପ୍ରାସାଦ ଦାୟିତ୍ୱରେ ପ୍ରତିହାର, ହିସାବ ରକ୍ଷକ - ଗଣକ, ରାଜକୋଷ ଅଧିକାରୀ - ଭଣ୍ଡଗାରିକା, ଗଜବାହିନୀ ଦାୟିତ୍ୱରେ - ହଥାରୋହ, ଅଶ୍ୱବାହିନୀ ନିମନ୍ତେ - ଅଶ୍ୱାରୋହ, ରାଜାଙ୍କର ବିଶ୍ୱସ୍ତ କର୍ମଚାରୀ - ପଦମୂଳିକା, ରଥାଧକ୍ଷ - ରଥିକା, ରୋଷେଇ ମୁଖ୍ୟ - ମହାନାସିକ, ପତ୍ରବାହକ - ଲେହହାରକ, ସମ୍ବାଦଦାତା- ଧାବକ, ଗୋସମ୍ପଦ ଅଧିକାରୀ - ଗୋମଣ୍ଡଳିକା ଇତ୍ୟାଦି।

ଏମିତିକି ଖାରବେଳଙ୍କର ମୁଖ୍ୟମନ୍ତ୍ରୀ ମହାମାଦ ନାକିୟା, ତାଙ୍କ ସହଧର୍ମିଣୀଙ୍କ ନାମ ବୋରେୟା, ନଗର ଅଖଣ୍ଡାଂଶ ହେଉଛନ୍ତି ଭୂତି, କର୍ମ ସଚିବ ହେଉଛନ୍ତି କମ। ଏହି କମଙ୍କ ପତ୍ନୀ ହେଉଛନ୍ତି କ୍ଷୀଣ। ଏହି ନାମ ଗୁଡିକ ହାତୀଗୁମ୍ଫା ସାମନା ବାଘ, ଜାମ୍ବବାନ, ଏବଂ ସର୍ପଗୁମ୍ଫାରେ ଖୋଦିତ ଅଛି। ଏହା ଖାରବେଳଙ୍କର ପ୍ରଶାସନରେ ପୁରୁଷଙ୍କ ସହିତ ମହିଳାମାନଙ୍କର ସଂପୃକ୍ତି ବିଷୟରେ ତଥ୍ୟ ଉପସ୍ଥାପନ କରେ।

ନୌବାଣିଜ୍ୟ ପରିଚାଳନା ପାଇଁ କଳିଙ୍ଗର ଏକ ବିଶିଷ୍ଟ ପ୍ରଶାସନ ତିଷ୍ଠି ରହିଥିଲା। କଳିଙ୍ଗର ସାଧବ ବା ବଣିକମାନେ ବିଦେଶଯାତ୍ରା, ବାଣିଜ୍ୟ ଅଭିବୃଦ୍ଧି ଏବଂ ସାଗରପଥରେ ଯାତ୍ରୀ ଗମନାଗମନ ସୁରକ୍ଷା

ଆଦି ପାଇଁ ଉତ୍କର୍ଷ ସାଧନ କରିଥିଲେ। କଳିଙ୍ଗର କେଉଁ ପୋତାଶୟରୁ କେଉଁ ଦ୍ୱୀପ ବା ବିଦେଶ ରାଜ୍ୟକୁ ଯିବାକୁ ହେବ, ତା ପାଇଁ ବିଶେଷ ବ୍ୟବସ୍ଥା ରହିଥିଲା। ପାଲୁର ବନ୍ଦରରୁ ଜାଭା ଯାତ୍ରା, ପିଥୁଣ୍ଡା ମହାପୋତାଶ୍ରୟରୁ ଚମ୍ପା (ଭିଏତନାମ୍), ତାମ୍ରଲିପ୍ତରୁ ଦନ୍ତପୁରା, ପାଲୁର ଦେଇ ଶ୍ରୀ ଲଙ୍କା ଏବଂ ଶ୍ରୀଲଙ୍କାରୁ ସୁବର୍ଣ୍ଣଦ୍ୱୀପର ବିଭିନ୍ନ ଭାଗକୁ ଗମନାଗମନ ସମ୍ଭବ ଥିଲା।

ସାଗର ଯାତ୍ରା ପୁରାଣକାଳରୁ ଉତ୍କଳରେ ତିଷ୍ଠି ରହିଛି। ଆଜିର ହାତୀଗୁମ୍ଫା ଶିଳାଲିପି ପଠନ ବେଳକୁ ଏହି ହାତୀଗୁମ୍ଫା ଉପରେ ବର୍ଦ୍ଧମାନ ମହାବୀରଙ୍କର ଧର୍ମଚକ୍ର ପ୍ରବର୍ତ୍ତନର ଚାରି ଶହବର୍ଷ ଅତିକ୍ରାନ୍ତ ହୋଇ ସାରିଲାଣି। ମନେପଡେ, ମହାବୀର ପିଥୁଣ୍ଡା ବନ୍ଦର ଦେଖିବାର ଆକାଂକ୍ଷା ପୂରଣ କରିଥିଲେ ଏବଂ କଳିଙ୍ଗବାସୀଙ୍କର ସେହି ବନ୍ଦରରୁ ସିଧା ଚମ୍ପା (ଭିଏତନାମ୍) ସାଗରଯାତ୍ରା ବିଷୟ ଶୁଣି ଚକିତ ହୋଇଥିଲେ।

କଳିଙ୍ଗର ଲୋକମାନେ ସୁବର୍ଣ୍ଣଦ୍ୱୀପରେ ବସତି ସ୍ଥାପନ ପାଇଁ ବେଶ୍ ଆଗ୍ରହୀ ଥିଲେ। ଏବେ ବହୁ ଲୋକ ସପରିବାରେ ଜାଭା, ସୁମାତ୍ରା ଆଦିରେ ବାସ କରିବା ପାଇଁ କଳିଙ୍ଗରୁ ଯାତ୍ରା କରନ୍ତି। ସେମାନଙ୍କର ଅଞ୍ଚଳର ଲୋକମାନେ ସୁଖରେ ଅଛନ୍ତି, ନୂତନ ଜମିରେ ଉତ୍ପନ୍ନ ଅଧିକ। ପାଲୁରା ବନ୍ଦରରୁ ସିଧା ସୁବର୍ଣ୍ଣଦ୍ୱୀପକୁ ବର୍ଷାଋତୁ ପରେ ବହୁ ପୋତ ଯାତ୍ରାକରେ।

କଳିଙ୍ଗର ବହୁ ଲୋକ ନୂତନ ଦ୍ୱୀପ ଗୁଡ଼ିକରେ ଚାଷବାସ କରି ଜୀବିକା ନିର୍ବାହ କରିବାକୁ ଆଗଭର ଅଛନ୍ତି। ସେମାନଙ୍କ ସହିତ ପୁରୋହିତ, ବୌଦ୍ଧଭିକ୍ଷୁ, କାରିଗର, ଏବଂ ଶିଳାଶିଳ୍ପୀମାନେ ସେଠାରେ ବସତିସ୍ଥାପନ ପାଇଁ ନୌଯାତ୍ରା କରନ୍ତି। ଏଥିପାଇଁ କଳିଙ୍ଗରୁ ଋତୁ ଏବଂ ଜଳବାୟୁ ସୁଯୋଗକ୍ରମେ ବର୍ଷର କେତେ ମାସ ବାଣିଜ୍ୟ ପୋତ ଗୁଡ଼ିକ ବହିର୍ଗମନ କରୁଛନ୍ତି ଏବଂ ଆଉ କେତେ ଋତୁରେ ବୋଇତ ଗୁଡ଼ିକ ପ୍ରତ୍ୟାବର୍ତ୍ତନ କରନ୍ତି। ଅଭିଜ୍ଞତା ବଳରେ କଳିଙ୍ଗର ନୌବାଣିଜ୍ୟର ଗତି ସବୁଠାରୁ ଉଚ୍ଚରେ ରହିଛି।

ବଣିକମାନେ କଳିଙ୍ଗରୁ ରେଶମ ବସ୍ତ୍ର, ମୂଲ୍ୟବାନ ପ୍ରସ୍ତର, ହୀରା, ଧାତବ ପଦାର୍ଥ ଏବଂ କୁଟୀରଜାତ ଗୃହୋପକରଣମାନ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ଏବଂ ବାଲି ଆଦି ଦ୍ୱୀପକୁ ନିଅନ୍ତି। ତା ବଦଳରେ ଆମଦାନୀ କରନ୍ତି ସୁନା, ମସଲା, ଲବଙ୍ଗ ଇତ୍ୟାଦି ପଦାର୍ଥ। କଳିଙ୍ଗର ପୋତାଶ୍ରୟ ମାନଙ୍କରେ ଧନୀ ବଣିକମାନଙ୍କର ବିରାଟ ରକ୍ଷଣାଗାର ରହିଥିଲା, ଏବଂ ବଂଶାନୁକ୍ରମିକ ଏହି ନୌବାଣିଜ୍ୟ ଚାଲିଛି। ଏହି ସମୁଦ୍ରଯାତ୍ରା ଏବଂ ନୌବାଣିଜ୍ୟ ଅଦ୍ୟ ଖାରବେଳଙ୍କ ସମୟରେ ଉତ୍କର୍ଷ ସ୍ଥାନ ଲାଭ କରିଛି।

ସାଗରବକ୍ଷରେ ମୂଲ୍ୟବାନ ଧାତୁ ବ୍ୟବସାୟ କଳିଙ୍ଗସାଗରରେ ଆସ୍ତେ ଆସ୍ତେ ଜଳଦସ୍ୟୁମାନଙ୍କର ଆଡା ହେବାକୁ ଲାଗିଛି। ଯେଉଁ ରାଜ୍ୟ ନୌବାଣିଜ୍ୟରେ କୃତକାର୍ଯ୍ୟ ହେଲେନାହିଁ, ସେମାନଙ୍କର ବୁଦ୍ଧି ବିପରୀତ ଦିଗରେ କାମ କରୁଛି। ଏହା ବି କଳିଙ୍ଗର ବାଣିଜ୍ୟକୁ ପ୍ରଭାବିତ କରିଛି। ଉଦାହରଣ ସ୍ୱରୂପ ଦେଖିବାକୁ ଗଲେ ଜାଭା ଦ୍ୱୀପରେ ଯେତେ ରାଷ୍ଟ୍ର ବା ରାଜ୍ୟରୁ ପୋତ ଆସି ପହଞ୍ଚୁଛି, ତା ମଧ୍ୟରୁ ଶତକଡା ୭୫ ଭାଗ କେବଳ କଳିଙ୍ଗରୁ। ଏହି ସାଗର ବଣିଜରେ ପରାଜିତ ରାଜ୍ୟଗୁଡ଼ିକର ନୌବଣିକମାନେ ସମ୍ଭବତଃ ଦସ୍ୟୁବୃତ୍ତିର ଆଶ୍ରୟ ନିଅନ୍ତି।

ଖାରବେଳଙ୍କ ସମୟରେ ସମଗ୍ର କଳିଙ୍ଗୋଦ୍ର ବା କଳିଙ୍ଗ ସାଗର କଳିଙ୍ଗର କର୍ତ୍ତୃତ୍ୱାଧୀନ ଥିଲା, ଯଦି କେହି କେବେ କିଛି ପ୍ରତିରୋଧ କରୁଥିଲେ, ସେମାନେ ହେଉଛନ୍ତି ନୌବାଣିଜ୍ୟ କ୍ଷେତ୍ରରେ ଅକୃତକାର୍ଯ୍ୟ ବଣିକ, ଜଳଦସ୍ୟୁ ଭାବରେ କଳିଙ୍ଗ ପୋତ ଗୁଡ଼ିକର ଅପହରଣ କରିବାର ଚେଷ୍ଟା କରି କଳିଙ୍ଗ ନୌବହର ଦ୍ୱାରା ବନ୍ଦୀ ହେଉଥିଲେ। କଳିଙ୍ଗାଧିପତି ଖାରବେଳ ଜାଣନ୍ତି କଳିଙ୍ଗ ସାଗରକୁ ଜଳଦସ୍ୟୁମୁକ୍ତ ନ କଲେ ହିଁ କଳିଙ୍ଗର ନୌବାଣିଜ୍ୟ ତିଷ୍ଠି ରହିବ ନାହିଁ।

ସତକୁ ସତ ଏବେ ତାଙ୍କର ଶାସନର ଏକାଦଶ ବର୍ଷ ବେଳକୁ ଦକ୍ଷିଣ ଭାରତର ଦ୍ରାବିଡ ମେଳକୁ ପରାସ୍ତ କରି ଜଳପଥରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଜଳପଥ ଏବେ ଦସ୍ୟୁଶୂନ୍ୟ।

କଳିଙ୍ଗ ନୌବାଣିଜ୍ୟର ଉତ୍ଥାନ ନିମନ୍ତେ ଚିଲିକା ହ୍ରଦର ପ୍ରତିଷ୍ଠିତ ପୋତ ନିର୍ମାଣ କାରଖାନାର ବହୁ ପରିମାଣରେ ବୃଦ୍ଧି ଘଟିଛି। ରାଜ୍ୟର ହାଲୁକା ବା ଲଘୁ କାଠରେ ବିଭିନ୍ନ ଆକାରର ନୌକା ବା ଜଳଯାତ୍ରା ପାଇଁ ଉଦ୍ଦିଷ୍ଟ ଶତାଧିକ ଯାତ୍ରୀବାହୀ ପୋତ ନିର୍ମାଣ କରାଯାଉଥିଲା। କାରିଗର ବି ବଣିଜପୋତକୁ ପଦାର୍ଥବାହୀ ଭାବରେ ଏମିତି ଭାରସାମ୍ୟ ରଖି ଗଢୁଥିଲେ, ତାହାର ଛବି ବେଶ୍ ଆକର୍ଷଣୀୟ। ଶତାଧିକ ଯାତ୍ରୀବାହୀ ପୋତ ବି ନିର୍ମିତ ହେଉଛି। ଏହି ପୋତନିର୍ମାଣ ପାଇଁ ପୂର୍ବରୁ ଯେଉଁ କାରଖାନା ରହିଥିଲା, ସେଥିରେ ଶହ ଶହ ବଢେଇ କାରିଗର କାମ କରୁଥିଲେ ସତ, ମାତ୍ର ଅଭିଜ୍ଞ ସାଗରଜ୍ଞାନୀମାନେ ଏହାର ତଦାରଖ କରୁଥିଲେ।

ପୋତ ପ୍ରସ୍ତୁତ ହେବା ପରେ ତାହା ଚିଲିକାରେ ଏବଂ ସନ୍ନିକଟ କଳିଙ୍ଗସାଗରରେ ଅନେକ ସମୟ ପରୀକ୍ଷଣ ନିମନ୍ତେ ଘୂରି ବୁଲିବା କଳିଙ୍ଗର ପ୍ରଥା। କଳିଙ୍ଗପୋତ ସବୁଠାରୁ ଶକ୍ତିଶାଳୀ ବୋଲି ଏହି ପ୍ରାଥମିକ ପରୀକ୍ଷାରୁ ପ୍ରମାଣିତ। କଳିଙ୍ଗ ସାଗର ଏବଂ ଭାରତ ମହାସାଗରରେ ଆଜିର ଖାରବେଳଙ୍କ ଶାସନକାଳରେ ଯେତେ ପୋତ ଯାତାୟତ କରୁଛି, ସବୁଠାରୁ ବେଶି ସଂଖ୍ୟାର ହେଉଛି କଳିଙ୍ଗପୋତ। ଯବଦ୍ୱୀପ ବା ଜାଭା ଏବଂ ବାଲି ଦ୍ୱୀପର ପଶ୍ଚିମ ଦିଗର ପୋତାଶ୍ରୟ ଗୁଡ଼ିକରେ ସ୍ଥାନ ଏବଂ ଏ ସବୁ ପୋତାଶ୍ରୟରେ କଳିଙ୍ଗପୋତର ସଂଖ୍ୟା ତିନି ଚତୁର୍ଥାଂଶ। ପ୍ରତି ଚାରିଗୋଟି ପୋତ ମଧ୍ୟରେ ତିନୋଟି କଳିଙ୍ଗପୋତ। କାରଣ ଅସଂଖ୍ୟ କଳିଙ୍ଗବାସୀ ଏହି ଦ୍ୱୀପ ଗୁଡ଼ିକରେ ବସତି ସ୍ଥାପନ କରିଛନ୍ତି। ସେମାନଙ୍କର ସ୍ୱଦେଶକୁ ଯିବା ଆସିବା ଲାଗି ରହିଛି। ଆଉ ସେଇ ମାନଙ୍କ ଆବଶ୍ୟକତା ନେଇ କଳିଙ୍ଗ ପୋତାଶ୍ରୟ ଗୁଡ଼ିକରୁ ଖାଦ୍ୟ ପଦାର୍ଥ, ଲୁଗାପଟା, ଘରକରଣା ପଦାର୍ଥ ଆଦି ପର୍ଯ୍ୟାପ୍ତ ପରିମାଣରେ ରପ୍ତାନି ହେଉଛି।

ସାଗର-ବଣିଜ ବିଭାଗ ମହାମେଘବାହନ କଳିଙ୍ଗ ପ୍ରଶାସନର ଗୋଟିଏ ସ୍ୱତନ୍ତ୍ର ବିଭାଗ। ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ସାଗରବକ୍ଷରେ

କଳିଙ୍ଗର ବ୍ୟବସାୟ ଏବଂ ବିଦେଶରେ ବ୍ୟାପ୍ତି। ଏଥିପାଇଁ କଳିଙ୍ଗ ପ୍ରଶାସନ ବହୁମୁଖୀ କାର୍ଯ୍ୟ ସମ୍ଭାଳିବାକୁ ପଡୁଛି। ରପ୍ତାନି ନିମନ୍ତେ କଳିଙ୍ଗର ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପ୍ରଥମ ଚରଣ। କୃଷି, ଜଙ୍ଗଲଜାତ ଦ୍ରବ୍ୟ, କୁଟୀର ଶିଳ୍ପ, ଗୃହୋପକରଣ, ଧାତବ ପଦାର୍ଥ, ଅଳଙ୍କାର, ଆଦି କଳିଙ୍ଗର ଆକର୍ଷଣୀୟ ରପ୍ତାନି ଦ୍ରବ୍ୟ। ପୋତ ନିର୍ମାଣ କଳିଙ୍ଗ ପ୍ରଶାସନର ଦ୍ୱିତୀୟ ଚରଣ। ପୋତାଶ୍ରୟ ନିର୍ମାଣ ଏବଂ କାର୍ଯ୍ୟକ୍ଷମତା ତୃତୀୟ ସୋପାନ। ପୋତ ଯାତାୟତରେ କଳିଙ୍ଗ ସାଗର ବା ସୁଦୂର ଭାରତ ମହାସାଗର କି ବିଦେଶରେ ବଣିକ ଏବଂ ତାଙ୍କର ସମ୍ପଦର ସୁରକ୍ଷା ଆଜି ଚତୁର୍ଥ ସୋପାନ।

କୌଣସି କଳିଙ୍ଗପୋତ କଳିଙ୍ଗ ସାଗରରେ ଜଳଦସ୍ୟୁ କବଳରୁ ସୁରକ୍ଷା ପାଇଁ  କଳିଙ୍ଗ ପ୍ରଶାସନ ତରଫରୁ ନୌବହର ପ୍ରତିଷ୍ଠିତ ହୋଇଛି। ବିଶେଷ ଭାବରେ ବଣିଜ ସମାପ୍ତ କରି ଧନରତ୍ନ ସହ କଳିଙ୍ଗ ପ୍ରତ୍ୟାବର୍ତ୍ତନ କାଳରେ ଜଳଦସ୍ୟୁ ଦ୍ୱାରା ଆକ୍ରାନ୍ତ ହେବାର ସମ୍ଭାବନାକୁ ଏଡ଼ାଇବା ପାଇଁ ସୁଦୂର ନୌବହର ବ୍ୟବସ୍ଥା ସୁଦୃଢ଼ କରାଯାଇଛି। କଳିଙ୍ଗର ଦାକ୍ଷିଣାତ୍ୟ ସହିତ ସୁସମ୍ପର୍କ ନଥିଲା ବେଳେ କଳିଙ୍ଗ ସାଗରରେ ମୁକ୍ତ ଭାବରେ ଗତାଗତ କରିବାରେ ପ୍ରତିବନ୍ଧକ ରହିଥିଲା, କିନ୍ତୁ ଶାସନର ଏକାଦଶ ବର୍ଷରେ ମହାମେଘବାହନ ଖାରବେଳଙ୍କର ଦାକ୍ଷିଣାତ୍ୟ ବିଜୟ କଳିଙ୍ଗ ପାଇଁ ସୁସମୟ ବହନ କରିଛି। ସାଗର ବକ୍ଷରେ କଳିଙ୍ଗପୋତ ମୁକ୍ତ ଭାବରେ ଯାତାୟତ କରି ନୌବାଣିଜ୍ୟ ବେଶ୍ ବୃଦ୍ଧି କରିପାରିଛି।

ସମୁଦ୍ର ନୌବହନ ଏବଂ ସାମୁଦ୍ରିକ ବଣିଜଗତ ଆୟରୁ ରାଜସ୍ୱ ଆଦାୟ ପାଇଁ  ଚାଣକ୍ୟଙ୍କ ଅର୍ଥଶାସ୍ତ୍ର ରଚିତ ପ୍ରଥା ଅନୁଯାୟୀ ରାଜସ୍ୱ ଆଦାୟ କଳିଙ୍ଗ ପ୍ରଶାସନକୁ ଜଣା ଥିଲେ ବି କଳିଙ୍ଗାଧିପତିଙ୍କର ନୌବାଣିଜ୍ୟ କଲ୍ୟାଣ ପ୍ରଶାସନରେ ବଣିକମାନଙ୍କର ବ୍ୟବସାୟିକ ବିପତ୍ତିକୁ ବିବେଚନା କରି, ସେମାନଙ୍କ ଦେୟକୁ ଦାନ ଭାବରେ ଗ୍ରହଣ କରାଯାଉଥିଲା। ଲାଭ ନେଇ, ଯିଏ ଯେତିକି ଦେଲା। ଏହି ପ୍ରକାରର ସାଗର ନୌବାଣିଜ୍ୟ ନିମନ୍ତେ କୋହଳ ନୀତି କଳିଙ୍ଗର ନୌବାଣିଜ୍ୟ ବୃଦ୍ଧିରେ କାଳ କାଳ ପାଇଁ ସହାୟକ ହୋଇଛି। ସୁଗଭୀର ସମୁଦ୍ରରେ ଜୀବନମୂର୍ଚ୍ଛା ନୌବାଣିଜ୍ୟ କରି 'କଳିଙ୍ଗାଃ ଦୁସାହସିକାଃ' ବୋଲି ଆବହମାନ କାଳରୁ ଦେଶରେ ଡିଣ୍ଡିମ ବାଜୁଛି।

ଖାରବେଳଙ୍କ ସମୟରେ ସୁବର୍ଣ୍ଣଦ୍ୱୀପରେ ବସତି ସ୍ଥାପନ ବହୁ ପରିମାଣରେ ବୃଦ୍ଧି ପାଇଛି, ନୌଯାତ୍ରୀ ଗମନାଗମନ ଅନେକଗୁଣ ବୃଦ୍ଧି ପାଇଛି, ସମାନୁପାତିକ ଭାବରେ ନୌବାଣିଜ୍ୟ ପ୍ରସାରିତ ହୋଇଛି, ନୌବ୍ୟବସାୟରୁ ରାଜ୍ୟର ସୁବିଧା ହେଉଛି, ଲୋକମାନଙ୍କର କୁଟୀରଶିଳ୍ପ ବା କୃଷିଜାତ ଦ୍ରବ୍ୟର ରପ୍ତାନୀଜନିତ ଲାଭ ମିଳୁଛି।

ଏହିପରି ଆର୍ଥିକ ସ୍ୱଚ୍ଛଳତାର ପ୍ରମାଣ ଦେବାକୁ ଅଛନ୍ତି ରାଜକୋଷ ଅଧ୍ୟକ୍ଷ ଭଣ୍ଡାଗାରିକା ଏବଂ ମୁଖ୍ୟ ହିସାବ ରକ୍ଷକ ଗଣକ। ସେମାନେ ଅନେକ ତଥ୍ୟ ଉପସ୍ଥାପନ କରିଛନ୍ତି ହାତୀଗୁମ୍ଫା ଶିଳାଲିପି ରଚନା ବେଳକୁ। ତାହା ରଚନାରେ ସ୍ଥାନ ପାଇଲେ ଶିଳା ଖନନ ହୋଇ ବ୍ରାହ୍ମୀଲିପିରେ ଶିଳ୍ପୀମାନେ ଲେଖିବେ।

ଦୁଇଜଣ ହିସାବ ଦେଇଛନ୍ତି - କଳିଙ୍ଗ ରାଜକୋଷରୁ ଆଖିଦୃଶିଆ କେତେ ପରିମାଣ ଖର୍ଚ୍ଚ ହୋଇଛି। ସବୁର ସର୍ବମୋଟ ହିସାବ ରୋପ୍ୟମୁଦ୍ରା ଭାବରେ  ରଚିତ ହୋଇଛି।

ହିସାବ ଦେଇଛନ୍ତି ଗଣକ – କଳିଙ୍ଗାଧିପତିଙ୍କ ଆଜ୍ଞା ଶିରୋଧାର୍ଯ୍ୟ। ମହାରାଜାଙ୍କର ସିଂହାସନ ଆରୋହଣ ପରଠାରୁ ବିଗତ ଦଶବର୍ଷ ମଧ୍ୟରେ କଳିଙ୍ଗର ବାର୍ଷିକ ଆୟବ୍ୟୟ ବହୁଗୁଣରେ ବଢିଥିବାରୁ ରାଜକୋଷରେ କିଛି ଅଭାବ ନାହିଁ। ଅଭିଷେକ ହେବାର ପ୍ରଥମ ବର୍ଷରେ ବାତ୍ୟାବିଧ୍ୱସ୍ତ କଳିଙ୍ଗନଗରୀ ପ୍ରବେଶ ଫାଟକ ଓ ଦୁର୍ଗର ମରାମତି କରାନ୍ତି, ପ୍ରଜା ରଞ୍ଜନ ନିମନ୍ତେ ଥଣ୍ଡା ଜଳର ପୁଷ୍କରିଣୀର ପାହାଚ ଓ ଅନେକ ବଗିଚା ନିର୍ମାଣ ବାବଦରେ  ଖର୍ଚ୍ଚର ପରିମାଣ ୩୫ ଲକ୍ଷ ମୁଦ୍ରା। ଏହା ରାଜ୍ୟ ରାଜସ୍ୱରୁ ଖର୍ଚ୍ଚ ହୋଇଛି। ଦ୍ୱିତୀୟ ବର୍ଷ ଅସିକନଗର ବିଜୟ ନିମନ୍ତେ କିଛିଟା ସାମରିକ ଖର୍ଚ୍ଚ ସହିତ କଳିଙ୍ଗର ସାଂସ୍କୃତିକ ଉତ୍ସବ ପାଇଁ ବି ସାମାନ୍ୟ ଖର୍ଚ୍ଚ କଳିଙ୍ଗ ରାଜସ୍ୱରୁ ଦିଆଯାଇଛି। କିନ୍ତୁ ଆମର ଚତୁର୍ଥ ବର୍ଷରେ ରାଷ୍ଟ୍ରିକ ଓ ଭୋଜିକ ଓ ସାତବାହନ ରାଜ୍ୟରୁ ବିଜୟଲବ୍ଧ ସମ୍ପଦ ଅଳକାପୁରୀରେ ଗଚ୍ଛିତ, ନିୟମ ଦୃଷ୍ଟିରୁ ଅପ୍ରକାଶିତ। ଏ ମଧ୍ୟରେ କଳିଙ୍ଗ ଅନେକ ବର୍ଷର ରାଜସ୍ୱ ଭେଟାଇଛି। ଏହି ବଳକା ଅର୍ଥରେ କଳିଙ୍ଗାଧିପତି ତ୍ରିଶୁଳିଆରେ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଇଛନ୍ତି। ନନ୍ଦ ଅମଳରୁ ପ୍ରାଚୀ ନଦୀର ଏହି କାମ ଅର୍ଥାଭାବରୁ ଅଧା ପଡିରହିଥିଲା। ବର୍ଷକୁ ବର୍ଷ ବିଜିତ ରାଜ୍ୟରୁ ଆଗତ ଆୟରେ କଳିଙ୍ଗ ରାଜକୋଷ ପୂରିଯାଉଛି। ତୃତୀୟ ମହାମେଘବାହନ ଏହାର ବାର୍ଷିକ ଆକଳନ କରି ଷଷ୍ଠବର୍ଷ ସମଗ୍ର କଳିଙ୍ଗକୁ ନିଷ୍କର କରି ଜନସାଧାରଣଙ୍କୁ କେବଳ ଆନନ୍ଦିତ କରିନାହାନ୍ତି, କଳିଙ୍ଗରାଜ୍ୟ ଯେ ସମୃଦ୍ଧ, ଏହା ସ୍ପଷ୍ଟ ଭାବରେ ପ୍ରମାଣ କରିଛନ୍ତି। ଏହି ରିହାତି ରାଜସ୍ୱ ପରିମାଣ କିଛି କମ୍ ନୁହେଁ। ଏହା ରାଜ୍ୟବାସୀଙ୍କୁ କେବଳ ଆନନ୍ଦ ଦେଇନି, ସେମାନଙ୍କର ଜୀବନଶୈଳୀ ଓ ମାନସିକତାର ସ୍ତର ଦେଶର ସବୁରାଜ୍ୟଠାରୁ ବହୁ ଉଚ୍ଚକୁ ଚାଲିଯାଇଛି। କଳିଙ୍ଗ ସମ୍ପଦଭରା, କଳିଙ୍ଗବାସୀଙ୍କର ମନ ଆନନ୍ଦଭରା ଓ ସେହି ଆନନ୍ଦ ହୃଦୟରେ ସେମାନେ ନୃତ୍ୟରତ।

କିଛି ସମୟ ଗଣକ କଳିଙ୍ଗ ରାଜକୋଷ ହିସାବନିକାସ ନିରୀକ୍ଷଣ କରି କୁହନ୍ତି, କଳିଙ୍ଗାଧିପତିଙ୍କ ମଥୁରା ବିଜୟ ଆୟ ଅପ୍ରକାଶିତ ରହିଛି। କିନ୍ତୁ ଏତେ ଅଧିକ ଧନ ଯବନ ଡିମିତ୍ରିୟସ ଆଉ ମଥୁରାରୁ ପ୍ରାପ୍ତ ହେଲା, ସହୃଦୟ ଅଧିପତି ରାଜ୍ୟବାହୁଡ଼ାରେ ପ୍ରଚୁର ବିଜୟଲବ୍ଧ ସମ୍ପତ୍ତି ଘରେ ଘରେ, ପାନ୍ଥଶାଳାରେ ସର୍ବସାଧାରଣଙ୍କୁ ବାଣ୍ଟିବାରେ ଲାଗନ୍ତି, ପୁଣି ଅନେକ ବ୍ରାହ୍ମଣମାନଙ୍କ କର୍ତ୍ତୃକ ରାଜ୍ୟରେ ବଣ୍ଟନ କରନ୍ତି। ଅଦ୍ୟାବଧି ବିଶ୍ୱର କୌଣସି ରାଜା ବିଜୟଲାଭ କରି ପ୍ରଚୁର ଅର୍ଥ ଲାଭ କରନ୍ତି, ନିଜ ଭଣ୍ଡାର ପୂର୍ଣ୍ଣ କରନ୍ତି, ଇଚ୍ଛା ହେଲେ, ମୃତାହତ ସୈନ୍ୟଙ୍କ ବାବଦ ଖର୍ଚ୍ଚ କରନ୍ତି। କିନ୍ତୁ ଦ୍ୱାର ଦ୍ୱାର ହୋଇ ସମସ୍ତ ପ୍ରଜାମାନଙ୍କୁ ବାଣ୍ଟିବା ପ୍ରଥା ଆଜିର କଳିଙ୍ଗ ଉଦାହରଣ ସୃଷ୍ଟି କରିଛି।

ଧୀର ସ୍ୱରରେ କଳିଙ୍ଗର ଗଣକ ଅଧିକାରୀ କହିଲେ, ଗୋପନକଥା କହିବାକୁ ପଡୁଛି, ଆମର ରାଜକୋଷର ଆୟତନ ପାଞ୍ଚଗୁଣ ବୃଦ୍ଧିକରିବାକୁ ଆମେ ବାଧ ହୋଇଛୁ। ଆମର ଲୋକପ୍ରିୟ କଳିଙ୍ଗ ଆର୍ଯ୍ୟ ନୃପତିଙ୍କର ବିଜୟ ପ୍ରାସାଦ ନିର୍ମାଣ ବାବତ ୩୮ ଲକ୍ଷ ରୋପ୍ୟମୁଦ୍ରା ଖର୍ଚ୍ଚ କୌଣସିମତେ ରାଜକୋଷକୁ ବାଧକ ହୋଇନାହିଁ।

ଏହି ସମୟରେ ହସି ହସି କଳିଙ୍ଗାଧିପତି କହିଲେ, ଉଭୟ ଭଣ୍ଡଗାରିକା ଓ ଗଣକ ତୁମର କାର୍ଯ୍ୟନିର୍ବାହରେ ମୁଁ ସନ୍ତୁଷ୍ଟ। ରାକକୋଷର ସଦୁପଯୋଗ ହେଉଛି ଆଉ ଗଣନା ବିଷ୍ଣୁଗୁପ୍ତଙ୍କ ଅର୍ଥଶାସ୍ତ୍ରମତେ ହିସାବ ସମୀକ୍ଷଣର ଅବିକଳ ପ୍ରୟୋଗ। ମୋର ଆଜି ଅନେକ କଥା କହିବାର ଅଛି। ଆଗକୁ ରାଜ୍ୟର ପ୍ରତିଟି ଜନହିତକର କାର୍ଯ୍ୟ ଅବିଳମ୍ବେ ସମାପନ କର। କୁମାରୀଗିରି ପାଇଁ ଏକଲକ୍ଷ ପାଞ୍ଚ ହଜାର ମୁଦ୍ରା ବ୍ୟୟ ସହିତ ଅନେକ କିଛି ଅଧିକ ଖର୍ଚ୍ଚ ବରାଦ ହୋଇଛି, ତାହାର ସଦୁପଯୋଗ ସମ୍ପାଦନ କର।

ଏହି ସମୟରେ ମୁଖ୍ୟମନ୍ତ୍ରୀ ମହାମାଦ୍ ନାକିୟା ଉପସ୍ଥିତ ହୋଇ କହିଲେ, ଏବେ କଳିଙ୍ଗ୍ ରାଜଧାନୀ କଳିଙ୍ଗନଗରୀର ରୂପବର୍ଦ୍ଧନ ପାଇଁ ଯେତେ ଯେତେ କାର୍ଯ୍ୟ କରାଯାଇଛି, ଗଡଖାଇରୁ ଆରମ୍ଭକରି ମୁଖ୍ୟ ଫାଟକ, ପାଚିର, ଆଉ ଅଭ୍ୟନ୍ତରର ରାଜଭବନ ପର୍ଯ୍ୟନ୍ତ, ସବୁଗୁଡିକ ସୁନ୍ଦର, ସ୍ଥାୟୀ ଏବଂ କଳିଙ୍ଗର ନିର୍ମାଣଶୈଳୀ ପ୍ରତିପାଦନ କରେ।

କଳିଙ୍ଗନଗରୀ ପରି ଅନେକ ସାଗରକୂଳ ପୋତାଶ୍ରୟ ଗୁଡିକୁ ନଗର ଭାବରେ ପରିକଳ୍ପନା କରାଯାଇଛି। ଦନ୍ତପୁର ପୋତାଶ୍ରୟଟି ରାଜଧାନୀର ସନ୍ନିକଟ। ଟିକିଏ ଦକ୍ଷିଣ -ପଶ୍ଚିମ ଦିଗରେ ଅନତି ଦୂରରେ ରମ୍ଭା (ଚିଲିକା ହ୍ରଦ) ଋଷିକୂଲ୍ୟା ମୁହାଣରେ ରହିଛି ବିଖ୍ୟାତ ପାଲୁରା ପୋତାଶ୍ରୟ। ଏହିଠାରୁ ସୁବର୍ଣ୍ଣଦ୍ୱୀପକୁ ପୋତଚାଳନାର ସଳଖ ଦିଗ ରହିଛି ଏବଂ ଅନେକ ପୋତ ଏହିଠାରୁ ସୁବର୍ଣ୍ଣଦ୍ୱୀପକୁ ମୁହାଇଁ ଥାଆନ୍ତି। ଏହି ପୋତାଶ୍ରୟର ନଗରଟିକୁ ଆକର୍ଷଣୀୟ କରିବାକୁ କଳିଙ୍ଗ ନୌପ୍ରଶାସନ ଯଥେଷ୍ଟ ପ୍ରୟାସ କରିଛି।

କଳିଙ୍ଗର ଧର୍ମ, କଳାନୈପୁଣ୍ୟ ଆଉ ଶିକ୍ଷାଦୀକ୍ଷାର ପ୍ରଦର୍ଶନ କ୍ଷେତ୍ର ହେଉଛି କୁମାରୀ ପର୍ବତ। କୁମାର ପର୍ବତ ହୋଇଛି ସିଦ୍ଧ ତପସ୍ୟା କ୍ଷେତ୍ର। ତେଣୁ କଳିଙ୍ଗର ଗର୍ବ ଆଉ ପରାକାଷ୍ଠାର ଉଦାହରଣ ସ୍ୱରୂପ ଏଠାରେ ଗଢି ଉଠିବ କୀର୍ତ୍ତିର ସୌଧ, ଶିକ୍ଷା ଓ ସଂସ୍କୃତିର ଏକ ବିଶ୍ୱବିଦ୍ୟାଳୟ। ମହାବୀରଙ୍କର କୁମାରୀଗିରି ତୁଙ୍ଗରୁ ଧର୍ମଚକ୍ର ବିବର୍ତ୍ତନ ଏହାକୁ ଏକ ବଳିଷ୍ଠ ଧର୍ମକ୍ଷେତ୍ର ଭାବରେ ପ୍ରତିଷ୍ଠିତ କରିଛି।

ଏହାକୁ ଏକ ବିଶ୍ୱବିଖ୍ୟାତ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରତିଷ୍ଠା କରିବା କଳିଙ୍ଗର କର୍ତ୍ତବ୍ୟ। ଏହାର ପୂର୍ବଭାଗରେ କଳିଙ୍ଗ ଶିଳାଶିଳ୍ପ ପାଇଁ ପୂର୍ଣ୍ଣ ଭାବରେ ଖୋଦିତ ହେଉଛି ଏକ ନୂତନ ବହୁତଳ ପରିକଳ୍ପିତ ଗୁମ୍ଫା। କୁମାରୀଗିରିର ପ୍ରଥମ ସୌର ଓ ଚନ୍ଦ୍ରକିରଣ ଧାରା ସେହି ଗୁମ୍ଫାକୁ ସଦା ଆଲୋକିତ କରି ରଖିଥିବ। ଏହି ଗୁମ୍ଫାଟି ସିଂହପୁର ରାଜକନ୍ୟା କଳିଙ୍ଗର ସୁଶିକ୍ଷିତା ରାଣୀଙ୍କର ଅବଦାନ ବୋଲି ବୁଝିବାକୁ ହେବ।

୦୦୦

## ଗନ୍ଧର୍ବ ବିଦ୍ୟା ଚଉଷଠୀ କଳା ତୌର୍ଯ୍ୟତ୍ରିକ ପଦ୍ଧତିର ପୁନରୁଦ୍ଧାର

ନଗର ଅଖଣ୍ଡାଂଶ କହିଲେ, ହାତୀଗୁମ୍ଫାର ୧୬ (ଷୋଡଦଶ) ଧାଡିରେ ଲେଖାଯାଇଛି -

"...ମୁରିୟ କାଳ ଭୋଚିନାମ୍ ଚ ଚୋୟଠି ଅଂଗ ସନ୍ତିକଂ ତୁରିୟଂ ଉପାଦୟତି।..".

ଏହାର ଆକ୍ଷରିକ ଅର୍ଥ - "ଚଉଷଠି କଳାର ଅନ୍ତର୍ଭୁକ୍ତ ତୌର୍ଯ୍ୟତ୍ରିକ ପଦ୍ଧତି (ଅର୍ଥାତ୍ ନାଚ, ଗାୟନ, ବାଦନ) ଯାହାକି ମୌର୍ଯ୍ୟ ଅମଳରୁ ସ୍ଥଗିତ ରହିଥିଲା, ତାହାର ପୁନରୁଦ୍ଧାର କରନ୍ତି।".

ଅଦ୍ୟ ସମଗ୍ର ଭାରତବର୍ଷରେ ସଂସ୍କୃତିରେ ଗନ୍ଧର୍ବ ବେଦ ୩୬,୦୦୦ ଶ୍ଳୋକ ସହିତ ସମାଜରେ ଥିଲା ନାଟ୍ୟଜ୍ଞାନର ନିର୍ଝରିଣୀ। ଭାରତୀୟ ସମାଜରେ ବେଦ ଓ ବେଦୋଦ୍ଭବ ଗନ୍ଧର୍ବ ବେଦର ସମସ୍ତ ପଦ୍ଧତି ପ୍ରଚଳିତ ଥିଲା। ଏହା ସପ୍ତସ୍ୱରର ପର୍ଯ୍ୟାଲୋଚନା କରେ, ବୀଣା ବାଦନର କଳା ବର୍ଣ୍ଣନା କରେ; ପୁଣି ରାଗର ସୂକ୍ଷ୍ମ ପଦ୍ଧତି ଓ ସମାହାର ବାଟ ବତାଏ; ତାଳ ଓ ଗୀତିର ସମନ୍ୱୟ ରଖେ ତଥା ଗୀତିକାର ଓ ନାଟ୍ୟକାରଙ୍କର ମେଳ ରଖିବାର ସୂତ୍ର ବତାଏ। ଗନ୍ଧର୍ବ ବେଦ ସହିତ ରହିଛି ତୌର୍ଯ୍ୟତ୍ରିକ ତଥା ଷୋଳକଳା ଯାହା ଉଲ୍ଲେଖ କରିବା ସମୀଚୀନ ମନେହୁଏ।

କଳ୍ପନା କରାଯାଇ ପାରେ ସାରା କଳିଙ୍ଗ ଖାରବେଳଙ୍କ ଶାସନରେ କିପରି ସଂଗୀତ, ବାଦ୍ୟ ଓ ନୃତ୍ୟକଳାରେ ଝୁମି ଉଠୁଥିଲା। ବାଲ୍ୟକାଳରେ କଳିଙ୍ଗନଗରୀ ଯାହା ନୃତ୍ୟ-ସଙ୍ଗୀତ କଳାରେ ଚମକି ଉଠିଥିଲା, ତାଙ୍କ ଶାସନକାଳରେ ସମଗ୍ର କଳିଙ୍ଗ ସାଂସ୍କୃତିକ ପର୍ଯ୍ୟାୟରେ ଭରିଯାଇଥିଲା। ମାତ୍ର ଶାସନାନ୍ତରରେ କୁମାରୀଗିରିରୁ ଗୀତିନାଟ୍ୟର ଲହରି ନିର୍ଝରିତ ହେଉଥିଲା।

ବାସ୍ତବରେ କଳିଙ୍ଗାଧିପତି ଖାରବେଳ ନିଜକୁ ଗନ୍ଧର୍ବ ବିଦ୍ୟାରେ ନିଜକୁ ସାର୍ଥକ ମଣି ଆତ୍ମ ଗର୍ବରେ ନିଜର ନାମାଙ୍କନ କରିଥିଲେ, 'ଗନ୍ଧର୍ବ ବେଦ ବୁଦ୍ଧ' !ଇତିହାସରେ ଖାରବେଳ ପ୍ରଥମ ସମ୍ରାଟ ଯିଏ ଗନ୍ଧର୍ବବେଦର ବିଶାରଦ ହୋଇପାରିଥିଲେ। ଏ ବିଷୟରେ କ୍ୱଚିତ ନୃପତି ସମର୍ଥ ହୁଅନ୍ତି, ଯେତେ ରାଜପୁତ୍ର ଗନ୍ଧର୍ବ ବିଦ୍ୟା ଆହରଣ କରନ୍ତି, ସିଂହସନ ପ୍ରାପ୍ତି ପରେ ଆଗ୍ରହ ହରାଇ ବସନ୍ତି। ନା ଗନ୍ଧର୍ବ ଶାସ୍ତ୍ରର ସମ୍ମାନ ରହେ, ନା ସେମାନେ

ସମାଜରେ ଏହାର ପ୍ରସାର କରନ୍ତି। ଏହା କେବଳ ବ୍ୟକ୍ତିଗତ ଆଦୃତି ବଳରେ ଆଦର ଲାଭ କରିଥାଏ.।

ଆମ କଳିଙ୍ଗ ଅଦ୍ୟ ସମୟରେ ଭାଗ୍ୟବାନ। ଜଣେ କୃତି ଗନ୍ଧର୍ବ ବେଦ ଛାତ୍ର ନିଜର ଶାସନ ସିଂହାସନ ସହିତ ଏହି ବିଦ୍ୟାର ସର୍ବାଙ୍ଗ ଉନ୍ନତି କଳ୍ପେ ରାଜ୍ୟକୁ ନୂତନ ଦିଗରେ ନେତୃତ୍ୱ ସୃଷ୍ଟି କରୁଛନ୍ତି। ଏହା ଭବିଷ୍ୟତରେ ନିଶ୍ଚୟ ଏହି ଜାତିର ଗୋଟିଏ ଗୁଣ ଭାବରେ ପରିଚିତ ହେବ, ଯାହା ଆଜି ଆମେ କଳିଙ୍ଗବାସୀ ଆଶା ରଖିବା।

ଗନ୍ଧର୍ବ ଶବ୍ଦରୁ ଗନ୍ଧର୍ବ ବିଦ୍ୟା ସଂଗଠିତ। ଗନ୍ଧର୍ବମାନେ ସ୍ୱର୍ଗୀୟ, ଦେବତା ମାନଙ୍କର ସଭାର ଗାୟକ, ନୃତ୍ୟଗୀତର ଆଦର୍ଶ ଅଟନ୍ତି। କଳ୍ପନାରେ ସେମାନେ ସମ୍ପୂର୍ଣ୍ଣ ମାନବିକ ଅବା ଅର୍ଦ୍ଧ ମାନବିକ ଶରୀର ଧାରଣ କରନ୍ତି। କେତେବେଳେ ଅନ୍ୟ ପ୍ରାଣୀର ଶରୀର, ଅଶ୍ୱ ଶରୀର ବା ପକ୍ଷୀ ରୂପ ଧାରଣ କରିପାରନ୍ତି। ଗନ୍ଧର୍ବ ଉଡ଼ିପାରେ, କଳ୍ପନାତୀତ ଭାବରେ ରୂପ ପରିବର୍ତ୍ତନ କରିପାରେ। ଗନ୍ଧର୍ବ ରମଣୀ ହିଁ ଅପସରା, ଅନନ୍ୟ ସୁନ୍ଦରୀ। ସେହି ଗନ୍ଧର୍ବମାନେ ଦେବତା ମାନଙ୍କର ସୂତ୍ରଧର ହୋଇ କାର୍ଯ୍ୟନିର୍ବାହ କରନ୍ତି। ଗନ୍ଧର୍ବ ବି ଦେବତା ଅବା ଇନ୍ଦ୍ରଙ୍କ କଥା ରକ୍ଷା କରିବାକୁ ଯାଇ ଘନ ଜଙ୍ଗଲରେ ତପମଗ୍ନ ଋଷିଙ୍କର ଧ୍ୟାନ ଭଙ୍ଗ କରିବାର ବହୁ ପୌରାଣିକ ଉପାଖ୍ୟାନ ରହିଛି।

କିନ୍ତୁ ଗନ୍ଧର୍ବ ସର୍ବଦା ଉଚ୍ଚକୋଟୀର ସଙ୍ଗୀତ, ନାଟକ ଓ ଅଭିନୟର ନିଦର୍ଶନ। ସେମାନଙ୍କର ସବୁ ରୂପରେ ରହିଛି ଚମତ୍କାର ସଂଗୀତ ପରିବେଷଣ ଶୈଳୀ, ଅକଳ୍ପନୀୟ ନାଚ ଓ ଅଭିନୟ ପ୍ରଦର୍ଶନ କ୍ଷମତା। ହିନ୍ଦୁ ବିବାହ ବନ୍ଧନ ପରି କଠିନ ନିୟମ ନାଚ ଗୀତ ବିଶେଷଜ୍ଞ ଗନ୍ଧର୍ବମାନଙ୍କ କ୍ଷେତ୍ରରେ ସରଳ ହୋଇ ଗାନ୍ଧର୍ବ ମତର ବିବାହ ସମାଜରେ ଆଦୃତ ହେଉଛି। ଏହା ବି ସାଧାରଣ ସମାଜରେ ପ୍ରଯୁଜ୍ୟ ନ ହେଲେ ବି ଶାସ୍ତ୍ର ପୁରାଣରେ ରାଜା କି ରାଜପୁତ୍ର ମାନଙ୍କ କ୍ଷେତ୍ରରେ ବିରଳ ନୁହେଁ। ଅକାଳେ ନିୟମ ନାସ୍ତି ସୂତ୍ରରେ ଜରୁରୀକାଳିନ ବିହାହ ଏହି ଗାନ୍ଧର୍ବ ପ୍ରଥାରେ ସମାହିତ ହୁଏ।

ଗନ୍ଧର୍ବ ବେଦ ସର୍ବ ପୁରାତନ ଋକ୍ ବେଦର ଧାରାରେ ସଂଗଠିତ ଓ ଏହା ସମାହାର, ସମିଶ୍ରଣ ଓ ସମନ୍ୱୟ ତତ୍ତ୍ୱରେ ରଚିତ। ନିଜ ଚେତନାରେ ସୃଷ୍ଟିର ନିୟାମକକୁ ସୂତ୍ର ଧରି ଏହା ଋଷି ମନରେ ନବ ମାନବିକ ଚେତନା ଗଢ଼ି ତୋଳେ। ଅନ୍ୱେଷୀ ମନରେ ସଂହିତାର ମାନସିକ ଶକ୍ତି ଜାଗରଣ କରେ। ଆତ୍ମ ସନ୍ତୋଷ, ଆତ୍ମସମୀକ୍ଷା ଓ ଆତ୍ମପ୍ରାଚୁର୍ଯ୍ୟ ଚେତନାରେ ମନ ଭରିଦିଏ।

ଶରୀର ଓ ବେଦ ନିର୍ଜୀବ ନୁହେଁ। ତା ମଧ୍ୟରେ ଗନ୍ଧର୍ବ ବେଦ ଚଳଚଞ୍ଚଳ ସଂହିତା। ମନ ଓ ଶରୀରକୁ ପୁଲକିତ କରିବାର ବିଦ୍ୟାର କୋଷ। ଏହା ଜୀବନ ପ୍ରକ୍ରିୟାର ସୁଖଦୁଃଖର ସଂଜ୍ଞା ଗଠନ କରେ। ଶରୀର, ହୃଦୟ, ସ୍ନାୟୁ ଓ ସୁଷମ୍ନାକାଣ୍ଡର ସଞ୍ଚାରଶକ୍ତିର ସନ୍ତୁଳନ ରକ୍ଷାକରେ। ଏହା ସାତୋଟି ସ୍ୱରକୁ ସମତାଳ ରଖେ - ସା-ରେ-ଗା-ମା-ପା-ଧା-ନି-ସା। ତା ମଧ୍ୟରୁ ଚାରିଗୋଟି ସ୍ୱର ଯଥା - ରେ-ଗା-ଧା-ନି - ହୃଦୟର ସ୍ୱାୟତ୍ତ ସ୍ନାୟୁ ଓ - ମା - ସ୍ୱର ମସ୍ତିଷ୍କ ସ୍ନାୟୁ ଉପରେ ଗୁରୁ ପ୍ରଭାବ ପକାଇ ପାରେ।

ଗନ୍ଧର୍ବବେଦ ଶରୀର ତତ୍ତ୍ୱରେ ଚେତନାର ସମନ୍ୱୟ ସୃଷ୍ଟିକରି ଋଷିସୁଲଭ ଗୁଣର ଆହ୍ୱାନ କରିଥାଏ। ଶରୀରର ନିତ୍ୟ ପରିବର୍ତ୍ତନଶୀଳ ବିପାଚନ ପ୍ରକ୍ରିୟାକୁ ପ୍ରାକୃତିକ ଶକ୍ତିରେ ମନ୍ତ୍ରମୁଗ୍ଧ କରେ। ଶରୀର ଅଭ୍ୟନ୍ତରର ହୃତ୍‌ସ୍ପନ୍ଦନ, ମସ୍ତିଷ୍କର ଅହୋରାତ୍ର ଲୟ ଓ ତାନ, ଅନ୍ତସ୍ରାବୀ କ୍ଷରଣ, ଜୀବକୋଷ ସ୍ତରରେ ଖାଦ୍ୟ ଓ ବାୟୁର ସମୀକୃତ ବିପାଚନ ଆଦି ଦୈବୀ ପଦ୍ଧତିର ଅଦୃଷ୍ଟରେ ବିନିଯୋଗ କରିଥାଏ। ମନୁଷ୍ୟର ଅଗୋଚରରେ ଏହି ଶାରୀରିକ ପଦ୍ଧତିର ଅନୁଶୀଳନ ପରୋକ୍ଷ ଭାବରେ ଗନ୍ଧର୍ବବେଦର ଉବାଚ।

ଉପରୋକ୍ତ ଶିଳାଲିଖନରୁ ପ୍ରତୀୟମାନ ହୁଏ ଯେ, ଗନ୍ଧର୍ବ ବିଦ୍ୟାଗତ ଚଉଷଠି କଳା ମୌର୍ଯ୍ୟଶାସନ ପୂର୍ବରୁ କଳିଙ୍ଗରେ ପ୍ରଚଳିତ ଥିଲା। କଳିଙ୍ଗବାସୀ ଏକ ସଙ୍ଗେ ନାଚ-ଗାଉଣା-ବାଜଣା ବିଧି ବ୍ୟବହାର କରି ସମାଜ ଓ ଉତ୍ସବ ପାଳନ କରୁଥିଲେ। କଳିଙ୍ଗର ନଗର ତଥା ପ୍ରତିଷ୍ଠିତ ଗ୍ରାମ ଗୁଡ଼ିକରେ ଏମିତି ସାମାଜିକ ଚଳଣି ଲୋକପ୍ରିୟ ଥିଲା। ଧର୍ମ ବା ସାମାଜିକ ଉତ୍ସବ ଗୁଡ଼ିକରେ ଲୋକ ମନଖୁସିରେ ନାଚତାମସା କରି ସମୟ ବିତାଉଥିଲେ। ଏଥିପାଇଁ କୌଣସି ରାଜକୀୟ ପ୍ରତିବନ୍ଧକ ନଥିଲା। ପ୍ରଚଳିତ ଥିବା କଳିଙ୍ଗର ଜୈନ ଧର୍ମ କୌଣସି ମତେ କଳିଙ୍ଗ ସଂସ୍କୃତି ପାଇଁ ପରିପନ୍ଥୀ ନଥିଲା।

କିନ୍ତୁ ଚଣ୍ଡାଶୋକ ଏହି ତୋଷାଳି ଉପକୂଳରେ କଳିଙ୍ଗ ଯୁଦ୍ଧ ସମାପ୍ତ ହେବା ପରେ ବୌଦ୍ଧଧର୍ମ ଗ୍ରହଣ କରିବାର ବର୍ଣ୍ଣନା ରହିଛି। ଏହା ପୂର୍ବରୁ ଦୁଇବର୍ଷ ହେବ ସିଏ ବୌଦ୍ଧଧର୍ମପ୍ରତି ଆକର୍ଷିତ ହେବାର ଅବା ଦୀକ୍ଷିତ ହେବାର ବି ପ୍ରମାଣ ରହିଛି। ଯାହା ହେଉ, ବୌଦ୍ଧଧର୍ମ ଅବଲମ୍ବନ କଲାପରେ ବୁଦ୍ଧଙ୍କ ପ୍ରତି ଓ ବୌଦ୍ଧଧର୍ମ ପ୍ରତି ଅତିମାତ୍ରାରେ ଆଗ୍ରହ ପ୍ରକାଶ କଲେ। ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କ ଧାରଣାରେ ଦେଶରେ ଲୋକମାନେ ସମାଜ ଓ ଉତ୍ସବ କରି ଜୀବହତ୍ୟା କରୁଛନ୍ତି ଏବଂ ଅଯଥା ସମୟ ନଷ୍ଟ କରୁଛନ୍ତି ଓ ବୁଦ୍ଧଙ୍କୁ ମନରେ ସ୍ମରଣ କରିବାର ସମୟ ହ୍ରାସ ହେଉଛି। ଏହାର ରାଜକୀୟ ବିଧାନ ସଦୃଶ ସାରା ମୌର୍ଯ୍ୟ ଶାସନାଧୀନ ଅଞ୍ଚଳରେ ସମାଜ, ଉତ୍ସବ, ବାସନ୍ଦ କଲେ। ଫଳ ସ୍ୱରୂପ କଳିଙ୍ଗରେ ପ୍ରଚଳିତ ତୌର୍ଯ୍ୟତ୍ରିକ ପଦ୍ଧତି ବି ବହୁ ବର୍ଷ ବେଳକୁ ଲୁପ୍ତ ହେବାକୁ ବସିଥିଲା। ଏହା ନିଶ୍ଚୟ ସମଗ୍ର ଭାରତବର୍ଷର ସଂସ୍କୃତି ପ୍ରତି କୁଠାରାଘାତ। କଳିଙ୍ଗ ରାଜ୍ୟ ସମର ପରେ କଅଣ ଚିନ୍ତା କରୁଥିଲା, ଜଣାନାହିଁ, ମାତ୍ର କଳିଙ୍ଗବାସୀ ମନେକରନ୍ତି ମଗଧ ଚଣ୍ଡାଶୋକଙ୍କୁ ଜନ୍ମ ଦେଇଥିଲା, ମାତ୍ର କଳିଙ୍ଗ ଧର୍ମାଶୋକଙ୍କୁ କର୍ମ ଦେଇଛି।

ଅନେକ ଐତିହାସିକ ଅଶୋକବର୍ଦ୍ଧନ ମୌର୍ଯ୍ୟଙ୍କର ଧର୍ମବିକାର ବି ବର୍ଣ୍ଣନା କରନ୍ତି। ସେ ନିଜେ ଜୈନ ଧର୍ମର କ୍ଷତି କରିବାର ବର୍ଣ୍ଣନା ରହିଛି। କଳିଙ୍ଗର ମୃତାହତଙ୍କ ପାଇଁ ଅବା ବନ୍ଦୀ କରି ଥିବା କଳିଙ୍ଗବାସୀ

ମାନଙ୍କ ପାଇଁ କିଛି କରିଥିବାର ପ୍ରମାଣ ଦେଇ ନାହାନ୍ତି। କିନ୍ତୁ ଶାସନର ଶକ୍ତ ନିର୍ଦ୍ଦେଶ ରହିଛି, ପ୍ରମୁଖ ରାଜ୍ୟ ଭାବରେ କଳିଙ୍ଗରେ ମୌର୍ଯ୍ୟଶାସନ ବଳବତ୍ତର ହୋଇଛି। ଅଣ-ବୌଦ୍ଧ ମାନଙ୍କ ପାଇଁ ସମାଜ-ଉତ୍ସବ ବାସନ୍ଦ କରି ଧର୍ମ ଅସହିଷ୍ଣୁତାର ପ୍ରମାଣ ଦେଇଛନ୍ତି। ଅନ୍ତତଃ ତାଙ୍କର ଦୀର୍ଘ ଶାସନ କାଳରେ ସମାଜରେ ଆଦୃତ ଏପରି ଲୋକପ୍ରିୟ ସଂସ୍କୃତି ଥରେ ଲୋପ ପାଇଗଲେ, ଏହାର ପୁନରଦ୍ଧାର ସହଜସାଧ୍ୟ ନୁହେଁ।

ଏମିତି କଳିଙ୍ଗରୁ ଲୋପ ପାଇବାକୁ ବସିଛି ତୌର୍ଯ୍ୟତ୍ରିକ, ଗନ୍ଧର୍ବ ବିଦ୍ୟା ରାଜକୀୟ ପ୍ରୋତ୍ସାହନରେ ହିଁ ପ୍ରସାର ଲାଭ କରିବାର କଳା। ବିରୋଧାଭାସରେ ଏହାର ଅସ୍ତିତ୍ୱ ଲୋପ ପାଇଯିବା ନିଶ୍ଚିତ। ମୌର୍ଯ୍ୟ ଶାସନର କେତେ କାଳ ପରେ ସୁଙ୍ଗ ଶାସନର ସୂର୍ଯ୍ୟୋଦୟ ଘଟଛି। ଏବେ କଳିଙ୍ଗ ଆଖି ପିଛୁଳାକେ ସ୍ୱାଧୀନ ହୋଇଗଲା। ଲୋପ ପାଇ ଯାଉଥିବା ଏହି ଗାନ୍ଧର୍ବ କଳାର ପୁନରୁଦ୍ଧାର କରିବାର ଆବଶ୍ୟକତା ଅନୁଭବ କଲେ ଗନ୍ଧର୍ବବିଦ୍ୟାର ପରମ ବିଦ୍ୟାର୍ଥୀ ଖାରବେଳ।

ଗନ୍ଧର୍ବ ବିଦ୍ୟାର ପ୍ରସାର ଏମିତି ପ୍ରତିରୋଧ ହୋଇଛି, ଚରମ ସୀମାରେ ପହଞ୍ଚିଛି କଳିଙ୍ଗାଧିପତି ଖାରବେଳଙ୍କ ଶାସନ କାଳରେ। ମାତ୍ର କଳିଙ୍ଗର ଅଭ୍ୟନ୍ତର ମୌର୍ଯ୍ୟଶାସନର ବାସନ୍ଦ ପ୍ରକ୍ରିୟାକୁ ଏତେ ସହଜରେ ଗ୍ରହଣ କରି ନେଇ ନି, କେବଳ ମୌର୍ଯ୍ୟ ଶାସନାଧୀନ କଳିଙ୍ଗ ପ୍ରଶାସନର ବାରଣ ଓ ବିନା ପ୍ରୋତ୍ସାହନରେ ସମାଜ ଓ ଉତ୍ସବ ଯେତିକି ଲୁଚାଛପା ତିଷ୍ଠି, ଗନ୍ଧର୍ବ ବିଦ୍ୟାର ଆଦର ସେତିକି ହ୍ରାସ ଘଟିଥିବ ଅଶୋକ-ଖାରବେଳ ସମୟସୀମା ଆଠ ପୁରୁଷ ବା ଦୁଇ ଶତାବ୍ଦୀ ସମୟ ଅନ୍ତରରେ।

ପୁଣି ଖାରବେଳଙ୍କ ତିନି ପୁରୁଷର ପୂର୍ବଜଙ୍କ ଅମଳରୁ କଳିଙ୍ଗ ନିଶ୍ଚିତ ଆଦରି ନେଇଛି ପୂର୍ବ ସଂସ୍କୃତିର ଗନ୍ଧର୍ବବେଦ ଆଧାରିତ ନାଚ ତାମସା, ତୌର୍ଯ୍ୟତ୍ରିକ, ଗନ୍ଧର୍ବ ବେଦର ଚଉଷଠି କଳାର ପ୍ରଶିକ୍ଷଣ ଓ ଧନଧାନ୍ୟରେ ପରିପୂର୍ଣ୍ଣ କଳିଙ୍ଗ ରାଷ୍ଟ୍ରରେ ବାଦ୍ୟ, ଗୀତ, ନାଚ ଓ ମନମୋହକ ସାମାଜିକ ଉତ୍ସବ।

କିନ୍ତୁ ଖାରବେଳଙ୍କ ଶାସନକାଳରେ ପୁନଶ୍ଚ ଏହା ଉତ୍କର୍ଷ ଲାଭ କରିଛି। କାରଣ ନିଜେ ଖାରବେଳ ବାଲ୍ୟକାଳରୁ କଳାପ୍ରେମୀ। ସିଏ ନିଜେ ବାଲ୍ୟକାଳ ଓ ଯୁବରାଜବେଳରୁ ଏ ସବୁ କଳାରେ ପାରଙ୍ଗମ। ବୋଧହୁଏ ଦେଶର ବିଶିଷ୍ଟ ଗାନ୍ଧର୍ବ ବିଦ୍ୟାର ଶିକ୍ଷକମାନେ ତାଙ୍କର କଳାଗୁରୁ ଭାବରେ ପିତା ଚେତରାଜ ନିଯୁକ୍ତ କରିଥିଲେ। ଏମିତି ରାଜ-ପ୍ରୋତ୍ସାହନ ରାଜ୍ୟରେ ଆଲୋଡନ ସୃଷ୍ଟି କରି କଳିଙ୍ଗ ମୁଖରିତ ହେଲା ବାଦ୍ୟର ତାଳେ ତାଳେ ଗୀତ ଓ ଗୀତିନାଟ୍ୟରେ। ଅଭିନୟ ଓ ଚଉଷଠି କଳାର ପୁନରାୟ ଅଭ୍ୟୁଦୟ ଘଟିଲା କଳିଙ୍ଗରେ। କଳିଙ୍ଗକନ୍ୟାମାନଙ୍କର ପାଦର ଘୁଙ୍ଗୁର ଶବ୍ଦ ଏବେ ବି କୁମାରୀଗିରି ଗୁହାରେ ଶବ୍ଦାୟିତ।

ଗନ୍ଧର୍ବ ବେଦର ଚଉଷଠି କଳା ବିଷୟ ସବୁଠାରେ ଉଲ୍ଲିଖିତ। ଖାରବେଳଙ୍କ ଜନ୍ମ ପୂର୍ବରୁ ଗନ୍ଧର୍ବବେଦର ଏହି କଳାଗୁଡିକ କଅଣ ଥିଲା, ସେ ବିଷୟରେ ଖାରବେଳ ବୁଦ୍ଧ ବା ବିଶାରଦ ବୋଲି ଯାହା ହାତୀଗୁମ୍ଫା ଶିଳାଲିଖନରେ ଦର୍ଶାଯାଇଛି, ତାହାର ସମ୍ୟକ ବ୍ୟାଖ୍ୟା ରହିବା ଆବଶ୍ୟକ। ସେହି ସମୟର ସମାଜ, ନାଟକ, ନାଟ୍ୟମଞ୍ଚର ସାଜସଜ୍ଜା, ନାଟ୍ୟକାର ମାନଙ୍କର ସର୍ବଗୁଣ ସମ୍ପନ୍ନତା ବିଷୟରେ ଆଲୋକପାତ ହେବା ଆବଶ୍ୟକ। ଯେଉଁ ଚଉଷଠି କଳାରେ ନିଜେ ଖାରବେଳ ନିପୁଣ ତା ବିଷୟରେ ଆଜି ବିଶେଷ ବର୍ଣ୍ଣନା ଯଥାର୍ଥ ମନେହୁଏ।

ଏହି ଚଉଷଠି କଳା ମୁଖ୍ୟତଃ ଗୀତ, ବାଦ୍ୟ, ନୃତ୍ୟ ଓ ରଙ୍ଗମଞ୍ଚରେ ସାଜସଜ୍ଜା ସହିତ କଳାକାରଙ୍କ ଜ୍ଞାନ ପରିସର ଓ ବ୍ୟବହାରରେ ମାନସିକତା ନିର୍ଭର କରେ। ଗୀତ ଗାଇବା, ବାଜା ବଜାଇବାରେ ପାରଙ୍ଗମ ହେବା, ନାଚ କରିବା ତଥା ଅଭିନୟ ସଂଗଠନ କରିବା, ଦେଖିବା, ଶୁଣିବା ସାଂସ୍କୃତିକ କଳା ହେଲେ ବି ଅଭିନୟରେ ରଙ୍ଗ ପ୍ରସାଧନ ଦେଇ ସଜାଇବା, ମୁଁହ ଓ ଦେହକୁ ବିଭିନ୍ନ ରଙ୍ଗରେ ରଞ୍ଜିତ କରିବା ଅଭିନୟ ମଞ୍ଚର ବିଶିଷ୍ଟ ଦକ୍ଷତା ଲାଭ, ଚାଉଳ ଓ ଫୁଲର ମିଶ୍ରଣ କରି ଅର୍ପଣ ପାଇଁ ପ୍ରସ୍ତୁତ କରିବା, ଶଯ୍ୟାକୁ ସୁନ୍ଦର ଭାବରେ ଫୁଲରେ ସଜାଇବା, ପ୍ରସାଧନ ଦ୍ରବ୍ୟରେ ଦାନ୍ତ, ବସ୍ତ୍ର ଓ ଶରୀରକୁ କମନୀୟ ଭାବରେ ରଞ୍ଜିତ କରିବା, ରଙ୍ଗମଞ୍ଚର ଭୂମିସଜ୍ଜା, ଶଯ୍ୟା ଆବରଣ, ଜଳତଳଙ୍ଗ ବାଦ୍ୟ ଓ ଜଳ କଳସୀ ସ୍ଥାପନ, ରଙ୍ଗ ମିଶ୍ରଣର ଚାତୁରୀ ଅଭିନୟ ମଞ୍ଚର ପ୍ରାଥମିକ ଆବଶ୍ୟକତା। ପୁନଶ୍ଚ ପୁଷ୍ପହାର ପ୍ରସ୍ତୁତି, ମଥାରେ ମୁକୁଟ ସଜ୍ଜା, ନେପଥ୍ୟେ ସାଜସଜା, କାନର କୁଣ୍ଡଳ ବା ଅଳଙ୍କାର ସଜ୍ଜା, ଶରୀରକୁ ସୁବଳିତ କରିବା, ଅଳଙ୍କାରରେ ଭୂଷିତ କରିବା, ହାତର ଅନେକ ଭଙ୍ଗୀ ପ୍ରଦର୍ଶନ ରଙ୍ଗମଞ୍ଚର ପ୍ରତ୍ୟୁତ୍ପନ୍ନମତିତାର ପ୍ରମାଣ ଦିଏ।

ଏତଦ୍‌ବ୍ୟତୀତ ସୁମିଷ୍ଟ ଖାଦ୍ୟ ପ୍ରସାଧନ, ପାନୀୟ ମିଶ୍ରଣ ଓ ଇଷତ ଲାଲ ପାନୀୟର ପ୍ରସ୍ତୁତି ଓ ସେବନ, ଛୁଞ୍ଚି-ସୂତା ସିଲେଇ, ସୂତାର ଖେଳ, ବୀଣା ଓ ଢୋଲ ବାଦନ, କ୍ଲିଷ୍ଟ ଅବୋଧ୍ୟ ଭାଷା କହିବାର ଅଭ୍ୟାସ, ପୁସ୍ତକର ପାଠ ଉଚ୍ଚାରଣ, ଏକାଙ୍କିକା ପରିଚାଳନା ଶକ୍ତି, କାବ୍ୟ ସମସ୍ୟା ଉତ୍‌ଥାପନ ଓ ତାର ସମାଧାନ, ଧନୁଶର ଓ ତୂଣୀର ପ୍ରସ୍ତୁତି, ତକଲିରେ ସୂତା କାଟିବା, ବଢେଇ କାମ, ଯାନ୍ତ୍ରିକ ଜ୍ଞାନ, ରୁପା ଓ ମୂଲ୍ୟବାନ ଧାତୁ ଓ ପଥର ପରୀକ୍ଷା, ଧାତୁ ବିଦ୍ୟା, ମଣିରାଗ ଜ୍ଞାନ ଆଦିର ଅଭିନୟ କ୍ଷେତ୍ରରେ ଓ ମଞ୍ଚ ପରିଚାଳନାରେ ନିଶ୍ଚିତ ଆବଶ୍ୟକତା ରହିଛି।

ପୁଣି ସାମାଜରେ ମାନ୍ୟତା ଦୃଷ୍ଟିରୁ ଔଷଧିୟ ଗୁଣ ଓ ଉଦ୍ଭିଦଜାତ ଔଷଧ ଜ୍ଞାନ, ମନୋରଞ୍ଜନ ସୂଚକ ପକ୍ଷୀ, ଗଞ୍ଜା ବା ବୋଦା ଲଢ଼େଇ ଆଦି ବିଷୟରେ ସଂପୃକ୍ତି, ଶୁଆ-ସାରୀ କଥୋପକଥନରେ ଅଂଶଗ୍ରହଣ, ସୁବାସିତ ପଦାର୍ଥର ଅର୍ଚ୍ଚନା, ମୁଣ୍ଡର କେଶସଜ୍ଜା, ଅଙ୍ଗୁଳି ଠାରରେ ବାର୍ତ୍ତା ଆଭାସ ଓ ସଂକେତ, ଦେଶ ବିଦେଶ ଭାଷାଜ୍ଞାନ, ସ୍ୱର୍ଗୀୟ ଶବ୍ଦର ଅର୍ଥ ନିରୂପଣ, ବର୍ବର ଭାବରେ ଅଭିନୟ, ବାର୍ତ୍ତାଳାପ, ମାନସିକ ପଦ ସଂଯୋଜନା, କୌଣସି ସାହିତ୍ୟ ବା ଚିକିତ୍ସାର ପରିକଳ୍ପନା, ନିଜକୁ

ଗୋଟିଏ ଚୈତ୍ୟର ନିର୍ମାତା ଭାବରେ ଅଭିନୟ, ଅଭିଧାନ ଓ କୋଷ ଛନ୍ଦ ଜ୍ଞାନ, ବସ୍ତ୍ର ଗୋପନ, ଦ୍ୟୁତକ୍ରିଡା ବା ପଶା ଖେଳ, ଚୁମ୍ବକୀୟ ଜ୍ଞାନ ଓ ଖେଳ, ଜୟଲାଭ ବିଦ୍ୟା, ବିଭିନ୍ନ ଅତିମାନବିକ ଚାତୁରୀ ପ୍ରଦର୍ଶନ ବିଷୟ ଏହି ଚଉଷଠି କଳାର ଅଂଶ ବିଶେଷ।

ଖାରବେଳଙ୍କର ସ୍ୱଳ୍ପ ଅବଧିର କଳିଙ୍ଗ ଶାସନରେ ଚଉଦ ବର୍ଷରେ ଛଅ ବର୍ଷରୁ ଊର୍ଦ୍ଧ୍ୱ ରାଜ୍ୟର ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗକୁ ଦିଗ୍‌ବିଜୟ ତାଙ୍କ ଜୀବନକୁ ଏମିତି ବ୍ୟସ୍ତ ରଖିଛି, ସିଏ ତାଙ୍କର ପ୍ରିୟ ଗନ୍ଧର୍ବବେଦର ଚଉଷଠି କଳା ପ୍ରୟୋଗ କରିବାକୁ ଅବକାଶ ବା ମାନସିକତା ପାଇବେ କେଉଁଠୁ ? ସେହି କାରଣରୁ ଗନ୍ଧର୍ବବେଦ, ତୌର୍ଯ୍ୟତ୍ରିକ ଏବଂ ସ୍ୱୟଂ କଳିଙ୍ଗାଧିପତିଙ୍କ ଗନ୍ଧର୍ବବେଦ ବୁଦ୍ଧ ଶବ୍ଦର ଶିଳାଲିଖନ କୁମାରୀଗିରିର ହାତୀଗୁମ୍ଫାରେ ନିଜ ବଡିମା ଖୋଦନ କରିବାର ଅଭିଳାଷ ବ୍ୟକ୍ତ ହୋଇଛି। କଳିଙ୍ଗର ପାଠକମାନେ ଏହି ପ୍ରକାର ବ୍ୟାଖ୍ୟାକୁ ଅତି ସରଳ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରନ୍ତି। କାରଣ ଏହି ହାତୀଗୁମ୍ଫା ମଥାର ଅତି ବିସ୍ତୃତ ଶିଳାଲିଖନ ସମୟ, ଭୂଗୋଳ, ଇତିହାସ, ଶାସନ, ଲୋକମାନଙ୍କର ସାମାଜିକତା, ସଂସ୍କୃତି, ଅଳଙ୍କାର ଆଦିର ବର୍ଣ୍ଣନା ସହିତ ଅନେକ ଅର୍ଥପୂର୍ଣ୍ଣ ଶିଳାଖୋଦିତ ଚିତ୍ର ରାଣୀଗୁମ୍ଫା, ଗଣେଶ ଗୁମ୍ଫା, ମଞ୍ଚପୁରୀ ଗୁମ୍ଫା ଆଦିରେ ରଚିଛନ୍ତି। ଆଜିର ଆଲୋକିତ କଳିଙ୍ଗର ଦୃଶ୍ୟ ଦିନେ ଅମା ଅନ୍ଧକାର ମଧ୍ୟକୁ ଚାଲିଯିବାର ଅବକାଶ ରହିଛି, କାରଣ ଇତିହାସର ବି ଦିନରାତି ରହିଛି।

ପୁନରାୟ ଯେବେ କେହି ସେଇ ଅନ୍ଧକାର ଇତିହାସର ଅବତାରଣା କରିବ, ଅନେକ ତଥ୍ୟ ଆଲୋକକୁ ଆଣିବ, ତାହା ନିଶ୍ଚିତ ଇତିହାସକୁ ସମୃଦ୍ଧ କରିବ, କଳିଙ୍ଗ ରାଜ୍ୟର ମର୍ଯ୍ୟାଦାର ପରିବ୍ୟାପ୍ତି କରିବ ନିଶ୍ଚୟ। କିନ୍ତୁ ଶିଳାଲିଖନରେ କେବଳ ଶାସନଗତ ରଚନା ବ୍ୟତୀତ ଗନ୍ଧର୍ବବିଦ୍ୟାର ବର୍ଣ୍ଣନା ଏହାର ବ୍ୟାପ୍ତିର ଏବଂ ଆଦରର ପ୍ରକୃଷ୍ଟ ଉଦାହରଣ। ଏହାକୁ ପାଠ କରି ଦିନେ ଭବିଷ୍ୟତର ଗବେଷକ ମାନେ ଅନେକ ତଥ୍ୟର ସନ୍ଧାନ ପାଇବେ। ସ୍ଥାନୀୟ ଲୋକ ମାନେ ଅବଗତ ହେବେ ଯେ ବହୁ ପୁରୁଷର ଲୋକକଥା ଓ ବିଶ୍ୱାସ ସହିତ ଖାରବେଳ ଭାଷା, ନାଚ ଗୀତକୁ ବ୍ୟକ୍ତିଗତ ଭାବେ ଅନ୍ତରର ସହିତ ଆଦର କରି ରାଜକାର୍ଯ୍ୟ ସାରି କୁମାରୀଗିରିରେ ମନୋରଞ୍ଜନ ପାଇଁ ଗଜପୃଷ୍ଠରେ ଆସି ଅବତରଣ କରୁଥିଲେ, ପରିଶେଷରେ ରାଜ୍ୟଶାସନ ହସ୍ତାନ୍ତର କରି ଏଠାରେ ସାଧକ ତଥା ତାପସ ଜୀବନ ବିତାଇବାର ସ୍ୱପ୍ନ ଦେଖୁଥିଲେ। ତାଙ୍କ ମନର ନିଭୃତ କୋଣରେ ଗୋଟିଏ ସୁଦୃଶ୍ୟ ନାଟ୍ୟ-ରଙ୍ଗମଞ୍ଚର ପରିମାପ ଓ ନିର୍ମାଣ ଯାହା ଉଙ୍କି ମାରୁଥିଲା, ତାହା ପ୍ରଣିଧାନଯୋଗ୍ୟ। ଗନ୍ଧର୍ବବେଦ ଧାରାରେ ଉନ୍ନତ ଚିରସ୍ଥାୟୀ ପ୍ରସ୍ତର ନିର୍ମିତ ରଙ୍ଗମଞ୍ଚ କଳିଙ୍ଗାଧିପତିଙ୍କ ଉର୍ବର ମସ୍ତିଷ୍କରେ ରୂପ ନେଉଥିଲା।

ଆଜି ଆମେ ଯାହା ହାତୀଗୁମ୍ଫାର ଶିଳାଲିପି ପାଠ କରି ବ୍ୟାଖ୍ୟା କରୁଛେ, ସ୍ୱୟଂ କଳିଙ୍ଗାଧିପତି ଖାରବେଳ ଏଠାରେ ବିଦ୍ୟମାନ, ସେ ନିଜକୁ ବଂଶବର୍ଦ୍ଧନ ବୋଲି ନାମିତ କରିଛନ୍ତି, ନିଜର ଗନ୍ଧର୍ବ ବିଦ୍ୟାର ସାଧନାରେ ବୁଦ୍ଧ ବୋଲି ବର୍ଣ୍ଣନା କରିଛନ୍ତି। ଏହାର ଯଥେଷ୍ଟ କାରଣ ଏବଂ ପ୍ରମାଣ ରହିଛି। ମାହାମହିମଙ୍କର ବାଲ୍ୟକାଳ ଓ ଯୁବରାଜ ବୟସରେ ସିଏ ଶିକ୍ଷାଲାଭ କରିବାର ପୂର୍ଣ୍ଣ ସୁଯୋଗ ପାଇଛନ୍ତି। ଚେତିରାଜ ନିଜର ବିଚକ୍ଷଣ ଓ ଆଗ୍ରହୀ କଳିଙ୍ଗ ରାଜକୁମାରଙ୍କର ଶିକ୍ଷାର୍ଥେ ବହୁ ସମ୍ମାନିତ, ଅଭିଜ୍ଞ ଶିକ୍ଷକ ନିଯୁକ୍ତ କରିଛନ୍ତି। ଉପବେଦର ସବୁ ଅଂଶ (ଅର୍ଥ, ବିଦ୍ୟା, ଧନୁର୍ବିଦ୍ୟା, ଗନ୍ଧର୍ବବିଦ୍ୟା) ଯୁବରାଜଙ୍କ ଜ୍ଞାନକୁ ସମୃଦ୍ଧ କରିଛି। କଳିଙ୍ଗ ଯୁବରାଜ ଖାରବେଳ ନିଜର ଅଭିଜ୍ଞତା ଓ ଉଚ୍ଚାଭିଳାଷ ସ୍ୱ ଇଚ୍ଛା ବଳରେ ସାର୍ଥକ କରି ପାରିଛନ୍ତି। କାରଣ ତାଙ୍କର ସେଇ ନଅ ବର୍ଷର ଯୁବରାଜ ଅବଧି କଟିଛି ପିତାଙ୍କର ଅନୁପସ୍ଥିତିରେ।

ଏଠାରେ ଅନୁମାନସାଧ, ତାଙ୍କର ଅଧ୍ୟବସାୟ ସହିତ ନିଜର ପ୍ରଶାସନକୁ ଲୋକାଭିମୁଖୀ କରିଥିଲେ। ସବୁ ବିଭାଗର କାର୍ଯ୍ୟ ସୁଚିନ୍ତିତ ଭାବରେ ମାନବିକ ଗୁଣ ଓ ପ୍ରାକୃତିକ ନ୍ୟାୟରେ ସମ୍ପାଦନ କରୁଥିଲେ। ନିଜର ରାଜ୍ୟ ଶାସନ ବୃତ୍ତିଠାରୁ ନିଜର ପ୍ରକୃତିଦତ୍ତ ପ୍ରବୃତ୍ତି ବଳି ପଡିଥିଲା। ଏଇଟା ବି ଗୋଟିଏ କାରଣ ହୋଇପାରେ ଏତେ ବଡ କୃତକାର୍ଯ୍ୟ ସମ୍ରାଟ ଦେଶର ଶକ୍ତି ସଙ୍କୋଚନ ସମୟରେ କାହିଁକି ବିଶ୍ୱବିଜୟୀ ନ ହୋଇ କଳିଙ୍ଗନଗରୀ ଓ କୁମାରୀଗିରି ମଧ୍ୟରେ ସୀମିତ ହୋଇ ରହିଲେ। ସମ୍ଭବତଃ ନିଜେ ବଳିଷ୍ଠ ସାମରିକ ବାହିନୀ ଗଠନ କରି ସ୍ୱଳ୍ପ ଅବଧିରେ ଭାରତବର୍ଷ ବିଜୟକରି ଚକ୍ରବର୍ତ୍ତୀ ଆଖ୍ୟା ଅର୍ଜନକରି ପ୍ରବୃତ୍ତିର ଛନ୍ଦକୁ ଫେରି ଆସିଲେ। କୁମାରୀଗିରିର ରଙ୍ଗପୀଠ ତାଙ୍କୁ ଚୁମ୍ବକୀୟ ଶକ୍ତିରେ ଆକର୍ଷିତ କରିଛି। ନିଶ୍ଚିତ କଳିଙ୍ଗାଧିପତି ବାଲ୍ୟକାଳରୁ ଏହି ସ୍ଥଳରେ ନିଜର ଗନ୍ଧର୍ବ ବିଦ୍ୟା ଶିକ୍ଷାର ଅୟମାରମ୍ଭ କରି ଏହାକୁ ରାଷ୍ଟ୍ରର ଏକ ଶକ୍ତ ରଙ୍ଗପୀଠ ଭାବରେ ପ୍ରତିଷ୍ଠିତ କରିବାର ଦୁର୍ବାର ଲାଳସା ରଖିଛନ୍ତି।

ରାଣୀଗୁମ୍ଫାରେ ଖୋଦିତ ଶିଳାରେ ଅନେକ ଦୃଶ୍ୟର ଅବତାରଣା କଳିଙ୍ଗରେ ଗୀତିନାଟ୍ୟ, ସଙ୍ଗୀତ, ବାଦ୍ୟ ବାଦନ ଦର୍ଶକମାନେ ଆଜି ଏହି ଉନ୍ମୋଚନ ଉତ୍ସବରେ ସ୍ୱଚକ୍ଷୁରେ ଦେଖିବାକୁ ନିମନ୍ତ୍ରଣ। ଏଗୁଡିକରେ କେତେକ କଳିଙ୍ଗର ନିଜସ୍ୱ ବାଦ୍ୟ ଦେଖିବାକୁ ମିଳେ। ବୀଣା, ବଂଶୀ, ଘଣ୍ଟ, ମର୍ଦ୍ଦଳ, ଢୋଲ ତଥା ଆଉ ଅନେକ ବାଦ୍ୟଯନ୍ତ୍ରର ବ୍ୟବହାର ଖୋଦିତ।

ପୁଣି ସମାଜରେ ବାଜା ବଜାଇବା, ଗୀତ ଗାଇବା ଏବଂ ନାଚ କରିବା କାମ ମହିଳାମାନେ କରିବାର ଚିତ୍ରଗୁଡିଏ ଗୁମ୍ଫାମାନଙ୍କରେ ଖୋଦିତ କରି କଳିଙ୍ଗାଧିପତି ସାଂସ୍କୃତିକ ଜୀବନରେ ସ୍ୱାଦ ଉପରେ ମନ୍ତବ୍ୟ ରଖିଛନ୍ତି। ଏକସଙ୍ଗେ ନାଚ-ଗାଉଣା-ବାଜଣା ଯାହା ତୌର୍ଯ୍ୟତ୍ରିକ ଭାବରେ ଜଣା, ତାହା ଚତୁର ନାରୀମାନେ ଅଭ୍ୟାସ କରିଥାଆନ୍ତି।

ସମଗ୍ର ଭାରତବର୍ଷରେ ତୃତୀୟ ମୌର୍ଯ୍ୟ ସମ୍ରାଟ ପିୟଦଶୀ ଅଶୋକଙ୍କର ଅପରିଣାମଦର୍ଶୀ ଗନ୍ଧର୍ବବିଦ୍ୟାକୁ ବ୍ୟବହାରବିହୀନ କରିବାର ମନୋବୃତ୍ତି ବଳରେ ସମଗ୍ର ଦେଶରେ କିୟଦାଂଶ ସଫଳ ହୋଇଥାଇ ପାରେ, କିନ୍ତୁ କଳିଙ୍ଗ ନିଜର ସାମର୍ଥ୍ୟ ବଳରେ ପୁନରୁଦ୍ଧାର କରିବାକୁ ଯାଉଛି।

ଗୋଟିଏ କାରଣରୁ ଏହା ସମ୍ଭବ ହୋଇପାରିଛି । ସ୍ୱୟଂ କଳିଙ୍ଗାଧିପତି ବାଲ୍ୟକାଳରୁ ଗନ୍ଧର୍ବବେଦରେ ଶିକ୍ଷା ଲାଭ କରି ନିଜ ରାଜ୍ୟରେ ଅନେକ ନୃତ୍ୟ ସଂଗୀତର ବିଦ୍ୟାଳୟ କାର୍ଯ୍ୟକ୍ରମ ଯୁବରାଜ ବୟସରୁ ମଧ୍ୟ ପ୍ରତିଷ୍ଠା କରିଛନ୍ତି । ଅସଂଖ୍ୟ କଳିଙ୍ଗକନ୍ୟା ନୃତ୍ୟ-ଗୀତ-ବାଦ୍ୟରେ ପ୍ରଶିକ୍ଷିତା ହୋଇ ରାଜ୍ୟରେ ଗନ୍ଧର୍ବବିଦ୍ୟାର ଏମିତ ପ୍ରସାର ଘଟାଇଛନ୍ତି, ଖାରବେଳ ସେମାନଙ୍କର ଏକ ଉଚ୍ଚସ୍ତରର ଶିକ୍ଷାନୁଷ୍ଠାନ ପବିତ୍ର କୁମାରୀଗିରି ନବନିର୍ମିତ ରଙ୍ଗମଞ୍ଚ ସଲଗ୍ନ ରାଣୀ ଲେନମ୍ ବା ରାଣୀଗୁମ୍ଫାରେ ସ୍ଥାପନ କରିବାର ପରିକଳ୍ପନା କରିଛନ୍ତି ।

୦୦୦

## ଅଦ୍ୟ ପଠିତ ହାତୀଗୁମ୍ଫା ମଥାର ଶିଳାଲିଖନ

ନଗର ଅଖଣ୍ଡାଂଶ ଭୂତି ହାତୀଗୁମ୍ଫା ଶିଳାଲିଖନର ଶେଷ ଧାଡି ପର୍ଯ୍ୟନ୍ତ ବ୍ୟାଖ୍ୟା କରିସାରିଲେଣି, ବାକି ରହିଛି ଶେଷ ଧାଡ଼ିଟି । ତା ପୂର୍ବରୁ ସେ ମନବଳାଇଲେ କହିବାକୁ ଏହି ଶିଳାଲିଖନ ସମ୍ରାଟ ଖାରବେଳ କେଉଁ ମାନସିକତାରେ ଲେଖାଇଛନ୍ତି । ତାହା ତ ଗୋଟିଏ ବିରାଟ କାହାଣୀ । ଶିଳାଲିଖନ ସମାପ୍ତ ହେବା ଦିନକୁ କୁମାରୀଗିରି ଓ କୁମାରଗିରିର ସମସ୍ତ ଶିଳାଶିଳ୍ପ କାରୁକାର୍ଯ୍ୟ ଆପାତତଃ ସମାପ୍ତ ହୋଇ ଯାଇଛି । ତେଣୁ ସମ୍ରାଟ ରାଣୀଗୁମ୍ଫା ସାମନାରେ ଶିଳାଶିଳ୍ପୀ ମାନଙ୍କୁ ଅଳ୍ପଦିନ ତଳେ ଉଦ୍‌ବୋଧନ ଦେଇଛନ୍ତି ।

ଏହି ସଭାମଞ୍ଚରେ ଉପସ୍ଥିତ ସ୍ୱୟଂ ମହାମହିମ କଳିଙ୍ଗାଧିପତି ମହାମେଘବାହନ ଖାରବେଳ, ପାଣ୍ଡ୍ୟନୃପତି ମହାମହିମ ପାଣ୍ଡିୟାନ, ମଧ୍ୟଦେଶର ନାଗରାଜ, ଭାରତବର୍ଷର ସବୁ ରାଜ୍ୟରୁ ନିମନ୍ତ୍ରିତ ରାଜନ୍ୟବର୍ଗ ଏବଂ ରାଜପ୍ରତିନିଧିଗଣ, ଆପଣମାନଙ୍କୁ ଶିଳାଲିଖନ ଲେଖାର ବହିର୍ଭୂତ ଶିଳାଲିଖନର ଚିନ୍ତାଧାରା କିପରି ଆମର ବିଜ୍ଞ ସମ୍ରାଟଙ୍କ ମାନସପଟ୍ଟରେ ବିବର୍ତ୍ତିତ ହୋଇଛି, ସେହି ବିରାଟ କାହାଣୀ ବଖାଣିବାକୁ ଏହି ସମାରୋହର ମଞ୍ଚାସୀନ ସମ୍ମାନନୀୟ ଅତିଥିବୃନ୍ଦ ଏବଂ ବିଦ୍ୱାନ ସଭାର ଦର୍ଶକମଣ୍ଡଳୀର ଆଜ୍ଞା ପ୍ରାର୍ଥନା କରୁଛି ।

କଳିଙ୍ଗନଗରୀ ରାଜପ୍ରାସାଦର ଶିକ୍ଷାର୍ଥୀ ରାଜପୁତ୍ର ଖାରବେଳ ବହୁଥର କୁମାରୀ ପର୍ବତ ଭ୍ରମଣରେ ପରିବାର ସହିତ ଆସିଛନ୍ତି । ଏଇଠି ସମସ୍ତେ ଜୈନମୁନିମାନଙ୍କୁ ପ୍ରଣିପାତ କରନ୍ତି, ବାର୍ଷିକ ରାଜକୀୟ ଅନୁଦାନ ଦେବାର ସଂକଳ୍ପ କରନ୍ତି ଏବଂ ସେମାନଙ୍କର ବର୍ଷାକାଳୀନ ଚତୁର୍ମାସ୍ୟା ରହଣିକାଳରେ ଅନ୍ନବସ୍ତ୍ର ଦାନ କରି ଆଶୀର୍ବାଦ ଭିକ୍ଷା କରନ୍ତି । ପଥର ଖୋଦିତ ଘରପରି ବାସସ୍ଥଳୀ ଗୁମ୍ଫାଗୁଡିକ ତାଙ୍କୁ ବେଶ୍ ପସନ୍ଦ ଲାଗେ । ଯୁବକ ଖାରବେଳ ଚିନ୍ତାକରନ୍ତି, ଏଇଠି ଆମର ପୂଜ୍ୟ ଅର୍ହତମାନେ ରହୁଛନ୍ତି ବୋଲି ସେମାନେ ଏତେ ପବିତ୍ର ଏବଂ ମାନବସେବାରେ ନିଜକୁ ଉତ୍ସର୍ଗ କରିପାରୁଛନ୍ତି । ସେମାନେ ସ୍ୱର୍ଗୀୟ ମହାମାନବିକ ମାନସିକତାରେ ଅନୁପ୍ରାଣିତ । ସେମାନେ ପ୍ରକୃତିପ୍ରେମୀ । କୁମାରୀଗିରିର ହାତୀଗୁମ୍ଫା ବ୍ୟତୀତ ମାତ୍ର ସାତଗୋଟି ଗୁମ୍ଫା - ମଞ୍ଚପୁରୀ, ପାତାଳପୁରୀ, ଜୟାବିଜୟା, ଅଳକାପୁରୀ ପରି ପୂର୍ବ ଧାଡିର ସବୁ ଗୁମ୍ଫା ।

ମନ ପୂରି ଉଠେ ଯୁବକ ଖାରବେଳଙ୍କର । ଅର୍ହତମାନଙ୍କ ପାଖରେ ଦେଖନ୍ତି ଦୈବୀଶକ୍ତି ଏବଂ ସେମାନଙ୍କର ନିଃସ୍ୱାର୍ଥପର ସେବା ମନୋଭାବ । ଅନେକଥର ନିଜର ଶିକ୍ଷାଦାତା ଗୁରୁମାନଙ୍କୁ କହନ୍ତି, ମହାଶୟ, ମୋତେ ପାହାଡ ଓ ଗୁମ୍ଫା ଦେଖିଲେ ଅପାର ଆନନ୍ଦ ମିଳେ । ବହୁଥର ଶିଶୁପାଳଗଡ କଳିଙ୍ଗନଗରୀରୁ ଦୁଇ ଯୋଜନ ପଶ୍ଚିମକୁ ଗଲେ କୁମାରୀଗିରି କୁମାରଗିରି । ମାତ୍ର ଆମ ଆଖି ଆଗରେ ସୌରଭଗିରି ବା ଧଉଳିଗିରି । ମୋତେ ଥରେ ସେଇ ପାହାଡ ଦେଖାନ୍ତୁ, ମୁଁ ଦେଖିନାହିଁ ।

କୌଣସି କାରଣରୁ ଗୁରୁମାନେ ବାଳୁତ ଖାରବେଳଙ୍କୁ ସେଠାକୁ ନିଅନ୍ତି ନାହିଁ, ଭଗବାନଙ୍କୁ ଜଣା । କିନ୍ତୁ ଯେବେ ତାଙ୍କୁ ଅଠର ବର୍ଷ ପୂରିଲା, ସେ ଗୁରୁଙ୍କ ସହିତ ଧଉଳିଗିରି ଦର୍ଶନାର୍ଥେ ବାହାରିଗଲେ ।

ସେ ସେହି ପାହାଡ ପୂର୍ବର ବିସ୍ତୀର୍ଣ୍ଣ କ୍ଷେତ୍ରରେ ଘୋଡା ଉପରେ ବସି ଯାଉଥିବାବେଳେ କିଛି ଗୋଟାଏ ଭୟଙ୍କର କୋଳାହଳ ଭୂମିରୁ ସ୍ପନ୍ଦିତ ହେବାର ଅନୁଭବ କଲେ । ଘୋଡା ରଖି ଶୁଣିବାକୁ ଲାଗିଲେ । ଅନେକ କଳିଙ୍ଗ ଯୋଦ୍ଧାଙ୍କର ଦୃଢ ପ୍ରତିଜ୍ଞା ଆଉ ଯୁଦ୍ଧର ରଥ ଚକର ଘର୍ଘର ନାଦ ଶୁଣି ନିଜ ଗୁରୁଦେବଙ୍କୁ ଜିଜ୍ଞାସା କଲେ ସେଇ ସ୍ଥାନଟିର ଭୂମିକା ।

ଗୁରୁଦେବ କହିଲେ, ଏଇଟା କଳିଙ୍ଗ ଯୁଦ୍ଧର ଐତିହ୍ୟ ବହନ କରେ । ଯୁବରାଜ ବାଳୁତ ବୟସରେ ସେପରି ଲୋମହର୍ଷଣକାରୀ ଯୁଦ୍ଧ ବିଷୟରେ ଅବଗତ ନ ହୁଅନ୍ତୁ, ଏହା ମହାମହିମ ପତାମହ ଚାହୁଁଥିଲେ । ଅଠରବର୍ଷ ବୟସ ନ ହେବା ପର୍ଯ୍ୟନ୍ତ କେହି ତାଙ୍କୁ ଏ ବିଷୟରେ ସୂଚନା ନ ଦେବାକୁ ନିର୍ଦ୍ଦେଶ ରହିଛି । ଆଜି ଆପଣ ସେ ବୟସସୀମା ଟପିଗଲେଣି, ଏବେ ଶୁଣନ୍ତୁ ।

ଏହି ଭୂମି ହେଉଛି କଳିଙ୍ଗ ଯୁଦ୍ଧର ଯୁଦ୍ଧଭୂମି । ଲକ୍ଷ ଲକ୍ଷ ଯୋଦ୍ଧାଙ୍କର ରକ୍ତରେ ଦିନେ ଏହା ରଞ୍ଜିତ ହୋଇଥିଲା । ଅନେକ କଳିଙ୍ଗ ଦେଶଭକ୍ତଙ୍କର ଅତ୍ୟାଚାରୀ ସମ୍ପ୍ରସାରଣବାଦୀ ମଗଧ ନରେଶ ଚଣ୍ଡାଶୋକ ବିରୁଦ୍ଧରେ ଉର୍ଜ୍ଜିତ ରଣହୁଙ୍କାରର ନାଦ ଏହି କଳିଙ୍ଗ ଯୁଦ୍ଧଭୂମି ଚିରକାଳପାଇଁ ମନେ ରଖିଛି । କୌଣସି ଦେଶପ୍ରେମୀ କଳିଙ୍ଗ ବଂଶଧର ଏହି ବାଟ ଦେଇ ଗଲେ, ଅନୁଭବ କରିବେ, ଅନୁପ୍ରାଣିତ ହେବେ ।

ସମୁଦାୟ କଳିଙ୍ଗଯୁଦ୍ଧର କାହାଣୀ ବର୍ଣ୍ଣନା କଲେ ଗୁରୁଦେବ । ଯୁବରାଜ ଖାରବେଳ ଏହା ସହି ପାରିଲେ ନି । ସେ ନିରପେକ୍ଷ, ନିଷ୍କପଟ, ସତ୍ୟନିଷ୍ଠ ହୋଇଥିବାରୁ ନିଜ ପିତାମହଙ୍କର ସମର ପ୍ରସ୍ତୁତିର କାରଣ ବୁଝିଲେ । ମଗଧ କଳିଙ୍ଗର ଚିରଶତ୍ରୁ ।

କେତେକ ସଂଘ ଧଉଳି କୂଳଦେଶରେ ଦେଖିବାକୁ ପାଇଲେ ଏବଂ ସେଠାରେ ଅନେକ ବୌଦ୍ଧଶ୍ରମଣ ସଂଘବାସୀ ଥିବାର ଜାଣିଲେ। ଗୁରୁଦେବ ତାଙ୍କୁ ପାହାଡ କୂଳର ଧଳାହାତୀ ଏବଂ ପଥରଖଣ୍ଡରେ ରଚିତ କିଛି ଶିଳାଲେଖ ଦେଖାଇଲେ। କହିଲେ, ଏହି ହାତିଟି ବିଦେଶୀ ଗାନ୍ଧାର ରାଜ୍ୟର କାରିଗର ନିର୍ମାଣ କରିଛନ୍ତି। କଳିଙ୍ଗଯୁଦ୍ଧ ପରେ ଚଣ୍ଡାଶୋକ ଏଇ ଭୂମିରେ ନିଜର ଚଣ୍ଡତ୍ୱର ଅହଂକାର ପରିତ୍ୟାଗ କରି ଅଧର୍ମର କ୍ଷମା ପାଇଁ ବୌଦ୍ଧଧର୍ମର ଆଶ୍ରାନେଲେ। ଏହା ତୃତୀୟ ମୌର୍ଯ୍ୟସମ୍ରାଟଙ୍କର ବୁଦ୍ଧିମତ୍ତା ନୁହେଁ ବରଂ ଏହା ଏହି କଳିଙ୍ଗଭୂମିର କୃତିତ୍ୱ।

ଏହି ଜାତି ଦୁନିଆକୁ ବୀରତ୍ୱର ଶ୍ରେଷ୍ଠ ଉଦାହରଣ ଦେଇଛି, ମାତ୍ର ସମଗ୍ର କଳିଙ୍ଗ ଯୋଦ୍ଧାମାନଙ୍କର ନଦୀପ୍ରମାଣ ରକ୍ତଧାରା ପିୟଦଶୀ ଅଶୋକବର୍ଦ୍ଧନର ପାଷାଣ ହୃଦୟକୁ ଏମିତି ଧିକ୍କାର କରିଛି, ତାହା ପାଣି ଫାଟିଗଲା। ଜୀବନଟା ବିମର୍ଷ ହୋଇଗଲା। ଯୁଦ୍ଧପରର ଅଣତିରିଶ ବର୍ଷ ଅଧର୍ମରୁ ତ୍ରାହି ପାଇବାକୁ ଧର୍ମ, ଧର୍ମ ହୋଇ ଜୀବନ ବିତିଲା।

ରାଜପୁତ୍ର ଖାରବେଳ ସନ୍ତପ୍ତ ହୋଇବସି ପଡ଼ିଲେ। ତାଙ୍କୁ କେଜାଣି କାହିଁକି ଅଢେଇଶହ ବର୍ଷ ତଳର ସେହି କୁଖ୍ୟାତ କଳିଙ୍ଗ ସମରର ଜଣେ କଳିଙ୍ଗ ସୈନିକ ପରି ବୋଧହେଲା। କିଛି ସମୟ ଆଖିବୁଜି କିଛି ଚିନ୍ତାକଲେ, ତାପରେ ଦକ୍ଷିଣକୁ ଚାଲିଲେ ଗୁରୁଙ୍କ ସହିତ ବାକ୍‌ହୀନ ଧଉଳି ପାହାଡ଼ ଆଡ଼କୁ।

ଅନେକ ପ୍ରଶ୍ନ ପଚାରିଲେ ଗୁରୁଦେବଙ୍କୁ। ଉତ୍ତର ବି ପାଇଗଲେ। କିନ୍ତୁ ନିଜର ଶିକ୍ଷାବଳରେ ବେଦ ମହାଭାରତରୁ ଆରମ୍ଭ କରି ଇତିହାସ ଜାଣନ୍ତି, କଳିଙ୍ଗ ପାଇଁ ମର୍ମନ୍ତୁଦ ହୋଇଥିବା ଏହି ଶତକର କୌଣସି ବିବରଣୀ ସେ ଶୁଣିନାହାନ୍ତି। ଏଇଟା ନିଶ୍ଚୟ ତାଙ୍କ ପିତାମହଙ୍କ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ହୋଇଥିବ।

ଗୁରୁଦେବଙ୍କୁ ଭରସି ପଚାରିଲେ, "ଏବେ ମୋର ଅଠରବର୍ଷ ପୂର୍ତ୍ତି ହେଲା ଏବଂ ମୋର ଜନ୍ମଦିନ ଗଲା। କଳିଙ୍ଗନଗରୀ ସନ୍ନିକଟ ପାହାଡଟି ବିଷୟରେ କିଛି ବି ମୁଁ ଜାଣିପାରିନି, ଏଇଟା କିପରି ହେଲା ? ସାରା ଭାରତ ଦେଖିଲି, ଜାଣିଲି କିନ୍ତୁ ପାଖ ପାହାଡ ବିଷୟରେ ନିରବ ? ଏଥିରେ କିଛି ଗୁପ୍ତ ରହସ୍ୟ ରହିଛି କି ଗୁରୁଦେବ ?"

ଗୁରୁଦେବ କହିଲେ, "ଯାହା କିଛି ବାରଣ ଥିଲା, ଏବେ ଯୁବରାଜଙ୍କର ଅଠରବର୍ଷ ବୟସ ପ୍ରାପ୍ତ ହେବାରେ ତାହା ଆଉ ରହିବନାହିଁ। ଏଇ ସତର୍କବାଣୀ ପିତାମହ ମହାମେଘବାହନ ଗୁରୁକୁଳକୁ ଶୁଣାଇଥିଲେ। ବାଳୁତମନ, ଭୟ, ପ୍ରତିଶୋଧପରାୟଣ ଅବା ମାନସିକ ଅଶାନ୍ତି ନହେବାପାଇଁ ତାଙ୍କର ଏଇଟା ହିତୋପଦେଶ ଥିଲା। ତଥାପି ଯାହା ଯୁବରାଜଙ୍କର ଜାଣିବା କଥା ମୁଁ କହିଦେଉଛି ? ଆମେ ଏହି ନଦୀପଠାରୁ ପାହାଡ ପାଦଦେଶରେ ପହଞ୍ଚିବା ଭିତରେ କଥା ହିଁ ସରିଯିବ।"

ଯୁବରାଜ ମନଧ୍ୟାନ ଦେଇ ଶୁଣିଲେ।

କହିବାକୁ ଲେଗିଲେ ଗୁରୁଦେବ, "ମଗଧ କାଳେ କାଳେ କଳିଙ୍ଗର ଶତ୍ରୁ। କଳିଙ୍ଗ କେବଳ ମହୋଦଧି ତଟ ସୀମାରେ ସୀମିତ ନୁହେଁ, ଏହାର ସଂଲଗ୍ନ ପଶ୍ଚିମ ପାର୍ବତ୍ୟାଞ୍ଚଳ  ଯାହା ଆମେ ଏବେ ଅଠର ବିଦ୍ୟାଧର ରାଜ୍ୟ ବୋଲୁଛୁ, ତାହା ଦୁଇଶହ ବର୍ଷ ଆଗର ଆଟାଭି ଓ ମହାକାନ୍ତାର ବୋଲି ଆମ ସାମନ୍ତରାଜ୍ୟ ଥିଲା। ଏମିତିକି ମହାକାନ୍ତାର ରାଜ୍ୟ ଏତେ ଆଗୁଆ ଥିଲା, କଳିଙ୍ଗ ରାଜଧାନୀ ଦକ୍ଷିଣରୁ ବଦଳାଇ ବଦଳାଇ କଳିଙ୍ଗନଗରୀକୁ ଆସିବା ବେଳକୁ ମହାକାନ୍ତାର ବହୁତ ଧନୀ ଏବଂ ମାନବସମ୍ବଳରେ ଭରପୂର ଥିଲା। ହୀରା, ମୂଲ୍ୟବାନ ପଥର ସେହି ଅଞ୍ଚଳର ଆକର୍ଷଣ। ସେମାନେ କଳିଙ୍ଗ ମାର୍ଫତ ସୁବର୍ଣ୍ଣଦ୍ୱୀପ ସହିତ କାରବାର କରୁଥିଲେ। ମଗଧକୁ ଏହା ଅସହ୍ୟ ହେଉଥିଲା। ଅଟାଭିକୁ ନିଜର ବୋଲି ଦାବିକରି ଯୁଦ୍ଧ ଘୋଷଣା କରି ମଗଧ ସେନା କଳିଙ୍ଗ ସାମରିକ ଶକ୍ତି ସାମନାରେ  ତୁଚ୍ଛ ହୋଇଗଲା। କିନ୍ତୁ ନିଜର ଉଜ୍ଜୟିନୀ ସମରବାହିନୀ ଆଉ ଉଧାର ଆଣିଥିବା ନରପିପାସୁ ଯବନସେନା କର୍ତ୍ତୃକ ସାମନାସାମନି ଯୁଦ୍ଧ ପରିବର୍ତ୍ତେ ଗଣହତ୍ୟା କରି ଅନୈତିକ ଯୁଦ୍ଧରେ ବିଜୟ ହାସଲ କରିବାର ଅଭିନୟ କରିଥିଲା, କିନ୍ତୁ ମଗଧରାଜ ପିୟଦଶୀ ଅଶୋକ କଳିଙ୍ଗର ଧର୍ମଦ୍ୱାରରେ ଚରିତ୍ର ପରିବର୍ତ୍ତନ କରିବାକୁ ବାଧ ହୋଇଥିଲେ। ଏଇ ଜାତି ଶେଷ ଠୋପା ରକ୍ତଥିବା ପର୍ଯ୍ୟନ୍ତ ସମର କରିଥିଲା। ଅଶୋକ ବୌଦ୍ଧଧର୍ମ ଗ୍ରହଣ କରି ନିଜ ଅଧର୍ମର ପ୍ରାୟଶ୍ଚିତ କଲେ ବି ଯୁଦ୍ଧପରେ ପାଗଳ ହେବା ପରି ଭାରତବର୍ଷର ପ୍ରତିଟି ପାହାଡ, ତୀର୍ଥସ୍ଥାନ ଆଦିରେ ଧର୍ମକର, ଧର୍ମକର ବୋଲି ଧର୍ମବାଣୀ ଶିଳାଲିଖନ କରି ନିଜର ପାପର ପ୍ରାୟଶ୍ଚିତ କରିବାର ଦୃଷ୍ଟାନ୍ତ ଦେଇଗଲେ।

ସେହି ବିମର୍ଷ ଅଶୋକ ନିଜର ପାପ କଳିଙ୍ଗରେ ସ୍ୱୀକାର ନକରି, ଅନ୍ୟ କେତେକ ଶିଳାଲିପିରେ କଳିଙ୍ଗ ଲୋକଲୋଚନ ବାହାରେ ରଖିଯାଇଛନ୍ତି। ମାତ୍ର କଳିଙ୍ଗରେ ଗୋଟିଏ ଧଳାହାତୀ ପାହାଡ ପ୍ରସ୍ତରରେ ଅଧାନିର୍ମିତ ହୋଇ ରହିଛି ଏବଂ ତା ପାଖକୁ ଅନେକ କିଛି କଥିତ ପାଲିଭାଷାଭାବ ବ୍ରାହ୍ମୀଲିପିରେ ଲିଖିତ।"

ଗୁରୁଦେବ ସବୁ ଲେଖା ଗୋଟି ଗୋଟି କରି ରାଜପୁତ୍ରଙ୍କୁ ଶୁଣାଇଲେ।

କଳିଙ୍ଗରେ ମହାପ୍ରଳୟ ସୃଷ୍ଟିକାରୀ ଅଶୋକବର୍ଦ୍ଧନ କୁଆଡ଼େ କଳିଙ୍ଗବାସୀଙ୍କୁ ପୁତ୍ରବତ୍ ଦେଖନ୍ତି ଏବଂ ଦଣ୍ଡନୀତିପୂର୍ଣ୍ଣ ମୌର୍ଯ୍ୟ ପ୍ରଶାସନିକ ମାନଙ୍କୁ କଳିଙ୍ଗରେ କୋହଳ ହେବାକୁ ଉପଦେଶ ପୁତ୍ରହନ୍ତା ମଗଧରାଜ ବୟାନ ଦେଇଛନ୍ତି ଏହି ସ୍ୱତନ୍ତ୍ର କଳିଙ୍ଗ ଶିଳାଲିଖନରେ ।

ଯୁବରାଜ ଖାରବେଳ ବିସ୍ମିତ ହେଲେ, ଅଶୋକଙ୍କ ରଚନାରେ ନୁହେଁ, ବରଂ ଅମର ହେବାକୁ ହେଲେ, ଶିଳାଲିପି ମାଧ୍ୟମରେ ନିଜର ବକ୍ତବ୍ୟ ଲେଖି ହେବ। ଏଇଟା ତାଙ୍କୁ ବେଶ୍ ଆକର୍ଷିତ କରିଛି। କିନ୍ତୁ ସେ ଏହି ଶିଳାଶିଳ୍ପ ଲିପିକାର କିଏ, କୋଉଠି ଥାଆନ୍ତି, ତାଙ୍କ ଯୁବରାଜ ଜ୍ଞାନର ପରିସର ବହିର୍ଭୂତ ଥିଲା।

ଖାରବେଳ ସିଂହାସନଲାଭର ତୃତୀୟ ବର୍ଷ ସାଂସ୍କୃତିକ ବର୍ଷଭାବରେ ଯେଉଁ ଦର୍ପ-ନୃତ୍ୟ-ଗୀତର ଲହର ସୃଷ୍ଟି କରିଛନ୍ତି, ଏହାର ଅଂଶ ଭାବରେ ହାତୀଗୁମ୍ଫା ସାମନାରେ ହାତୀ, ବାଘ, ଭାଲୁ, ସାପ, ବେଙ୍ଗ ଗୁମ୍ଫା ବୋଲି ପରିକଳ୍ପନା କରି ଏହ ହାସ୍ୟରସାତ୍ମକ  ରୋଚକ ନାଟକ ପରିବେଷଣ

କରିଛନ୍ତି ଏବଂ ଲକ୍ଷ୍ୟ କରିଛନ୍ତି, ଅନତିଦୂରରେ ଧଉଳିଗିରି ଦେଖାଯାଉଛି।

ସୂକ୍ଷ୍ମଦୃଷ୍ଟିରେ ତାଙ୍କୁ ସେଠିକାର ଶିଳାଲିପି ଦେଖାଯାଉଛି। ସେଇ ଲେଖାର ଅର୍ଥ କାହିଁକି କେଜାଣି ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲା।

ସମ୍ରାଟ କହିଲେ, ଆମ ହାତୀଗୁମ୍ଫା ମଥାରେ ସୁନ୍ଦର ପଟା ପରି ସ୍ଥାନଟିଏ ବାରି ହୋଇପଡୁଛି। ସେଇ ସ୍ଥାନଟି ବି କେମିତି କେଜାଣି ଠିକ୍ ସାମନାର ସୌରଭଗିରି ଆଡକୁ ଆଉ ମୌର୍ଯ୍ୟ ଅନୁଶାସନ ଆଡକୁ ମୁହଁ କରିଛି। ଲୋକ କଥିତ କଳିଙ୍ଗର ସ୍ୱତନ୍ତ୍ର ପାଲିଭାଷାକୁ ପାଥେୟ କରି ବ୍ରାହ୍ମୀ ଅକ୍ଷରରେ ଲେଖିଲେ ତାହା ଖୁବ୍ ଲୋକାଦୃତ ହେବ। ବହୁ ଶିକ୍ଷିତ ଲୋକ ଆଦରର ସହ ପଢିପାରିବେ। ମଗଧରାଜ ନିଜ ମୂଲ୍ୟବୋଧରେ ଲେଖିବେ, ଆମେ କଳିଙ୍ଗବାସୀ ଆମର ନିଜ କଥା ଚରନା କରିବା।

ଏଇ ପରିକଳ୍ପନା ରହିଛି ଖାରବେଳଙ୍କ ମନରେ। କିପରି ଶିଳାଲେଖକ ପାଇବେ ଆଉ ଆଦର୍ଶଭାବରେ କଅଣ ରଚନା କରାଯିବ ?

ସମ୍ରାଟ ଖାରବେଳ ଯେବେ ଦ୍ୱାଦଶ ବର୍ଷରେ ଉତ୍ତରପଥ ଅଭିଯାନରେ ଯାଇଥିଲେ, ସେ ଶିଳାଶିଳ୍ପର ଗବେଷଣା କ୍ଷେତ୍ର ତକ୍ଷଶିଳା ଏବଂ ତତ୍‌ସଂଲଗ୍ନ ବିଶ୍ୱବିଦ୍ୟାଳୟରେ ଏହି ବିଷୟରେ ବେଶ୍ ସୁଯୋଗ ପାଇଲେ ଶିଳାଶିଳ୍ପ ବିଷୟରେ ଅବଗତ ହେବାପାଇଁ। ସମସାମୟିକ ଶିଳାଶିଳ୍ପୀମାନେ ବିଭିନ୍ନ ରାଜକୀୟ ପ୍ରୋତ୍ସାହନରେ କାମ କରୁଥିଲେ ଏବଂ କଳିଙ୍ଗରେ ଯଦିଚ ଶିଳାଖନନ ଏବଂ ଗୁମ୍ଫାନିର୍ମାଣ କାର୍ଯ୍ୟ ସମ୍ଭବ ଥିଲା, ଶିଳାଶିଳ୍ପ ଏବଂ ଶିଳାଲିଖନ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ସମ୍ପାଦନ କରିବାର ପ୍ରଶିକ୍ଷଣର ଆବଶ୍ୟକତା ପୂରଣ କରିଥିଲେ।

ଶିଳାଲିଖନ ପାଇଁ ସମ୍ରାଟ ଖାରବେଳଙ୍କର ଅସୀମ ଆଗ୍ରହ ଥିଲା। କଳିଙ୍ଗ ଯେ ଭାରତର ଶ୍ରେଷ୍ଠ ରାଜ୍ୟ, ଏହା ସେ ଅନୁଭବ କରିପାରୁଥିଲେ। ବିଶେଷ କୃତିତ୍ୱ ହେଉଛି ମଗଧ ବିଜୟ ଏବଂ କଳିଙ୍ଗଜୀନ୍ ମଗଧରୁ ଉଦ୍ଧାର କରି ପୁନରାୟ କଳିଙ୍ଗ ବକ୍ଷରେ ପ୍ରତିଷ୍ଠା। କେବଳ ମଗଧ ନୁହେଁ ଚତୁର୍ଦ୍ଦଶ ବର୍ଷ ଶାସନରେ ଅଗଣିତ ରାଜ୍ୟଜୟ କରି ସାରା ଭାରତବର୍ଷରେ ଆଧିପତ୍ୟ ବିସ୍ତାର କରିଥିଲେ। ଏ ସବୁ ବିଷୟ ସହିତ କଳିଙ୍ଗବାସୀଙ୍କର ସାମାଜିକ ଜୀବନ, ଅଧୁନା ରାଜ-ପ୍ରୋତ୍ସାହନରେ ଦିଗନ୍ତ ସୃଷ୍ଟି କରିଥିବା କଳିଙ୍ଗ ନୃତ୍ୟ ଏବଂ ନାଟକ ବିଷୟ ଗୁମ୍ଫା ଗାତ୍ରରେ ଚିତ୍ରଣ କରିବା ଗୋଟିଏ ଆଦର୍ଶ କାର୍ଯ୍ୟ ଭାବରେ ପରିଗଣିତ ହେବ।

କଳିଙ୍ଗ ଗୌରବ ଅନୁଶୀଳନ ଦାୟିତ୍ୱ ସମ୍ରାଟ ଖାରବେଳ କଳିଙ୍ଗ ରାଜପରିଷଦରେ ଆଲୋଚନା କରି ଏହି ନିଷ୍କର୍ଷରେ ଉପନୀତ ହେଲେ ଯେ, ଏଥିପାଇଁ ଏକ ସମ୍ପାଦକ ମଣ୍ଡଳୀ ଗଠନ କରାଯିବ, ସେଥିରେ କଳିଙ୍ଗର ଇତିହାସ ରଚିତ ହେବ, ଯାହାର କର୍ଣ୍ଣଧାର ହେଉଛନ୍ତି ମହାମେଘବାହନ ଖାରବେଳ। କେତେଜଣ ଭାଷାବିତ୍, ଐତିହାସିକ, ଧାର୍ମିକ ବିଶାରଦ ରହିବେ, ଏବଂ ଗୀତିମୟ ଢଙ୍ଗରେ ଖାରବେଳଙ୍କ ଜୀବନ ବୃତ୍ତାନ୍ତ ଶିଳାଲିଖନ କରିବେ। ଏହା ସର୍ବସାଧାରଣ କଥିତ ପାଲି ଭାଷାରେ ହିଁ ହେବ ମାତ୍ର ଶିଳାଲିପି ଗତାନୁଗତିକ ବ୍ରାହ୍ମୀ ଅକ୍ଷରରେ ହିଁ ସମ୍ପାଦିତ ହେବ।

ସତକୁ ସତ କଳିଙ୍ଗର ଅନେକ ଶିଳାଶିଳ୍ପୀ ଆଦିମ କାଳରୁ ରହିଥିଲେ। ଏମାନେ ଅଳ୍ପ ପ୍ରଶିକ୍ଷଣ ବଳରେ ଶିଳାଶିଳ୍ପ ଏବଂ ଶିଳାଲିଖନରେ ଅଭିଜ୍ଞ ହୋଇପାରିଲେ। କେବଳ ହାତୀଗୁମ୍ଫା ମଥାରେ ଶିଳାଲିଖନ କାହିଁକି, ଅନେକ ଲେନମ୍, ଗୁମ୍ଫା ମଥାନରେ ତାହାର ପୃଷ୍ଠପୋଷକ ଏବଂ ତାତ୍ପର୍ଯ୍ୟ ଖୋଦନ କରିପାରିଲେ। ଏମିତି ପାଟରାଣୀ ମା, ରାଜକୁମାର କନ୍ଦର୍ପଶ୍ରୀ ଏବଂ ନାତି ଭାଦୁକା ଯେଉଁ ଗୁମ୍ଫାଗୁଡିକୁ ଅର୍ହତମାନଙ୍କୁ ଉତ୍ସର୍ଗ କରିଛନ୍ତି, ତାହା ବି ବ୍ରାହ୍ମୀ ଅକ୍ଷରରେ ସୂଚିତ କରାଯାଇଛି।

ଅଦ୍ୟ ସେହି ଶିଳାଲିଖନ ହିଁ କଳିଙ୍ଗର ସମସ୍ତ ଗୌରବ ଏବଂ ମହାମେଘବାହନ ଖାରବେଳଙ୍କର ସମସ୍ତ କୃତିତ୍ୱ ବହନ କରି ଯେଉଁ ସପ୍ତଦଶ ଧାଡି ସୂର୍ଯ୍ୟାଲୋକରେ ଶୁଭ୍ର ଭାବରେ ଚିରକାଳକୁ ଧରି ରଖିଛି, ସେଗୁଡିକର ବ୍ୟାଖ୍ୟା କରାଯାଉଛି। ଷୋଳଗୋଟି ଧାଡିର ବ୍ୟାଖ୍ୟା ସମାପ୍ତ ହୋଇଗଲାଣି, ଶେଷ ଧାଡିଟି ରହିଛି।

*ସମାରୋହ, ୧୨୮, ଢୁମୁଢୁମା(କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

୦୦୦

*କ୍ରମଶଃ...*




# ତମାଳବନର ଛାଇ

**ପିନାକୀ ମିଶ୍ର**

କ'ଣ ବସିପଡ଼ିଲୁ ଯେ !
ଆଖି ଭାରିଭାରି ଲାଗୁଛି କି ?

ଚାଲୁ ଚାଲୁ ଅଟକି ଗଲୁ ଯେ' !!
ଏମିତି ଛାଇ, ଚରିଗଲାଣି ତୋ ଦେହସାରା ।

ସଖୀ ଗୋ, ଚାଲ ଫେରିବା ଘରକୁ
ଦୁଃଖ ଦରମିଶା ତେଲଲୁଣରେ
କଟିଲାଣି ତ କଟିଯାଉ ଦିନ,
ରାତିକୁ ଦେ ନା ତୁ ରାଣ
ଏଠୁ ଶିକୁଳି ଫିଟା, ଭବବଂଧନ ଅଡୁଆସୂତା ।

ଏମିତି ଛାଇ, ହେଇ ଅଛି ହେଇ ନାହିଁ
ଉପରକୁ ଚନ୍ଦନ, ଭିତରେ ଦହନ
ଯିଏ ରସିଛି
ନା ସ୍ପର୍ଶ, ନା ହସ
ନା ଧ୍ୱନି, ନା ଚାହାଁଣି
ନା ଧୂଳି, ନା ମିଛ ଆଉଁସା
କିଛି ବି ମିଳେନା ଲୋ ସଖୀ ।

ଏତେ ହସୁଛୁ ଯେ' ଲାଜବତୀ
ଫୁଲ ମହକରେ ମେଘୁଆ ଲାଗୁଛି ତୋ ପ୍ରୀତି,
ସଖୀରେ
କ୍ଷଣକରେ ମୋହିଦେବ ସେ ଅଗୁରୁବୋଳା
ଦେହଦାହ ନୁହେଁ, ଦିଆଦେଇ ନୁହେଁ,

ହାଏରେ ମଦାଳସା,
ଅଜଣା ଶିହରଣରେ ତୁ ଉର୍ମିଅଧୀରା
ସୁମୁରୁଥିବା ଦେହେକ, ପାଇବୁନି ଧରା
ପିଟିଝାଟି ହେବୁ ତମାଳବନରେ
ଏଠି ରାତି ବି ମହତ ସାରେ ଲୋ ସଖୀ ।

ଆମେ ପା ଯାଉଥିଲେ ଆମ ବାଟରେ
ତୁ ଅଟକିଗଲୁ ଯେ !
କି ଲେଖିବୁ ଆଲେଖିକା ଅବୁଝାନାୟିକା !

ଶ୍ୟାମଳଛାଇକୁ ଅନାନାଲୋ' ଜମା,
କ୍ଷୀରଧୁଆ ତନୁତୋର
ରହିବନି ତୋରାପଣ
ମାଛଆଖିରେ ପଶିଯିବ ପାନପତ୍ରୀ ଶର,
ଫୁଲମାନେ ଖସିବେ
ବଉଦ ଠିଆହେବ
ପବନ ଘେରା ମାରୁଥିବ

ତୁ ଲାଗୁଥିବୁ ନବପ୍ରିୟା ହେମ ତନୁଲତା
ଏଠି ସେଠି ହାତ ବୁଲେଇବୁ, କାହିଁ ସେ' ରସିଆ କଦମ୍ବ ?
ତା' ଛାଇଫାଶରେ ପଡ଼ନା ଝିଅ
ଛାଇମଂଚରେ ଛାଇବର୍ଷା ହେବୁ ।

ଆ' ଫେରିଯିବା ଘରକୁ
ଦଗାଦିଆକୁ ଦେ ନା ମନ,
ପାଖକୁ ଡାକିଆଣିବ, କତିରେ ବସେଇବ,
ଲୁହ ଟାଣୁଥିବ ସେ ତମାଳବନ ।

*"ଶୂନ୍ୟନୀଳ", ଚର୍ଚ୍ଚ ପାଖ, ଜେଲ୍ ରୋଡ଼, କେନ୍ଦୁଝର-୧*
*ଦୂରଭାଷ: ୯୪୩୮୧୧୮୩୯୭*

# ବର୍ଷା ଗୋ, ତୁମ ପାଇଁ ଦୁଇଟି କବିତା

**ସରୋଜ କାନ୍ତ ଚୌଧୁରୀ**

ଗ୍ରୀଷ୍ମ ପ୍ରପୀଡ଼ିତ ବାଲୁବନ୍ତ ପରେ ଆଶ୍ରିତ ମୁହିଁ
ମୁଁ ଯେ ନିପୀଡ଼ିତ ଲତା,
ଲହ ଲହ ଲାଭା ଢାଳି ଦେଇଗଲା ଦୁନିଆଟା ଯାକ
ଲିଭିଥିଲା ମୋର ସତ୍ତା ॥

ମରୁ ମରୀଚିକା ଛଳନା ଚମକେ
ଭୁଲି ଯାଇଥିଲି ତୃଷା
ତୁମ ଆଗମନେ ବଞ୍ଚି ମୁଁ ଉଠିବି

ଆଗୋ, ତୁମେ ଶୀତଳ ସନ୍ଧ୍ୟାର ବର୍ଷା
କଳାମେଘ, ତୁମ ପଣତ କାନିରେ
ଘୋଡ଼ାଇଛ ଯେଣୁ
ନାହିଁ ମୋ ସୂରୁଜ ଚିନ୍ତା
ବର୍ଷା ଗୋ ! ତୁମେ ଆସିଛ ଶୀତକୁ ନେଇ
ଆସିଛ ମଳୟ ନେଇ,
ସେଥିପାଇଁ ସିନା ରହିଥିଲି ମୁଁ ଯେ
ସୂରୁଜ ତାତିକୁ ସହି
ନବ ପଲ୍ଲବିତ ମୋ ଦେହରେ ଏବେ
ତରଙ୍ଗ ମେଲିଛି
କମନୀୟ ତା'ର ବାର୍ତ୍ତା ।
ଦିଗନ୍ତ ସେପାଖୁ ଆସିଅଛ ଭାସି
କୃଷ୍ଣାଙ୍ଗ ମେଘର ଦୋଳାରେ
ଆକାଶେ ବତାସ ତୁମ ଶୀତଳତା
ଭରିତ ଯାଇଛି ମନରେ ।
ଚମକେ ବିଜୁଳି ବାଦଲ କୋଳରୁ
ବରଷେ ମୁକୁତା ଧାରା ।
ଧୂସର ଧୂଳିର ଧରଣୀ ହସଇ
ଘନ ସବୁଜ ରଙ୍ଗରେ ।
ପ୍ରଲମ୍ବିତ ଧୂଳିର ଧରଣୀ ହସଇ
ସପନ ସବୁରି ସାର୍ଥକ
ବନ ଉପବନେ ଖେଳିଉଠୁ ଏବେ
ଫୁଟନ୍ତା ଫୁଲର ମହକ
ତଟିନୀ ତଟରେ ଜଳ ଜମକାଅ
ମନ୍ଦ ମଳୟର ସାଥିରେ ।

*ସିଡିଏ, କଟକ-୧୪*
*ଦୂରଭାଷ: ୯୪୩୭୭୩୬୦୯୮୧*

# ଲୋକେ କହୁଥିଲେ

**ଅଭିରାମ ଦାସ**

ଫି' ବରଷ ହୁଏ ଗାଁ ଯାତ
ଆଖି ହୁଏ କଳା
ପାଦ ନାଲି
ଓଠ ଗୋଲାପୀ
ମୁହଁ ହୁଏ ହଳଦୀ
ମୁଖା ପିନ୍ଧି ନାଚନ୍ତି ସମସ୍ତେ
ଲାଗି ରହିଥାଏ
ରହସ୍ୟ, ରୋମାଞ୍ଚ, ଦ୍ୱନ୍ଦ୍ୱ ।

କାହାର ପାନଖିଆ ବାସ୍ନା ତ
କାହାର ଖୁଁ ଖୁଁ କାଶ
କାହା ଆଖିରେ ଲୁହ
କାହାର ପୁଷ ମାସ
ନଈ ପରି ସେମିତି
ଶୋଇଥାଏ ନାଟ ମଣ୍ଡପ ।

ଗୋଡ଼ ଭାଂଗି ହାତ ହଲେଇ
ନାଚନ୍ତି ସେମାନେ
ମଝିରେ ମଝିରେ ଶୁଭେ
ଯୁଗ ଯାଇ କୋଉଠି ହେଲାଣି
ଚଳିବନି ଡୁପ୍ଲିକେଟ୍
ଖାଣ୍ଟି ମାଲ୍ ଆଣ
ପ୍ରମ୍ପଟିଙ୍ଗ୍ କରନ୍ତି ମାଷ୍ଟ୍ରେ
ଯାତ୍ରା ସରିଲେ
ଟଳମଳ ହୋଇ
ପୋଷାକ ଉତାରେ
ପିନ୍ଧେ ନିଜ ପ୍ୟାଣ୍ଟ ସାର୍ଟ
ଯେମିତି ବାଜିଥାଏ
ନିଦୁଆ ଆଖିର ନିଶା
ଚମକି ଉଠେ
ହାତ ସ୍ପର୍ଶରେ କାହାର
ଛୁଇଁଦେଲେ ଷୋହଳ ବୟସୀକୁ
ଯେମିତି ପହିଲିବାର ।
ପଛକୁ ବୁଲି ଦେଖେ ତ
ନଟିଆ ମାଷ୍ଟ୍ରେ
ଦିନେ କହିଥିଲେ
ଇଏ ନାରୀତ୍ୱ ନୁହେଁ
ଦେହର ଖୋଳପା ଭିତରେ
ଗୋଟେ ସୂକ୍ଷ୍ମ ଅନୁଭବ
ହୃଦୟର ଭାବ
ସବୁ ଭୁଲିବାର ବେଳ ।

ଲୋକେ କହୁଥିଲେ
କେବେ ଥିଲା ଯିଏ ଦରକାରୀ

ଆଜି ସିଏ ଫିଙ୍ଗା ଦରବଟେ
ଅବା ଫାଙ୍କା ପାଉଡର ଡବା
ଲୁହ ପୋଛୁ ପୋଛୁ
ନଖିଆ କହିଲା
ମନ ଦୁଃଖ କରନାରେ
ଆଜି ସବୁ ଅଖୋଜା ଅଲୋଡ଼ା ।

*ଦୂରଭାଷ: ୮୮୯୫୦୦୭୧୪୯*

# ମାୟାମୃଗ

**ଡ. ସଂଜୀବ କୁମାର ପାଣିଗ୍ରାହୀ**

କହିଥଲ
ଶୀଘ୍ର ଫେରିଆସିବ ବୋଲି
କିନ୍ତୁ...
ଆସିଲତ ନାହିଁ !
ନିସ୍ତବ୍ଧ ନିଶିର ବିଜନ ବେଳାରେ
ମାନବ ନେତ୍ର କବାଟ ପଡିଯିବା ପରେ ବି
ମୁଁ କିନ୍ତୁ ଅନେକ ରାତି
ଅନାଇ ରହିଥିଲି
ତୁମରି ଆସିବା ପଥକୁ ।
ସେ ଦିନ
ଅପେକ୍ଷାର ବାଲିବନ୍ଧ
ଭୁଷୁଡି ଯିବା ପରେ
ବୃକ୍ଷରୁ ଝଡିପଡିଥିବା ପତ୍ର ଗୁଡିକର
ମର ମର ଶବ୍ଦରେ
ହଠାତ୍
ମୁଁ ଅନୁଭବ କଲି
ତୁମ ଆସିବାର ପାଦ ଶବ୍ଦ ।
ଠିକ୍ ସେହି ରୂପ
ଅଜାନୁଲମ୍ବିତ କେଶ
ଲାବଣ୍ୟମୟୀ
ହସହସ ମୁଖ ଯୁକ୍ତ
ଏକ ଛାୟା ମୂର୍ତ୍ତି
ହଠାତ୍
ଉଭା ହେଲା ମୋ ସମ୍ମୁଖରେ
ପଚାରିଲି
ଏତେ ଡେରି କଲ କାହିଁକି
ସାତ ଦିନ ପରେ ଫେରି ଆସିବ ବୋଲି କହି
ସାତ ମାସ କେମିତି କଟାଇଲ ଏକାଏକା ?
ଗାଁ ଲୋକଙ୍କଠାରୁ ଶୁଣିଥିଲି
ତୁମେ ଯିବା ପରେ ପରେ
ତୁମର କାର୍
ହୋଇଥଲା ଦୁର୍ଘଟଣା ଗ୍ରସ୍ତ
ହୋଇଥିଲା ଚୁର୍‌ମାର୍
ଆଉ ତମେ...
ମୁଁ କିନ୍ତୁ ବିଶ୍ୱାସ କରିନଥିଲି
ଆଜି ସେମାନଙ୍କୁ ମୁଁ କହିବାକୁ ଚାହେଁ
ସେମାନଙ୍କ କଥା
ଥିଲା ମିଥ୍ୟା
କିନ୍ତୁ ଏ କଣ...
ହଠାତ୍ ପ୍ରାଚୀ ଗଗନରେ
ସୂର୍ଯ୍ୟ ଉଦୟର ପ୍ରାକ୍ ସୂଚନା
ଦୃଶ୍ୟମାନ ହେଲା ।
ସେ ଛାୟା ମୂର୍ତ୍ତି
ଦୂରକୁ ଦୂରକୁ
ଅପସରି ଗଲା
ମୁଁ ନିଜକୁ ଖୋଜି ପାଇଲି
ସ୍ୱଷ୍ଟ ଦିବାଲୋକରେ ।

*ସା/ପୋ-କୋଷା,ଭାୟା-ବାରିପଦା*
*ଜିଲ୍ଲା-ମୟୂରଭଂଜ,ପିନ୍-୭୫୭୦୮୪*
*ଦୂରଭାଷ: ୯୪୩୮୪୭୦୦୨୭*

# ଶରଣ୍ୟା

**ସିପୁନୁ ଜେନା**

ସାଇତି ନେବାର ସମ୍ପତ୍ତି
ହଜେଇ ଦେବାର ଅମୂଲ୍ୟ ରତ୍ନ
କିଛି ବୁଝି କିଛି ଅବୁଝା
ଝରାପତ୍ରରେ ସ୍ୱପ୍ନ ଖୋଜା
ହାର୍ ଜିତ୍ ଖେଳ ଅବିରତ... !

ସୁରକ୍ଷା ବଳୟ ଭିତରେ
ଭୟର ଆଶଙ୍କା

ଛାତିରେ କମ୍ପନ
ନିଜ ଲୋକ ମେଳରେ
ଖୋଜିବାକୁ ପଡ଼େ ଟିକେ ଜୀବନ...।

ନିଜ ଭିତରେ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ
ସ୍ୱାଧୀନତା ନାଁରେ ଉଶୃଙ୍ଖଳତା
ପୁଣି ନିରସ୍ତ୍ର ଯୋଦ୍ଧା ସାଜି
ବିବସ୍ତ୍ରା ପ୍ରତିଦିନ...।

କଅଁଳ ପାଦର ସ୍ପର୍ଶରେ
ଟିକେ ଆଶା ଗଜୁରିଲା ବେଳେ
ରକ୍ତାକ୍ତ ହେଇ ଲୋଟୁଛି ମାଟିରେ
ମଶାଲ୍ ଧରି ଚିତ୍କାର କରେ
ଘମାଘୋଟ୍ କଂକ୍ରିଟ୍ ଦୁନିଆ ଭିତରେ।

ସବୁ ସମ୍ପର୍କ ଥାଇ ବି
ସବୁ ଯାଇଛି ହଜି
ପୈଶାଚିକ ପ୍ରବୃତ୍ତି ଭିତରେ
କିଏ ଲୋଡ଼ିବ ଆଉ
ସିଏ ତ ଶରଣ୍ୟା
ତିଆରୁଛି ନିଜ ବାଟ
ଠିଆ ହେଇ ପୁଣି ଥରେ
ଭିନ୍ନ ଏକ ଦୁନିଆ ଅପେକ୍ଷାରେ... !

*ଗ୍ରାମ- ତର୍କାବେଡ଼ା, ପୋ:ଅ:- କଡଲା,*
*ଭାୟା- ମେରାମଣ୍ଡଳୀ,*
*ଢେଙ୍କାନାଳ-୭୫୯୧୨୧*
*ଦୂରଭାଷ: ୮୭୬୩୦୭୦୫୩୫*

# କିମ୍ବଦନ୍ତୀ ଧ୍ୟାନଚାନ୍ଦ

**ବିଳାସ ଚନ୍ଦ୍ର ବେହେରା**

ଅଗଷ୍ଟ ଅଣତ୍ରୀଶ ଧ୍ୟାନଚାନ୍ଦ ଜନ୍ମ
ହକି ଖେଳ ଯାଦୁଗର
ଦେଶ ପାଇଁ ଖେଳି ସ୍ୱର୍ଣ୍ଣ ଆଣିଥିଲେ
ଦକ୍ଷ ଖେଳାଳି ବିଶ୍ୱର।

ଜର୍ମାନ ପ୍ରସ୍ତାବ ପ୍ରତ୍ୟାଖାନ କଲେ
ତୁଚ୍ଛ କଲେ ପଦ ଲୋଭ
ବିକ୍ରି ହେବି ନାହିଁ ଧନ ପାଇଁ ମୁହିଁ
ମୋ ଦେଶ ମୋ ପାଇଁ ଗର୍ବ।

ଧନ୍ୟ ଧ୍ୟାନଚାନ୍ଦ ଧନ୍ୟ ଦେଶ ପ୍ରେମ
ଧନ୍ୟ ତୁମ ପିତା-ମାତା
ଧନ୍ୟ ତୁମ ତ୍ୟାଗ ଧନ୍ୟ ସ୍ୱାଭିମାନ
ହୋଇଲ ଜଗତ ଜିତା।

ତୁମ ଜନ୍ମଦିନ ପାଳୁଛି ଭାରତ
ଜାତୀୟ କ୍ରୀଡ଼ା ଦିବସ
ହକି ପାଇନାହିଁ ଜାତୀୟ ମାନ୍ୟତା
ସଭିଙ୍କ ମନ ଉଦାସ।

ଷାଠିଏ ଦଶକେ ସ୍କୁଲରେ ପଢ଼ିଛୁ
ଜାତୀୟ କ୍ରୀଡ଼ା ଯେ ହକି
ଏବେ ଜାଣୁଅଛୁ ଆମ ପ୍ରଶାସନ
ଆମକୁ ଦେଇଛି ଠକି।

ହକି ଖେଳ କେବେ ପାଇବ ମାନ୍ୟତା
ସନ୍ତୁଷ୍ଟ ହେବେ ଖେଳାଳି
ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ପାଇଁ
ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

*ନଳିତା ନିଳୟ, ବନ୍ଧୁଣିଆ, ୪୨ ମୌଜା, କଟକ*

# ସୁନାବେଶ

**ଆଶୁତୋଷ ଦାସ**

ବାହୁଡ଼ି ଆସନ୍ତି କାଳିଆ ସାଆନ୍ତେ
ଚାହିଁଥାଏ ନୀଳଚକ୍ର।
ଭ୍ରାତା ବଳଭଦ୍ର ଭଗିନୀ ସୁଭଦ୍ରା
ସାଥେ ସୁଦର୍ଶନ ଚକ୍ର।

ପ୍ରଭୁଙ୍କ ବିହୁନେ ଗୁଣ୍ଡିଚା ମନ୍ଦିର
ଲୁହକୁ ଲୁଚାଇ ହାତେ।
ଅନାଇଁ ରହିଛି ଆର ବରଷକୁ
ଶରଧାବାଲିର ସାଥେ।

ମିଳନ ବିଚ୍ଛେଦ ନିୟତି ହାତରେ
ସଂସାର ଚକ୍ରରେ ଜୀବ।
ଜଗତ କରତା ଦିଅନ୍ତି ବାରତା
ଭିନ୍ନ ନୁହେଁ ବାସୁଦେବ।

ମାଉସୀ ମା'ର ପୋଡ଼ପିଠା ପାଇଁ
ହଟିଆ ଠାକୁର ମନ।
ସବରୀ ହାତରୁ ଫଳ ଖାଇ ତାକୁ
ଯୁଗେ ଯୁଗେ କଲେ ଧନ୍ୟ।

ବଡ଼ ଠାକୁରଙ୍କ ବଡ଼ ଏକାଦଶୀ
ଦୁର୍ଲ୍ଲଭ ବେଶରେ ଦିଅଁ।
ରାଜ ରାଜେଶ୍ୱର ନାମ ସୁନାବେଶ
ପ୍ରଭୁ ଦରଶନ ଦିଅ।

*ନିର୍ମାଲ୍ୟ, ଅନନ୍ତ ବିହାର, ଫେଜ୍-୩,*
*ପୋଖରୀପୁଟ, ଭୁବନେଶ୍ୱର-୨୦*

# ଦଇବ ଦଉଡ଼ି

**ରତ୍ନାକର ରାଉତ**

ଜୀବନ ଯିଏ ଦେଇଛି
ସେ ଲେଖିଛି ଜୀବନର ଖସଡ଼ା
ଦଇବ ଦଉଡ଼ି ମଣିଷ ଗାଇ
ଯେଣିକି ଓଟାରି ସେଣିକି ଯାଇ
ନିଜ ହାତରେ କଣ ଅଛି
ସବୁ ଶକ୍ତି ଓ ସାମର୍ଥ୍ୟ ତ
ତା ଦିଆ ହୁଆ କୃପା
ସେ ଯେଉଁ ଦିଗରେ ମୁହାଁଉଛି
ସିଆଡ଼େ ଚାଲିବାକୁ ପଡୁଛି
ପିମ୍ପୁଡ଼ିକୁ ଯିଏ ଦାନା ଦେଉଛି
ସେ ମଧୁ ମଣିଷକୁ ଦେଉଛି
କେବଳ ତରିକା ଭିନ୍ନ
ଥରେ ବୁଝିଗଲେ ଏ ଭେଦ
ଆଉ ନ ଥାଏ କିଛି ପ୍ରମାଦ
ସେ ଆଣିଛି ସଂସାରକୁ ସଭିଙ୍କୁ
ଗୋଟେ ଉଦ୍ଦେଶ୍ୟରେ
ତାହାକୁ କାର୍ଯ୍ୟାନ୍ୱୟନ କରଉଛି ପ୍ରଚ୍ଛନ୍ନରୁ
କେବଳ ଶାନ୍ତମନରେ ସେହି ନିର୍ଦ୍ଦେଶକୁ ପାଳନ କରିବା ଜୀବନର ଧର୍ମ
କିନ୍ତୁ ଦୁନିଆର ଚାକଚକ୍ୟରେ
ସକଳେ ମାୟାରେ ବାୟା
ଭାବୁଛନ୍ତି ସେମାନେ ଖୁବ୍ ବୁଦ୍ଧିମାନ
ତେଣୁ ପାରିବାର
ସେନିମନ୍ତେ କାମିଯାବ
ଭୁଲିଯାଉଛନ୍ତି ସେମାନେ ସଭିଏଁ
ମୁହୂର୍ତ୍ତକେ ସବୁ ଅନ୍ଧକାର
ଘନ ଘୋର ଅନ୍ଧକାର
ସବୁ ଶୁନ୍ୟ ମହାଶୂନ୍ୟ
ନା ଜୀବନ ନା ସ୍ଥିତି ନା ସଂବିତ
ସବୁ କାଳ ବୁକୁରେ ଲୀନ।

# ବକାଳିକା ଉଡ଼ିଯିବ ଅଜଣା ଦ୍ୱୀପକୁ...

**ଶୁଭେନ୍ଦୁ ଦାଶ**

ବକାଳିକା ଉଡ଼ିଯିବ ଅଜଣା ଦ୍ୱୀପକୁ,
କୁଳାୟ ତା ଛାଡ଼ିଦେଇ ଗଛର ଡାଳରେ,
ଭରାନଈ ବହି ବହି ଶୁଖିଯିବ ଦିନେ,
ଛାଡ଼ିଦେଇ ସ୍ମୃତିରେଖା ବନାନୀ କୋଳରେ,
ବରଷାର ବାରିବିନ୍ଦୁ ଝରି ଝରି ମିଶିଯିବ କାହିଁ,
ସୀମାହୀନ ଦୂର ସମୀରଣେ,
ଜହ୍ନ ଦିନେ ହଜିଯିବ ଅସ୍ତାଚଳେ ଦିଗନ୍ତ ସେପାରେ,
ରହିଯିବ ଅନ୍ତରୀକ୍ଷ କୋଣେ।

ସଳିତାଟି ସରି ସରି ଯିବ,
ସଞ୍ଜବତୀ ଲିଭିଯିବ ଅମାନିଆ ପବନ ଢେଉରେ,
ବୀଣାର ତାରଟି ଛିଣ୍ଡିଯିବ ଅକସ୍ମାତେ,
ବାଜିବନି ଆଉ କେବେ ବିଦାୟୀ ସଞ୍ଜରେ,
ଅଦିନିଆଁ ମେଘଟିଏ ଆସି ଧୋଇନେବ
କେତେବେଳେ ହଳଦିଆ ସୁନାର ଫସଲ,
ଅନିଶ୍ଚିତ ପୃଥିବୀ ଛାତିରେ ସରିଯିବ ଦିନେ,
ସବୁ ଛାଇ ଆଉ ଆଲୁଅର ଖେଳ।

ମଙ୍ଗଳ ପ୍ରଭାତେ ମୃଦୁ ସମୀରଣେ ହସିଉଠେ ଉଷା,
ହସାଇ ଲକ୍ଷ କୁସୁମ କଢ଼ି,
ଅଳପ ସମୟ ବାସ ଚହଟାଇ,
ଲୋଟିପଡ଼େ ତଳେ ପାଖୁଡ଼ା ଝଡ଼ି,
ସବୁ ମରୀଚିକା! ସବୁରି ଏକଇ ସତ୍ୟ,
ସମୟ ସୁଅରେ ଜୀବନ ନଇ
ଅଟକି ଯାଏନା ଟିକିଏ କେବେହେଁ,
ଅବିରତେ ତାହା ଯାଉଛି ବହି।

ଅତୀତ ଯାଇଛି ଅନ୍ଧାରେ ଲୁଚି,
ଆଶାର ସପନ "ଅନାଗତ କାଲି" ଦେଖୁଛି କିଏ ?
ହାତେ ଯା ରହିଛି ଏବେ,
ସୁଷମା ସାଗରୁ ପିଇନେବା ମଧୁ ବେଳ ରହିଥିବା ଯାଏ।

***ବେଙ୍ଗାଲୁରୁ, କର୍ଣ୍ଣାଟକ***
***ଦୂରଭାଷ: ୯୯୩୭୬୬୩୦୧୫***

ସ୍ନେହ ମମତାର ଗୁଣେ ତାଙ୍କ ସରି
ଜଗତରେ କିଏ କାହିଁ
ଏଣୁ ସ୍ନେହମୟୀ ଅଭୟ ଚରଣେ
ବାରମ୍ବାର ମୁଁ ନମଇଁ ॥

***କୁଲାଡେରା, ମଣ୍ଡୁଆ, କେନ୍ଦୁଝର***
***ଦୂରଭାଷ: ୮୩୨୮୯୨୮୭୯୩***

# ମାଆ

**ହରିହର ମହାନ୍ତ**

ମାଆ ନାମ ବଳୀ ମଧୁର ଶବଦ
ଜଗତରେ କିଛି ନାହିଁ
ମାଆ ଅଧରରୁ ଅମୃତର ଧାରା
ଅହରହ ଝରୁଥାଇ ॥

କରୁଣାର ସିଏ ମୂର୍ତ୍ତୀମନ୍ତ ଦେବୀ
ତାହାର ତୁଳନା ନାହିଁ
ତା' ମୃଦୁ ପରଶେ ତନୁ ମନ ସଦା
ଆନନ୍ଦରେ ଶିହରଇ ॥

ପୁଅ ହେଉ ପଛେ ଛୋଟା, କଣା ଅନ୍ଧ,
ପୂର୍ଣ୍ଣଚନ୍ଦ୍ର ମାଆ ପାଇଁ
ଜଗତର ଯେତେ ସୁଖ ସରାଗକୁ
ଶିଶୁ ପାଶେ ଅଜାଡ଼ଇ ॥

ବିପଦ ଆପଦେ ସାଜି ପ୍ରତିବନ୍ଧ
ରଖେ ପଣତେ ଘୋଡ଼ାଇ
ପୁଅ ପେଟ କଥା ଜାଣିପାରେ ସିଏ
ଶୁଖିଲା ମୁହଁକୁ ଚାହିଁ ॥

ନିଜେ ପଛେ ପେଟେ ଓଦାକନା ଦିଏ
ସଭିଙ୍କ ପେଟ ଭରଇ
କୋଟିଏ ଜନମ ଲଭିଲେ ବି କେବେ
ତା' ଋଣ ସୁଝି ନୁହଇ ॥

କୁପୁତ୍ର ଥିବାର ଜଗତ ଜାଣଇ
କୁମାତା ନଜିର ନାହିଁ
ସରଗ ଠୁଁ ବଡ଼ ଏଥିପାଇଁ ପରା
ଜନନୀ ଜନମ ଭୂଇଁ ॥

# ଆକୁଳ ପ୍ରାର୍ଥନା

**ନନ୍ଦିନୀ ଦାଶ**

ମାଆ ମୁଁ ଛୋଟ ଶିଶୁଟିଏ
ଆନନ୍ଦର ଉଚ୍ଛ୍ୱାସଟିଏ
ଝିଅଟିଏ ଭାବି କରନାହିଁ ହୀନିମାନ
ମୁଁ ଯେବେ ବଡ଼ ହେବି ଦେଖିବ
ପାଠପଢ଼ି ରଖିବି ତୁମର ସମ୍ମାନ
କେବଳ ତୁମର ନୁହେଁ
ମୋ ଜନ୍ମଭୂମିର ଦେଶ ମାତୃକାର ।

ମାଆ ମୁଁ ଝିଅଟେ ବୋଲି
ମତେ କରନାହିଁ ହତାଦର
ମୋ ଭଳି ଶହଶହ ଝିଅଙ୍କୁ
ଏଇ ସମାଜରେ ବାସ କରୁଥିବା
କ୍ରୁର ମଣିଷମାନେ ମାତୃ ଗର୍ଭରୁ
କିବା ଜନ୍ମନେବାପରେ
ମାରି ପୋତି ଦେଉଛନ୍ତି
ଦୁନିଆର ଆଲୋକ ଦେଖିବା ଆଗରୁ
ଜୀବନ ଦୀପ ଲିଭିଯାଉଛି।

ମୁଁ କଣ ସମାଜରେ ଏତେ ଘୃଣିତ
କାହିଁକି ? ମୁଁ କ'ଣ ପୁଅଙ୍କ ସାଥିରେ
ସମାନ ହୋଇପାରିବିନି
ନିଶ୍ଚୟ ହେବି ଦୃଢ଼ ବିଶ୍ୱାସ ଅଛି।
ବାପା ମାଆ ମାନେ ଉଚ୍ଚଶିକ୍ଷା ଦେଇ ନପାରିବା
କିବା ଯୌତୁକ ଲୋଭୀ ମଣିଷମାନଙ୍କ
ହାବୁଡ଼ରେ ପଡ଼ି ନିର୍ଯ୍ୟାତିତ ହେବା
ଏ ସବୁର କାରଣ।

ମାଆ ମୁଁ ବଡ଼ ହେଲେ ପାଠପଢ଼ି

ପୋଲିସ୍ ହୋଇ ସୁରକ୍ଷା ଦେବି
ଡାକ୍ତର ହୋଇ ରୋଗୀ ସେବା କରିବି
ସୈନିକ ହୋଇ ଦେଶ ରକ୍ଷା କରିବି
ଶିକ୍ଷକ ହୋଇ ମଣିଷ ଗଢ଼ିବି
ଦୁଃଖ ସୁଖରେ ହେବି ଉପସ୍ଥିତ
ତୁମକୁ ସହାୟ ହେବି ପ୍ରତିଟି ମୁହୂର୍ତ୍ତ।
ଚିକିତ୍ସକ ଜହ୍ଲାଦର ଭୋକ ନେଇ
ଖାଇଯାଏ ମାତୃଗର୍ଭେ ମୋଭଳି
ହଜାର ହଜାର କନ୍ୟା ଭ୍ରୁଣ
ବାପା ମାଆ କ୍ଷୁଧାର ଜ୍ୱାଳା ସହି ନପାରି
ବିକ୍ରି କରି ଦିଅନ୍ତି କେଇଟା ଟଙ୍କାରେ।
କେବେ ସାଥେ ନେଇ ଚାଲି ଯାଆନ୍ତି
ଦୂର ଦୂରାନ୍ତରେ ଛାଡ଼ି ଚାଲି ଆସନ୍ତି
ରେଳ ଷ୍ଟେସନରେ ଅବା ରାଜରାସ୍ତାପରେ
କେବେ ରାସ୍ତାକଡ଼ ଡଷ୍ଟବିନ୍‌ରେ ତ
ଝଙ୍କାଳିଆ ବୁଦାମୂଳେ।
ଏଇ ଅଗ୍ନିବର୍ଷି ତଳେ
ଲିଭିଯାଇଛି ମୋ ଭଳି
ଶିଶୁକନ୍ୟାଙ୍କ ଜୀବନ ଦୀପ
ଆଞ୍ଜୁଳାଏ ମାଟିତଳେ।

ହେ କ୍ରୁର ମାନବ ସମାଜ
ତୁମ ଚିନ୍ତା ଚେତନା ସବୁ ବଦଳାଇ ଦିଅ
କନ୍ୟା ମାନଙ୍କୁ ଜନ୍ମ ଦେଇ
ସଂସାରକୁ ଆଗେଇ ନିଅ
କନ୍ୟାରତ୍ନ କର ଯତ୍ନ
ପୁଅ ପୁଅ ହୋଇ ଝିଅକୁ
କରନା ଅବହେଳିତ ଦେଖିବ
ତୁମ ବୃଦ୍ଧକାଳେ ନେବି ସେବା ଯତ୍ନ।

*ଭିକାରିପଡ଼ା, ଶରଣକୁଳ, ନୟାଗଡ଼*
*ଦୂରଭାଷ: ୯୨୩୮୯୮୬୬୪୯*

# ପରିବର୍ତ୍ତନ

**ମୋହନ କୁମାର ସ୍ୱାଇଁ**

ଦୁଇ ଭାଇଙ୍କର ଦୁଇଗୋଟି ହାତ
ପଖାଳ କଂସାରେ ହୁଅଇ ଭେଟ
କାହାକୁ ପସନ୍ଦ ଶୁଖୁଆ ଭଜା ତ
କାହାକୁ ପସନ୍ଦ ତେନ୍ତୁଳି ଫୁଟ ॥

ଜଣକୁ କେହିବି ହାତ ଉଠେଇଲେ
ଯୋଡ଼ି ହୋଇଯାଇ ଜବାବ ଦେଉ
ଗୋଟିଏ ଚକୁଳି ବୋଉ ଦେଇଥିଲେ
ଅଧା ଅଧା କରି ଦି ଜଣ ଖାଉ ॥


ଭାଇକୁ କେବେ ମୁଁ କାନ୍ଦିବା ଦେଖିଲେ
ଆପେ ଆପେ ଝରେ ମୋ ଆଖି ଲୁହ
ଏକ ଆରେକକୁ ବୋଧ କରୁଥିଲୁ
ଛାତିରେ ଲଗାଇ ଦେହକୁ ଦେହ ॥

ଭାଇ ମୋର ଏବେ ପାକଳ ହେଲେଣି
ପିଲାଛୁଆଙ୍କର ସଂସାର କରି
ମୋତେ ବି ସମୟ ଶୁଖେଇ ଦେଲାଣି
ପାଞ୍ଚ କେଜି ଚିଜ ଲଗାଇ ଭାରି ॥

ଏତେ ଅଭିଜ୍ଞତା ସାଉଁଟିଲା ପରେ
ବୁଦ୍ଧି ବିଦ୍ୟା ସବୁ ଗଲା କୁଆଡ଼େ
ଜଣେ ଚାଲିଗଲେ ଟିକିଏ ଆଗକୁ
ଆଉ ଜଣେ ବସି ମୁହଁକୁ ମୋଡ଼େ ॥

ପଖାଳ କଂସାର ପ୍ରେମ ଆଉ ନାହିଁ
କେଉଁଠି ସେ ଯାଇ ରହିଛି ଲାଖି
ଯାଆମାନଙ୍କର ଆଗମନ ପରେ
ଭାଇଚାରା କାହିଁ ଲୁଚି ଗଲାକି ?

*ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର*
*ଦୂରଭାଷ: ୮୧୧୮୦୯୯୦୩୮*



# ପ୍ରତିଶ୍ରୁତି - ସମ୍ଭାବନାର ପ୍ରଶ୍ନବାଚୀ

**ଅନସୂୟା ପଣ୍ଡା**

ପାପୁଲିସାରା ପ୍ରତିଶ୍ରୁତିର ଖୁସି ବୋଲି
ଯାଉଥିବା ସମୟ ଆସିବ କାଲି
ତନ୍ଦ୍ରାଭିଜା ରାତିଟିଏ ଆଣିବ ବୋଲି
ଲଳିତ କୋମଳ ସନ୍ଧ୍ୟାରେ।

ଜହ୍ନ ମୁହାଁ ଉଛୁଳା ଅନ୍ଧାରେ ଆସିବ
ଆବାହନର ଦୀପ୍ତ ବାସନାରେ
ଶାନ୍ତ ହୃଦ ମନ୍ଦିରରେ
ହୋଇ ସୁମିଷ୍ଟ ବଂଶୀସ୍ୱର।

ଅପେକ୍ଷାରେ ଅପେକ୍ଷାରେ ରାତି ଆସୁଛି
ସ୍ୱପ୍ନରେ କାନ୍ଦୁରା ମୁହଁଟେ ନେଇ
ସଞ୍ଜ ଘଣ୍ଟା ଉଦାସରେ ଉଛୁଳି ଉଠୁଛି
ସଞ୍ଜବତୀ ଧିମେଇ ଧିମେଇ ଜଳୁଛି
ଅଯୁତ ଅନିଷାରେ ଅନୁଦିନ।

ପକ୍ଷୀଙ୍କର କାକଳିରେ ଅବୁଝା ଅଳିର ସ୍ୱର
ପ୍ରଶ୍ନବାଚୀ କେବେ ଫେରିବ ସମୟ
ସମ୍ଭାବନାର ଥାଳିଏ ଆଶ୍ୱସ୍ତି ଧରି
ଆଙ୍କିବ ଜୀବନର ଚିତ୍ର
ଆଞ୍ଜୁଳାଏ ରଙ୍ଗମାରି।

ପ୍ରତିଶ୍ରୁତିକୁ ବନ୍ଧକ ରଖିଥିଲା
ବିଶ୍ୱାସର ଗଇଁଠାଳିରେ
ଫେରିବ ମଧୁଝରା ଫଗୁଣ ହେଇ
ମଧୁଆଳାପରେ
ହେଲେ ବଉଦ ଲେସା ଆଖିରେ
ସମୟ ଖବର ଦେଇଛି ଜହ୍ନ ହାତରେ।

ଲଢୁଛି ଯୁଦ୍ଧ ନଈର ଆର ପାରିରେ
ନିଜ ଭିତରେ ନିଜେ ଜଳି
କହୁଥିଲା କହିବୁ ବୁଝେଇ
ଫେରିପାରୁନି ନାଆର ମଙ୍ଗଧରି
ସମୟ ସୁଅରୁ।

ସମୟର କୋଡ଼ ପତ୍ରରେ
ଅବଚେତନ ପ୍ରତିଶ୍ରୁତି
ଅସାଷ୍ଟମ କେବେ ବିଳି ବିଳେଇ ଉଠୁଛି
ଅଡୁଆ କୋହର ଗଜଲ ଗାଇ
ପୁଣି କଟକଣାରେ ଅଲଗୁଣିରେ ଚୁପ୍ ହୋଇ
ଶୋଇଯାଉଛି ଆହତ ପକ୍ଷୀଟେ ହେଇ।

*କ୍ୱାର୍ଟର ନଂ.- ୫ ଆର୍/୧, ବୁର୍ଲା, ସମ୍ବଲପୁର-୭୬୮୦୧୮*
*ଦୂରଭାଷ: ୯୪୩୯୨୧୧୯୭୧*

# ଧର୍ମ ଆଉ ବିଜ୍ଞାନ

**ମୂଳ ହିନ୍ଦୀ- ସୁମଙ୍ଗଳା ସୁମନ**
**ଅନୁବାଦ - ମନୋଜ କୁମାର ବେହେରା**

ଧର୍ମକୁ ମାନବ କରି ପାରିବନି ଅଣଦେଖା
ନା' ହିଁ କରି ପାରିବ ବିଜ୍ଞାନକୁ ଅଣଦେଖା...
ଦୁହେଁ ଜରୁରୀ ମାନବର ବିକାଶରେ
ମୁଁ ମଧ୍ୟ ଅନୁଭବ କରିଛି ଆଉ ଦେଖିଛି।
ଧର୍ମ ବନାଏ ମନୁଷ୍ୟକୁ ଭିତରରୁ ସୁନ୍ଦର
ସେଥିପାଇଁ ଧର୍ମର ରକ୍ଷା କରିବା କର୍ତ୍ତବ୍ୟ ଆମର...
ବିଜ୍ଞାନ ବନାଏ ମାନବକୁ ବାହାରୁ ସୁନ୍ଦର
ଜନ ଜନକୁ ହେଉ ଜ୍ଞାନ ବିଜ୍ଞାନର ସାର।
ଧର୍ମ ଆଧାରିତରେ ପୂର୍ଣ୍ଣରୂପେ ବିଶ୍ୱାସ ଉପରେ
ବୁଝିଯାଅ ଭଲ ଭାବରେ ଧର୍ମର ପରିଭାଷା...
ବିଜ୍ଞାନ ଆଧାରିତ ହେଲା ପୁରା ତର୍କ ଉପରେ
ଯାହା ଜଗାଏ ସମସ୍ତଙ୍କ ଠାରେ ନବ ଚେତନାର ଆଶା।
ଶରୀର ହେଲା ଭୌତିକ ଏହା ସମସ୍ତେ ଜାଣନ୍ତି
ଏହାର ସୁବିଧାର ସାଧନ ଜୁଟାଏ ବିଜ୍ଞାନ...
ଆତ୍ମା ହେଉ ଚେତନ ଏହା ଦ୍ୱାରା ସମସ୍ତେ
ପାଇ ପାରିବେ ଧର୍ମ, ଦୂର କରିପାରେ ଅଜ୍ଞାନକୁ।
ବିଜ୍ଞାନ ଧର୍ମର ଯୋଗତ୍ୟା ଉପରେ ଚାହେଁ ଅଙ୍କୁଶ
ଚାହିଁଥାଏ ବିଜ୍ଞାନର ଉପଯୋଗିତା ସିଦ୍ଧ କରିବାକୁ...
ଧର୍ମ କହିଥାଏ ବିଜ୍ଞାନର ହେଉ ଗୋଟିଏ ସୀମା
ବିଜ୍ଞାନ ଧର୍ମରୁ ଅର୍ଜିତକୁ ଦଖଲ ନ କରୁ।
ଗମ୍ଭୀରତା ଏହା ଯେ ଧର୍ମର ମୂଳ ନୀତିରୁ ହଟି ଯାଉଛି
ଭିନ୍ନ ଭିନ୍ନ ପରିସ୍ଥିତି ଆଉ ଭ୍ରାନ୍ତରେ ଭଟକୁଛି...
ଯଦି ସାଥିରେ ଚାଲିବେ ମିଶିକରି ଧର୍ମ ଆଉ ବିଜ୍ଞାନ
ହେବ ପୂର୍ଣ୍ଣତାର ପ୍ରାପ୍ତି ନା' ରହିବ କୌଣସି ଅଜ୍ଞାନ।

*ପ୍ଲଟ ନମ୍ବର- ୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ୍), ଭୁବନେଶ୍ୱର-୨୨*
*ଦୂରଭାଷ: ୭୯୭୮୮୩୦୬୧୧*

ତନ୍ମାତ୍ର







# ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ସଂପର୍କରେ

**ଅକ୍ସିଜେନ୍:-** ପ୍ରଯୋଜକ ଶିବ ପ୍ରସାଦ ପଣ୍ଡା ନିର୍ମାଣ କରିଛନ୍ତି ଓଡ଼ିଆ ଚିତ୍ର 'ଅକ୍ସିଜେନ୍'। ନିର୍ଦ୍ଦେଶନା- ପିନୁ ନାୟକ, କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ- ଡ. ରଶ୍ମି ପଣ୍ଡା, ସଙ୍ଗୀତ- ଅଭିଜିତ୍ ମଜୁମ୍‌ଦାର। ଅଭିନୟରେ ଅଛନ୍ତି ସମ୍ବିତ ଆଚାର୍ଯ୍ୟ, ତମନ୍ନା ବ୍ୟାସ, ବବି ମିଶ୍ର, ନିଲେନ୍ଦୁ ଘୋଷ, ରଶ୍ମିରଞ୍ଜନ ପାଢ଼ୀ, ଶ୍ରାବଣୀ, ରମାକାନ୍ତ ମୁଦୁଲି, ବାବୁ ପ୍ରଧାନ, ଜଗନ, କ୍ରିଷ୍ଣା, କାଳୁଚରଣ ନାୟକ ପ୍ରମୁଖ।

**କେସ୍-୧୮:-** ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ମୋସନ ପିକ୍‌ଚର ବ୍ୟାନରରେ 'କେସ୍ - ୧୮' ନାମରେ ଏକ ଚିତ୍ର ନିର୍ମାଣ ଚାଲିଛି। ପ୍ରଯୋଜକ- ସଂଘମିତ୍ରା ମହାନ୍ତି ଓ ଅନିକେତ ଦାସ, ନିର୍ଦ୍ଦେଶକ- ରାଜେନ୍ଦ୍ର ମହାନ୍ତି, ଚିତ୍ରନାଟ୍ୟ ଓ ସଂଳାପ- ଅମ୍ଳାନ ଖୁଣ୍ଟିଆ, ସଙ୍ଗୀତ- ଏମ୍. କେ. ମୁକେଶ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଳାନ, ପପୁ ପମ୍‌ପମ୍, ହରିହର ମହାପାତ୍ର, ମନମୟ ଦେ, ତୁଷାର ଆଚାର୍ଯ୍ୟ, ପପି ସନ୍ତୁକା, ସୌମ୍ୟ ମହାନ୍ତି, ଚନ୍ଦନ ବିଶ୍ୱାଳ, ଅନନ୍ୟା ମିଶ୍ର, ଚିତ୍ତରଞ୍ଜନ ତ୍ରିପାଠୀ, ହିମାଗ୍ନି ଦତ୍ତ, ସୁଶାନ୍ତ, ପାର୍ଥସାରଥୀ ରାୟ, ସୁକୁମାର ଟୁଡୁ ପ୍ରମୁଖ।

**ରାଣ୍ଡୀପୁଅ ଅନନ୍ତା:-** ବ୍ୟାସ କବି ଫକୀର ମୋହନ ସେନାପତିଙ୍କ 'ରାଣ୍ଡୀପୁଅ ଅନନ୍ତା' କାହାଣୀକୁ ନେଇ ଆମରା ଷ୍ଟୁଡିଓ ଓ କୁମାର ପିକ୍‌ଚର୍ସ ବ୍ୟାନରରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଛି 'ରାଣ୍ଡିପୁଅ ଅନନ୍ତା'। ସଙ୍ଗୀତ- ଅଭିଜିତ୍ ମଜୁମ୍‌ଦାର। ଅଭିନୟରେ ଅଛନ୍ତି ସବ୍ୟସାଚୀ ମିଶ୍ର, ସୂର୍ଯ୍ୟମୟୀ ମହାପାତ୍ର, କୁନା ତ୍ରିପାଠୀ ପ୍ରମୁଖ। ନାୟକ ସବ୍ୟସାଚୀ ଏହି ଚରିତ୍ର ପାଇଁ ନିଜ ଓଜନକୁ ୬ ମାସ ଭିତରେ ୩୦ କେ.ଜି. ବଢ଼ାଇଛନ୍ତି।

**ହାପ୍ ଲଭ୍ ଷ୍ଟୋରୀ:-** ଅଞ୍ଜନେୟ ମିଡ଼ିଆ ପ୍ରା. ଲିଃ. ବ୍ୟାନରରେ ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଛି 'ହାପ୍ ଲଭ୍‌ଷ୍ଟୋରୀ'। ପ୍ରଯୋଜକ- ପ୍ରଭାତ କୁମାର ପ୍ରଧାନ, ସଙ୍ଗୀତ- ବୈଦ୍ୟନାଥ ଦାଶ। ବିଭିନ୍ନ ଭୂମିକାରେ ସୁନିଲ କୁମାର, କୁକିଜ୍ ସ୍ୱାଇଁ, ମନସ୍ୱିନୀ, ପିଣ୍ଟୁ ନନ୍ଦ, ଜ୍ୟୋତି ମିଶ୍ର, ହରିହର ମହାପାତ୍ର, ବବି ମିଶ୍ର, ଅସିତ୍ ପତି, ଭୂପତି ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ଦୋରା ପ୍ରମୁଖ।

**ତୁ ମୋ କମ୍‌ଜୋରୀ:-** ସୁପ୍ରିମ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ସୁରେଶ ସାହୁ ପ୍ରଯୋଜିତ 'ତୁ ମୋ କମ୍‌ଜୋରୀ' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ। ନିର୍ଦ୍ଦେଶକ- ସନ୍ତୋଷ ବିଶ୍ୱାଳ, ସଙ୍ଗୀତ- ପ୍ରେମାନନ୍ଦ। ବିଭିନ୍ନ ଭୂମିକାରେ ରାକେଶ ଦେଓ, ଅନୁଭା, ଲିପିକା, ଦେବ, ଆଶିଷ, ଜୋ. ଜୋ., ବର୍ଷା, ସୋମୁ, ଜ୍ୟୋତି ପ୍ରମୁଖ।

**ଆଜିର ରେବତୀ:-** ଆର୍ ଆର୍ ସିନେ ପ୍ରଡ଼କସନ ବ୍ୟାନରରେ ୨୪ତମ ଚିତ୍ର 'ଆଜିର ରେବତୀ' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ। ପ୍ରଯୋଜକ- ରମେଶ ବାରିକ। ଏହାର ମୂଳ କାହାଣୀ ବଦ୍ରି ମିଶ୍ର ରଚନା କରିଥିବାବେଳେ ଚିତ୍ରନାଟ୍ୟରେ ଅଛନ୍ତି ସୁଶାନ୍ତ ମଣି ଓ ଶ୍ୟାମାପ୍ରସାଦ। ନିର୍ଦ୍ଦେଶନା-ଶୁଭ୍ରାଂଶୁ ଦାସ, ସଙ୍ଗୀତ- ପ୍ରେମାନନ୍ଦ, ବିଭିନ୍ନ ଭୂମିକାରେ- ଶୀତଲ ପାତ୍ର, ପୃଥ୍ୱୀରାଜ ନାୟକ, ପୁଷ୍ପା ପଣ୍ଡା, ବୋନି ସେନଗୁପ୍ତା, ପାରିଜାତ ଚକ୍ରବର୍ତ୍ତୀ, ଦେବୋଲିନା, ଅଙ୍କିତା ବ୍ରହ୍ମା ପ୍ରମୁଖ।

**ପରବ:-** ଜେ. ପି. ମୋସନ ପିକ୍‌ଚର୍ସ ଓ କ୍ୱାଲିଟି ସୋପ୍ ଇଣ୍ଡଷ୍ଟ୍ରିଜ୍ ବ୍ୟାନରରେ ନିର୍ମାଣ ହୋଇଛି 'ପରବ'। ପ୍ରଯୋଜକ- ଦୀପେନ୍ଦ୍ର ସାମଲ, ସହପ୍ରଯୋଜକ- ଅନୁ ଚୌଧୁରୀ, କାହାଣୀ ଓ ନିର୍ଦ୍ଦେଶନା- ଚିନ୍ମୟ ବାଗ, ସଙ୍ଗୀତ- ରାହୁଲ ରାଉଳ। ଅଭିନୟରେ ଅଛନ୍ତି ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ, ଦିପନ୍ୱିତ, ସୂର୍ଯ୍ୟମୟୀ, ପ୍ରଣବ ପ୍ରସନ୍ନ ରଥ ପ୍ରମୁଖ।

**ଭାଇ:-** ଆମରା ଷ୍ଟୁଡିଓ ଓ ଶେହେନ୍‌ସା ପ୍ରଡ଼କ୍‌ସନରେ ନିର୍ମାଣ ହେଉଛି 'ଭାଇ'। ପ୍ରଯୋଜକ- କାଜଲ ରାୟ ଓ ନବୀନ ଭଣ୍ଡାରେ, କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ପୃଥ୍ୱୀରାଜ ପଟ୍ଟନାୟକ, ସଙ୍ଗୀତ- ନବାସ ଓ ସରୋଜ। ବିଭିନ୍ନ ଭୂମିକାରେ- ଅମ୍ଳାନ ଦାସ, ଦିବ୍ୟା ମହାନ୍ତି, ସୁଜିତ୍, ଅନନ୍ୟା, ଦିବ୍ୟଜ୍ୟୋତି ଉଦୟସିଂ, ବିକାଶ ପ୍ରମୁଖ। ଏହି ଚିତ୍ରଟିର ୭୦ ଭାଗ ସୁଟିଂ ଲଦାଖ ଓ ୩୦ ଭାଗ ଓଡ଼ିଶାରେ ହୋଇଛି।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ

INDIA VS NEW ZEALAND CRICKET

# ଲଜ୍ଜାଜନକ ଶୃଙ୍ଖଳା ପରାଜୟ

ଭାରତୀୟ କ୍ରୀକେଟ୍‌ରେ ଯେଉଁ କିଛିଟା କଳଙ୍କମୟ ଦିନ ବା ସମୟ ଦେଖିବାକୁ ମିଳିଛି ତନ୍ମଧ୍ୟରୁ ସର୍ବାପେକ୍ଷା ଲଜ୍ଜାଦାୟକ ଥିଲା ଏବେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ଶୃଙ୍ଖଳା। ବିଶ୍ୱ ଟେଷ୍ଟ ଚମ୍ପିୟାନସିପ ଟେବୁଲରେ ଶୀର୍ଷରେ ଥିବା ଦଳ ସମସ୍ତ ସମର୍ଥକଙ୍କର ଆଶା ଭରସାକୁ ଚୁରମାର କରି ଅତ୍ୟନ୍ତ ଲଜ୍ଜାଜନକ ଭାବରେ ଖସିଯାଇଥିଲା ତଳ ସ୍ଥାନକୁ। ତା'ପୁଣି ବିରାଟ କୋହଲୀ, ରୋହିତ ଶର୍ମାଙ୍କ ଭଳି ତଥାକଥିତ ନାମଜାଦା ବ୍ୟାଟରଙ୍କୁ ନେଇ ବିଶ୍ୱର ଶ୍ରେଷ୍ଠ ସ୍ପିନର ଭାବରେ ଦାବୀ କରୁଥିବା ଦୁଇଜଣ ପ୍ରମୁଖ ସ୍ପିନରଙ୍କୁ ଦଳରେ ନେଇ।

କ୍ରୀକେଟ୍ ଇତିହାସରେ ଭାରତ ମାଟିରେ ନ୍ୟୁଜିଲାଣ୍ଡ ଟେଷ୍ଟ ମ୍ୟାଚ୍‌ଟିଏ ଜିତିଥିଲା ୧୯୮୬ ରେ ଏବଂ ଶୃଙ୍ଖଳା କେବେହେଲେ ଜିତିନଥିଲା। ଏହାର ସବୁବେଳର କାରଣ ଥିଲା ଭାରତୀୟ ସ୍ପିନକୁ ସୁହାଉଥିବା ଭାରତୀୟ ପିଚ୍ ଓ ଭାରତର ଅଗ୍ରଣୀ ସ୍ପିନର ବୃନ୍ଦ। ଏଥର କିନ୍ତୁ ପରିଣତି ଓଲଟି ଯାଇଥିଲା। ଭାରତୀୟ ପିଚ୍ ଓ ଭଲ ସ୍ପିନରଙ୍କୁ ଦକ୍ଷତାର ସହିତ ଖେଳିଥିଲେ ନ୍ୟୁଜିଲାଣ୍ଡର ମୁଖ୍ୟ ବ୍ୟାଟରମାନେ। କନ୍‌ୱେ, ଲାଥାମ, ରବୀନ୍ଦ୍ର ଓ ୟଙ୍ଗଙ୍କ ଭଳି ବ୍ୟାଟରମାନେ ଭାରତୀୟ ବ୍ୟାଟର ରୋହିତ, ବିରାଟ, ଗିଲ୍ ଓ ପନ୍ତଙ୍କ ତୁଳନାରେ ସ୍ପିନ୍ ବିରୁଦ୍ଧରେ ଅଧିକ ଦକ୍ଷତା ପ୍ରଦର୍ଶନ କରିଥିଲେ। ବସ୍ତୁତଃ ଭାରତୀୟ ସ୍ପିନରଙ୍କଠାରୁ କମ୍ ମାନର ସ୍ପିନରଙ୍କ ବିରୁଦ୍ଧରେ ଖେଳିବାରେ ବିଫଳ ହୋଇଥିଲେ ଭାରତର ଶ୍ରେଷ୍ଠ ବ୍ୟାଟର ବୃନ୍ଦ। ତେଣୁ ବିଶ୍ୱ ଟେଷ୍ଟ ଚମ୍ପିୟାନସିପ୍‌ରେ ନ୍ୟୁଜିଲାଣ୍ଡକୁ ନିଜ ମାଟିରେ ମାତ ଦେଇ ସର୍ବାଧିକ ପଏଣ୍ଟ ସହ ଫାଇନାଲରେ ପ୍ରବେଶର ଯୋଜନା ପୁରାପୁରି ବିଗିଡ଼ି ଯାଇଥିଲା।

ଚିରାଚରିତ ଭାବରେ ଭାରତୀୟ ବ୍ୟାଟରମାନେ ସବୁକାଳେ ଅନିର୍ଦ୍ଦିଷ୍ଟ ପ୍ରଦର୍ଶନ କରିଆସିବାର ପରଂପରା ବଜାୟ ରଖିଆସିଛନ୍ତି। ଆଜି ଦିନରେ ଶ୍ରେଷ୍ଠ ବ୍ୟାଟିଂ ଦଳ ମନେ କରାଯାଉଥିବା ଭାରତୀୟ ଦଳର ଇନିଂସ ମାତ୍ର ୪୬ ରନ୍‌ରେ ସମାପ୍ତ ହୋଇଯିବା ଥିଲା ବିସ୍ମୟକର ଏବଂ ଲଜ୍ଜାଜନକ। ବ୍ୟାଟିଂ ନୈପୁଣ୍ୟତା ଅଭାବ ଓ ରୁଗ୍‌ଣ ମାନସିକତା ହିଁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଯେଉଁ ଶୃଙ୍ଖଳାକୁ ୦-୩ ରେ ଜିତି ସଗର୍ବେ ଫାଇନାଲରେ ପ୍ରବେଶ କରିବା କଥା ସେଇ ଶୃଙ୍ଖଳାକୁ ୦-୩ ରେ ହାରିବା ଠାରୁ ଲଜ୍ଜାଜନକ ବିଷୟ ଆଉ କଣ ଥାଇପାରେ। ଗୋଟିଏ ଶ୍ରେଷ୍ଠ ଦଳ ହାରିଯିବାରେ କୌଣସି ବୈଚିତ୍ର ନାହିଁ କାରଣ ବିପକ୍ଷ ଦଳର ଦକ୍ଷତା ଆଗରେ ହୁଏତ ତାକୁ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ କିନ୍ତୁ ଗୋଟିଏ ଶ୍ରେଷ୍ଠଦଳ ଲଗାତାର ଦୟନୀୟ ପ୍ରଦର୍ଶନ କରିବା ଅର୍ଥ ଏହା ଏହା ନିଜକୁ ଏକ ଶ୍ରେଷ୍ଠ ଦଳ ରୂପେ ଦାବୀ କରିବାର ଯଥାର୍ଥତା ନାହିଁ।

ବର୍ତ୍ତମାନ ଟେଷ୍ଟ ଚମ୍ପିୟାନସିପ୍‌ର ପଏଣ୍ଟ ଟେବୁଲକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ୬୨ ରୁ ଉର୍ଦ୍ଧ୍ୱ ପଏଣ୍ଟ ସହ ଶୀର୍ଷରେ ଥିବା ଭାରତୀୟ ଦଳ ଖସି ଆସିଛି ୫୮.୩୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ। ଦ୍ୱିତୀୟ ସ୍ଥାନ ବଜାୟ ରଖିବାକୁ ହେଲେ ପ୍ରଥମତଃ ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ପୋଛି ବିଜୟ ହାସଲ କରିବାକୁ ପଡ଼ିବ। ଦ୍ୱିତୀୟତଃ ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଶୃଙ୍ଖଳା ଖେଳିବାକୁ ବାକୀ ଥିଲାବେଳେ ସେମାନଙ୍କ ମଧ୍ୟରେ ଯେକୌଣସି ଗୋଟିଏ ଦଳ ବହୁତ ଭଲ ପ୍ରଦର୍ଶନ କଲେ ଭାରତ ଦ୍ୱିତୀୟ ସ୍ଥାନ ହରାଇବାର ଯଥେଷ୍ଟ ଆଶଙ୍କା ରହିଛି। କ୍ରମାଗତ ତୃତୀୟ ଥରକୁ ଫାଇନାଲକୁ ଯିବାର ଆଶା ଦୂରେଇ ଗଲାଭଳି ମନେହେଉଛି। ଭାରତୀୟ ଦଳର ଖେଳାଳୀମାନେ ନିଜର ସମର୍ଥକ କ୍ରୀକେଟ୍ ପ୍ରେମୀଙ୍କୁ ଏଭଳି ହତାଶ କରିବା ଆଦୌ ଗ୍ରହଣୀୟ ନୁହେଁ।

**ପଏଣ୍ଟ ଟେବୁଲ**

| | | | |
|---|---|---|---|
| ୧. | ଅଷ୍ଟ୍ରେଲିଆ | - | ୬୨.୫ |
| ୨. | ଭାରତ | - | ୫୮.୩୩ |
| ୩. | ଶ୍ରୀଲଙ୍କା | - | ୫୫.୫୬ |
| ୪. | ନ୍ୟୁଜିଲାଣ୍ଡ | - | ୫୪.୫୫ |
| ୫. | ଦକ୍ଷିଣ ଆଫ୍ରିକା | - | ୫୪.୧୭ |

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୧୧/୨୦୨୪ ରୁ ତା: ୧୪/୧୨/୨୦୨୪)

### ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ମାସଟି ମଧ୍ୟମ ଶୁଭଫଳ ଦାୟକ ହେଲେବି ମଝିରେ ମଝିରେ ମାନସିକ ଅଶାନ୍ତି ଓ ଶାରୀରିକ ଦୁର୍ବଳତା କବଳିତ କରିପାରେ। ମାନସିକ ଅବସାଦ ଯୋଗେ କ୍ଳାନ୍ତି ଓ ଅବସନ୍ନତା ବୋଧ କରିପାରନ୍ତି। କର୍ମର ଗତି ଅଟକିଯିବ ନାହିଁ ମାତ୍ର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କର୍ମଶେଷ କରିବା ଅସମ୍ଭବ ହୋଇପାରେ। ଉପରିସ୍ଥ ମାନଙ୍କ ଶୁଭେଚ୍ଛା ସହିତ ଈଶ୍ୱର ଚିନ୍ତନ ଦ୍ୱାରା କର୍ମରେ ମନୋନିବେଶ କରିବେ। ମନର ଅସ୍ଥିରତା ଯୋଗେ ଚିଡ଼ିଚିଡ଼ା ସ୍ୱଭାବ ପ୍ରକାଶ ପାଇବ। ବେପାର ବାଣିଜ୍ୟରେ ଅଶାଜନକ ଭାବେ ଲାଭପ୍ରଦ ହୋଇପାରନ୍ତି। ସାମାଜିକ ସ୍ତରରେ ଲୋକାଦୃତିର ସଂକୀର୍ଣ୍ଣତା ଦେଖାଦେବ ନାହିଁ। ବହୁ ସମୟରେ ମନର କଥା ମନରେ ମାରିବାକୁ ପଡ଼ିବ। ଶତ୍ରୁମାନେ ହଇରାଣ କରିବାକୁ ଚେଷ୍ଟା କରି ବିଫଳ ହେବେ। ଆର୍ଥୀକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଅବାଞ୍ଛିତ ଖର୍ଚ୍ଚ ବୃଦ୍ଧିପାଇବ। ଆର୍ଥୀକ ଅସ୍ୱଚ୍ଛଳ ମଧ୍ୟରେ ବନ୍ଧୁବାନ୍ଧବମାନଙ୍କ ପ୍ରତି କର୍ତ୍ତବ୍ୟ ବୋଝ ଉପରେ ନଳିତା ବିଡ଼ା ପରି ହେବ। ଭ୍ରମଣ ଯୋଗେ ଶାନ୍ତି ପାଇବେ। ପେଟ ଗଣ୍ଡଗୋଳ ଓ ପିତ୍ତଦୋଷ ଦେଖାଦେବ। ପାରିବାରିକ ଜୀବନ ମଧ୍ୟମ ଧରଣର ହେବ। ମହିଳାମାନେ ସମସ୍ତ ପରିବେଶରେ ନିଜକୁ ଦୃଢ଼ ରଖି କର୍ତ୍ତବ୍ୟ ସଂପାଦନ କରିବେ। ବିଦ୍ୟାର୍ଥୀମାନେ ଶିକ୍ଷା ଦିଗରେ ଅନାଗ୍ରହୀ ହେବେ।

ଅଶୁଭ ଦିବସ:- ୧୬, ୧୭, ୨୩, ୨୪, ୧୦, ୧୧ ଅଷ୍ଟମଚନ୍ଦ୍ର:- ୩୦, ୧, ୨ ଘାତଚନ୍ଦ୍ର:- ୧୫, ୧୨, ୧୩ ବାକିଦିନ ଶୁଭ।



**ବୃଷ:-** ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେଲେବି ପୂର୍ବ ତୁଳନାରେ ଶୁଭତ୍ୱର ପରିମାଣ ଅଧିକ ହେବ। ଗଠନ ମୂଳକ ଚିନ୍ତାଧାରାର ପ୍ରତିପୋଷକ ହେବେ। କର୍ମ ଯେତେ କଠିନ ହେଲେବି ହାର ମାନିବାର ନାହିଁ। କର୍ତ୍ତବ୍ୟ କର୍ମରେ ନିଜକୁ ନିୟୋଜିତ କରି ଭବିଷ୍ୟତ ଗଠନର ଯୋଜନାରେ ନିଜକୁ ସାମିଲ କରିବାରେ ଯତ୍ନବାନହେବେ। ଗୁରୁଜନମାନଙ୍କର ଆଶୀର୍ବାଦର ପାତ୍ର ହେବେ। ନିରୁପଦ୍ରବ ଜୀବନଚର୍ଯ୍ୟାର ଅଧିକାର ପ୍ରାପ୍ତ ହୋଇ ଶକ୍ତ ମାନସିକତାର ଉପଭୋକ୍ତା ହେବାରେ ବାଧା ନାହିଁ। ସାମାଜିକ ସ୍ଥିତି ସୁଦୃଢ଼ ରହିବ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ସାହାଯ୍ୟ ସହଯୋଗର ହାତମାନ ଲମ୍ବି ଆସିବା ଯୋଗେ ସନ୍ତୋଷ ପ୍ରାପ୍ତ ହେବେ। ବେପାର ବାଣିଜ୍ୟ ତଥା ବୈଷୟିକ ଅଭିବୃଦ୍ଧି ପରିଲକ୍ଷିତ ହେବ। ଶତ୍ରୁମାନେ ମଳିନ ପଡ଼ିଯିବେ। ବିବାଦୀୟ କ୍ଷେତ୍ରରେ ବିଜୟର ଧାରା ଅବାରିତ ରହିବ। ବେଳେବେଳେ ବିଚଳିତ କବଳିତ କଲେବି ତାହାର ଆଶୁ ସମାଧାନ ହେବ। ଭ୍ରମଣ ଯୋଗେ ଶାନ୍ତି ମିଳିବ। ଥଣ୍ଡା କାଶ ଓ ବାୟୁ ପ୍ରକୋପ ଦେଖାଦେବ। ପାରିବାରିକ ପରିବେଶ ଚଳନୀୟ ହେବ। ମହିଳାମାନେ ଭବିଷ୍ୟତ ଉନ୍ନତିର ପଥ ପ୍ରସ୍ତୁତ କରିବେ। ମନ ପ୍ରଫୁଲ୍ଲ ରହିବ। ବିଦ୍ୟାର୍ଥୀମାନେ ଉତ୍ତମ ପଥର ପଥିକ ହେବେ।

ଅଶୁଭ ଦିବସ:- ୧୫, ୧୮, ୧୯, ୨୦, ୧୨, ୧୩ ଅଷ୍ଟମ ଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୨୫, ୨୬, ୨୭ ବାକିଦିନ ଶୁଭ।




**ମିଥୁନ:-** ପୂର୍ବାପେକ୍ଷା ଚଳିତ ମାସଟି ଆପଣଙ୍କ ନିମିତ୍ତ ସମସ୍ତ ଦିଗରେ ସହାୟକ ହେବ। ଆଳସ୍ୟ ଓ ଅବଶୋଷକୁ ପରିତ୍ୟାଗ କରି କର୍ମପଥରେ ନୂତନ ଉତ୍ସାହର ସହିତ ଆଗେଇବେ। ମାନସିକ ଅଶାନ୍ତି ଓ ଦୁର୍ବଳତାରୁ ମୁକ୍ତ ହେବା ଫଳରେ କର୍ମରେ ଦକ୍ଷତା ପ୍ରଦର୍ଶନ କରିବାର ମଉକା ମିଳିବ। ବିରୋଧି ଶକ୍ତିମାନେ କ୍ରମଶଃ ଦୁର୍ବଳ ହୋଇପଡ଼ିବେ। ସାମାଜିକ ସ୍ତରରେ ନୂତନ ପରିଚୟ ସୃଷ୍ଟି କରିବାର ସମୟ ଉପଗତ। ବେପାର ବାଣିଜ୍ୟରେ ଆଗେଇ ଚାଲିବାରେ ବାଧା ଉପୁଜିବ ନାହିଁ। ଆର୍ଥୀକ ଦିଗ ସବଳ ରହିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରିପାରେ। ଦୈବୀକୃପା ଯୋଗେ ନକାରାତ୍ମକ ଶକ୍ତି ଦୂରୀଭୂତ ହେବ। ନୂତନ ବାଣିଜ୍ୟ ଓ କର୍ମଧାରା ନିମିତ୍ତ ଉଦ୍‌ବୁଦ୍ଧ ହେବେ। ପତିତ ଧନ ହାତକୁ ଆସିବ। ନିର୍ମାଣ କର୍ମରେ ଆଗ୍ରହୀ ହେବେ। ସୌଖୀନ ଦ୍ରବ୍ୟର ଉପଭୋକ୍ତା ହେବେ। ସାମୟିକ ଅଭାବ ଅନାଟନର ଦାପଟ ଲାଗିପାରେ। ମାଙ୍ଗଳିକ କର୍ମରେ ତତ୍ପରତା ବୃଦ୍ଧି

ପାଇବ। ହାତେ ମାପି ରଖଣ୍ଡେ ଚଳିଲେ ସବୁ ପରିବେଶକୁ ଆୟତ୍ତ କରିପାରିବେ। ଗଣ୍ଠିରୋଗ ଓ ବାୟୁପୀଡ଼ା କଷ୍ଟଦାୟକ। ପାରିବାରିକ ଜୀବନ କଳୁଷିତ ହେବନାହିଁ। ମହିଳାମାନେ ଯଶସ୍ୱିନୀ ହେବେ। ସମାଜରେ କର୍ତ୍ତୃତ୍ୱ ରହିବ। ବିଦ୍ୟାର୍ଥୀମାନେ ଚଞ୍ଚଳମନା ହେବେ।
ଅଶୁଭ ଦିବସ:- ୨୧, ୨୨, ୨୮, ୨୯, ୧୪ ଅଷ୍ଟମଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୭, ୮, ୯ ବାକିଦିନ ଶୁଭ।




**କର୍କଟ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ପକ୍ଷେ ସହାୟକପ୍ରଦ ହେବ। କର୍ମପଥରେ ବାଧାବିଘ୍ନ ଉପୁଜିଲେବି ଗତିପଥ ଅଟକିବ ନାହିଁ। ଉପରିସ୍ଥ ମାନଙ୍କ ପ୍ରେରଣା ଲାଭକରି କର୍ତ୍ତବ୍ୟରେ ମଜ୍ଜି ରହିବେ। ଅସୁସ୍ଥି, ମାନସିକ ଅସ୍ଥିରତା ଓ କପଟୀ ମିତ୍ରମାନଙ୍କ କୁଚକ୍ର ଯୋଗେ କର୍ମକ୍ଷେତ୍ରର ଗତି ସାମାନ୍ୟ ମାନ୍ଦା ହୋଇପାରେ। କୁଟୁମ୍ବ ଲୋକଙ୍କ ଅସହିଷ୍ଣୁତା ଫଳରେ ଭାବପ୍ରବଣତା ସୃଷ୍ଟି କରିବ। ନୂତନ ଯୋଜନାରେ ଆଗେଇବା ନିମିତ୍ତ ମନସ୍ଥ କଲାବେଳେ ତାହା ଅନ୍ୟାନ୍ୟ କାରଣରୁ ସ୍ଥଗିତ ରଖିପାରନ୍ତି। ବେପାର ବାଣିଜ୍ୟରେ ଧିରେ ସୁସ୍ଥେ ଆଗେଇବେ। ନିର୍ମ୍ମାଣ କାର୍ଯ୍ୟ ଆଗେଇ ଚାଲିବ। ସାମାଜିକ ସ୍ତରରେ ଉଚ୍ଚମାନ୍ୟତା ପ୍ରାପ୍ତ ହେବେ। ପ୍ରକୃତିସ୍ଥ ହୋଇ ଧୈର୍ଯ୍ୟଧାରଣ ପୂର୍ବକ କାର୍ଯ୍ୟାରମ୍ଭ କଲେ କାର୍ଯ୍ୟ ଅଟକିବ ନାହିଁ। ସନ୍ତାନମାନଙ୍କ ଯୋଗେ ବିରକ୍ତି ଭାବ ଆସିପାରେ। ଉତ୍ତମ ବୁଝାମଣା ଓ ସହନଶୀଳତା ଯୋଗେ ସମସ୍ତ ଦିଗ ଆୟତ୍ତାଧୀନ ହେବ। ଭ୍ରମଣ ଯୋଗ ସାଙ୍ଗକୁ ବନ୍ଧୁ ମିଳନର ଯୋଗ ଅଛି। ପୁରୁଣା ରୋଗବ୍ୟାଧିକୁ ବାଦ୍ ଦେଲେ ନୂତନ ଭାବେ କୌଣସି ରୋଗର ଶିକାର ହେବେନାହିଁ। ପାରିବାରିକ ପରିବେଶ ମଧୁରତର ହେବ। ମହିଳାମାନେ ରକ୍ତ ସଂପର୍କୀୟମାନଙ୍କ ନିମିତ୍ତ ଚିନ୍ତିତ ହୋଇପାରନ୍ତି। କର୍ତ୍ତବ୍ୟରେ ଅବହେଳା ହେବନାହିଁ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ଅବଶ୍ୟ ପାଇବେ।
ଅଶୁଭ ଦିବସ:- ୩୦, ୧, ୨ ଅଷ୍ଟମଚନ୍ଦ୍ର:- ୭, ୮, ୯ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।



**ସିଂହ:-** ମାସଟି ଆପଣଙ୍କ ପକ୍ଷେ ଆରାମ ଓ ଆନନ୍ଦପ୍ରଦ ହେବ। ଅଧୁରା କାର୍ଯ୍ୟକୁ ପୂର୍ଣ୍ଣତା ଦେବେ। ପରିବେଶ ଓ ପରିସ୍ଥିତି ଉତ୍ତମ ଯୋଗେ କର୍ମକ୍ଷେତ୍ରର ଗତି ସାବଲୀଳ ଓ ତ୍ୱରାନ୍ୱିତ ହେବ। ସାହାଯ୍ୟ ଓ ସହଯୋଗର ହାତମାନ ଲମ୍ବି ଆସିପାରେ। ଗଠନମୂଳକ କାର୍ଯ୍ୟରେ ଆଗଭର ହେବେ। ଶତ୍ରୁମାନଙ୍କୁ ଅକ୍ଲେଶରେ କରାୟତ୍ତ କରିହେବ। ବିବାଦୀୟ କ୍ଷେତ୍ର ଆନନ୍ଦପ୍ରଦ ହେବ। ସାଙ୍ଗଠନିକ କର୍ମରେ ଛାମୁଆଁ ପ୍ରତିନିଧିତ୍ୱ ଗ୍ରହଣ କରି ପ୍ରଶଂସାର ପାତ୍ର ହେବେ। ବେପାର ବାଣିଜ୍ୟର ଧାରା ପ୍ରସାରିତ ହେବ। ସାମାଜିକ ସ୍ତରରେ ଔଜ୍ଜ୍ୱଲ୍ୟତା ପ୍ରକାଶ ପାଇବ। ଭାଇମାନେ କପଟତା ଆଚରଣ କରିପାରନ୍ତି। ଆତ୍ମୀୟ ମାନଙ୍କ ସ୍ୱାସ୍ଥ୍ୟ ବିବ୍ରତ କରିପାରେ। ଦେବକର୍ମ୍ମରେ ନିଜକୁ ନିୟୋଜିତ କରିବେ। ଆର୍ଥିକ ଦିଗ ଦୁର୍ବଳ ହେବାର ନାହିଁ। ପରିଶ୍ରମ ଓ ବୁଦ୍ଧି ବଳରେ ଅସମ୍ଭବକୁ ସମ୍ଭବରେ ପରିଣତ କରିବେ। ସୌଖୀନ ଦ୍ରବ୍ୟ ପ୍ରତି ରୁଚି ବଢ଼ିବ। ବନ୍ଧୁବାନ୍ଧବମାନଙ୍କ ନିମନ୍ତେ ଖର୍ଚ୍ଚାନ୍ତ ହୋଇପାରନ୍ତି। ପେଟ ଗଣ୍ଡଗୋଳ ସାଙ୍ଗକୁ ରକ୍ତଚାପ ରୋଗର ଶିକାର ହେବେ। ପାରିବାରିକ ଅଶାନ୍ତିରୁ ମୁକ୍ତ ହେବାର ସୂଚନା ମିଳୁଛି। ମହିଳାମାନେ ଦେବ କର୍ମ ଓ ସେବା କର୍ମରେ ନିଜକୁ ସାମିଲ କରି ଶାନ୍ତି ପାଇବେ। ସମ୍ମାନରେ ଆଞ୍ଚ ଆସିବାର ନାହିଁ। ବିଦ୍ୟାର୍ଥୀମାନେ ଚଞ୍ଚଳ ମନର ଅଧୀନ ହେବେ।
ଅଶୁଭ ଦିବସ:- ୨୫, ୨୬, ୨୭ ଅଷ୍ଟମଚନ୍ଦ୍ର:- ୧୦, ୧୧ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**କନ୍ୟା:-** ଆପଣଙ୍କ ପକ୍ଷେ ମାସଟି ଶୁଭ ପ୍ରଭାବକ ହେବ। ମାନସିକ ଓ ଶାରିରୀକ ଦୁଃସ୍ଥିତି ଉପଶମ ହେବା ଫଳରେ ଉତ୍ସାହ ଓ ଉଦ୍ଦୀପନାର ସହିତ କର୍ମ ପଥରେ ଅଗ୍ରସର ହେବେ। ଯୋଜନା ବଦ୍ଧତା ଓ ଦକ୍ଷତାକୁ ପାଥେୟ କରି କର୍ମକ୍ଷେତ୍ରରେ ଉଚ୍ଚଭୂମିକା ନିର୍ବାହ କରିବାର ମଉକା ଉପଗତ ହେବ। ଅଭୀଷ୍ଟ ପ୍ରାପ୍ତି ନିମନ୍ତେ ଯତ୍ନବାନ ହେବେ ଏବଂ ସଫଳତା ଅର୍ଜ୍ଜନ କରିବେ। ଉଚ୍ଚବର୍ଗର ପ୍ରଶଂସାର ପାତ୍ର ବନିପାରନ୍ତି। ଶତ୍ରୁ ପତନ ଯୋଗେ ବାଧାମୁକ୍ତ ହୋଇ ଜୀବନଚର୍ଯ୍ୟା ଗ୍ରହଣ କରିବେ। ସାମାଜିକ ସ୍ତରରେ ଲୋକାଦୃତିର ଅଭାବ ଘଟିବ ନାହିଁ। ବେପାର ବାଣିଜ୍ୟରେ ପଛେଇ ଯିବେ ନାହିଁ। ଆର୍ଥିକ କାରବାରରେ ସତର୍କତା ଅବଲମ୍ବନ କଲେ ପଶ୍ଚାତାପ କରିବାକୁ ପଡ଼ିବ ନାହିଁ। ନୂତନ ଓ ସୌଖୀନ ଦ୍ରବ୍ୟର ଉପଭୋକ୍ତା ହେବେ। ବନ୍ଧୁ ମେଳରେ ସମୟ ବିତିବ। ସମାଜ କଲ୍ୟାଣରେ ବ୍ରତୀ ହେବେ। ମନର ଅଭିଳାଷ ପୂରଣ ନିମିତ୍ତ କିଛି ସମୟର ଆବଶ୍ୟକତା ଅଛି। ହଠାତ୍ ଧନପ୍ରାପ୍ତି ଯୋଗ ଅଛି। ମାଙ୍ଗଳିକ କାର୍ଯ୍ୟରେ ସଂପୃକ୍ତି ଘଟିବ। ସ୍ନାୟୁ ଦୋଷ ଓ ଦୃଷ୍ଟି ଦୋଷ ଦେଖାଦେବ। ପାରିବାରିକ ଜୀବନରେ ଘୋଷାରି ହୋଇ ଚାଲିବେ। ଈଶ୍ୱର ବିଶ୍ୱାସ ବୃଦ୍ଧି ଘଟିବ। ମହିଳାମାନେ କର୍ତ୍ତବ୍ୟରେ ଘୋଷାରି ହେଲେବି କାହାରି ଆଗରେ ପ୍ରକାଶ କରିପାରିବେ ନାହିଁ। ହାତରେ ଦୁଇପଇସା ରଖିବେ। ବିଦ୍ୟାର୍ଥୀମାନେ ଉନ୍ନତିର ଚରମ ସୋପାନରେ ପହଞ୍ଚିପାରନ୍ତି।
ଅଶୁଭ ଦିବସ:- ୧୬, ୧୭, ୨୮, ୨୯, ୩, ୪ ଅଷ୍ଟମଚନ୍ଦ୍ର:- ୧୫, ୧୨, ୧୩ ଘାତଚନ୍ଦ୍ର:- ୧୮, ୧୯, ୨୦ ବାକିଦିନ ଶୁଭ।



**ତୁଳା:-** ମାସଟିରେ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେବ। ବହୁ ପ୍ରକାରର ଦାୟିତ୍ୱ ଓ ଜଂଜାଳ ମଧ୍ୟରେ ବୁଡିରହି ମଧ୍ୟ କର୍ତ୍ତବ୍ୟରେ ଅଣହେଳା କରିବେ ନାହିଁ। କାହାରିଠାରୁ ସାହାଯ୍ୟ ଓ ସମବେଦନା ମିଳିନପାରେ। ପରିସ୍ଥିତି ଉପରେ ଅଣନିଶ୍ୱାସୀ ହେଲେବି ଓହରିବାର ପନ୍ଥା ନାହିଁ। ମନର ବ୍ୟଥା ଓ ଶରୀରର କ୍ଲେଶ ନିଜ ଭିତରେ ସମାହିତ କରିବାକୁ ପଡ଼ିବ। ଧୈର୍ଯ୍ୟ, ନିଷ୍ଠା ଓ ଦୈବୀ କୃପା ଯୋଗେ ସମସ୍ତ ପରିବେଶକୁ ସହଜରେ ହଜମ କରିପାରିବେ। କର୍ମପଥରୁ ଅଡୁଆ ଅବସ୍ଥାକୁ ସଜାଡ଼ି ଚାଲିବା ଫଳରେ କର୍ମର ଗତି ସାମାନ୍ୟ ବିଳମ୍ବିତ ହେବ। ସାମାଜିକ ସ୍ତରରେ ସ୍ଥାନ ମାନ ପ୍ରତି ଅଙ୍ଗୁଳି


ନିର୍ଦ୍ଦେଶ ହେବାର ନାହିଁ । ସୃଜନଶୀଳ ଚିନ୍ତାଧାରାକୁ ପ୍ରମୁଖତା ଦେବେ । ବେପାର ବାଣିଜ୍ୟର ଧାରା ଅପରିବର୍ତ୍ତନୀୟ ରହିବ । ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ନିଜର ପକ୍ଷ ଟାଣ କରିବେ । ନୂତନ ଯାନ ଅଥବା ମୂଲ୍ୟବାନ ପଦାର୍ଥ କ୍ରୟ କରିପାରନ୍ତି । ଅନ୍ୟମାନଙ୍କୁ ବିପଦରେ ସାହାଯ୍ୟ କରି ଆଶୀର୍ବାଦ ଯୁକ୍ତ ହେବେ । ତୀର୍ଥ ଭ୍ରମଣର ଯୋଗ ଅଛି । ଥଣ୍ଡା କାଶ ଓ ବାୟୁ ରୋଗର ଶିକାର ହେବେ । ଆର୍ଥୀକ ଦିଗ ଗୁଜୁରାଣ ମେଣ୍ଟାଇବାରେ ଦୁର୍ବଳ ହେବନାହିଁ । ପାରିବାରିକ ଜୀବନ ସରଳ ହେବ । ମହିଳାମାନେ ଲୋଭର ବଶବର୍ତ୍ତୀ ହେବେ । ଛୁଆପିଲାଙ୍କ ପ୍ରତି ଉଚିତ କର୍ତ୍ତବ୍ୟ କରିବେ । ବିଦ୍ୟାର୍ଥୀମାନେ ସନ୍ତୋଷ ପ୍ରାପ୍ତ ହେବେ ।

ଅଶୁଭ ଦିବସ:- ୧୮, ୧୯, ୨୦, ୩୦, ୧, ୨, ୫, ୬ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୪ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ ।



**ବିଛା:-** ପୂର୍ବ ତୁଳନାରେ ଚଳିତ ମାସରେ ଆପଣଙ୍କ ପକ୍ଷେ ଶୁଭଫଳର ମାତ୍ରା ଅଧିକ ପରିମାଣରେ ମିଳିବାର ଆଶା କରାଯାଇପାରେ । କର୍ମର ଗତି ଦ୍ରୁତ ନହେଲେବି ଅଟକିଯିବାର ଆଶଙ୍କା ନାହିଁ । ଆଚରର ବ୍ୟବହାର ଓ ବଚନ କୁଶଳତା ଯୋଗେ ଉପେକ୍ଷିତ ହେବାର ଭୟ ରହିବ ନାହିଁ । କାର୍ଯ୍ୟଭାର ଗ୍ରହଣ କରିବାର ପ୍ରାକ୍ କାଳରେ ବିଚାର ବିମର୍ଷ ଓ ଚିନ୍ତାରେ ଆବଶ୍ୟକତା ଅଛି । ପ୍ରତିଶ୍ରୁତି ଦେଇ କିଛି ବ୍ୟକ୍ତି ଧୋକାଦେବାର ସମ୍ଭାବନା ଅଛି । ସରକାରୀ କଳରୁ ସାହାଯ୍ୟ ସହଯୋଗ ମିଳିପାରେ । ବେପାର ବାଣିଜ୍ୟରେ ଚଉଆଖିଆ ହେବାଦ୍ୱାରା ନକାରାତ୍ମକ ସ୍ଥିତିକୁ ସୁଧାରି ନେଇହେବ । ସାମାଜିକ ସ୍ତରରେ ପତିଆରା ପୂର୍ବ ତୁଳନାରେ ବଢ଼ିତ ହେବ । ମନୋବଳରେ ବଳୀୟାନ ହେବେ । ଆଳସ୍ୟ ପରିହାର କରି ଶ୍ରମକୁ ଆପଣେଇ ନେବାଦ୍ୱାରା କାର୍ଯ୍ୟ ସାଧନ କଷ୍ଟକର ହେବନାହିଁ । ଆର୍ଥୀକ ଦିଗ ପ୍ରତି ଚିନ୍ତିତ ହେବେନାହିଁ । ବିବାଦୀୟ କ୍ଷେତ୍ରରେ ଅର୍ଥବ୍ୟୟ କରିବାକୁ ପଡ଼ିପାରେ । ଜମି କ୍ରୟ ନିମିତ୍ତ ଆଗଭର ହେବେ । କିଛି ଲୋକ ମୁହଁରେ ମିଠା କଥା କହି ପରୋକ୍ଷରେ କ୍ଷତି କରିବାକୁ ଅପଚେଷ୍ଟା କରିବେ । ଅତ୍ୟଧିକ ଚିନ୍ତା ଓ କର୍ତ୍ତବ୍ୟ ବୋଝ ଯୋଗେ ରକ୍ତ ଶର୍କରା ଓ ପିତ୍ତ ବିକାର ଦେଖାଦେବ । ପରିବାରରୁ ଶାନ୍ତି ଓ ସାହାଯ୍ୟ ଆଶା କରିହେବ । ମହିଳାମାନେ ଦାୟିତ୍ୱ ଓ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ ଗତିଶୀଳ ହେବେ । ଉପଢୌକନ ପ୍ରାପ୍ତି ଯୋଗ ଅଛି । ବିଦ୍ୟାର୍ଥୀମାନେ ନିଜ ଚେଷ୍ଟାରେ ଯଥା ସମ୍ଭବ ଆଗେଇବେ ।

ଅଶୁଭ ଦିବସ:- ୨୧, ୨୨, ୭, ୮, ୯ ଅଷ୍ଟମଚନ୍ଦ୍ର:- ୧୮, ୧୯, ୨୦ ଘାତଚନ୍ଦ୍ର:- ୧୬, ୧୭, ୧୪ ବାକିଦିନ ଶୁଭ ।



**ଧନୁ:-** ମାସଟିରେ ଆପଣଙ୍କ ନିମିତ୍ତ ଶୁଭଫଳର ମାତ୍ରା ଅଧିକ ହେବାର ସୂଚନା ମିଳୁଛି । କର୍ମକ୍ଷେତ୍ରର ଗତି ସହଜ ସରଳ ହେବ । ସମସ୍ୟା ଦେଖାଦେଲେବି ତାହା ଦୀର୍ଘସ୍ଥାୟୀ ହେବନାହିଁ । କର୍ମର ମାନ ଉନ୍ନତ ଧରଣର ହେବ । କଳ୍ପନା ବିଳାସୀ ନହୋଇ ବାସ୍ତବବାଦୀ ହେଲେ କର୍ମଧାରାରେ ଦୁଶ୍ଚିନ୍ତା ପ୍ରବେଶ କରିବ ନାହିଁ । କେତେକ ସମସ୍ୟା କ୍ଷତିକାରକ ହେବା ପରିବର୍ତ୍ତେ ଫାଇଦା ଉଠାଇବାରେ ସହାୟକ ହେବ । ଚେଷ୍ଟା ଚରିତ୍ର ବିଫଳ ହେବାର ନାହିଁ । ଉପରିସ୍ଥ ମାନଙ୍କ ଠାରୁ ଆଦର ଓ ପ୍ରେରଣା ମିଳିବ । ସାମାଜିକ ସ୍ତରରେ ସମ୍ମାନିତ ହେବାର ସୂଚନା ଅଛି । ବିବାଦୀୟ କ୍ଷେତ୍ର ବିବ୍ରତ କରିବ ନାହିଁ । ବେପାର ବାଣିଜ୍ୟ ଓ ବୈଷୟିକ ଅଭିବୃଦ୍ଧି ଘଟିବା ଯୋଗେ ସନ୍ତୋଷ ପ୍ରାପ୍ତ ହେବେ । ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇବ । ପରିବାର ବୃଦ୍ଧି ଘଟିବାର ସମୟ ଜଣାଯାଏ । ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରିବେ । ଦୂର ଭ୍ରମଣ ଯୋଗକୁ ଏଡ଼ାଇ ଦେଇ ହେବନାହିଁ । ଆର୍ଥୀକ ଦିଗ ସବଳ ରହିବ । କ୍ରୋଧ ଓ ଅହଂକାରକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ । ଶାରିରୀକ ଅସୁସ୍ଥି ଅପେକ୍ଷା ମାନସିକ ପୀଡ଼ା ଦେଖାଦେବ । ପରିବାରରୁ ଶାନ୍ତି ଓ ସାହାସ ମିଳିବ । ସେବା କର୍ମରେ ବ୍ରତୀ ହେବେ । ମହିଳାମାନେ ପରିଶ୍ରମର ବୋଝ ତଳେ ଚାପିହେଲେବି ପ୍ରତିବାଦ କରିବେ ନାହିଁ । ସଞ୍ଚୟ ମନୋବୃତ୍ତି ବୃଦ୍ଧି ପାଇବ । ବିଦ୍ୟାର୍ଥୀମାନେ ଆତ୍ମ ସନ୍ତୋଷ ଲାଭକରିବେ ।

ଅଶୁଭ ଦିବସ:- ୨୩, ୨୪ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୧୦, ୧୧ ବାକିଦିନ ଶୁଭ ।



**ମକର:-** ମାସଟି ଆପଣଙ୍କ ନିମିତ୍ତ ଶୁଭଫଳ ବହନ କରି ଶାନ୍ତି ସନ୍ତୋଷ ପ୍ରଦାନ କରିବାରେ କୁଣ୍ଠା ପ୍ରକାଶ କରିବନାହିଁ । ଶତ୍ରୁମାନଙ୍କୁ କଳେବଳେ ଦମନକରି ଆପଣା ଇଚ୍ଛାମତେ ଦିନଚର୍ଯ୍ୟା କରିବେ । କର୍ମର ଗତି ଅଟକିବ ନାହିଁ । ଉପରିସ୍ଥ ମାନଙ୍କ ଆସ୍ଥା ଭାଜନ ହେବାର ସମୟ । ନୂତନ କର୍ମର ଧାରାରେ ଉଦ୍‌ବୁଦ୍ଧ ହେବେ । ସାମାଜିକ ସ୍ତରରେ ପତିଆରା ବୃଦ୍ଧିର ଉଦ୍ୟମ କରି ଫଳ ଭୋକ୍ତା ହେବେ । ସୃଜନ ମୂଳକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ । ଅନ୍ୟ ଉପରେ ଭରସା ନ ରଖି ସମସ୍ତ କାର୍ଯ୍ୟର ଦେଖାଶୁଣା କରିପାରନ୍ତି । ବେପାର ବାଣିଜ୍ୟର ସ୍ଥିତି ମଜବୁତ ହେବ । ବିବାଦୀୟ କ୍ଷେତ୍ରରେ ବିଜୟର ଆଶା ଅଧିକ । ଭ୍ରମଣରେ ସାମିଲ ହୋଇ ମାନସିକ ଶାନ୍ତି ଉପଲବ୍ଧ କରିବେ । ଖାଦ୍ୟ ଓ ପୋଷାକ ରୁଚି ବଢ଼ିବ । ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ । ପତିତ ଧନ ହାତକୁ ଆସିପାରେ । କିଛି ନିନ୍ଦୁକମାନେ ଖାଲରେ ପକାଇବାକୁ ଚେଷ୍ଟାକରି ଅସଫଳ ହେବେ । ସନ୍ତାନମାନଙ୍କୁ ନେଇ ଚିନ୍ତିତ ହୋଇପାରନ୍ତି । ଆତ୍ମୀୟମାନଙ୍କ ପ୍ରତି ମନରେ ବିରକ୍ତିଭାବ ଆସିପାରେ । ପିତ୍ତଦୋଷ, ଥଣ୍ଡାଦୋଷ ଓ ଦୃଷ୍ଟିଦୋଷର ଶିକାର ହୋଇପାରନ୍ତି । ପରିବାରକୁ ସାହାସ ଓ ପ୍ରେରଣା ପ୍ରାପ୍ତ ହେବେ । ମହିଳାମାନେ ସମାଜରେ ନେତୃତ୍ୱ ଗ୍ରହଣ କରି ସମ୍ମାନର ପାତ୍ର ହୋଇପାରନ୍ତି । ବହୁ ଅର୍ଥର ମାଲିକାନା ମିଳିବ । ବିଦ୍ୟାର୍ଥୀମାନେ ପୂର୍ବ ତୁଳନାରେ ଅଧିକ ଉତ୍ସାହିତ ହେବେ ।

ଅଶୁଭ ଦିବସ:- ୧୫, ୧୬, ୧୭, ୨୫, ୨୬, ୩, ୪, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ ।



**କୁମ୍ଭ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ପକ୍ଷେ ସୁଧାର ହେବ। ଧୈର୍ଯ୍ୟ ଓ ସାହାସର ସହିତ ବକେୟା କର୍ମର ପୂର୍ଣ୍ଣତା ଦେବେ। ଦେହ ଓ ମନର ଦୁଃସ୍ଥିତି କ୍ରମଶଃ ଦୂରେଇଯିବା କାରଣରୁ କର୍ମ ସଂପାଦନର ପ୍ରବୃତ୍ତି ବୃଦ୍ଧି ପାଇବ ଏବଂ କର୍ମକ୍ଷେତ୍ରରେ ଉଚ୍ଚ ଭୂମିକାରେ ଅବତୀର୍ଣ୍ଣ ହେବେ। ଶତ୍ରୁ ତଥା ନକାରାତ୍ମକ ପରିବେଶ ଚଲାପଥରୁ ଅପସରି ଯିବା ଯୋଗେ ଆତ୍ମ ସନ୍ତୋଷ ପ୍ରାପ୍ତ ହେବ। ବୈଷୟିକ ପ୍ରାଚୁର୍ଯ୍ୟ ମଧ୍ୟେ ସକାରାତ୍ମକ ଭାବମୂର୍ତ୍ତି ପ୍ରଦର୍ଶନ କରି ଯଶମାନର ଉପଭୋକ୍ତା ହେବେ। ସାମାଜିକ ସ୍ତରରେ ଉଚ୍ଚମନ୍ୟତା ପ୍ରାପ୍ତିର ଅଭାବ ବୋଧ ହେବନାହିଁ। ବେପାର ବାଣିଜ୍ୟରେ ଧୀରେ ସୁସ୍ଥେ ଉନ୍ନତି ଦିଗକୁ ଧାବିତ ହେବେ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ଦୃଢ଼ ହେବାର ସୂଚନା ମିଳୁଛି। ମନୋବଳ ଖଟାଇ ଉପସ୍ଥିତ ସମସ୍ୟାର ସମାଧାନ କରିବେ। ମାଙ୍ଗଳିକ କାର୍ଯ୍ୟ ସାଧନ ନିମନ୍ତେ ତତ୍ପରତା ପ୍ରକାଶ ପାଇବ। ବ୍ୟୟ ଭରଣାରେ ସାମର୍ଥ୍ୟ ଜୁଟିବ। ପୁରାତନ ରୋଗବ୍ୟାଧି ସାମୟିକ ଭାବେ ଦେଖାଦେଲେବି ତାହା ଗୁରୁତର ହେବନାହିଁ। ପାରିବାରିକ ସମସ୍ୟା କେତେକାଂଶରେ ଦୂରୀଭୂତ ହେବ। ମହିଳାମାନେ କ୍ରମଶଃ ସମସ୍ୟାରୁ ଉଧୁରିବା ଯୋଗେ ଆତ୍ମ ସନ୍ତୋଷ ପ୍ରାପ୍ତ ହେବେ। ଅନ୍ୟମାନଙ୍କ ଠାରୁ ସେବା ଓ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀମାନେ ଉଚିତ ମାର୍ଗ ଅନୁସରଣ କରିବେ।

ଅଶୁଭ ଦିବସ:- ୧୮, ୧୯, ୨୦, ୨୮, ୨୯, ୫, ୬, ୧୪ ଅଷ୍ଟମଚନ୍ଦ୍ର:- ୨୫, ୨୬, ୨୭ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ।



**ମୀନ:-** ମାସଟିରେ ମିଶ୍ରିତ ଫଳ ପ୍ରାପ୍ତ ହେବ। ନୂତନ ଉତ୍ସାହ ଓ ଉଦ୍ଦୀପନାର ସହିତ କର୍ମକ୍ଷେତ୍ରରେ ଆଗୁସାର ହେବାର ମଉକା ମିଳିବ। ଆତ୍ମୀୟମାନଙ୍କ ସାମୟିକ ଅସହଯୋଗ ବ୍ୟଥିତ କରିପାରେ। କର୍ମକ୍ଷେତ୍ରରେ ଉପରିସ୍ଥ ମାନଙ୍କର ଶ୍ରଦ୍ଧାଭାଜନ ହେବେ। ଯୋଜନାବଦ୍ଧ କାର୍ଯ୍ୟ ଅଟକିବ ନାହିଁ। ଲକ୍ଷ୍ୟ ପଥରୁ ବିଚ୍ୟୁତ ହେବାର ଆଶଙ୍କା ନାହିଁ। ଧୈର୍ଯ୍ୟ ଓ ଉତ୍ତମ କର୍ମନିଷ୍ଠା ଯୋଗେ ଅନ୍ୟମାନଙ୍କର ଆଦର୍ଶ ପାଲଟିବେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ମନକୁ ଦୁର୍ବଳ କରିପାରେ। ସାମାଜିକ ସ୍ତରରେ ନିଜର ଇଚ୍ଛାଶକ୍ତି ଓ ଦୈବୀକୃପା ବଳରେ ପ୍ରଶଂସିତ ହେବେ। ବେପାର ବାଣିଜ୍ୟର ଧାରା ଦୁର୍ବଳ ହେବାର ନାହିଁ। ଗୁଜୁରାଣ ମେଣ୍ଟାଇବାରେ ଆର୍ଥୀକ ଦିଗ ସହାୟକ ହେବ। ବନ୍ଧୁ ମିଳନ ସହିତ ଉତ୍ସବାଦି କର୍ମ ଚାଲୁ ରହିବ। ପର୍ଯ୍ୟଟନ ଯୋଗେ ଶାନ୍ତି ପାଇବେ। ବିବାଦୀୟ କ୍ଷେତ୍ର ଦୁଶ୍ଚିନ୍ତାକାରକ ହେବନାହିଁ। ଶର୍ଦ୍ଦିଶ୍ଳେଷ୍ମା ଦୋଷରୁ ଅସୁସ୍ଥି ପୀଡ଼ାର କବଳିତ ହୋଇପାରନ୍ତି। ପାରିବାରିକ ପରିବେଶକୁ ଉତ୍ତମରୂପେ ପରିଚାଳନା କରିବେ। ମହିଳାମାନେ କର୍ତ୍ତବ୍ୟ ପରାୟଣା ହେବେ। ସାହାସ ଓ ଧୈର୍ଯ୍ୟ ଯୋଗେ ଅନ୍ୟମାନଙ୍କର ଆଦରର ପାତ୍ର ହେବେ। ହାତରେ ଦୁଇ ପଇସା ଯୋଗାଡ଼ିବାରେ ଅସୁବିଧା ହେବନାହିଁ। ବିଦ୍ୟାର୍ଥୀମାନେ ଉଚିତ ସ୍ଥାନ ପ୍ରାପ୍ତିର ଆଶା ପୋଷଣ କରିବେ।

ଅଶୁଭ ଦିବସ:- ୨୧, ୨୨, ୩୦, ୧, ୨ ଅଷ୍ଟମଚନ୍ଦ୍ର:- ୨୮, ୨୯ ଘାତଚନ୍ଦ୍ର:- ୭, ୮, ୯ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

Postal Regd. No. CK (C)/91/2024-2026
**The Samaroha** November - 2024, Vol. - 34, Issue - 2
RNI Regd. No. : 034056/1981

KALINGA COMMERCIAL CORPORATION LTD
**A Leading Turnkey Service Provider for Mining Sector**
**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 20/-

Date of Publication : 16.11.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in